

୨୦ରେ 'କାନ୍ତାରା ଚାପ୍ଟର୍ ୧' ଟ୍ରେଲର୍

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-83 ◆TUESDAY ◆16 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୩ ◆ମଙ୍ଗଳବାର ◆୧୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ନେପାଳରେ ଟେଣ୍ଟ ଭିତରେ ଚାଲୁଛି ସୁପ୍ରିମକୋର୍ଟ

■ **କାଠମାଣ୍ଡୁ, ୧୫।୯ (ଏଜେନ୍ସି):** ନେପାଳ ହିଂସାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ସୁପ୍ରିମକୋର୍ଟ। ହଜାର ହଜାର ମାମଲାର ରେକର୍ଡ ଜଳି ଯାଇଛି କିମ୍ବା ହଜି ଯାଇଛି। କୋର୍ଟଙ୍କ କାର୍ଯ୍ୟ ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି। ପରିସ୍ଥିତି ଶାନ୍ତ ହେବା ପରେ ସୋମବାର ଖୋଲିଥିବା ସୁପ୍ରିମକୋର୍ଟ କୋଠା ବଦଳରେ ଟେଣ୍ଟ ବା ତମ୍ବୁ ତଳେ ଚାଲିଛି। ତେବେ ସ୍ୱାଭାବିକ ଭାବେ ଶୁଣାଣି ଆରମ୍ଭ ହୋଇପାରି ନାହିଁ। ସୁପ୍ରିମକୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ପୂର୍ଣ୍ଣମାନ ଶାକ୍ୟ କହିଛନ୍ତି, ଅଗ୍ନିକାଣ୍ଡରେ ପ୍ରାୟ ୨୬,୦୦୦ ବିଚାରାଧୀନ ମାମଲାର ଫାଇଲ୍ ଏବଂ ୩୬,୦୦୦ରୁ ଅଧିକ ପୁରୁଣା ମାମଲାର ରେକର୍ଡ ନଷ୍ଟ ହୋଇଯାଇଛି। ଏହି କାରଣରୁ ଅନେକ ମାମଲାର ଶୁଣାଣି ସ୍ଥଗିତ ରଖାଯାଇଛି। ଆବେଦନକାରୀଙ୍କୁ ବର୍ତ୍ତମାନ ଅତିରିକ୍ତ ତାରିଖ ଦିଆଯାଉଛି।



ନେପାଳ ଓକିଲ ସଂଘ ସଭାପତି ବିଜୟ ପ୍ରସାଦ ମିଶ୍ର ସ୍ପଷ୍ଟ କରିଛନ୍ତି ଯେ ଏପରି ପରିସ୍ଥିତିରେ କୋର୍ଟ ପୂର୍ଣ୍ଣ କ୍ଷମତାରେ କାମ କରିପାରିବ ନାହିଁ। ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେବା ପରେ ସମ୍ପୂର୍ଣ୍ଣ ଭାବରେ କାମ ଆରମ୍ଭ ହେବ।

## ୩ ମିନିଟ୍‌ରେ ଭଙ୍ଗା ହାଡ଼ ଯୋଡ଼ିଦେବ 'ବୋନ୍ ଗ୍ଲୁ'

■ **ବେଜିଂ, ୧୫।୯ (ଏଜେନ୍ସି):** ଆଉ ହାଡ଼ ଯୋଡିବା ପାଇଁ ପ୍ଲାଷ୍ଟର କିମ୍ବା ମେଟାଲ ରଡ୍, ଫିଲର୍ସର ଆବଶ୍ୟକତା ପଡ଼ିବ ନାହିଁ। ଭଙ୍ଗା ହାଡ଼ ଯୋଡ଼ିବା ପାଇଁ ଚୀନର ବୈଜ୍ଞାନିକମାନେ ଅଠା ଭଳି ଏକ ପେଷ୍ଟ ପ୍ରସ୍ତୁତ କରିଛନ୍ତି। ଏହି ପେଷ୍ଟର ପ୍ରଲେପ ତିନି ମିନିଟରେ ଭଙ୍ଗା ହାଡ଼କୁ ଯୋଡ଼ି ଦେଉଛି। ଚୀନ୍ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଏହି ବୋନ୍ ଗ୍ଲୋରର ନାମ 'ବୋନ-୨' ରଖାଯାଇଛି। ଚୀନ୍‌ର ଝେଜିୟାଙ୍ଗ ୟୁନିଭର୍ସିଟି ସହ ଜଡ଼ିତ ସାର୍ ରନ୍ ରନ୍ ସା ହସ୍ପିଟାଲର ଡାକ୍ତରମାନେ ଏହାକୁ ପ୍ରସ୍ତୁତ କରିଛନ୍ତି। ୧୫୦ ରୋଗୀଙ୍କ ଉପରେ ଏହାର ସଫଳ ପରୀକ୍ଷଣ କରାଯାଇଛି। ଡାକ୍ତର ଲିନ୍ ଏହି ଗବେଷଣାର ନେତୃତ୍ୱ ନେଇଥିଲେ। ଶାମୁକାକୁ ଦେଖି ତାଙ୍କୁ ଏହି ଗ୍ଲୋ ପ୍ରସ୍ତୁତ କରିବା ପାଇଁ ପ୍ରେରଣା ମିଳିଥିଲା। ଜୋରରେ ଲହଡି ଆସିଲେ ମଧ୍ୟ ଶାମୁକା ପୋଲରେ ସେମିତି ଲାଖି ରହିଥାଏ। ଏହା ନିଜ ପାଦରୁ ଏକ ପ୍ରକାରର ପ୍ରଲେପ ବାହାର କରିଥାଏ। ଏହା ପଥର କିମ୍ବା ପୋଲ ସହ ଲାଖି ରହିଥାଏ। ଏଥିରେ ୧୦ ପ୍ରତିଶତ ପ୍ରୋଟିନ ଏବଂ ୯୦ ପ୍ରତିଶତ ପର୍ଯ୍ୟନ୍ତ କ୍ୟାଲିସିୟମ କାର୍ବୋନେଟ ଥାଏ। ଯେତେ ପାଣି ଢାଳିଲେ ବି ଏହା ଛାଡ଼େ ନାହିଁ। ଏହି ଜ୍ଞାନକୌଶଳର ନକଲ କରି ହାଡ଼ ଯୋଡ଼ିବା ପାଇଁ ଏହି ଗ୍ଲୋ ପ୍ରସ୍ତୁତ କରାଯାଇଛି।



### ନିର୍ବାଚନ କମିସନଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ

# ତ୍ରୁଟି ଥିଲେ ଏସ୍‌ଆଇଆର୍ ରଦ୍ଦ

■ **ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି):** ଭାରତର ନିର୍ବାଚନ କମିସନ ହେଉଛନ୍ତି ଏକ ସାମ୍ବିଧାନିକ ସଂସ୍ଥା। କମିସନ ଦ୍ୱାରା ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟା ଚାଲିଛି। ଏହି ପ୍ରକ୍ରିୟା ଆଇନ ଅନୁଯାୟୀ ଚାଲିଛି ବୋଲି ଭାବିନେବା ସ୍ୱାଭାବିକ। ତେବେ କୌଣସି ସ୍ତରରେ ଟିକିଏ ହେଲେ ଆଇନ ବିରୋଧୀ କାମ ହୋଇଥିବା ଧରାପଡ଼ିଲେ ସମଗ୍ର ଏସ୍‌ଆଇଆର୍ ପ୍ରକ୍ରିୟାକୁ ରଦ୍ଦ କରି ଦିଆଯିବ ବୋଲି ସୁପ୍ରିମକୋର୍ଟ ଆଜି ନିର୍ବାଚନ କମିସନଙ୍କୁ ଚେତାବନୀ ଶୁଣାଇଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ଆଦେଶ କେବଳ ବିହାର ନୁହେଁ, ସମଗ୍ର ଦେଶରେ ଲାଗୁହେବ।



ବିହାରରେ ଏସ୍‌ଆଇଆର୍‌କୁ ବିରୋଧ କରି ଆଗତ ପିଟିସନର ଶୁଣାଣି ବେଳେ ଏଭଳି ଚେତାବନୀ ଦେଇଛନ୍ତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ। ଆସନ୍ତା ଅକ୍ଟୋବର ୭ ତାରିଖକୁ ଚୂଡ଼ାନ୍ତ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରି ଖଣ୍ଡପୀଠ କହିଛନ୍ତି ଯେ ବର୍ତ୍ତମାନ ଏହି ପ୍ରକ୍ରିୟା ଉପରେ ଆମେ କୌଣସି ମତାମତ ଦେଉନୁ। କିନ୍ତୁ ବିହାର ଏସ୍‌ଆଇଆର୍ ଉପରେ କୋର୍ଟ ଯେଉଁ ରାୟ ଦେବେ, ତାହା ସମଗ୍ର ଦେଶ ପାଇଁ ପ୍ରଯୁଜ୍ୟ ହେବ। ସେପଟେମ୍ବର ୩୦ ତାରିଖରେ ଯେଉଁ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ତାହାର ପ୍ରଭାବ କୋର୍ଟ ରାୟ ଉପରେ ପଡ଼ିବ ନାହିଁ। ଏହା ଆମ ପାଇଁ କିଛି ଫରକ ପଡ଼ିବ ନାହିଁ। ପ୍ରକ୍ରିୟାରେ ଆଇନ ବିରୋଧୀ କାମ ହୋଇଛି ବୋଲି କୋର୍ଟର ହୃଦବୋଧ ହେଲେ ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ। ଅନ୍ୟ ରାଜ୍ୟରେ ଏସ୍‌ଆଇଆର୍ ପାଇଁ ନିର୍ବାଚନ କମିସନଙ୍କୁ ବାରଣ କରାଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରି କୋର୍ଟ କହିଲେ ଚୂଡାନ୍ତ ଶୁଣାଣି ଦିନ ଆବେଦନକାରୀ ଏହା ଉପରେ ଯୁକ୍ତି ଉପସ୍ଥାପନ କରିପାରିବେ। ବିହାର ଏସ୍‌ଆଇଆର୍ ମାମଲା କୋର୍ଟଙ୍କ ବିଚାରାଧୀନ ଥିବା ବେଳେ ନିର୍ବାଚନ କମିସନ ଅନ୍ୟ ରାଜ୍ୟରେ ଏହି ପ୍ରକ୍ରିୟା ▶ପୃଷ୍ଠା-୭

## ୱାକଫ୍ ଆଇନ ବ୍ୟବସ୍ଥାରେ ସୁପ୍ରିମ୍‌କୋର୍ଟଙ୍କ ଆଂଶିକ ରୋକ୍

■ **ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି):** କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ୱାକଫ୍ ସଂଶୋଧନ ଆଇନ, ୨୦୨୫ ଉପରେ ସାମଗ୍ରିକ ଭାବେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ତେବେ ନୂଆ ଆଇନର କେତେକ ବ୍ୟବସ୍ଥାରେ ରୋକ୍ ଲଗାଇଛନ୍ତି ସର୍ବୋଚ୍ଚ ଅଦାଲତ।

ମାମଲାର ବିଚାର କରୁଥିବା ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ବେଞ୍ଚ ଯେଉଁ କେତେକ ବ୍ୟବସ୍ଥା ଉପରେ ଅନ୍ତରୀଣ ରୋକ୍ ଲଗାଇଛନ୍ତି ସେଥିମଧ୍ୟରେ

**ୱାକଫ୍ ବିଚାର କ୍ଷମତା ଜିଲ୍ଲାପାଳଙ୍କର ନାହିଁ**

**ସଂପତ୍ତି ଦାନ ପାଇଁ ୫ ବର୍ଷ ଧରି ମୁସ୍‌ଲିମ୍ ହେବା ଜରୁରି ନୁହେଁ**

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୁସଲିମ ରହିବା ଉଚିତ**

ରହିଛି ଜିଲ୍ଲାପାଳଙ୍କ କ୍ଷମତା। କୋର୍ଟ କହିଛନ୍ତି ଯେ ଏକ ନିର୍ଦ୍ଦିଷ୍ଟ ସଂପତ୍ତି ୱାକଫ କି ନୁହେଁ, ତାହା ଜିଲ୍ଲାପାଳ ▶ପୃଷ୍ଠା-୭

### ବ୍ରହ୍ମଗିରିରେ ଲଜ୍ଜା

## ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ !

■ **ବ୍ରହ୍ମଗିରି, ୧୫।୯ (ସମିସ):** ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ। ବ୍ରହ୍ମଗିରି ପ୍ରସିଦ୍ଧ ଶକ୍ତିପୀଠ ମା' ବାଲିହରିଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ତେବେ ଏସଂପର୍କରେ ପୁଲିସ ମୁହଁ ଖୋଲୁନି। ଏହି ଘଟଣାରେ ବ୍ରହ୍ମଗିରି ଏବଂ ସଦର ଥାନା ପୁଲିସ ୩ଜଣଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଆଉ ଜଣେ ଫେରାର୍ ଥିବା ସୂଚନା ମିଳିଛି। ଆଜି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଛି।



ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଗତ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ପ୍ରେମୀଯୁଗଳ ବାଲିହରଚଣ୍ଡୀ ବୁଲିବାକୁ ଆସିଥିଲେ। ସେମାନେ ମା'ଙ୍କୁ ଦର୍ଶନ କରିସାରିବା ପରେ ସମୁଦ୍ର କୂଳକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛା କରିଥିଲେ। ସମୁଦ୍ର କୂଳକୁ ଯିବାକୁ ହେଲେ ଏକ ନଦୀ ପାର୍ ହେବାକୁ ପଡ଼ିଥାଏ। ସମ୍ପୃକ୍ତ ଯୁବକମାନେ ଉଭୟଙ୍କୁ ଡଙ୍ଗାରେ ନଦୀ ପାର୍ କରାଇଥିଲେ। କିନ୍ତୁ ନଦୀ ଅପରପାର୍ଶ୍ୱରେ ପହଞ୍ଚିବା ପରେ ଯୁବକମାନଙ୍କ ସ୍ୱଭାବ ବଦଳି ଯାଇଥିଲା। ସେମାନେ ପ୍ରେମିକକୁ ଏକ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ପ୍ରେମିକାକୁ ଗଣଦୁଷ୍କର୍ମ କରିଥିଲେ। ପ୍ରେମୀଯୁଗଳ ଯେତେ କାକୁତିମିନତି ହୋଇଥିଲେ ମଧ୍ୟ ସେମାନେ କିଛି ଶୁଣିନଥିଲେ। ପ୍ରାୟ ଅଧଘଣ୍ଟ ଧରି ୪ ଯୁବକ ପାଶବିକ ଅତ୍ୟାଚାର କରି ଚାଲିଥିଲେ। ଏହାପରେ ଯୁବକମାନେ ସେଠାରୁ ପଳାଇ ଯାଇଥିଲେ। ପରେ ପ୍ରେମୀଯୁଗଳ ବାଲିହରଚଣ୍ଡୀ ପୀଠକୁ ଆସି ଏ ବାବଦରେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବର ପାଇ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସ୍ପେଶାଲ ସ୍କ୍ୱାଡ୍, ବ୍ରହ୍ମଗିରି ଓ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ୩ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଯୁବକ ଫେରାର୍ ହୋଇଯାଇଛି। ତେବେ ପୁଲିସ ମଧ୍ୟ ଯଥାସମ୍ଭବ ଏହି ଘଟଣାକୁ ଚାପିଦେବାକୁ ▶ପୃଷ୍ଠା-୭

# କ୍ଷୀର-ନୀର; ସବୁ ବିଷ

## ନଷ୍ଟ କରାଗଲା ୨୮ ହଜାର ଲିଟର ଅପମିଶ୍ରିତ କ୍ଷୀର

■ **ଟିଗିରିଆ, ୧୫।୯ (ସମିସ):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କୁଷ୍ପଙ୍ଗିରେ ଜବତ ହୋଇଥିବା ୨୮ ହଜାର ଲିଟର ଅପମିଶ୍ରିତ କ୍ଷୀରକୁ ଆଜି ପୁଲିସ ନଷ୍ଟ କରିଛି। ସୋମବାର ଆଠଗଡ଼ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ଟ୍ୟାଙ୍କର୍ ମଧ୍ୟରେ ଥିବା ସମସ୍ତ ୨୮ ହଜାର ଲିଟର କ୍ଷୀରକୁ ଅପରାହ୍ଣରେ ତଦନ୍ତକାରୀ ଅଧିକାରୀ ଏସଆଇ ତନୁଶ୍ରୀ ସାହୁ, ଆଇଆଇସି ତପନ କୁମାର ପତ୍ରି ଓ ସାଇଣ୍ଟିଫିକ ଟିମଙ୍କ ଉପସ୍ଥିତିରେ ଏହି ଥାନା ନିକଟ ସାଉରିଆ ଗ୍ରାମ ପାର୍ଶ୍ୱରେ ଥିବା ଏକ ବନ୍ଦପଥର ଖାଦାନ ଭିତରେ ଢ଼ଳା ଯାଇଥିଲା। କାଳେ ଏହି କ୍ଷୀରକୁ କେହି ଜୀବଜନ୍ତୁ ଖାଇବେ କିମ୍ବା ତାଙ୍କର କୌଣସି ଅସୁବିଧା ହେବ, ସେଥିପାଇଁ କ୍ଷୀର ଢ଼ଳା ସରିବା ପରେ ଟ୍ରାକ୍ଟର ଦ୍ୱାରା ତା ଉପରେ ମାଟି ମୋରମ ପକାଯାଇ ଘୋଡ଼ାଇ ଦିଆଯାଇଥିଲା। ନଷ୍ଟ କରାଯାଇଥିବା ସମସ୍ତ ୨୮ ▶ପୃଷ୍ଠା-୭



## ପିଇବା ଯୋଗ୍ୟ ନୁହେଁ ୱାଟ୍‌କୋ ପାଇପ୍ ପାଣି

■ **ସମ୍ବଲପୁର, ୧୫।୯ (ସମିସ):** ସମ୍ବଲପୁରରେ ପାଇପ୍ ଯୋଗେ ଘରକୁ ଘର ଯୋଗାଣ ହେଉଥିବା ପାନୀୟ ଜଳ ପିଇବାଯୋଗ୍ୟ ନୁହେଁ। ଏହାକୁ ପାନୀୟ ଜଳ ଭାବେ ବ୍ୟବହାର କଲେ, ଜଣ୍ଡିସ, ଡାଇରିଆ ଭଳି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ସମ୍ବଲପୁର ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଏପରି ଚିନ୍ତା ପ୍ରକଟ କରିବା ସହ ଚିଠି ଲେଖି ୱାଟ୍‌କୋକୁ ସଚେତନ କରାଇଛନ୍ତି। ସୂଚନାନୁସାରେ, ମହାନଗର ନିଗମ ଅନ୍ତର୍ଗତ ପଡ଼ାଗୁଡ଼ିକରେ ୱାଟ୍‌କୋ ପକ୍ଷରୁ ପାଇପ୍ ଯୋଗେ ପାଣି ଦିଆଯାଉଛି। ▶ପୃଷ୍ଠା-୭

**ସଚେତନ କଲା ଜନସ୍ୱାସ୍ଥ୍ୟ ବିଭାଗ; ସତର୍କ ନ ହେଲେ ୨୦୧୪ ପରି ଜଣ୍ଡିସ ସ୍ଥିତି ସୃଷ୍ଟି ହେବ**

### ସାର ସଙ୍କଟ

## ରାଜଧାନୀରେ ଗର୍ଜିଲା ବିଜେଡି

### ରାଜଭବନ ସମ୍ମୁଖରେ ବିଶାଳ ଗଣବିକ୍ଷୋଭ



■ **ଭୁବନେଶ୍ୱର, ୧୫।୯ (ସମିସ):** ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ୍ ଥିବା ସରକାର ଦାବି କରୁଛନ୍ତି; ଅଥଚ ଓଡ଼ିଶାର ଚାଷୀ ସାର ପାଇଁ ଦହଗଞ୍ଜ ହେଉଛି। ସାର ବସ୍ତାଏ ପାଇଁ ଚାଷୀକୁ ରାତି ରାତି ଅନିଦ୍ରା ହୋଇ ପାକ୍ସ ଓ ଲାମ୍ପ୍ସ ସାମ୍ନାରେ ଧାଡ଼ି ଲଗାଇବାକୁ ପଡୁଛି। ଅନ୍ୟପକ୍ଷରେ ଚୋରାବେପାରୀମାନେ କଳାବଜାରରେ ଚଢ଼ା ଦରରେ ସାର ବିକ୍ରି କରୁଥିବା ଦେଖିବାକୁ ମିଳୁଛି।

**କମ୍ ଧାନ କିଣିବାକୁ ସାର ଅଭାବ ଷଡ଼ଯନ୍ତ୍ର**

**କଳାବଜାରୀ ରୋକିବାରେ ସରକାର ବିଫଳ**

**ଗତ ଦୁଇ ଦଶନ୍ଧିରେ ଏଭଳି ସମସ୍ୟା ନ ଥିଲା**

ଖରିଫ ଚାଷ କାମ ଶୀର୍ଷରେ ଥିବାବେଳେ ରାଜ୍ୟ ସରକାର ସାର ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଖରିଫ ଧାନ ଅଧିକ ଉତ୍ପାଦନ ହେଲେ ସରକାରଙ୍କୁ ଅଧିକ ବୋନସ ଦେବାକୁ ହେବ ବୋଲି ସରକାର ଖରିଫ ଧାନ ଉତ୍ପାଦନ କମାଇବା ପାଇଁ ସାର ଅଭାବର ଷଡ଼ଯନ୍ତ୍ର ରଚିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ସୋମବାର ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣା କରି ବିଜେଡି ନେତାମାନେ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ରାଜଭବନ ସାମ୍ନାରେ ଏହି ଗଣଧାରଣାରେ ସାମିଲ ହୋଇଛନ୍ତି ହଜାର ହଜାର ▶ପୃଷ୍ଠା-୭

### ଶ୍ରୀକ୍ଷେତ୍ରରେ ଜୀବନ-ମୃତ୍ୟୁର ସାପ-ଶିଡ଼ି ଖେଳ

## ସ୍ୱର୍ଗଦ୍ୱାରରୁ ଫେରିଆସିଲା ଶବ

■ **ପୁରୀ, ୧୫।୯ (ସମିସ):** ସ୍ୱର୍ଗଦ୍ୱାରରେ ସମସ୍ତଙ୍କୁ ଚକିତ କଲା ଭଳି ଆଜି ଏକ ଘଟଣା ଘଟିଛି। ଦାହ ପାଇଁ ଜଣେ ବୃଦ୍ଧାଙ୍କୁ ସ୍ୱର୍ଗଦ୍ୱାର ଆଣିଥିଲେ ପରିଜନ। ସତ୍କାର ପାଇଁ ଆବଶ୍ୟକ ପ୍ରସ୍ତୁତି ଚାଲିଥିଲା। ସମ୍ପର୍କୀୟମାନେ ବି କାନ୍ଦବୋବାଳି କରୁଥିଲେ। କିନ୍ତୁ ହଠାତ୍ ଘଟିଲା ଚମତ୍କାର। ବୃଦ୍ଧାଜଣଙ୍କ ଜୀବିତ ବୋଲି ଜଣାପଡ଼ିଲା। ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ସଙ୍ଗେସଙ୍ଗେ ସ୍ୱର୍ଗଦ୍ୱାର ସ୍ୱେଚ୍ଛାସେବୀଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସୂଚନାନୁଯାୟୀ, ଗଞ୍ଜାମ ପୋଲସରା ଅଞ୍ଚଳର ପି. ଲକ୍ଷ୍ମୀ(୮୬)ଙ୍କ ଶେଷକୃତ୍ୟ ପାଇଁ ପରିବାରଲୋକ ଆଜି ଅପରାହ୍ଣ ପ୍ରାୟ ୪ଟାରେ ତାଙ୍କୁ ଏକ ଆମ୍ବୁଲାନ୍ସରେ ସ୍ୱର୍ଗଦ୍ୱାର ଆଣି ଆସିଥିଲେ। ସ୍ୱର୍ଗଦ୍ୱାରର କର୍ମଚାରୀମାନେ ନିୟମ ଅନୁଯାୟୀ ତାଙ୍କ ପରିବାରଙ୍କୁ ମେଡିକାଲ ରିପୋର୍ଟ ମାଗିଥିଲେ। ହେଲେ ▶ପୃଷ୍ଠା-୭

**ଜୁଇ ଜଳିବା ଆଗରୁ ଜିଇଁ ଉଠିଲେ ଅଶିତିପର ବୃଦ୍ଧା**



## ଜଗା ଦୁଆରେ ଉଡ଼ିଗଲା ପ୍ରାଣ



**ଚକାଆଖି ଦେଖିବା ପୂର୍ବରୁ ବାଇଶିପାହାଚରେ ଆଖି ବୁଜିଲେ**

■ **ପୁରୀ/ଭାପୁର, ୧୫।୯ (ସମିସ):** ଇଚ୍ଛା ଥିଲା ପିତୃପୁରୁଷଙ୍କୁ ପିଣ୍ଡଦାନ କରିବେ। ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏଥିପାଇଁ ପରିବାର ସଦସ୍ୟଙ୍କ ସହ ପୁରୀ ଆସିଥିଲେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଅଞ୍ଚଳର ମନ୍ଦାକିନୀ ସାହୁ(୬୫)। ପିଣ୍ଡଦାନ କଲେ ସିନା କିନ୍ତୁ ମହାପ୍ରଭୁଙ୍କୁ ଦର୍ଶନ କରିବାର ଇଚ୍ଛା ଅଧୁରା ରହିଗଲା। ଦର୍ଶନ ପାଇଁ ମନ୍ଦିରକୁ ଯିବା ବେଳେ ବାଇଶିପାହାଚରେ ଟଳି ପଡ଼ିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ମନ୍ଦାକିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଏବେ ଚାଲିଛି ଅପରପକ୍ଷ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ତର୍ପଣ ସହ ପିଣ୍ଡଦାନ କରୁଛନ୍ତି ଲୋକେ। ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ପରିବାର ସଦସ୍ୟଙ୍କ ସହିତ ଆସିଥିଲେ ମନ୍ଦାକିନୀ। ସେମାନେ ପିଣ୍ଡଦାନ କର୍ମ ସାରିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପରାହ୍ଣରେ ମନ୍ଦିରକୁ ▶ପୃଷ୍ଠା-୭

## ଆଜିଠୁ ଛତ୍ରପୁରରେ ଦୁଇଦିନିଆ ଦକ୍ଷିଣାଞ୍ଚଳ ରାଜସ୍ୱ ସମ୍ମିଳନୀ

ବ୍ରହ୍ମପୁର,୧୫।୯ (ସମିସ): ଆସନ୍ତା୧୬ ଓ ୧୭ ତାରିଖ ଦୁଇଦିନ ଧରି ଛତ୍ରପୁରଠାରେ ଅନୁଷ୍ଠିତ ହେବ ଦକ୍ଷିଣାଞ୍ଚଳସ୍ତରୀୟ ରାଜସ୍ୱ ସମ୍ମିଳନୀ ତଥା କର୍ମଶାଳା। ସମ୍ମିଳନୀକୁ ଉଦ୍‌ଘାଟନ କରିବେ ଗଞ୍ଜାମ ଓ ଗଜପତି ଗସ୍ତରେ ଥିବା ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ। ପ୍ରଥମ ଦିବସରେ ଅର୍ଥାତ୍ ଉଦ୍‌ଘାଟନୀ ଅବସରରେ ରାଜସ୍ୱ ଆଦାୟ,

**ଯୋଗଦେବେ ରାଜସ୍ୱ ମନ୍ତ୍ରୀ, ସାମିଲ ହେବେ ୮ ଜିଲ୍ଲାର ୯୦ ଅଧିକାରୀ**

ସରକାରୀ ଜମି ଚିହ୍ନଟ, ଜବରଦଖଲ ମୁକ୍ତ କରିବା, ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକାରିତା, ଭୂ-ବନ୍ଦୋବସ୍ତ, ଜମିଜମା ରେଜିଷ୍ଟ୍ରେସନରେ ଥିବା ସମସ୍ୟା ଓ ତାହାର ସମାଧାନ ସହିତ ମ୍ୟୁଟେସନ ଓ ଶିକ୍ଷାନୁଷ୍ଠାନ ଗୁଡିକର ଜମି ସଂକ୍ରାନ୍ତିୟ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହେବ। ସେହିଭଳି ଦ୍ୱିତୀୟ ଦିନ ଅର୍ଥାତ୍ ଉଦ୍‌ଯାପନୀ ଦିବସରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧିନସ୍ଥ ୮ଟି ଜିଲ୍ଲା ଯଥା ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ରାୟଗଡାରୁ ମୋଟ ୯୦ଜଣ ବରିଷ୍ଠ ରାଜସ୍ୱ ତଥା ପ୍ରଶାସନିକ ଅଧିକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

**ପୂଜା କମିଟି ସହ ଉପ-ଜିଲ୍ଲାପାଳଙ୍କ ବୈଠକ**

# ଭସାଣିରେ ଡିଜେ କଟକଣା, ୪ଦିନ ମଦ ଦୋକାନ ବନ୍ଦ

ବ୍ରହ୍ମପୁର,୧୫।୯ (ସମିସ)




ଚଳିତ ଦୁର୍ଗାପୂଜା ନିମନ୍ତେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭସାଣିବେଳେ ଡିଜେ ବାଜିବା ଉପରେ କଟକଣା କରାଯାଇଥିବାବେଳେ ୪ଦିନ ପାଇଁ ମଦ ଦୋକାନ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ସହରର ପ୍ରାୟ ୪୦ଟି ପୂଜା କମିଟିର କର୍ମକର୍ତ୍ତାଙ୍କ ସହିତ ପୁଲିସ, ବିଦ୍ୟୁତ୍, ଅଗ୍ନିଶମ ଓ ଅବକାରୀ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂଜା ପାଇଁ ପ୍ରଶାସନିକସ୍ତରରେ ବିଭିନ୍ନ ପ୍ରକାର ଅନୁମତି ପ୍ରଦାନ କରାଯାଉଥିବାବେଳେ ଏସବୁ ପାଇଁ ଖୋଦ୍ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସିଙ୍ଗଲ ୱିଣ୍ଡୋ କାଉଣ୍ଟର ବ୍ୟବସ୍ଥା କରାଯାଇଥିବା ଉପଜିଲ୍ଲାପାଳ ସୂଚନା ଦେଇଥିଲେ। ଆସନ୍ତା ୧୬ରୁ ଏହି ସୁବିଧା ଉପଲବ୍ଧ ରହିବ। ପୂଜାକମିଟି ସଦସ୍ୟମାନେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଅନୁମତି ପାଇଁ ଆବେଦନ କରିପାରିବେ। ସେଠାରେ ପୁଲିସ, ଲାଉଡ୍ ସ୍ପିକର୍, ବିଦ୍ୟୁତ୍ ସହ ଅନ୍ୟାନ୍ୟ ଅନୁମତି ପାଇଁ ନିର୍ଦ୍ଧାରିତ ଫି' ପୈଠ କରି ଆବେଦନ କରିପାରିବେ ବୋଲି କୁହାଯାଇଛି। ସେହିଭଳି ମଣ୍ଡପ ନିକଟରେ ଆଇନଶୃଙ୍ଖଳା ଦୃଷ୍ଟିରୁ ସମସ୍ତ ପୂଜା କମିଟି ନିଜସ୍ୱ ଖର୍ଚ୍ଚରେ ସିସିଟିଭି କ୍ୟାମେରା ଲଗାଇବେ। ରାସ୍ତା ଉପରେ ମେଢ଼ କିମ୍ବା ମଣ୍ଡପ ନିର୍ମାଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କୌଣସି ପ୍ରକାରର ଅଘଟଣକୁ ପ୍ରତିହତ କରିବାକୁ ଯାଇ ବିଦ୍ୟୁତ୍ ତାର ଠାରୁ ୬ଫୁଟ ଦୂରରେ ମଣ୍ଡପ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ବା ମେଢ଼ ନିର୍ମାଣ ପାଇଁ ରାସ୍ତା ନ ଖୋଳିବା, ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା, ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ପ୍ରାଥମିକତା ଦେବା ପାଇଁ ଉପଜିଲ୍ଲାପାଳ ଅବିନାଶ କୁମାର ସ୍ପଷ୍ଟ କରିଥିଲେ। ପୂଜାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଅଷ୍ଟମୀ ଠାରୁ ଦଶମୀ ୩ଦିନ ଏବଂ ଭସାଣି ଏହି ୪ଦିନ ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ କୁହାଯାଇଛି।

କୌଣସି ପରିସ୍ଥିତିରେ ହୁକ ପକାଇ ଅର୍ଥାତ୍ ବିଦ୍ୟୁତ ଚୋରି ନକରି ଏଥିପାଇଁ ଆବେଦନ କରିବାକୁ କୁହାଯାଇଛି। ମେଢ଼ ନିକଟରେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ସମସ୍ତ ପୂଜା କମିଟି ପକ୍ଷରୁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରି ପୁଲିସକୁ ସହଯୋଗ କରିବା ସହିତ ସେମାନଙ୍କ ସମ୍ପର୍କିତ ଆଗୁଆ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀପ ଲଗାଇବା ପାଇଁ ବ୍ୟବସ୍ଥା କରିବା ସହିତ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାଧ୍ୟତା ମୂଳକ କରାଯାଇଛି। ଭସାଣୀ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ରୁଟ୍‌ରେ ମେଢ଼ ଶୋଭାଯାତ୍ରା କରାଯିବ। ଏବଂ ଏଥିପାଇଁ ପୂର୍ବରୁ ଅନୁମତି ନେବା ସହ ରାତ୍ର ୧୦ଟା ସୁଦ୍ଧା ଭସାଣି କାର୍ଯ୍ୟ ସମ୍ପନ୍ନ କରିବାକୁ ତାଗିଦ କରାଯାଇଛି। ଭସାଣିରେ ବେଳେ ୬୦ଡେସିବଲ୍‌ରୁ ଅଧିକ ଶବ୍ଦ ସହିତ ନିଶା ସେବନ ଉପରେ ମଧ କଟକଣା ଜାରି କରାଯାଇଛି।

ଭସାଣି ସମୟରେ ଡିଜେ ବ୍ୟବହାର ଓ ବାଣ ଫୁଟାଇବା ଉପରେ ରୋକ ଲଗାଯାଇଥିବା ନେଇ ବ୍ରହ୍ମପୁର ଟାଉନ ଏସଡିପିଓ ପ୍ରିୟ ରଂଜନ ଛୋଟରାୟ ସୂଚନା ଦେଇଥିଲେ। ସେହିପରି ମେଢ଼ର ଉଚ୍ଚତା ସର୍ବାଧିକ ୨୦ଫୁଟ ରଖିବାକୁ ନିଷ୍ପତ୍ତି ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆଗୁଆ ଅନୁମତି ନେବାକୁ କୁହାଯାଇଛି। ବିସର୍ଜନ ପାଇଁ ସହରରେ ଗୋଷାଣିନୂଆଗାଁ, ଆମ୍ବମର୍କେଟ, ଫାଷ୍ଟ ଗେଟ ଓ ଆମ୍ବପୁଆ ଆଦି ୪ଟି ସ୍ଥାନରେ ଅସ୍ଥାୟୀ ପୋଖରୀର ବ୍ୟବସ୍ଥା ରହିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ସୋମନାଥ ତ୍ରିପାଠୀ, ଟ୍ରାଫିକ ଥାନା ଅଧିକାରୀ ପଦ୍ମ ଚରଣ ଭଟ୍ଟ, ଟାଟା ପାୱାର ଅଧିକାରୀ, ସହାୟକ ଅଗ୍ନିଶମ ଅଧିକାରୀଙ୍କ ସମେତ ବହୁ ଥାନା ଅଧିକାରୀ ଏବଂ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ବନ୍ଧୁକ ଜବତ ମାମଲାରେ ଆଉ ଜଣେ ଗିରଫ

ବ୍ରହ୍ମପୁର,୧୫।୯ (ସମିସ): ବନ୍ଧୁକ ଓ ଖଣ୍ଡା ଜବତ ମାମଲାରେ ନିମଖଣ୍ଡି ଥାନା ପୁଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନିମଖଣ୍ଡି ମେଇନ ରୋଡର ଯୁବରାଜ ନାୟକ ଓରଫ ବୁଡା(୩୪)। ପୂର୍ବରୁ ଏହି ଘଟଣାରେ ୪ ଜଣ ଗିରଫ ହୋଇ ସାରିଛନ୍ତି। ସୂଚନାପ୍ରକାରେ, ମେ ୨୨ତାରିଖରେ ନିମଖଣ୍ଡି ଥାନା ଅଞ୍ଚଳରେ ୫ରୁ ୬ଜଣ ଦୁର୍ବୃତ୍ତ ଏକ ନିଛାଟିଆ ସ୍ଥାନରେ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ସେଠାରେ ଅତର୍କିତ ଚଢ଼ଉ କରିଥିଲା। ସେଠାରୁ ପୁଲିସ ଖାରବେଳ ନଗରର ଅଶୋକ କୁମାର ପାଣିଗ୍ରାହୀ, ନିମଖଣ୍ଡି ଗ୍ରାମର ଟୁନା ନାୟକ ଓ ଲକ୍ଷ୍ମୀନୃସିଂହ ନଗର ତୃତୀୟ ଲାଇନର ସଙ୍ଗମ ପାଣିଗ୍ରାହୀ ଓରଫ ଶିବଙ୍କୁ ଗିରଫ କରିବା ସହ ୨ ଟି ବନ୍ଧୁକ ଓ ଗୁଳି ଜବତ କରିଥିଲା। ପୁଲିସକୁ ଦେଖି ଘଟଣାସ୍ଥଳରୁ ଏକାଧିକ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ୫ଦିନ ପରେ ଅନ୍ୟତମ ଅଭିଯୁକ୍ତ ଭାବିନିପୁର ହରିଜନ ସାହି ନିବାସୀ ଲିପୁନ ଓରଫ ଅମିତ ଦାସଙ୍କୁ ଗିରଫ କରାଯାଇଥିଲା। ଆଉ ଆଜି ଅଭିଯୁକ୍ତ ଯୁବରାଜଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଏସଆଇ ଜ୍ଞାନ ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ସରକାରୀ ନା ଦଳୀୟ?

**ମଞ୍ଚରେ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ସହ ନେତାଙ୍କ ଭିଡ଼**




ବ୍ରହ୍ମପୁର,୧୫।୯ (ସମିସ): ଦୁଇଦିନିଆ ଗଞ୍ଜାମ ଗସ୍ତରେ ଅଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଗସ୍ତର ପ୍ରଥମ ଦିନରେ ସେ କନିଷି ତହସିଲ ପକ୍ଷରୁ ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏ ଅବସରରେ ସ୍ଥାନୀୟ ବିଧାୟକ ତଥା ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାର ଉପସ୍ଥିତ ଥିଲେ। ତେବେ ପଟ୍ଟା ବଣ୍ଟନ ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏଥିରେ ଦୁଇଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ସହିତ ମଞ୍ଚରେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ଏବଂ ଗୌରୀଶଙ୍କର ସାମନ୍ତରା ନାମକ ଦୁଇଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ଏପରିକି ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଏନ. ଡମ୍ବୁରୁ ରେଡ୍ଡୀ ଏ ନେଇ ଜିଲ୍ଲାପାଳଙ୍କୁ ଚିଠି ଲେଖି ସୂଚନା ଦେବା ସହିତ ଏଭଳି କାର୍ଯ୍ୟକୁ ପ୍ରଶୟ ନଦେଇ ବରଂ ସରକାରୀ କାର୍ଯ୍ୟକ୍ରମଠାରୁ ଦଳୀୟ ନେତା ଓ କର୍ମୀଙ୍କୁ ନିବୃତ୍ତ ରଖିବାକୁ ଦାବି କରିଛନ୍ତି।

## ସ୍ତ୍ରୀକୁ ଆକ୍ରମଣ କରି ସ୍ୱାମୀ ଗିରଫ

ବ୍ରହ୍ମପୁର,୧୫।୯ (ସମିସ): ସ୍ତ୍ରୀକୁ ଆକ୍ରମଣ କରିବା ଅଭିଯୋଗରେ ସଦର ଥାନା ପୁଲିସ ସ୍ୱାମୀକୁ ଗିରଫ କରିଛି। ସେ ହେଲେ ବଡଲଝୋଳିର ବସନ୍ତ ବିଷୋୟୀ(୪୨)। ସୂଚନାପ୍ରକାରେ, ଦିଗପହଣ୍ଡି ଅଞ୍ଚଳର ମହିଳା ରଞ୍ଜିତା ବିଷୋୟୀ ୨୦୦୭ରେ ଅଭିଯୁକ୍ତ ବସନ୍ତଙ୍କୁ ବିବାହ କରିଥିଲେ। ସେହି ସମୟରେ ରଞ୍ଜିତାଙ୍କ ପରିବାର ପକ୍ଷରୁ ଆବଶ୍ୟକୀୟ ଯୌତୁକ ପ୍ରଦାନ କରାଯାଇଥିଲା। ବର୍ଷକ ପରେ ଉଭୟଙ୍କ ଏକ ପୁତ୍ର ଜନ୍ମ ହୋଇଥିଲା। ହେଲେ ବିବାହର କିଛି ବର୍ଷ ପରେ ଅଭିଯୁକ୍ତ ବସନ୍ତ ଏବଂ ତାଙ୍କ ପରିବାର ଲୋକେ ଅଧିକ ଯୌତୁକ ଦାବି କରିଥିଲେ। ହେଲେ ରଞ୍ଜିତାଙ୍କ ପରିବାର ଲୋକେ ଯୌତୁକ ଦେବାକୁ ଅସମର୍ଥ ହେବାରୁ ବସନ୍ତଙ୍କ ପରିବାର ଲୋକେ ମାନସିକ ଓ ଶରୀରିକ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ବାରମ୍ବାର ନିର୍ଯାତନ ପରେ ରଞ୍ଜିତା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାକୁ ନେଇ ଗାଁ କମିଟି ବୈଠକରେ ଏକାଧିକ ଥର ଆଲୋଚନା ହୋଇ ସମାଧାନ ମଧ ହୋଇଥିଲା। ଗତ ୧୪ତାରିଖ ରାତିରେ ଅଭିଯୁକ୍ତ ବସନ୍ତ ମଦ୍ୟପାନ କରି ଘରକୁ ଆସିବା ସହ ଅଧିକ ଯୌତୁକ ଦାବିରେ ରଞ୍ଜିତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଘଟଣାକୁ ନେଇ ରଞ୍ଜିତା ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୪୨୫/୨୫) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ବସନ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

## ଭଞ୍ଜ ଏକାଡେମୀ ଓ ପ୍ରାଚୀନ ସାହିତ୍ୟ ସଂସଦର ମାସିକ ଆସର



ବ୍ରହ୍ମପୁର,୧୫।୮ (ସମିସ): ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଓଡ଼ିଶା ଭଞ୍ଜ ଏକାଡେମୀ ଓ ପ୍ରାଚୀନ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବରିଷ୍ଠ କବି ପ୍ରଫୁଲ୍ଲ କୁମାର ମହାପାତ୍ର ଉଦଘାଟନ କରିଥିଲେ। ସମ୍ପାଦକ ବଂଶୀଧର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇଂ ପ୍ରଫୁଲ୍ଲ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ସମ୍ମାନତ ଅତିଥିଭାବେ ଡକ୍ଟର ବିଜୟ ଚନ୍ଦ୍ର ମହାରଣା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡକ୍ଟର ଅଶୋକ କୁମାର ପଣ୍ଡା ଯୋଗଦାନ କରିଥିଲେ। କବି ବନମାଳୀ ଦାସଙ୍କ କାବ୍ୟ ମାନସ ଉପରେ ଏକ ଭାବଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ସଭା ପରିଚାଳନା କରୁଥିଲେ। ବିଶିଷ୍ଟ ଶିକ୍ଷାବିତ୍ ହରେକୃଷ୍ଣ ପଣ୍ଡା କବିତା ଓ ଗଳ୍ପ ଗୁଡିକୁ ସଂଯୋଜନା କରିଥିଲେ। ଏଥିରେ ବହୁ କବି ଯୋଗ ଦେଇଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୫।୯ (ସମିସ): ଜଣେ ନାବାଳିକାଙ୍କୁ ଅପହରଣ ପରେ ଏକାଧିକ ଥର ଦୁଷ୍କର୍ମ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବଡଲଝୋଳି ଗ୍ରାମର ସେକ ଟୁନା(୧୯)। ଏହାସହ ଅପହୃତା ନାବାଳିକା(୧୬)କୁ ଉଦ୍ଧାର କରାଯାଇଛି। ସେହିପରି ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରି ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ସୂଚନାଯୋଗ୍ୟ ଯେ, ଜଣେ କିରାଣି ଦୋକାନରେ ଅଭିଯୁକ୍ତ ଟୁନା କାମ କରେ। ଏହି ଦୋକାନକୁ ଟାଉନ ଥାନା ଅଞ୍ଚଳର ଜନୈକା ନାବାଳିକା (୧୬) କିଛି ସାମଗ୍ରୀ କିଣିବାକୁ ଯାଉଥିଲେ। ଗତ ଫେବୃଆରୀ ମାସରେ ନାବାଳିକା ଜଣକ ଟୁନା ସହ ପରିଚୟ ହୋଇଥିଲା। ପରେ ଉଭୟେ ନିଜର ଫୋନ ନଂ ଆଦାନ ପ୍ରଦାନ କରିଥିଲେ। ଗତ ୧୦ତାରିଖ ଦିନ ସମ୍ପୃକ୍ତ ନାବାଳିକା ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଲା କି ସେକ୍ ଟୁନା ନାମକ ଜଣେ ଯୁବକଙ୍କ ନିକଟରେ ଉକ୍ତ ନାବାଳିକା ଜଣକ ରହିଛି। ପୁଲିସ ଟୁନାଙ୍କ ମୋବାଇଲ୍ ଟ୍ରାକିଂ କରିଥିଲା। ବର୍ତ୍ତମାନ ଟାଉନ ଥାନା ଦାଇତ୍ୱରେ ଥିବା ଏସ୍‌ଆଇ ବିଭୂତି ଭୂଷଣ ସେଠୀ ଘଟଣାକୁ ଗୁରୁତର ସହ ନେଇ ଏସଆଇ ଟୁକୁନା ସ୍ୱାଇଙ୍କୁ ନେଇ ଏକ ଟିମ ଗଠନ କରିଥିଲେ। ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇଦିନ ଭିତରେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଟୁନାଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତ ଟୁନା ନାବାଳିକାକୁ ଏକାଧିକଥର ଦୁଷ୍କର୍ମ କରିଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଥିଲା। ପୀଡ଼ିତାଙ୍କ ବୟାନକୁ ଆଧାର କରି ପୁଲିସ ଅଭିଯୁକ୍ତ ଟୁନାକୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

**ବ୍ରହ୍ମପୁର ବାସ୍କେଟବଲ ଚ୍ୟାଲେଞ୍ଜ ଉଦ୍‌ଯାପିତ**

## ବାଳକରେ ବ୍ରହ୍ମପୁର ମାମ୍ବାସ୍, ବାଳିକାରେ ବ୍ରହ୍ମପୁର ଚେଜର୍ସ ଚାମ୍ପିଅନ




ବ୍ରହ୍ମପୁର,୧୫।୯ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଚାଲିଥିବା ବ୍ରହ୍ମପୁର ବାସ୍କେଟ୍‌ବଲ ଚ୍ୟାଲେଞ୍ଜ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇଥିବା ବେଳେ ଗଞ୍ଜାମ ଜିଲା କ୍ରୀଡ଼ା ସଂସଦର ସାଧାରଣ ସଂପାଦକ ଜେ.କାମେଶ୍ୱର ରାଓ, ବିଧାୟକଙ୍କକ ପ୍ରତିନିଧି ଅଶୋକ କୁମାର ଶୁକ୍ଲ ଉପସ୍ଥିତ ଥିଲେ। ବାଳକ ବର୍ଗରେ ବ୍ରହ୍ମପୁର ମାମ୍ବାସ୍ ଚାମ୍ପିଅନ ହୋଇଥିବାବେଳେ ବ୍ରହ୍ମପୁର ୱାରିୟର୍ସ ରନର୍ସଅପ୍ ହୋଇଥିଲେ। ସେହିଭଳି ବାଳିକା ବର୍ଗରେ ବ୍ରହ୍ମପୁର ଚେଜର୍ସ ଚାମ୍ପିଅନ ଏବଂ ବ୍ରହ୍ମପୁର ଫୋଏନିକ୍ସ ରନର୍ସଅପ୍ ହୋଇଥିଲେ। ଏହି ଦଳଗୁଡ଼ିକ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ମୋଷ୍ଟ ଭେଲ୍ୟୁବଲ୍ ପ୍ଲେୟର୍ସ ଭାବେ ଆଦିତ୍ୟ, ସ୍ୱାଗତିକା, ପ୍ରିୟା, ଶୁଭମ, ଅମିତ, କରିସ୍ମା, ପାୟଲ, ଆର୍ଯ୍ୟନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଉଦୟମାନ ଖେଳାଳି ଭାବେ ଶ୍ରିୟା, ପୂଜା, ଶିବାନୀ, ନୂତନ, ଶରତ, ବନୀ ଏବଂ ବିବେକଙ୍କୁ ପୁରସ୍କୃତ କରାଯାଇଥିଲା। ରେଫ୍ରି ଭାବେ ସୁକାନ୍ତ ଧର, ଭି.ନାଗେଶ୍ୱର ରାଓ, ଜିକେ. ପ୍ରସାଦ, ଅଭିଶେକ ପଶୁପାଳକ, ଜ୍ଞାନେନ୍ଦୁ ସାମନ୍ତ, ନବୀନ ଏବଂ ଅମିତ ଦାୟିତ୍ୱରେ ଥିଲେ। ଆନ୍ତର୍ଜାତୀୟ ରେଫ୍ରି ରାଜ୍ ନାରାୟଣ ପାତ୍ର ଏହାକୁ ଆୟୋଜନ କରିଥିବା ବେଳେ ବରିଷ୍ଠ ଖେଳାଳି ତାରିଣୀ ଚରଣ ସାମନ୍ତରାୟ, ସୁନିଲ ଜେନା, କେଭିଜି. ରବି କୁମାର, ପ୍ରଦୀପ ପରିଡ଼ା, କୈଳାସ ପଟ୍ଟନାୟକ, ସୁଧିର ବିଶ୍ୱାଳ, ନବ କିଶୋର ପ୍ରଧାନ, ଶୁଭିମଳ ସୌରଭ ପ୍ରମୁଖ ପରିଚାଳନା କରିଥିଲେ।

# ପୂଜା ପୂର୍ବରୁ ବିଇଏମ୍‌ସି କର୍ପୋରେସନ ବୈଠକ ନେଇ ଆଶଙ୍କା

ବ୍ରହ୍ମପୁର,୧୫।୯ (ସମିସ)

- ଜୁଲାଇରେ ହୋଇଥିଲା ଶେଷ କର୍ପୋରେସନ ବୈଠକ, ଦୋଛକିରେ ବହୁ ନିଷ୍ପତ୍ତି
- ଆଗୁଆ ସରିବ ଷ୍ଟାଣ୍ଡିଂ କମିଟି ବୈଠକ




ଚଳିତ ମାସରେ ବ୍ରହ୍ମପୁର ମହାନଗର ନିଗମର ମାସିକ ସାଧାରଣ ପରିଷଦ ବୈଠକ ଡାକିବା ପାଇଁ ଯୋଜନା ରହିଥିଲା। ତେବେ ବିଭିନ୍ନ କାରଣରୁ ଚଳିତ ମାସରେ କର୍ପୋରେସନ ବୈଠକ ବସିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସ୍ୱାୟତ୍ତ ଶାସନ ଦିବସ ପାଳନ ପୂର୍ବରୁ ଅର୍ଥାତ୍ ଜୁଲାଇ ୨୨ତାରିଖରେ ଶେଷ କର୍ପୋରେସନ ବୈଠକ ବସିଥିଲା। ଫଳରେ କ୍ରମାଗତ ଦୁଇମାସ ଧରି କର୍ପୋରେସନ ବୈଠକ ନ ବସିବା ଦ୍ୱାରା ବହୁ ନିଷ୍ପତ୍ତି ନେବା ସହିତ ଅନେକ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଛି। ଚଳିତ ମାସରେ ବିଧାନସଭା ଅଧିବେଶନ ବସିବାକୁ ଥିବାବେଳେ ଏହି ସମୟରେ କର୍ପୋରେସନ ବୈଠକ ନ ହେବା ବିଧି ରହିଛି। ସେହିଭଳି ଚଳିତ ମାସ ୨୭ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ ମଧ୍ୟ ରହିଛି। ସେପଟେ କର୍ପୋରେସନ ବୈଠକ ପୂର୍ବରୁ ନିଗମର ୧୦ଟି ଷ୍ଟାଣ୍ଡିଂ କମିଟିର ବୈଠକ ବସିବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି ଷ୍ଟାଣ୍ଡିଂ କମିଟିର ବୈଠକ ମଧ୍ୟ ବସିପାରି ନାହିଁ। ଫଳରେ କୌଣସି ପରିସ୍ଥିତିରେ ଚଳିତ ମାସରେ ବିଇଏମ୍‌ସିର କର୍ପୋରେସନ ବୈଠକ ବସିବା ଅସମ୍ଭବ ବୋଲି ସ୍ପଷ୍ଟ ଜଣାପଡିଛି। ବର୍ତ୍ତମାନ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ସୋମବାର ପଞ୍ଚାୟତସ୍ତରରେ ଜନଶୁଣାଣି କାର୍ଯ୍ୟକ୍ରମ ଜାରି ରହିଛି। ବିଇଏମସିର କମିସନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ସମେତ ଦୁଇ ଡେପୁଟି କମିସନର ଆଶୀର୍ବାଦ ପରିଡ଼ା ଓ କଲ୍ୟାଣୀ ସଂଘମିତ୍ରା ଦେବୀ ସେଥିରେ ନୋଡାଲ ଅଧିକାରୀ ଭାବେ ନିୟୋଜିତ ରହିଛନ୍ତି। ଅନ୍ୟପଟେ ବିଇଏମ୍‌ସି କମିସନରଙ୍କ ନିର୍ଦ୍ଦେଶକ୍ରମେ ୱାର୍ଡୱାରୀ ଜାରି ରହିଛି ଅଭିଯୋଗ ଶୁଣାଣି ଅଭିଯାନ। ଗତ ୬ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ଅକ୍ଟୋବର ୮ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଇତି ମଧ୍ୟରେ ଦଶହରା ଓ କୁମାର ପୂର୍ଣ୍ଣିମା ଭଳି ଗଞ୍ଜାମର ବଡ଼ ପର୍ବ ମଧ୍ୟ ରହିଛି। ଏଣୁ ଏସବୁ ଦୃଷ୍ଟିରୁ ଚଳିତ ମାସରେ କର୍ପୋରେସନ ବୈଠକ ବସିବା ଏକ ରକମର ଅସମ୍ଭବ ବୋଲି ସ୍ପଷ୍ଟ ହୋଇଛି।

ଏଣୁ ପୂଜା ପରେ ଅର୍ଥାତ୍ ଆସନ୍ତା ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ହିଁ ପରବର୍ତ୍ତୀ କର୍ପୋରେସନ ବୈଠକ ଡକା ଯାଇପାରିବ ବୋଲି କହିଛନ୍ତି ମେୟର ସଂଘମିତ୍ରା ଦଳେଇ। ଏହା ପୂର୍ବରୁ ବର୍ତ୍ତମାନ ନିଗମର ସମସ୍ତ ୧୦ଟି ଷ୍ଟାଣ୍ଡିଂ କମିଟିର ବୈଠକ ଡାକି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ମଧ ମେୟର ସୂଚନା ଦେଇଛନ୍ତି। ଉପରୋକ୍ତ ବିଭିନ୍ନ କାରଣରୁ କ୍ରମାଗତ ଦୁଇମାସ ଧରି କର୍ପୋରେସନ ବୈଠକ ବସି ନ ପାରିବା ଯୋଗୁଁ ଅନେକ ନିଷ୍ପତ୍ତି ଅଧପନ୍ତରିଆ ଭାବେ ପଡ଼ିରହିଛି। ଯଦ୍ୱାରା ଉନ୍ନୟନ କାର୍ଯ୍ୟ ମଧ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି।

यूनियन बैंक ऑफ इंडिया | Union Bank of India | ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

କ୍ଷେତ୍ରୀୟ କାର୍ଯ୍ୟାଳୟ, ବାଲେଶ୍ୱର, ତୃତୀୟ ମହଲା, ଆଶିଷ ପ୍ଲାଜା, ପୋଲିସ୍ ଲାଇନ୍ ସ୍କୋୟାର ନିକଟ, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର-୭୫୬୦୦୧

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଯୋଗ୍ୟ ସଂସ୍ଥାଗୁଡ଼ିକ ଠାରୁ ରିକଭରୀ ଏଜେଣ୍ଟ / ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ / ଆସେଟ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନଙ୍କୁ ବ୍ୟାଙ୍କ ନିଜ ପ୍ୟାନେଲରେ ତାଲିକାଭୁକ୍ତ କରିବା ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି। ଆବେଦନ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପାଇଁ, ଆଗ୍ରହୀ ସଂସ୍ଥାମାନେ ମୁଖ୍ୟ ପ୍ରବନ୍ଧକ, ସିଆର୍‌ଏଲ୍‌ଡି, କ୍ଷେତ୍ରୀୟ କାର୍ଯ୍ୟାଳୟ, **ମୋବାଇଲ ନଂ.: ୮୯୨୮୯୧୭୪୧୧** ରେ ଯୋଗାଯୋଗ କରିପାରିବେ।
ଯୋଗ୍ୟତା ମାନଦଣ୍ଡ ଏବଂ ଦରଖାସ୍ତ ଫର୍ମାଟ୍ ପାଇଁ ଆମର ସରକାରୀ ୱେବସାଇଟ୍ **www.unionbankofindia.com** ପରିଦର୍ଶନ କରନ୍ତୁ। ଏହାକୁ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ।
୧. ତାଲିକାଭୁକ୍ତ ହେବା ସମ୍ପର୍କିତ ସମସ୍ତ ଅଧିକାର ସମ୍ପୂର୍ଣ୍ଣ ଭାବରେ ବ୍ୟାଙ୍କର ଅଧିନରେ ରହିବ ଏବଂ କେବଳ ତାଲିକାଭୁକ୍ତ ହେବା ପାଇଁ ଆବେଦନ କଲେ ତାଲିକାଭୁକ୍ତ ହେବାର କୌଣସି ଅଧିକାର ମିଳିବ ନାହିଁ ଏବଂ ତାଲିକାଭୁକ୍ତ ପ୍ରକ୍ରିୟ ଏବଂ ପରିଣାମ ସମ୍ପର୍କରେ କୌଣସି ଲିଖିତ ପରାମର୍ଶକୁ ଗ୍ରହଣ କରାଯିବ ନାହିଁ।
୨. ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥାମାନଙ୍କ ମଧ୍ୟରୁ ଶୀର୍ଷ ୧୦ଟି ସଂସ୍ଥାକୁ ତାଲିକାଭୁକ୍ତ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
୩. ଆନେକ୍ସରରେ ଉଲ୍ଲେଖିତ ଯୋଗ୍ୟତା ମାନଦଣ୍ଡଗୁଡ଼ିକ ନିର୍ଣ୍ଣାୟକ ନୁହେଁ ଏବଂ ସେଗୁଡ଼ିକ ବ୍ୟାଙ୍କର ସ୍ୱତନ୍ତ୍ରତା ଉପରେ ସୀମାବଦ୍ଧ ନୁହେଁ। ଅନ୍ୟାନ୍ୟ ଗୁଣାତ୍ମକ ଏବଂ ସମ୍ମାନସ୍ପଦ ଦିଗଗୁଡ଼ିକୁ ପରିଗଣନା କରି ତାଲିକାଭୁକ୍ତିକରଣ ନିମନ୍ତେ ଯଥାର୍ଥ ନିର୍ଣ୍ଣୟ ନେବାର କ୍ଷମତା ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
୪. ଆସେଟ୍ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନେ ତାଲିକାଭୁକ୍ତିକରଣ ପାଇଁ, ନିମ୍ନଲିଖିତ ମାନଦଣ୍ଡଗୁଡ଼ିକ ଯଥା ଗୁଣାତ୍ମକ, ପରିମାଣାତ୍ମକ, ପରିଚାଳନାତ୍ମକ ଏବଂ ସଂସ୍ଥାର ପ୍ରତିଷ୍ଠା ଆଧାରରେ ବିଚାର କରାଯିବ।
- ଡିଟେକ୍ଟିଭ ଏଜେନ୍ସି ଯେଉଁମାନେ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଦ୍ୱାରା ମାନ୍ୟତାପ୍ରାପ୍ତ ହୋଇ ଡିଟେକ୍ଟିଭ ସେବା ପ୍ରଦାନ କରୁଛନ୍ତି।
- ରାଜସ୍ୱ କର କିମ୍ବା ପୋଲିସ୍ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯେଉଁମାନେ ସେବା ନିବୃତି ପରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ ସେବା ପ୍ରଦାନ କରୁଛନ୍ତି।
- ଯେଉଁମାନେ ସକ୍ରିୟ ଭାବରେ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିମାନଙ୍କୁ ସହଯୋଗ କରୁଛନ୍ତି, ଯାହାର ସେବାଗୁଡ଼ିକୁ ବ୍ୟାଙ୍କର ମହାପ୍ରବନ୍ଧକଙ୍କ ମତାନୁସାରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ।
- ଆବେଦନ ଫର୍ମଗୁଡ଼ିକ ସଠିକ ଭାବରେ ପୁରଣ କରି ଆବଶ୍ୟକିୟ ଦସ୍ତାବେଜ ସହିତ ଉପରେ ଦର୍ଶାଯାଇଥିବା ଠିକଣାକୁ **ତା.୦୧.୧୦.୨୦୨୫ରିଖ** ମଧ୍ୟରେ ପହଞ୍ଚିବା / ପ୍ରାପ୍ତ ହେବା ଆବଶ୍ୟକ।

ସ୍ୱା/- କ୍ଷେତ୍ରୀୟ ମୁଖ୍ୟ

# ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

ବାଲେଶ୍ୱର,୧୫।୯ (ସମିସ): ଏନ୍‌ପିଏସ୍ ଶିକ୍ଷକଙ୍କ ଛଅ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରିରେ ଯୋଗ କରିବା ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ସଂଘର ଅଗ୍ରଣୀ ନେତୃତ୍ୱ ଶିକ୍ଷକମାନେ ସଦର ବିଧାୟକ ମାନସ କୁମାର ଦତ୍ତଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ବିଧାୟକ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଶୂନ୍ୟ କାଳରେ ଏ ପ୍ରସଙ୍ଗ ଉତ୍ଥାପନ ପାଇଁ ସଂଘ ତରଫରୁ ନିବେଦନକୁ ଗ୍ରହଣ କରିଛନ୍ତି। ଏହାର ସମାଧାନ ନିମନ୍ତେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହିତ ଏବଂ ଷ୍ଟାଣ୍ଡିଂ କମିଟି ସହ ନିଜେ ଆଲୋଚନା କରି ଏହି ପ୍ରସଙ୍ଗ ଉପସ୍ଥାପନ କରାଇବା ତଥା ସେମାନଙ୍କ ସହ ସଂଘର ଏହି ଦାବି ସମ୍ପର୍କିତ ଅଧିକ ଆଲୋଚନା ପାଇଁ ବୈଠକ କରାଇବାର ପ୍ରୟାସ ଜାରି ରଖିବା କଥା କହିଥିଲେ। ତା' ପୂର୍ବରୁ ଏହି ବାବଦରେ ଅଧିକ ଆଲୋଚନା ନିମନ୍ତେ ପୁଣି ଥରେ ଏହି ପ୍ରତିନିଧି ମଣ୍ଡଳୀକୁ ଯଥାଶୀଘ୍ର ଉଚିତ ସ୍ଥାନକୁ ଡକାଇବେ ବୋଲି କହିଥିଲେ। ଏହି ଆଲୋଚନାରେ ଜିଲ୍ଲା ସଂଘର ସଭାପତି ଡ. ସନ୍ଦୀପ କୁମାର ଖଟୁଆ, କୋଷାଧ୍ୟକ୍ଷ ଚକ୍ରଧର ମିଶ୍ର, ଉପଦେଷ୍ଟା ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂଘ ମୁଖ୍ୟ ସଚେତକ ତଥା ରାଜ୍ୟ ସଂଘ ର ସାଙ୍ଗଠନିକ ସମ୍ପାଦକ ଶାଶ୍ୱତ ମହାପାତ୍ର, ବରିଷ୍ଠ କର୍ମକର୍ତ୍ତା ଉମାଶଙ୍କର ସିଂ, ପ୍ରଫୁଲ୍ଲ ନାୟକ, କମଳ ଲୋଚନ ବିଶ୍ୱାଳ, ମିନାରାଣୀ ଜେନା, ଶକ୍ତିଧର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଧଳ, ଗୌତମ ବାରିକ୍, ଶୈଳେନ୍ଦ୍ର ବିକାଶ ପଣ୍ଡା, ସସ୍ମିତା ବାରିକ୍, ମନୋଜ କୁମାର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାଗ୍ରସ୍ତ ବାଛୁରିର ଚିକିତ୍ସା କଲେ ସମାଜସେବୀ

ଜଳେଶ୍ୱର,୧୫।୯ (ସମିସ) : ଜଳେଶ୍ୱର ସହର ମଧ୍ୟସ୍ଥଳ ବଡ଼ବଜାର ପୋଲ ଉପରେ ଗାଡ଼ି ଧକ୍କାରେ ଏକ କଅଁଳ ବାଛୁରୀ ଗୁରୁତର ଆହତ ଦୀର୍ଘ ସମୟ



ଧରି ପଡ଼ିରହିଥିଲା। ସୋମବାର ଶହଶହ ଲୋକେ ଯାତାୟାତ କରୁଥିଲେ ମଧ୍ୟ ଆହା କରିବା ଲାଗି କାହାର ସମୟ ନ ଥିଲା। ଯୁବ ସମାଜସେବୀ ବିପ୍ଳବ ପ୍ରଧାନ ପହଞ୍ଚି ଜଳେଶ୍ୱର ପ୍ରାଣୀ ଚିକିତ୍ସାଳୟ, ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତାଙ୍କ ସହ ଯୋଗାଯୋଗ କରିଥିଲେ। ପ୍ରାଣୀ ଚିକିତ୍ସକ ସାର୍ଥକ ଘୋଷ, ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ଜଗନ୍ନାଥ ପରିଡ଼ା, ବଜରଙ୍ଗ ଦଳ ସଂଯୋଜକ ସାଗର ଦାସ, ସହ ସଂଯୋଜକ ସଂଗ୍ରାମ ଜେନା, ରାଜେଶ ଖଟୁଆ, ଗଜେନ୍ଦ୍ର ନାଥ ଖମାରୀ, ଜୟକୃଷ୍ଣ ପ୍ରମାଣିକ ପ୍ରମୁଖ ଉପସ୍ଥିତ ହୋଇ ଗୋମାତାର ଚିକିତ୍ସା କରାଇ ଥିଲେ।

# ବ୍ରାଉନସୁଗର ଜବତ; ଜଣେ ଅଟକ

ଜଳେଶ୍ୱର ବ୍ଲକ, ୧୫।୯ (ସମିସ) : ଜଳେଶ୍ୱର ସହରରେ ଧଳା ଜହର କାରବାର କମିବାର ନାଁ ନେଉ ନାହିଁ। ଆଜି ଜଳେଶ୍ୱର ସହରରେ ଧଳା ଜହର କାର ବାର ଡିଲ ବେଳେ ମାଡି ବସିଲା ଜଳେଶ୍ୱର ଅବକାରୀ ସାଟେଲାଇଟ। ଜଳେଶ୍ୱର ଥାନା ଶିଖରପୁର ହାଇସ୍କୁଲ ନିକଟରେ ସନ୍ଦେହ ଜଣକ ଅବସ୍ଥାରେ ଏକ ଯୁବକ ବାଇକରେ ବୁଲୁ ଥିବାର ଅବକାରୀ ବିଭାଗ ଖବର ପାଇ ଥିଲା ଏବଂ ଗତିବିଧି ଲକ୍ଷ୍ୟ କରି ଯୁବକ ଅଟକ ରଖି ଥିଲେ। ଯୁବକ ନିକଟରେ ୬୨ ଗ୍ରାମର ଧଳା ଜହର ମିଳି ଥିଲା। ଯାହାର ଆନୁମାନିକ ୬ ଲକ୍ଷ ୨୦ ହଜାର ଟଙ୍କାର ହେବ ବୋଲି ବିଭାଗ ପକ୍ଷରୁ କୁହା ଯାଇଛି। ଯୁବକ ଜଣକ ଘର ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଅଞ୍ଚଳର ଉଳଦିହା ଗ୍ରାମର ନନ୍ଦୀ କୁମାର ମାଝୀ । ଜଳେଶ୍ୱର ଅବକାରୀ ସେଟେଲାଇଟ୍ ବିଭାଗର ଇନ୍ସପେକ୍ଟର ଲକ୍ଷେସାଧବ ପ୍ରଧାନ, ଅନ୍ୟ ଅଧକାରୀ ସଞ୍ଜୀବ କୁମାର ମୁଣ୍ଡା, ବରୁଣ କୁମାର ନାୟକ , ରାଜେଶ୍ ସୁତାର, ମଧୁସ୍ମିତା ମହାନ୍ତ, ସଲାୟ ହେମରମ୍ ଚଢ଼ଉରେ ସାମିଲ ଥିଲେ।

ଆସୁଛନ୍ତି ମା'ଦୁର୍ଗା

## ୯୦ ବର୍ଷରେ ନୂଆବଜାର ସାର୍ବଜନୀନ ଦୁର୍ଗାପୂଜା କମିଟି

# ଏବର୍ଷ ଚେନ୍ନାଇର ଶ୍ରୀରାମକୃଷ୍ଣ ମଠ ତୋରଣ

ବାଲେଶ୍ୱର,୧୫।୯ (ସମିସ)





ବାଲେଶ୍ୱର ସହରରେ ଦେଖିବାକୁ ମିଳିବ ଚେନ୍ନାଇର ଶ୍ରୀ ରାମକୃଷ୍ଣ ମଠ। ରାମକୃଷ୍ଣ ମଠ ପରି ହେବ ବିଶାଳ ତୋରଣ। ପ୍ରତିବର୍ଷ କିଛି ଭିନ୍ନ ଏବଂ ଆକର୍ଷଣୀୟ ତୋରଣ ନିର୍ମାଣ କରେ ନୂଆବଜାର ବ୍ୟବସାୟୀ ମହାସଂଘ ସାର୍ବଜନୀନ ଦୁର୍ଗାପୂଜା କମିଟି। ସେହିପରି ଚଳିତବର୍ଷ ପୂଜାରେ ମୁମ୍ବାଇର ଶ୍ରୀ ରାମକୃଷ୍ଣ ମଠ ସଦୃଶ ତୋରଣ ନିର୍ମାଣ ପାଇଁ କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି। ଯାହା ଏଥର ମୁଖ୍ୟ ଆକର୍ଷଣ ସାଜିବ୍। ଦୁର୍ଗାପୂଜା ପାଇଁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବାଲେଶ୍ୱର ସହରରେ ଦୁର୍ଗାପୂଜା ବେଶ୍ ଧୁମଧାମରେ ପାଳିତ ହୋଇଥାଏ। ଚଳିତବର୍ଷ ଦୁର୍ଗା ପୂଜା ପାଇଁ ସହରରେ ଥିବା ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଓ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ସେଥିମଧ୍ୟରୁ ସହରର ସର୍ବପୁରାତନ ନୂଆବଜାର ସାର୍ବଜନୀନ ଦୁର୍ଗାପୂଜା କମିଟି ଅନ୍ୟତମ। ୧୯୩୫ ମସିହାରେ ପ୍ରଥମେ ନୂଆବଜାରର ବଙ୍ଗୀୟମାନେ ଦୁର୍ଗା ପୂଜା ଆରମ୍ଭ କରିଥିଲେ। ସେଥିପାଇଁ ଏବେ ବି ଏହି ମଣ୍ଡପରେ ବଙ୍ଗୀୟ ରୀତିନୀତିରେ ପୂଜା ହୋଇଥାଏ। ଏହି ପୂଜାକୁ ସହରର ଦ୍ୱିତୀୟ ପୁରାତନ ସାର୍ବଜନୀନ ପୂଜା ବୋଲି କୁହାଯାଏ। ଚଳିତବର୍ଷ କମିଟି ୯୦ ବର୍ଷର ପୂଜା ପାଳନ କରିବ। ଏଥିପାଇଁ ପ୍ରାୟ ୯ ଲକ୍ଷ ଟଙ୍କା ବଜେଟ୍ ରହିଛି। ବିଶେଷ ଆକର୍ଷଣ ତୋରଣ ରହିଛି। ଯାହାର ଉଚ୍ଚତା ୬୦ ଫୁଟ୍ ରହିବ। ତୋରଣ ଓ ମଣ୍ଡପ ବଙ୍ଗୀୟ କାରିଗର ତିଆରି କରୁଛନ୍ତି। ଭାଇଚାରାର ପ୍ରତୀକ ଭାବରେ ମହାସଂଘରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଆଦି ସମସ୍ତ ସମ୍ପ୍ରଦାୟର ବ୍ୟବସାୟୀ ସଭ୍ୟ ରହିଛନ୍ତି। କମିଟି ଉପଦେଷ୍ଟା ରତନ ଦାସ ପଟ୍ଟନାୟକ, ସଭାପତି ?। ଶାନ୍ତନୁ ଦାସ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ଦାସ, ଦୈତାରୀ ସାହାଣୀ, ଗଙ୍ଗାଧର ନାୟକ, ସୁଶୀଲ ରାଠୀ, ଅଭୟ ନାୟକ, ବିମଳ ବାରିକ, ସର୍ବେଶ୍ୱର ବୁଗୁଡେଇ, ପପୁ ଜୈଶ୍?ାଲ, ମନୋଜ ଗୋଛାୟତ, ପ୍ରଦୀପ ପରିଡ଼ା, ଅମରଜିତ ଦାସ, ରବିନାରାୟଣ ସାହୁ, ହରିଶଙ୍କର ସାହୁ, ଗୋବିନ୍ଦ ସ, ମନୋରଞ୍ଜନ ମହାନ୍ତି, ପ୍ରଶାନ୍ତ ଭୋଇ, ଅରବିନ୍ଦ ପାତ୍ର, ଗୋବିନ୍ଦ ରାଠୀ, ବିଶ୍ୱନାଥ ପାତ୍ର, ଯାମିନୀ ପାତ୍ର, ହରିଶ ଚନ୍ଦ୍ର ଜେନା, ଶକ୍ତିପଦ ଆଢ୍ୟ,ଦିନେଶ ନାୟକ, ରଞ୍ଜନ ନାୟକ, ବସନ୍ତ ଦାସ, ଦୀପକ ଦାସ, ବସନ୍ତ ମହାର୍ଣ୍ଣା, ବେଣୁଧର ପରିଡ଼ା, କାର୍ତ୍ତିକ ବେହେରା ପ୍ରମୁଖଙ୍କ ସହଯୋଗରେ ପୂଜା ସମ୍ପନ୍ନ ହୁଏ।

● ମାଆଙ୍କ ମୂର୍ତ୍ତିର ଉଚ୍ଚତା ପ୍ରାୟ ୧୫ ଫୁଟ୍ ରହିବ। ମାଆଙ୍କ ସହିତ ସବୁ ଦେବଦେବୀଙ୍କ ପାଇଁ ଚାନ୍ଦିରେ ମୁକୁଟ ରହିଛି। ପ୍ରତିବର୍ଷ ପରି ଚଳିତବର୍ଷ ପ୍ରାୟ ୧ କିମି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଆଲୋକମାଳାର ସାଜସଜ୍ଜା ଆକର୍ଷଣ ସାଜିବ।



ଶୁଭେନ୍ଦୁ ଦାସ, ସାଧାରଣ ସମ୍ପାଦକ

● ଦୁର୍ଗାପୂଜାକୁ ବାଲେଶ୍ୱରବାସୀ ବଡ଼ ପୂଜା ଭାବେ ପାଳନ କରନ୍ତି। ଆମ ମଣ୍ଡପରେ ନବମୀ ଦିନ ଦୁଇ ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ସେହିପରି ପାରମ୍ପରିକ ବାଦ୍ୟରେ ଭସାଣି କରାଯିବ।



ଡ଼ା. ଶାନ୍ତନୁ ଦାସ, ସଭାପତି

# ମହାବୀର ଆଖଡ଼ା ସଂଘ ପକ୍ଷରୁ ଚିତ୍ରକଳା ପ୍ରତିଯୋଗିତା



ବାଲେଶ୍ୱର,୧୫।୯ (ସମିସ): ବାଲେଶ୍ୱର ମହାବୀର ଆଖଡ଼ା ସଂଘର ଶତ ବାର୍ଷିକ ପୂର୍ତ୍ତୀ ଉପଲକ୍ଷେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରକଳା ପ୍ରତିଯୋଗିତା ସ୍ଥାନୀୟ ମଲ୍ଲୀକାଶପୁର ଶାନ୍ତିକାନନ ସମ୍ମୁଖସ୍ଥ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯାହାକି ବାଲେଶ୍ୱରରେ ଆଖଡ଼ା ଖେଳ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ନେଇ ପିଲାମାନଙ୍କୁ ସଚେତନ କରାଇବା ସହ ଉତ୍ସାହିତ କରିବା ଏହି ଚିତ୍ରକଳା ପ୍ରତିଯୋଗୀତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅଂଶ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ବାଲେଶ୍ୱର ମହାବୀର ଆଖଡ଼ା ସଂଘର ସଭାପତି- ଗୋପୀନାଥ ଶତପଥୀଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ମନୋଜ କୁମାର ଦାସ, ଉପସଭାପତି ପଦ୍ମଲୋଚନ ଲୋଚନ ଲେଙ୍କା, ମନୋଜ କୁମାର ରାଉତ, ସହକାରୀ ସାଧାରଣ ସମ୍ପାଦକ ବୈଲୋଚନ ଦାଶ, ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା, ଲମ୍ବୋଦର ବେହେରା, ସହ-ସମ୍ପାଦକ ଦେବେନ୍ଦ୍ର ଦାସ, ବିଜୟ କୁମାର ପଲାଇ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କମଳାକାନ୍ତ ନାୟକ, ପଦ୍ମଲୋଚନ ଦତ୍ତ, ପ୍ରଦୀପ କୁମାର ଚାଟାର୍ଜୀ, ପ୍ରତିମା ପଣ୍ଡା, ଅର୍ଚ୍ଚନା ନନ୍ଦୀ, ଶର୍ମିଳା ବାରିକ, ଆଶ୍ରୀତା ତରେଇ ପ୍ରମୁଖଙ୍କ ସହିତ ହୋସେନ ଚାଟା,ଶ୍ରୀମନ୍ତ ମାଝୀ, ଭାରତ ଭୁଷଣ ଦାସ, ରାଜେନ୍ଦ୍ର ଦାସ, ସୁବୋଧ ଚନ୍ଦ୍ର ମହାନ୍ତି, ରିଦ୍ଧିକ ଜୀ, ଧିରେନ ନାୟକ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ମରୁତ କୁମାର ରାଉତ ଓ ଅନ୍ତର୍ଯ୍ୟାମୀ ସାହୁ ପର୍ଯ୍ୟବେକ୍ଷକ ଭାବେ ଚିତ୍ରକଳା ପ୍ରତିଯୋଗୀତା ପର୍ଯ୍ୟବେକ୍ଷଣ କରିଥିଲେ।

● ଅଲ୍‌ଓଡ଼ିଶା ଜୁନିଅର ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ

# ବାଲେଶ୍ୱରର ମୟଙ୍କ ବିଜୟୀ

ବାଲେଶ୍ୱର,୧୫।୯ (ସମିସ): ସୁନ୍ଦରଗଡ଼ରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଜୁନିଅର ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର ବ୍ୟାଡମିଣ୍ଟନ ସେନସେସନ୍ ମୟଙ୍କ ଭରଦ୍ୱାଜ ପୁନର୍ବାର ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଇଭେଣ୍ଟ ଜିତିଛନ୍ତି। ଶେଷ ଖେଳରେ ମୟଙ୍କ ୨୨/୨୦ ଏବଂ ୨୧/୧୪ ପଏଣ୍ଟରେ ସୌମ୍ୟଜିତ ସାହୁଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ। ଏହି ଟୁର୍ଣ୍ଣାମେଣ୍ଟଟି ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ଆୟୋଜିତ ହୋଇଥିଲା। ଯେଉଁଥିରେ ସାରା ଓଡ଼ିଶାରୁ ୧୨୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଜିଲ୍ଲାରୁ ୨ ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଅର୍ଜନ କରିଥିବା ପଏଣ୍ଟ ମୟଙ୍କକୁ ଆଗାମୀ ଅଲ୍ ଇଣ୍ଡିଆ ଜୁନିଅର ନ୍ୟାସନାଲ ବ୍ୟାଡମିଣ୍ଟନ ଚାମ୍ପିଅନସିପ ପାଇଁ ଚୟନ କରିବାରେ ସାହାଯ୍ୟ କରିବ।



ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଏସ୍ପି ଶ୍ରାବଣୀ ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ଜୟପ୍ରକାଶ ସିଂହ ଏବଂ ଶୈଳେନ୍ଦ୍ର ଚୌଧୁରୀ, ନୁଆପଡା ଜିଲ୍ଲା ସଚିବ ସୁଦୀପ୍ତା ବିସୋଇ, ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ସଚିବ ମନୋରଂଜନ ପଣ୍ଡା, ସୁନ୍ଦରଗଡର ବିକାଶ କମିଟିର ମୁଖ୍ୟ ଶୁଭମ ନାୟକ ଉପସ୍ଥିତ ଥିଲେ। ସେମାନେ ସମସ୍ତ ଫାଇନାଲିଷ୍ଟଙ୍କୁ ଟ୍ରଫି, ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରିଥିଲେ।

# ସୁଲଗ୍ନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର





୮୨ ୟୁନିଟ ରକ୍ତ ସଂଗୃହୀତ

ବାଲେଶ୍ୱର,୧୫।୯ (ସମିସ): ମଠସାହି ସରିତାନଗରସ୍ଥିତ ସୁଲଗ୍ନା କଲେଜ ଠାରେ ସୁଲଗ୍ନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ଅଧ୍ୟକ୍ଷ ତଥା ସୁଲଗ୍ନା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ଚେୟାରମ୍ୟାନ ଡ଼ ଘନଶ୍ୟାମ ବିଶ୍ୱାଳଙ୍କ ଆହ୍ୱାନ ଓ ନେତୃତ୍ୱ କ୍ରମେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ମହାପୁଣ୍ୟ। ଏହାଦ୍ୱାରା ଅପାତ କାଳୀନ ସ୍ଥିତିରେ ମୁମୂର୍ଷୁ ରୋଗୀର ଜୀବନ ବଞ୍ଚାଯାଇ ପାରିବା ସହ ରକ୍ତଦାତା ପାଇଁ ମଧ ବିଭିନ୍ନ ଜଟିଳ ରୋଗର ଉପଶମ ମିଳିଥାଏ ବୋଲି ସ୍ଥାନୀୟ ସଦର ବାଲେଶ୍ୱରର ପୋଲିସ ଏସ ଡି ପି ଓ ଶୁଭ୍ରାଂଶୁ ଶେଖର ନାୟକ ଶିବିର ଉଦଘାଟନ କରିବା ସହ ନିଜେ ରକ୍ତଦାନ କରି ମତ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା କ୍ରୀଡା ମୁଖ୍ୟ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏବଂ ସ୍ୱତନ୍ତ୍ର ଅତିଥିଭାବେ ସୋରର ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ଓ ଯୁବ ଶିଳ୍ପ ଉଦ୍ୟୋଗୀ ତଥା ସମାଜ ସେବୀ ଇଂ ପରମାନନ୍ଦ ମହାପାତ୍ର ଯୋଗଦେଇ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଲଗ୍ନା ଯୁକ୍ତ ତିନି କଲେଜର ପ୍ରିନସିପାଲ ଡ଼ ଧରଣୀଧର ଘୋଷ, ସୁଲଗ୍ନା ଯୁକ୍ତ ଦୁଇ କଲେଜର ପ୍ରିନସିପାଲ ପ୍ରଫେସର ଚକ୍ରଧର ସାହୁ, ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନ୍ସପାଲ ମଧୁସ୍ମିତା ଦାସ, ବରିଷ୍ଠ ଅଧିକାରୀ ଜଗଦୀଶ କୁମାର ସିଂହ, ସଂଜୀବ କୁମାର ମିର୍ଦ୍ଧା, ରମେଶ ଚନ୍ଦ୍ର ବିଶ୍ୱାଳ, ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ଶୁଭେନ୍ଦୁ ଦିନ୍ଦା, ହେମନ୍ତ କୁମାର ସାହୁ, ବୃନ୍ଦାବନ ସାହୁ, ଅଶୋକ ପରିଡା, ଭାସ୍କର ଚନ୍ଦ୍ର ପଲାଇ, ଯତୀନ୍ଦ୍ର ମାର୍ଣ୍ଡି ପ୍ରମୁଖ ରକ୍ତଦାନ କରିବା ସହ ରକ୍ତଦାନର ମହନୀୟତା ପ୍ରକାଶ କରିଥିଲେ। ଶିବିରରେ ମୋଟ ୮୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତ ଅଧାପକ, ଅଧାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଉପସ୍ଥିତ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ପୂର୍ବତନ ସହକାରୀ ଯନ୍ତ୍ରୀଙ୍କ ପରଲୋକ

ଭୋଗରାଇ,୧୫।୯ (ସମିସ): ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ତଥା ବିଶିଷ୍ଟ ସମାଜସେବୀ ବିଜୟବନ୍ଧୁ ଗିରି ୮୦ ବର୍ଷ ବୟସରେ ତାଙ୍କ ଭୋଗରାଇ ବ୍ଲକ ଚକବାଡ଼ି ଜଳେଶ୍ୱରପୁରସ୍ଥିତ ବାସଭବନରେ ବାର୍ଦ୍ଧକ୍ୟଜନିତ କାରଣରୁ ପରଲୋକ ହୋଇଯାଇଛି। ଓଡିଶା ସରକାରଙ୍କ ଅଧିନରେ ଜଳସେଚନ ବିଭାଗରେ ସହକାରୀ ଯନ୍ତ୍ରୀ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ନିଷ୍ଠାପର ସହକାରେ ସମ୍ପାଦନ କରିଥିଲେ। ଗତ ୨୦୦୫ ମସିହାରେ ଅବସର ଗ୍ରହଣ କରିବା ପରେ ସମାଜ ସେବା କର୍ମରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ପାର୍ଥିବ ଶରୀରରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲାବେଳେ ଏକମାତ୍ର ପୁତ୍ର ଡ. ବିଷ୍ଣୁପଦ ଗିରି ମୁଖାଗ୍ନି ପ୍ରଦାନ କରିଥିଲେ।

# ସାମ୍ବାଦିକ ଅନିରୁଦ୍ଧ ନନ୍ଦଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୧୫।୯ (ସମିସ): ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ଅନିରୁଦ୍ଧ ନନ୍ଦଙ୍କ ୪୩ ତମ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ସଭାପତି ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ସାମ୍ବାଦିକ ନିରଞ୍ଜନ ଦାସ, ଉଦଘାଟକ ଭାବରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ମୁଖ୍ୟ ବକ୍ତା ଭାବରେ ସାମ୍ବାଦିକ ରବି ରାଉତ, ସମ୍ମାନିତ ଅତିଥି ସାମ୍ବାଦିକ ଉଜ୍ଜ୍ୱଳ କର, ଉପସଭାପତି ସନ୍ଦିପ୍ତ ଦାସ, ସାଧାରଣ ସମ୍ପାଦକ ସାମ୍ବାଦିକ ଗଗନ କୁମାର ସେଠୀ ଉପସ୍ଥିତ ରହି ସ୍ୱର୍ଗତ ଅନିରୁଦ୍ଧ ନନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସାମ୍ବାଦିକ ବାସୁଦେବ ରାଉଳ ଓ ଭଗବାନ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସ୍ମୃତି ସଭାରେ ବିଦ୍ୟାଧର ମହାନ୍ତି, ମହେଶ୍ୱର ପ୍ରଧାନ, ତ୍ରିଲୋଚନ ମହାନ୍ତି, କୁଞ୍ଜମଣି ସ୍ୱାଇଁ, ମମତା ଦାସ, କୋମନା କାନ୍ତ ନାୟକ ଉପସ୍ଥିତ ଥିଲେ। ସାମ୍ବାଦିକ ମିତ୍ରବନ୍ଧୁ ପଲେଇ ଧନ୍ୟବାଦ ଦେଇଥିଲେ।

# ବିଶ୍ୱବିଦ୍ୟାଳୟସ୍ତରୀୟ 'ଇନୋଭେସନ୍ ଓ ଷ୍ଟାର୍ଟଅପ୍' ପ୍ରତିଯୋଗିତା

ବାଲେଶ୍ୱର,୧୫।୯ (ସମିସ)



ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୫ ଜଣ ବିଜେତା ସମ୍ମାନିତ

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସୃଜନଶୀଳତା, ଉଦ୍ଭାବନ ଓ ସମସ୍ୟା-ସମାଧାନର ଉତ୍ସାହପୂର୍ଣ୍ଣ ପରିବେଶରେ ୨୦୨୫ ବର୍ଷର ୟୁନିଭର୍ସିଟି-ସ୍ତରୀୟ ଇନୋଭେଶନ୍ ଏବଂ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଟେକ୍ନୋଲୋଜି ଇନ୍‌କ୍ୟୁବେସନ୍ ଫାଉଣ୍ଡେସନ୍ ଓ ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ୧୨ ଅଗଷ୍ଟ ୨୦୨୫ରୁ ଇଣ୍ଟର-ଡିପାର୍ଟମେଣ୍ଟାଲ୍ ପ୍ରଥମ ପର୍ଯ୍ୟାୟ ଦ୍ୱାରା ଏହି ପ୍ରତିଯୋଗିତାର ଯାତ୍ରା ଆରମ୍ଭ ହୋଇଥିଲା। ସମସ୍ତ ବିଭାଗରୁ ଆସିଥିବା ଛାତ୍ରଛାତ୍ରୀଙ୍କ ନବୋତ୍ଥାନମୂଳକ ପ୍ରକଳ୍ପ ପ୍ରସ୍ତୁତିକୁ ପ୍ରଫେସର ପଙ୍କଜ କୁମାର ପାରହି (ସମ୍ପାଦକ, ଟିବିଆଇ), ଡ. ଅଶାନ୍ତ ରଞ୍ଜନ ରାଉତରାୟ (ବିଭାଗ ଅଧ୍ୟକ୍ଷ, କମ୍ପ୍ୟୁଟର ସାଇନ୍ସ), ଡ଼କ୍ଟର ୟୁସୁଫ ଅଲି ସୋଲାଙ୍କି (ଜିଏମ-ଏଚଆର, ଇମାମୀ ପେପର୍ ମିଲ୍ସ, ବାଲେଶ୍ୱର) ଏବଂ ଶ୍ରୀ ପିତାମ୍ବର ସାହୁ (ସ୍ଥାପକ ଓ ସିଇଓ, ବଜାରସାଇଡ ପ୍ରାଇଭେଟ ଲିମିଟେଡ ଓ ଲୁଫ୍ରା ଅର୍ଗାନିକ୍ସ) ପ୍ରମୁଖ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଏହି ପର୍ଯ୍ୟାୟରେ ମୋନାଲିସା ସାହୁ (ବାୟୋସାଇନ୍ସ ଏବଂ ବାୟୋଟେକ୍ନୋଲୋଜି), ପୁରଞ୍ଜୟ ସାହୁ (ଶିକ୍ଷାରେ ଦୂରଶିକ୍ଷା ଏମଏ) ଏବଂ ଦିନେଶ ଭୈରବ ଦ୍ୱିବେଦୀ (ଏମବିଏ ବିଭାଗ)ଙ୍କ ପ୍ରକଳ୍ପଗୁଡ଼ିକ ତାଙ୍କର ସୃଜନାତ୍ମକତା ଓ ପ୍ରଭାବଶୀଳତା ପାଇଁ ବିଶେଷ ସ୍ଥାନ ଅଧିଗ୍ରହଣ କରିଥିଲା। ୧୧ ସେପ୍ଟେମ୍ବରରେ ଆୟୋଜିତ ବିଶ୍ୱବିଦ୍ୟାଳୟ-ସ୍ତରୀୟ ପର୍ଯ୍ୟାୟରେ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଶେଷ ପର୍ଯ୍ୟାୟର ଉପସ୍ଥାପନ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଦୁଇଟି ବିଶେଷଜ୍ଞ ପ୍ୟାନେଲ୍‌ରେ ଡ଼କ୍ଟର ନିନା ସିଂହ, ଡ଼କ୍ଟର ସିଦ୍ଧାର୍ଥ ପତି (ସ୍ଥାପକ ଓ ସିଇଓ, ନାଟନୋଭ ବାୟୋସାଇନ୍ସ ପ୍ରାଇଭେଟ ଲିମିଟେଡ), ପିତାମ୍ବର ସାହୁ ଏବଂ ବିଶ୍ୱକିଶୋର ଦେ (ଟେକ୍ନିକାଲ୍ ଅଫିସର୍, ଏସଟିପିଆଇ, ବାଲେଶ୍ୱର) ଅନ୍ତିମ ବିଚାରକ ଭାବରେ ଯୋଗଦେଇ ୧୬ ଜଣଙ୍କୁ ଫାଇନାଲ୍ ପାଇଁ ଚୟନ କରିଥିଲେ। ଆଜି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପ୍ରୋ. ଭାସ୍କର ବେହେରା (ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ), କୁକୁମିନା ଦାସ (ରେଜିଷ୍ଟ୍ରାର) ଏବଂ ପ୍ରଫେସର ପଙ୍କଜ କୁମାର ପାରହିଙ୍କ ଉପସ୍ଥିତିରେ ଏକ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୫ ଜଣ ବିଜେତା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ନିଳମ୍ବର ବେହେରା, ଉପେନ୍ଦ୍ରନାଥ ମହାବିଦ୍ୟାଳୟ, ବାଲେଶ୍ୱର କୃପାଳୀ ଦାସ ମହାପାତ୍ର, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସାଇକୃଷ୍ଣା ରଣା, ଫକୀରମୋହନ ବିଶ୍ୱବିଦ୍ୟାଳୟ ଦିନେଶ ଭୈରବ ଦ୍ୱିବେଦୀ, କେ.କେ.ଏସ. ମହିଳା ମହାବିଦ୍ୟାଳୟ ପ୍ରତିକ୍ଷା ଦାସଙ୍କୁ ଚୟନ କରାଯାଇ ପ୍ରତ୍ୟେକଙ୍କୁ ୧ ଲକ୍ଷ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଯୁବ ନବୋତ୍ଥାନୀମାନଙ୍କୁ ସୃଜନାଶୀଳତା, ଉଦ୍ୟମିତାର ମନୋଭାବ ଓ ସମାଜ ପରିବର୍ତ୍ତନରେ ସକ୍ଷମ ସମାଧାନ ପ୍ରଦାନ କରିବାରେ ସ୍ୱକ୍ଷମତା ପାଇଁ ଅଭିନନ୍ଦିତ କରାଯାଇଥିଲା।

यूनियन बैंक ऑफ इंडिया | Union Bank of India | ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

କ୍ଷେତ୍ରୀୟ କାର୍ଯ୍ୟାଳୟ, ବାଲେଶ୍ୱର, ତୃତୀୟ ମହଲା, ଆଶିଷ ପ୍ଲାଜା, ପୋଲିସ୍ ଲାଇନ୍ ସ୍କୋୟାର ନିକଟ, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର-୭୫୬୦୦୧

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଯୋଗ୍ୟ ସଂସ୍ଥାଗୁଡ଼ିକ ଠାରୁ ରିକଭରୀ ଏଜେଣ୍ଟ / ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ / ଆସେଟ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନଙ୍କୁ ବ୍ୟାଙ୍କ ନିଜ ପ୍ୟାନେଲରେ ତାଲିକାଭୁକ୍ତ କରିବା ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି। ଆବେଦନ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପାଇଁ, ଆଗ୍ରହୀ ସଂସ୍ଥାମାନେ ମୁଖ୍ୟ ପ୍ରବନ୍ଧକ, ସିଆର୍‌ଏଲ୍‌ଡି, କ୍ଷେତ୍ରୀୟ କାର୍ଯ୍ୟାଳୟ, **ମୋବାଇଲ ନଂ.: ୮୯୨୮୯୧୭୪୧୧** ରେ ଯୋଗାଯୋଗ କରିପାରିବେ।
ଯୋଗ୍ୟତା ମାନଦଣ୍ଡ ଏବଂ ଦରଖାସ୍ତ ଫର୍ମାଟ୍ ପାଇଁ ଆମର ସରକାରୀ ୱେବସାଇଟ୍ **www.unionbankofindia.com** ପରିଦର୍ଶନ କରନ୍ତୁ। ଏହାକୁ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ।
୧. ତାଲିକାଭୁକ୍ତ ହେବା ସମ୍ପର୍କିତ ସମସ୍ତ ଅଧିକାର ସମ୍ପୂର୍ଣ୍ଣ ଭାବରେ ବ୍ୟାଙ୍କର ଅଧିନରେ ରହିବ ଏବଂ କେବଳ ତାଲିକାଭୁକ୍ତ ହେବା ପାଇଁ ଆବେଦନ କଲେ ତାଲିକାଭୁକ୍ତ ହେବାର କୌଣସି ଅଧିକାର ମିଳିବ ନାହିଁ ଏବଂ ତାଲିକାଭୁକ୍ତ ପ୍ରକ୍ରିୟ ଏବଂ ପରିଣାମ ସମ୍ପର୍କରେ କୌଣସି ଲିଖିତ ପରାମର୍ଶକୁ ଗ୍ରହଣ କରାଯିବ ନାହିଁ।
୨. ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥାମାନଙ୍କ ମଧ୍ୟରୁ ଶୀର୍ଷ ୧୦ଟି ସଂସ୍ଥାକୁ ତାଲିକାଭୁକ୍ତ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
୩. ଆନେକ୍ସରରେ ଉଲ୍ଲେଖିତ ଯୋଗ୍ୟତା ମାନଦଣ୍ଡଗୁଡ଼ିକ ନିର୍ଣ୍ଣାୟକ ନୁହେଁ ଏବଂ ସେଗୁଡ଼ିକ ବ୍ୟାଙ୍କର ସ୍ୱତନ୍ତ୍ରତା ଉପରେ ସୀମାବଦ୍ଧ ନୁହେଁ। ଅନ୍ୟାନ୍ୟ ଗୁଣାତ୍ମକ ଏବଂ ସମ୍ମାନସ୍ପଦ ଦିଗଗୁଡ଼ିକୁ ପରିଗଣନା କରି ତାଲିକାଭୁକ୍ତିକରଣ ନିମନ୍ତେ ଯଥାର୍ଥ ନିର୍ଣ୍ଣୟ ନେବାର କ୍ଷମତା ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
୪. ଆସେଟ୍ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନେ ତାଲିକାଭୁକ୍ତିକରଣ ପାଇଁ, ନିମ୍ନଲିଖିତ ମାନଦଣ୍ଡଗୁଡ଼ିକ ଯଥା ଗୁଣାତ୍ମକ, ପରିମାଣାତ୍ମକ, ପରିଚାଳନାତ୍ମକ ଏବଂ ସଂସ୍ଥାର ପ୍ରତିଷ୍ଠା ଆଧାରରେ ବିଚାର କରାଯିବ।
● ଡିଟେକ୍ଟିଭ ଏଜେନ୍ସି ଯେଉଁମାନେ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଦ୍ୱାରା ମାନ୍ୟତାପ୍ରାପ୍ତ ହୋଇ ଡିଟେକ୍ଟିଭ ସେବା ପ୍ରଦାନ କରୁଛନ୍ତି।
● ରାଜସ୍ୱ କର କିମ୍ବା ପୋଲିସ୍ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯେଉଁମାନେ ସେବା ନିବୃତି ପରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ ସେବା ପ୍ରଦାନ କରୁଛନ୍ତି।
● ଯେଉଁମାନେ ସକ୍ରିୟ ଭାବରେ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିମାନଙ୍କୁ ସହଯୋଗ କରୁଛନ୍ତି, ଯାହାର ସେବାଗୁଡ଼ିକୁ ବ୍ୟାଙ୍କର ମହାପ୍ରବନ୍ଧକଙ୍କ ମତାନୁସାରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ।
● ଆବେଦନ ଫର୍ମଗୁଡ଼ିକ ସଠିକ ଭାବରେ ପୂରଣ କରି ଆବଶ୍ୟକିୟ ଦସ୍ତାବେଜ ସହିତ ଉପରେ ଦର୍ଶାଯାଇଥିବା ଠିକଣାକୁ **ତା.୦୧.୧୦.୨୦୨୫ରିଖ** ମଧ୍ୟରେ ପହଞ୍ଚିବା / ପ୍ରାପ୍ତ ହେବା ଆବଶ୍ୟକ।
ସ୍ୱା/- କ୍ଷେତ୍ରୀୟ ମୁଖ୍ୟ

**ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

# ୫ଟି ଅଭିଯୋଗର ତତ୍କାଳ ଫଇସଲା

ଜଗତସିଂହପୁର,୧୫।୯ (ସମିସ)



ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଯୋଗଦେଇ ୫ଟି ଅଭିଯୋଗର ତତ୍କାଳ ଫଇସଲା କରିଛନ୍ତି।

ଆଜି ଶିବିରରେ ୧୦୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୬ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୨ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୪ଟି, ଆବାସ ଯୋଜନା ସମ୍ପର୍କୀୟ ୨୩ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ଟି, ଭତ୍ତା ପାଇବା ପାଇଁ ୪ଟି, ପୁଲିସ ସହାୟତା ପାଇବା ପାଇଁ ୯ଟି, ରେଡ୍‌କ୍ରସ୍ ସମସ୍ୟା ସମ୍ପର୍କୀୟ ୧ଟି ଓ ଅନ୍ୟାନ୍ୟ ୩୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ମାଣେ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।



ଶାରଦୀୟ ମହାପୂଜାର ଦ୍ୱିତୀୟ ସନ୍ଧ୍ୟାରେ ମା’ ଶାରଳାଙ୍କ ଦିବ୍ୟ ବେଶ

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ନାଉଗାଁ,୧୫।୯ (ସମିସ): ନାଉଗାଁ ବ୍ଲକରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଛି। ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ବିଧାୟକ ଅମରେନ୍ଦ୍ର ଦାସ ଉଜ୍ୱଳ



ଆଲୋକୀକରଣ ପ୍ରକଳ୍ପ, ଦୁଇଟି ବିଶୁଦ୍ଧ ଥଣ୍ଡା ପାନୀୟଜଳ ଯୋଗାଣ ଯନ୍ତ୍ରର ଉଦ୍‌ଘାଟନ କରିଛନ୍ତି। ଏଥିସହିତ ବିଧାୟକଙ୍କ ଦ୍ୱାରା ମହାବିଦ୍ୟାଳୟ ଉଦ୍ୟାନ ସୌନ୍ଦର୍ଯ୍ୟକରଣ ଓ ଶ୍ରେଣୀଗୃହ ପାଇଁ ଶିଳାନ୍ୟାସ କରିଥିଲେ। ଆଗାମୀ ଦିନରେ ସମସ୍ତ ଛାତ୍ରଛାତ୍ରୀଙ୍କ ପଢିବା ଉପଯୋଗୀ ଶ୍ରେଣୀ ଗୃହ ସହିତ ଅଡିଟୋରିୟମ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ ଓ ନାଉଗାଁ ବିଡିଓ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରାଧ୍ୟାପକ ଚନ୍ଦ୍ରଶେଖର ପୁହାଣ, ଅଧ୍ୟକ୍ଷ ବିଭୂତି ଭୂଷଣ ସ୍ୱାଇଁ ଓ ପ୍ରାକ୍ତନ ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ଲେଙ୍କା, ଅଧ୍ୟାପକ ଚୈତନ୍ୟ ଚାରଣ ପରିଡା, ହୃଦାନନ୍ଦ ସ୍ୱାଇଁ, ପ୍ରଭାତ ଶତପଥୀ, ତୁଷାରକାନ୍ତ ଦାସ, ବିଜୟ ଦାଶ, ସୁଶୀଳ ବିଶ୍ୱାଳ, ସରୋଜ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

## ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ

କୁଜଙ୍ଗ,୧୫।୯ (ସମିସ): ଠାକୁର ଅନୁକୂଳ ଚନ୍ଦ୍ର ସତସଙ୍ଗ ପରିକ୍ରମାର ତ୍ରୟୋଦଶ ଦିବସ ଚୌଧୁରୀ ହୃଷିକେଶ ଦାସଙ୍କ କୁଜଙ୍ଗ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନାରାୟଣ ଦଳାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସତସଙ୍ଗରେ ପ୍ରଚାରକ ହୃଷିକେଶ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ବାଗୋଇ ଗ୍ରାମ ମୁରବୀ ନିରଞ୍ଜନ ବେହେରା, ପାରାଦୀପ ସଂଘ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେଉରା ଯୋଗ ଦେଇଥିଲେ। ସତସଙ୍ଗ କର୍ମୀ ଅମୂଲ୍ୟ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ତେନ୍ତୁଳିପଦାକୁ ଐତିହ୍ୟ ଗ୍ରାମ ଘୋଷଣା ଦାବି

ତିର୍ତ୍ତୋଲ,୧୫।୯ (ସମିସ): ଓଡ଼ିଶାର ବରପୁତ୍ର ଭାବେ ଆଦିକବି ସାରଳା ଦାସଙ୍କୁ ମାନ୍ୟତା ପ୍ରଦାନ ଓ କବିଙ୍କ ଗାଁ ପ୍ରାଚୀନ ଝଙ୍କଡ଼ର ତେନ୍ତୁଳିପଦା ଗ୍ରାମକୁ ଐତିହ୍ୟ ଗ୍ରାମ ରୂପେ ତୁରନ୍ତ ଘୋଷଣା ଦାବିରେ ଜନଜାଗରଣ ସୃଷ୍ଟି ହୋଇଛି। ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ସାରଳା ମହାଭାରତରେ ବର୍ଣ୍ଣିତ ବୃଦ୍ଧାମାତଙ୍ଗୀ କୂଳରୁ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସୁବ୍ରତ ଦାଶ, ସମ୍ପାଦକ ଚୌଧୁରୀ ରାଧାମୋହନ ପରିଜାଙ୍କ ତତ୍ତ୍ୱାବଧାନରେ ଏକ ଜନଜାଗରଣ ପଦଯାତ୍ରା ବାହାରି ପ୍ରାଚୀନ ବିଲ ଶାରଳା ଠାକୁରାଣୀଙ୍କ ମନ୍ଦିରରେ ପହଞ୍ଚିଥିଲା। ଏହି ଜନଜାଗରଣ ଯାତ୍ରାରେ ସମାଜସେବୀ ଜୟନ୍ତ ପରିଜା, ସଂଗଠନ ସମ୍ପାଦକ ଦେବବ୍ରତ ବାରିକ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ଅକ୍ଷୟ ମହାନ୍ତି, ରବୀନ୍ଦ୍ର ସିଂହ, ଆଶିଷ ପରିଜା, ଶ୍ରଦ୍ଧାଞ୍ଜଳି ଦାସ, ସୁରେନ୍ଦ୍ର ସାହୁ, କବିତା ସେଠୀ, ରଘୁନାଥ ପଣ୍ଡା, ରମେଶ ବେହେରା, ପ୍ରଭାତ ପରିଜା, ପ୍ରତୀମା ଦାସ, ମମତା ବାରିକଙ୍କ ସମେତ ବହୁ ମହିଳା ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିନିଧି ସମାଜସେବୀ ସୁବ୍ରତ ଦାଶ, ଦେବବ୍ରତ ବାରିକ, ଅକ୍ଷୟ ମହାନ୍ତି ପ୍ରମୁଖ ତିର୍ତ୍ତୋଲ ବିଧାୟକ ଡଃ ରମାକାନ୍ତ ଭୋଇଙ୍କୁ ଭେଟି ତେନ୍ତୁଳିପଦାକୁ ଐତିହ୍ୟ ଗ୍ରାମ ରୂପେ ଘୋଷଣା କରାଯିବା ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ




ଜଗତସିଂହପୁର,୧୫।୯ (ସମିସ): ଜଗତସିଂହପୁର ସହରର ବଡ଼ବଜାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁବାଟିକା ପକ୍ଷରୁ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ଭାଗ ସ୍ତର ମାତୃଭାରତୀ ପ୍ରମୁଖ ତଥା ଆମ ବିଦ୍ୟାଳୟର ସମିତି ସଦସ୍ୟା ମନୋରମା ଶତପଥୀ ଯୋଗଦେଇ ବିଭିନ୍ନ ପ୍ରକାର ଶିଶୁରୋଗର କାରଣ ଓ ନିରାକରଣ ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମଧୁସ୍ମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନାଚାର୍ଯ୍ୟ ପ୍ରସନ୍ନ ଖୁଣ୍ଟିଆ ଶିଶୁଙ୍କ ସାମଗ୍ରିକ ଉନ୍ନତିରେ ମାଆମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସେହିପରି ପୂର୍ବ ସମ୍ଭାଗ ଜଗତସିଂହପୁର ଜିଲ୍ଲା ପ୍ରମୁଖ ରଶ୍ମିକାନ୍ତ ସାହୁ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଆଭିମୁଖ୍ୟ କଥନ କରିଥିଲେ। ପ୍ରାୟ ୭୫ ଜଣ ମାଆ ଉପସ୍ଥିତ ରହି ୩ଟି କାଳାଂଶ କରିଥିଲେ। ଶିଶୁବାଟିକା ପ୍ରମୁଖ ସ୍ୱର୍ଣ୍ଣମଞ୍ଜରୀ ବାହାଲିଆ ସଙ୍କୁଳ ପ୍ରମୁଖ ପ୍ରଣତୀ ମହାପାତ୍ର, ନିରୂପମା ପଟ୍ଟନାୟକ ଗୁରୁମା ଓ ଅନ୍ୟ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

ପାରାଦୀପ, ୧୫।୯ (ସମିସ): ପାରାଦୀପ ଉପକଣ୍ଠ ଗାଣ୍ଡିକିପୁର ପଞ୍ଚାୟତର ତରପଡା ଗ୍ରାମର ମହେଶ୍ୱର ବେହେରାଙ୍କ ଆଜି ୮୧ ବର୍ଷ ବୟସରେ ପରାଲୋକ ଘଟିଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ହରେକୃଷ୍ଣ ବେହେରା, ବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ଉପସ୍ଥିତ ଥିଲେ।

## ପାରାଦୀପ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ସହାୟତା

ପାରାଦୀପ,୧୫।୯ (ସମିସ): ଜଗଦଗୁରୁ ଶଙ୍କରାଚାର୍ଯ୍ୟ ପୁରୀ ଗୋବର୍ଦ୍ଧନ ମଠ ପୀଠ ପରିଷଦ, ଆଦିତ୍ୟ, ଆନନ୍ଦ ବାହିନୀ, ପାରାଦୀପ ଶାଖା ପକ୍ଷରୁ ବାଲିଝରା ନିକଟସ୍ଥ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ ଓ ପୋଷାକ ବଣ୍ଟନ କରାଯିବା ସହ ସେମାନଙ୍କ ସୁସ୍ଥତା ଓ ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ପ୍ରାର୍ଥନା କରିଥିଲେ। ଶାଖା ସଂଯୋଜକ ଶ୍ରୀକୁମାର ରାଜଗୁରୁ ମହାପାତ୍ର, ପୀଠ ପରିଷଦ ସଭାପତି ସୂର୍ଯ୍ୟକାନ୍ତ ସାତପଥୀ, ଆଦିତ୍ୟ ବାହିନୀର ପାରାଦୀପ ସଭାପତି ଅମ୍ବିକା ମହାପାତ୍ର, ପଦ୍ମନାଭ ଦାସ, ଆନନ୍ଦ ବାହିନୀ ସଭାପତି ଫିଲୁଶ୍ରୀ ମାନ୍ତ୍ରୀ, ରିଙ୍କି ସେନାପତି, ନିରୂପମା ଜେନା, ଇତିଶ୍ରୀ ମହାନ୍ତି, ନାରାୟଣ ସାହୁ, ଅମରେଶ ମିଶ୍ର, ସୁବ୍ରତ ମଲ୍ଲିକ, ଅନନ୍ତ ମିଶ୍ର ଓ ଧୁନାଚନ୍ଦ୍ର ତରାଇ ଅଂଶଗ୍ରହଣ କରିଥିଲେ।

## ମା’ ଶାରଳା ଫାଉଣ୍ଡେସନର ସ୍ୱନକ୍ଷତ୍ର ଉତ୍ସବ

ତିର୍ତ୍ତୋଲ,୧୫।୯ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା’ ଶାରଳା ଫାଉଣ୍ଡେସନର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ତିର୍ତ୍ତୋଲ କୁମାର ଉତ୍ସବ ସମିତି ପରିସର ଜୟପ୍ରକାଶ ମଇଦାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ସମାଜ ସେବା ଦିଗରେ ମା’ ଶାରଳା ଫାଉଣ୍ଡେସନର କାର୍ଯ୍ୟ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ତିର୍ତ୍ତୋଲ ବିଧାୟକ ଡଃ ରମାକାନ୍ତ ଭୋଇ, ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ମହିଳା ନେତ୍ରୀ ଲୋରା ମହାପାତ୍ର, ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଅଧିକାରୀ ଡ଼ ଶୁଭ୍ରଜ୍ୟୋତି ମହାନ୍ତି ପ୍ରମୁଖ ସମାଜସେବା ପାଇଁ ଯୁବପିଢ଼ି ସମର୍ପିତ ହେବାକୁ ଆହ୍ୱାନ ଦେଇଥିଲେ। ଶେଷଦେବ ଓଝା ଓ ସାଗରିକା ଓଝାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଉପଦେଷ୍ଟା ଜ୍ଞାନରଞ୍ଜନ ଦାସ,



ଆଇନଜୀବୀ ପ୍ରମୋଦ ସାହୁ, ସହସମ୍ପାଦକ ଗୋରେଖ ମହାନ୍ତି, ସମାଜସେବୀ ଅଭିମନ୍ୟୁ ଦାସ, ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ସଭାପତି ଅକ୍ଷୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଫାଉଣ୍ଡେସନ ପ୍ରତିଷ୍ଠାତ୍ରୀ ସୋନାଲି ମହାନ୍ତି ଅନୁଷ୍ଠାନର ଅସହାୟ ଲୋକଙ୍କ ପ୍ରତି ସେବା ମନୋଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ସ୍ୱେଚ୍ଛାସେବୀ ଅସହାୟ, ଅବହେଳିତ ଲୋକଙ୍କ ସେବା କରିବାକୁ ଶପଥ ନେଇଥିଲେ। ଫାଉଣ୍ଡେସନର କୁନି ଝିଅ ନିଜ ପକେଟ୍ ଖର୍ଚ୍ଚରୁ ସଞ୍ଚୟ କରିଥିବା ୫ ହଜାର ଟଙ୍କା କର୍କଟ ରୋଗରେ ପୀଡ଼ିତ ଗୋବିନ୍ଦପୁର ଗ୍ରାମର ପ୍ରଦୀପ ଦାସଙ୍କୁ ପ୍ରଦାନ କରାଯାଇଥିଲା। ସଭାପତି ମୀରାବାଇ ମହାପାତ୍ର, ସାଧାରଣ ସମ୍ପାଦକ ଅନୀଲ ରାଉତ, ହୃଷିକେଶ ପରିଜା, ମଳୟ ବାରିକ, ସଞ୍ଜୟ ମହାପାତ୍ର, ରାମକୃଷ୍ଣ ପରିଜା, ଅରୁଣ ମହାନ୍ତି, ଶ୍ରୀନିବାସ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଅରୁଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ଲେଡିଜ ୱିଙ୍ଗ୍ ପୋର୍ଟ କ୍ଲବ୍ ପକ୍ଷରୁ ଘାଣ୍ଟ ପ୍ରତିଯୋଗିତା




ପାରାଦୀପ, ୧୫।୯ (ସମିସ): ପାରାଦୀପ ଲେଡିଜ ୱିଙ୍ଗ ପୋର୍ଟ କ୍ଲବ ପକ୍ଷରୁ ପୋର୍ଟ କ୍ଲବ ପ୍ରାଙ୍ଗଣରେ ଦ୍ୱିତୀୟ ଓଷା ଘାଣ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ଲବର ୧୬ ଜଣ ସଦସ୍ୟା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ସ୍ୱପ୍ନା ବିଜୟିନୀ ପ୍ରଥମ, ମନୀଷା ଦିବ୍ୟଦର୍ଶିନୀ ଦ୍ୱିତୀୟ ଓ ମୋନାଲିସା ମହାନ୍ତି ତୃତୀୟ ସ୍ଥାନ ଲାଭ କରିଥିଲେ। ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ପ୍ରାଧିକରଣର ମୁଖ୍ୟ ଯନ୍ତ୍ରୀ ଇଂ ହିମାଂଶୁ ରାଉତ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଲେଖା ଅଧିକାରୀ ପ୍ରଶାନ୍ତ ମହାରଣା, ଏମ୍ପାୟାର୍ସ ହୋଟେଲ ମ୍ୟାନେଜର ବିନୋଦ ନାଥ ଓ ମାଷ୍ଟର ସେଫ ମନ୍ମଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। କ୍ଲବ୍‌ର ସଭାପତି କବିତା ସାହୁ ଓ ସମ୍ପାଦିକା ଦୀପିକା ବସନ୍ତିଆ ସଭା ପରିଚାଳନା କରିଥିବାବେଳେ ଉପସଭାପତି ରିତୁ ରାମେଶ୍ୱରୀ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

**● ଡ୍ରାଇଭରଙ୍କୁ ମାଡ଼ ମାରି ଚାବି ଛଡ଼ାଇନେଲେ ଦୁର୍ବୃତ୍ତ**

## ନ୍ୟାୟ ଅପେକ୍ଷାରେ ଟ୍ରାନ୍ସପୋର୍ଟ କମ୍ପାନୀ

ପାରାଦୀପ,୧୫।୯ (ସମିସ): ଗତକାଲି ବିଳମ୍ବିତ ରାତିରେ ଭୂତମୁଣ୍ଡାଇ ପୋଲ ନିକଟରେ ୧୦ରୁ ୧୨ ଜଣ ଦୁର୍ବୃତ୍ତ ଏକ ୧୮ ଚକିଆ ହାଇୱା ଗାଡିକୁ ଅଟକାଇବା ସହିତ ଡ୍ରାଇଭରଙ୍କୁ ମାଡ଼ ମାରି ଚାବି ଛଡ଼ାଇ ନେଇଥିବା ନେଇ ଆଜି ପାରାଦୀପ ଲକ୍‌ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣାକୁ ଗୁରୁତର ଭାବେ ନେଇ ମାମଲା ରୁଜୁ କରାଯିବ ବୋଲି କହିଛି। ଟ୍ରକ୍ ବ୍ୟବସାୟରେ ଶତ୍ରୁତାକୁ ନେଇ ଆକ୍ରୋଶମୂଳକ ଭାବେ ଏଭଳି କରାଯାଇଥିବା ସନ୍ଦେହ କରାଯାଉଛି। ସୂଚନା ମୁତାବକ, କଟକ-ପାରାଦୀପ ରାସ୍ତାର ଭୂତମୁଣ୍ଡାଇ ପୋଲ ନିକଟରେ ଗତକାଲି ବିଳମ୍ବିତ ରାତିରେ ଇଫ୍‌କୋରୁ ଜିପସମ୍ ନେଇ କଟକ ଅଭିମୁଖେ ୧୮ ଚକିଆ ହାଇୱା ଯାଉଥିବା ସମୟରେ ୧୦/୧୨ ଜଣ ଲୋକ ଉକ୍ତ ଗାଡ଼ିକୁ ଅଟକାଇ ଡ୍ରାଇଭରଙ୍କୁ ମାଡ଼ ମାରି ଚାବି ଛଡାଇ ନେଇଥିଲେ। ଖବର ପାଇ କଳିଙ୍ଗ ସର୍ଭିସ୍‌ର କର୍ମଚାରୀ ପହଞ୍ଚି ଆହତ ଡ୍ରାଇଭରଙ୍କୁ ଅଠରବାଙ୍କୀ ମେଡ଼ିକାଲରେ ଚିକିତ୍ସା କରାଇଥିଲେ। ଗାଡ଼ିର ସମସ୍ତ କାଗଜପତ୍ର ଓ ଜିପସମ ପରିବହନ କରିବା ପରମିସନ ଥିବାବେଳେ ହାଇୱାକୁ କାହିଁକି ଅଟକାଇ ଏଭଳି ହଇରାଣ କରାଗଲା ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଅଟକାଇଥିବା ୧୦/୧୨ ଜଣ ଟ୍ରକ ଆସୋସିଏସନର କର୍ମଚାରୀ ବୋଲି କହିଥିବା ଡ୍ରାଇଭର କହିଛନ୍ତି। ସକାଳ ପର୍ଯ୍ୟନ୍ତ ହାଇୱା ରାସ୍ତା ଉପରେ ଛିଡ଼ା ହୋଇଥିବାରୁ ରାସ୍ତା ଜାମ ହେବା ସହିତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ପହଁଚି ଗାଡିକୁ ରାସ୍ତାରୁ ସାଇଡ କରିଥିଲା। ପାରାଦୀପ ଲକଥାନା ପୁଲିସ ତଦନ୍ତ ଚଳାଇବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି।

## ଶିକ୍ଷୟିତ୍ରୀଙ୍କ ସୁନାଚେନ ଝାମ୍ପିନେଲେ ଦୁର୍ବୃତ୍ତ

ପଟ୍ଟାମୁଣ୍ଡାଇ,୧୫।୯ (ସମିସ): ଅରୁଆ-କଦଳୀବଣ ହାଇସ୍କୁଲ ସମ୍ମୁଖରେ ଘଟିଛି ଏକ ଅଘଟଣ। ଆଜି ସ୍କୁଲରୁ ସ୍କୁଟି ଯୋଗେ ଘରକୁ ବାହାରୁଥିବା ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ଦୁର୍ବୃତ୍ତ ସୁନାଚେନ ଝାମ୍ପିନେଇ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦିଆଯାଇଛି। ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଅରୁଆ-କଦଳୀବଣ ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଦୀପିକା ଲେଙ୍କା ଦିବା ୪ଘଟିକା ସମୟରେ ସ୍କୁଲ ଛୁଟି ପରେ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ସ୍କୁଲ ଗେଟ ନିକଟରେ ପହଞ୍ଚିବା ମାତ୍ରେ ଦୁଇଜଣ ଯୁବକ ବାଇକ୍ ଯୋଗେ ଆସି ସେଠାରେ ପହଞ୍ଚିଥିଲେ। ଜଣେ ବାଇକ୍ ଷ୍ଟାର୍ଟ କରି ବସିଥିବାବେଳେ ଅନ୍ୟ ଯୁବକ ଜଣକ ଶିକ୍ଷୟିତ୍ରୀଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇଥିଲା। ପରେ ପଟ୍ଟାମୁଣ୍ଡାଇ ପୋଖରିଆପଡ଼ା ନିବାସୀ ଶିକ୍ଷୟିତ୍ରୀ ଆଦର୍ଶ ଥାନାରେ ଲିଖିତ ଏତଲା ଦେଇଥିଲେ। ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୁଲିସ ଏକ ଲୁଟ ମାମଲା ରୁଜୁ କରି ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

**● ଦିନକ ପରେ ବିଶ୍ୱକର୍ମା ପୂଜା**

## ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି ସଜେଇ ହେଉଛି ବନ୍ଦରନଗରୀ



ପାରାଦୀପ, ୧୫।୯ (ସମିସ): ଆଉ ମାତ୍ର ଗୋଟିଏ ଦିନ ପରେ ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ପୂଜା ଆରମ୍ଭ ହେବ। ୮ ଦିନ ଧରି ଆୟୋଜିତ ହୋଇ ୨୪ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ସକାଳୁ ଲଗାଣ ବର୍ଷା ପୂଜା ମାହୋଲକୁ ପୁରା ଫିକା ପକାଇଦେଇଛି। ଅନ୍ତେବାସୀଙ୍କ ମନରେ ଭରି ଉଠିଥିବା ଖୁସି କିଛି ମାତ୍ରାରେ ଧିମେଇ ଯାଇଥିବାବେଳେ ଆୟୋଜକଙ୍କ ମନରେ ମଧ୍ୟ ଏକ ପ୍ରକାର ଆଶା ମଉଳିବା ପରି ପରିଲିଖିତ ହେଉଛି। ମଣ୍ଡପ ନିର୍ମାଣ କାର୍ଯ୍ୟ ଶତପ୍ରତିଶତ ସରିଥିବାବେଳେ ମୂର୍ତ୍ତି ଓ ବାହାର ସାଜସଜ୍ଜା ପ୍ରାୟତଃ ଶେଷ ହୋଇଛି। ପୁଲିସ, ମ୍ୟୁନିସିପାଲିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସାରିଛି। ସହର ଏବେ ଚଳଚଞ୍ଚଳ ହୋଇଥିବାବେଳେ ସଜେଇ ହେଉଥିବା ଦେଖିବାକୁ ମିଳିଛି।

## ବ୍ରାଉନସୁଗର ଓ ଗଞ୍ଜେଇ ଜବତ; ୩ ଗିରଫ

ଜଗତସିଂହପୁର,୧୫।୯ (ସମିସ): ଜଗତସିଂହପୁର ସଦର ଥାନା ପକ୍ଷରୁ ପୁନଙ୍ଗ କେନାଲ ବନ୍ଧ ରାସ୍ତାର ମାର୍କଣ୍ଡେଶ୍ୱର ମନ୍ଦିର ନିକଟରେ ଚଢ଼ଉ କରାଯାଇ ୫୦ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ବ୍ୟବସାୟ କରୁଥିବା ଅଭିଯୋଗରେ ମାର୍କଣ୍ଡପୁର ଦିପୁନା ଓରଫ୍ ଦୀପକ ଦାସକୁ ଗିରଫ କରାଯାଇଥିବା ସଦର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି। ଦୀପକ ନାମରେ ପୂର୍ବରୁ ସଦର ଥାନାରେ ୪ଟି ମାମଲା ରହିଛି। ଏସ୍‌ଆଇ ବିବେକାନନ୍ଦ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ଅପରାହ୍ନରେ ଏହି ଚଢ଼ଉ କରିଥିଲା। ଜବତ ବ୍ରାଉନସୁଗରର ମୂଲ୍ୟ ୫ ଲକ୍ଷ ହେବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସେହିପରି ବିରିଡ଼ି ଥାନା ପୁଲିସ ହାଜିପୁରସ୍ଥ ଅଷ୍ଟଶମ୍ଭୁ ମନ୍ଦିର ନିକଟରେ ଚଢ଼ଉ କରି ୨କେଜି ୪୫୨ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏହି ମାମଲାରେ ଚାନ୍ଦପୁର ଗ୍ରାମର ଗୌରାଙ୍ଗ ନାଥ ଓ ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ ସୁରପ୍ରତାପ ରାଜକିଶୋରପୁର ଗ୍ରାମର ଅରୁଣ ନାଥକୁ ପୁଲିସ ଗିରଫ କରିଛି। ଏସ୍‌ଆଇ ପୁଷ୍ପିତା ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଆଜି ସକାଳ ୭ଘ.୩୦ମି ସମୟରେ ଏହି ଚଢ଼ଉ କରିଥିଲା। ଏମାନଙ୍କଠାରୁ ନଗଦ ୩୫ ହଜାର ୩୨୯ ଟଙ୍କା ମଧ୍ୟ ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ଶ୍ରୀ ବର୍ମା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଆଜିଙ୍କ୍ୟା ବାବୁରାଓ ମାନେ, ସଦର ଥାନା ଆଇଆଇସି ସରୋଜ ସାମଲ ଓ ବିରିଡି ଥାନା ଆଇଆଇସି ସବ୍ୟସାଚୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋର ଗିରଫ,୧୦ ମୋବାଇଲ୍ ଜବତ

ପାରାଦୀପ,୧୫।୯ (ସମିସ): ପାରାଦୀପ ଲକଥାନା ଅଧୀନ ନିମିଡି ଗ୍ରାମର ଜଣେ ପେଷାଦାର ମୋବାଇଲ ଚୋରକୁ ପୁଲିସ ଆଜି ଗିରଫ କରିଛି। ଆଜି ଅପରାହ୍ନରେ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ କରି ଏହି ମୋବାଇଲ ଚୋରର କାରନାମା ପର୍ଦ୍ଦାଫାସ କରିଛି। ନିମିଡି ଗ୍ରାମର ପ୍ରମୋଦ ତରାଇଙ୍କ ଘରୁ ୪ଟି ମୋବାଇଲ୍ ଚୋରି ହୋଇଥିବା ନେଇ ସିସିଟିଭି ଫୁଟେଜରୁ ଜାଣି ସେ ଆଜି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବା ସହିତ ଚୋରି ହୋଇଥିବା ବିଭିନ୍ନ କମ୍ପାନୀର ୧୦ଟି ମୋବାଇଲକୁ ଜବତ କରିଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ ଆଡ଼ିସିନାଲ ଏସପି ସ୍ମୃତିରଞ୍ଜନ କର ଓ ଲକଥାନା ଆଇଆଇସି ରଶ୍ମିରଂଜନ ଦାସ। ନିମିଡି ଗ୍ରାମର ପ୍ରମୋଦ ତରାଇଙ୍କ ଘରେ କିଛି କମ୍ପାନୀ ଲୋକ ଭଡାରେ ରହୁଥିଲେ। ସେମାନଙ୍କର ଚାରୋଟି ମୋବଇଲ୍ ଚୋରି ହେବା ନେଇ ସେମାନେ ଘର ମାଲିକ ପ୍ରମୋଦଙ୍କୁ ଜଣାଇଥିଲେ। ପ୍ରମୋଦ ସିସିଟିଭି ଫୁଟେଜ୍ ଦେଖିବା ପରେ ଅଭିଯୁକ୍ତ ସେହି ଗ୍ରାମର ସନାତନ ଲେଙ୍କାଙ୍କ ପୁଅ ସୌମେନ୍ଦ୍ର ଲେଙ୍କା(ଜଟିଆ) ମୋବାଇଲ୍ ଚୋରି କରି ନେଉଥିବା ଦେଖିବାକୁ ପାଇଥିଲେ। ପ୍ରମୋଦ ଲକ୍ ଥାନାରେ ଆଜି ଅଭିଯୋଗ କରିବା ପରେ ପୁଲିସ୍ ଅଭିଯୁକ୍ତ ଜଟିଆକୁ ଧିବା ସହିତ ତା’ ନିକଟରୁ ୧୦ଟି ମୋବାଇଲ୍ ଜବତ କରିଥିଲା।

# ‘ସୁସ୍ଥ ନାରୀ ଓ ସଶକ୍ତ ପରିବାର’ ଅଭିଯାନ ସମ୍ପର୍କିତ ବୈଠକ

ଜଗତସିଂହପୁର,୧୫।୯ (ସମିସ)




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗକୁ ନେଇ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ ସମ୍ପର୍କିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆମ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ମିଶନ ମୋଡ଼ କରିବାକୁ ପଡ଼ିବ। ଏହାର ଶତପ୍ରତିଶତ ସଫଳତା ହାସଲ ପାଇଁ ଦାୟିତ୍ୱର ସହ ନିଜ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜେନ୍ଦ୍ର ପାଣିଗ୍ରାହୀ ଏହି ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ।

ଏହି କାର୍ଯ୍ୟକ୍ରମ ୧୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୁଖ୍ୟତଃ ଗ୍ରାମ୍ୟ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସମସ୍ତ ମହିଳା ହିତାଧିକାରୀଙ୍କ ଅଣସଂକ୍ରାମକ ରୋଗ ଚିହ୍ନଟକରଣ, ଟିବି ରୋଗର ପରୀକ୍ଷା, ମାଆମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗର ସମନ୍ୱୟ ସହିତ ସମାଜର ସବୁ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ବ୍ୟାପକ ସଚେତନତା ସୃଷ୍ଟି କରି ମହିଳାଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଧିକରୁ ଅଧିକ ସଂଖ୍ୟକ ମହିଳା ଓ ମାଆମାନଙ୍କ ଅଂଶଗ୍ରହଣ ପାଇଁ ପଦକ୍ଷେପ ନିଆଯିବ। ଏଥିସହିତ ଏହି ଅଭିଯାନ ସମୟରେ ପିଏଚସି, ସିଏଚସି, ଡିଏଚଏଚ ଓ ଅନ୍ୟାନ୍ୟ ସବସେଣ୍ଟର ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏହି କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହ ଜିଲ୍ଲାରେ କରାଯିବ ସେଥିଲାଗି ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. କେ ସି ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ ବାରିକ, ଡା ରଶ୍ମିରଞ୍ଜନ ପଟ୍ଟାୟକ, ଡା ବାସନ୍ତୀ ପାଲ, ଡା ଶତ୍ରୁଘ୍ନ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ , ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଲୁମିନିୟମ ପାର୍କରେ 'ଶୋଭା ସୋଲାର'ର ଭୂମିପୂଜନ

ଅନୁଗୋଳ,୧୫ ।୯ (ସମିସ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟି ସମ୍ମିଳନୀ କକ୍ଷରୁ ଆଭାସୀ ମାଧ୍ୟମରେ ଅନୁଗୋଳ, ଖୋର୍ଦ୍ଧା, ଗଞ୍ଜାମ, କୋରାପୁଟ ଏବଂ ଝାରସୁଗୁଡ଼ାର ୫ଟି ଶିଳ୍ପ ପ୍ରକଳ୍ପର ଭୂମିପୂଜନ କରିଛନ୍ତି। ଏଥିରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ। ଏହି କ୍ରମରେ ଅନୁଗୋଳ ଜିଲ୍ଲା ଆଲୁମିନିୟମ ପାର୍କରେ ମେସର୍ସ ଶୋଭା ସୋଲାର ଲିମିଟେଡର ଭୂମିପୂଜନ କରାଯାଇଛି। ଏହି ଅବସରରେ ଏଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଜିଲ୍ଲାପାଳ ଅବଦାଲ ଏମ୍. ଅଖତର ଯୋଗଦେଇଥିଲେ। ଏହି ଶିଳ୍ପ ପ୍ରକଳ୍ପ ପାଇଁ ୩୮୦ କୋଟି ଟଙ୍କା ନିବେଶ କରାଯିବ। ଏଠାରେ ସିଲିକନ୍ ସୋଲାର ସେଲ ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ କରାଯିବ। ପ୍ରକଳ୍ପରେ ପ୍ରାୟ ୮୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି। ଏତଦବ୍ୟତୀତ ଅନୁଗୋଳ ଜିଲ୍ଲାରେ ମେସର୍ସ ମୋଗଲି ଲ୍ୟାବ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସ୍ଥାପନ ପାଇଁ ମଧ୍ୟ ଭୂମିପୂଜା କରାଯାଇଛି। ଆଲୁମିନିୟମ ପାର୍କରେ ୬୫ କୋଟି ଟଙ୍କା ବିନିଯୋଗରେ ହେବାକୁ ଥିବା ଏହି ପ୍ରକଳ୍ପରେ ଆଲୁମିନିୟମ କେବୁଲ ଉତ୍ପାଦନ ହେବ। ଏଥିରେ ୧୬୫ ଜଣ ନିଯୁକ୍ତି ପାଇବେ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲାପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଶିବାଶିଷ କାନୁନଗୋ, ଇଡ୍‌କୋ ପକ୍ଷରୁ ଯୋଗେନ୍ଦ୍ର ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, ଜିଲ୍ଲା ନିବେଶ ପ୍ରୋତ୍ସାହନ ସଂସ୍ଥା ଅଧିକାରୀ କାଳୁ ଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ବିନିଯୋଗ ହେବ ୩୮୦ କୋଟି ଟଙ୍କା**
**ସ୍ଥାପନ ହେବ ସିଲିକନ୍ ସୋଲାର ସେଲ୍ ପ୍ଲାଣ୍ଟ**
**ସୃଷ୍ଟିହେବ ୮୫୦ ନିଯୁକ୍ତି ସୁଯୋଗ**

## 'ଆସ ସ୍କୁଲ ଯିବା' ସଚେତନତା ପଦଯାତ୍ରା

ଅନୁଗୋଳ,୧୫ ।୯ (ସମିସ): ଅନୁଗୋଳ ବ୍ଲକ ବଡ଼କେରା ପିଏମଶ୍ରୀ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବଡ଼କେରା ପ୍ରାଥମିକ ବିଦ୍ୟାଳୟର ପ୍ରାୟ ୫୦୦ ଛାତ୍ରଛାତ୍ରୀଙ୍କୁ ନେଇ "ଆସ ସ୍କୁଲ ଯିବା' ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ପଦଯାତ୍ରା ବଡ଼କେରା ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ ହୋଇ ଶାସନ ବଜାରସ୍ଥିତ ଆଦିମାତା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଛାତ୍ରଛାତ୍ରୀମାନେ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ଏବିଇଓ ପ୍ରଦ୍ୟୁମ୍ନ କୁମାର ମିଶ୍ର, ସରପଞ୍ଚ ହାଡ଼ିବନ୍ଧୁ ବେହେରା, ପଞ୍ଚସଖା ଶିକ୍ଷାସେତୁ ସଭାପତି ପ୍ରଶାନ୍ତ କୁମାର ମିଶ୍ର, ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଅଭିଭାବକ ଏଥିରେ ଯୋଗଦେଇଥିଲେ।

## କାହା ପାଇଁ ପାର୍ବଣ ଆଉ କାହା ପାଇଁ ଗୁଜୁରାଣ



ଅନୁଗୋଳ,୧୫ ।୯ (ସମିସ): ଓଡ଼ିଶା ସଂସ୍କୃତି ଓ ପରମ୍ପରାରେ ବାର ମାସରେ ତେର ପର୍ବ ପଛକୁ ପଛ ଗୁନ୍ଥି ହୋଇଥିଲେ ହେଁ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜାଠାରୁ ଆରମ୍ଭ ହୋଇ ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା ଯାଏଁ ପାର୍ବଣ ଋତୁ ପୁରପଲ୍ଲୀରେ ସବୁଠି ହର୍ଷୋଲ୍ଲାସରେ ପାଳିତ ହୁଏ। ତେବେ ଏହି ପାର୍ବଣ କାହା ପାଇଁ ଆଣିଦେଇଥାଏ ଭୋଗ ବିଳାସତ କାହା ପାଇଁ ଗୁଜୁରାଣର ପନ୍ଥା। ଚଳିତ ସପ୍ତାହରେ ନାଲକୋ ନଗରରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ପାଇଁ ଆୟୋଜକମାନେ ପ୍ରସ୍ତୁତି ଜାରି ରଖିଥିବା ବେଳେ ଦୋଳି, ମନୋହରି, ବେଲୁନ ବାଲା ନାଲକୋ ନଗରରେ ଡେରା ପକାଇଲେଣି। ଯାତ୍ରାରେ ଛୋଟ ଛୁଆଠୁ ଆରମ୍ଭ କରି ଯୁବ ତଥା ବୟସ୍କ ଲୋକଙ୍କ ଆକର୍ଷଣ ବେଲୁନ। ରଙ୍ଗବେରଙ୍ଗର ବେଲୁନ ରଙ୍ଗୀନ ଆଲୋକମାଳାରେ ଝଲସି ଉଠିଥାଏ। ତେବେ ଯାହାର ସମ୍ବଳ ନାହିଁ, ଠିକଣା ନାହିଁ ସେମାନେ ପ୍ଲାଷ୍ଟିକ ଖେଳନା, ବେଲୁନ ବିକି ପେଟ ପୋଷନ୍ତି। ମହିଳା ବେଲୁନ ବିକ୍ରେତା କୋଳରେ ଶିଶୁକୁ ଧରି ରାସ୍ତା କଡ଼ରେ ବେପାର କରୁଥିବା ରବିବାର ଦେଖିବାକୁ ମିଳିଛି। ରାସ୍ତା କଡ଼ରେ ବିପଜ୍ଜନକ ଭାବେ ନାଲକୋ ଟାଉନସିପ ୧ନଂ ଗେଟ ସମ୍ମୁଖରେ ବସି ମହିଳା ଜଣକ ବେଲୁନ ବିକ୍ରି କରୁଥିଲେ। ଗାଡ଼ିରୁ ନ ଓହ୍ଲାଇ ଗ୍ରାହକମାନେ ହାତ ବଢ଼ାଇ ବେଲୁନ ନେଉଥିବା ଦେଖିବାକୁ ମିଳିଥିଲା।

## ପାଲା ଗାୟକ ସଂଘର କାର୍ଯ୍ୟକାରିଣୀ ବୈଠକ

ଅନୁଗୋଳ,୧୫ ।୯ (ସମିସ): ଅନୁଗୋଳ ଗାୟତ୍ରୀ ମନ୍ଦିର ପରିସରରେ ପାଲା ଗାୟକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଧ୍ରୁବଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୮ ବ୍ଲକର ୫ଟି ମଣ୍ଡଳର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ। ଜିଲ୍ଲା ପ୍ରଶାସନ ଜରିଆରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ଜଣେ ଦୁଇଜଣ ବ୍ୟକ୍ତି କରୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏଭଳି ପକ୍ଷପାତିତା ବିରୋଧରେ ଜିଲ୍ଲା ପ୍ରଶାସନ ଓ ବ୍ଲକ କଳାସଂସ୍କୃତି ବିଭାଗକୁ ଅବଗତ କରାଯାଇଥିବା ବେଳେ ଏ ନେଇ ଦୃଷ୍ଟି ଦେବାକୁ ସଂଘ ପକ୍ଷରୁ ମତ ପ୍ରକାଶ ପାଇଛି। ବୈଠକରେ ଲୋକନୃତ୍ୟ, ଲୋକସଙ୍ଗୀତ ତଥା ବିଭିନ୍ନ ଲୋକକଳାର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ଜିଲ୍ଲାରେ ଏକ କଳାକାର ଗୃହ ଆବଶ୍ୟକତା ରହିଛି। ଏ ନେଇ ବିଧାୟକ, ସାଂସଦଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଈଶ୍ୱର ଚନ୍ଦ୍ର ତ୍ରିପାଠୀ, ଉପଦେଷ୍ଟା ଡ. ରବିନାରାୟଣ ପଣ୍ଡା, ଗାୟକ ଚତୁର୍ଭୁଜ ନାୟକ, ସାଂସ୍କୃତିକ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ସଂଗଠନ ସମ୍ପାଦକ ମାନସ କର, ହେମନ୍ତ କୁମାର ଭୋଇ, ନାରାୟଣ ତ୍ରିପାଠୀ, ସୁଧାକର ପ୍ରଧାନ, ଗଗନ ବିହାରୀ ପ୍ରଧାନ, ବିଭୂତି ଭୂଷଣ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ନେହେରୁ ନାଏକ ଧନ୍ୟବାଦ ଦେଇଥିଲେ।

## ଜେସିଆଇ ପକ୍ଷରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦଘାଟିତ



ତାଳଚେର,୧୫ ।୯ (ସମିସ): ଜୁନିଅର ଚାମ୍ବର ଇଣ୍ଟରନ୍ୟାସନାଲ (ଜେସିଆଇ), ତାଳଚେର ଶାଖା ପକ୍ଷରୁ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ହାଟତୋଟାସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ଉଦଘାଟିତ ହୋଇଛି। ଘଣ୍ଟାକୁ ୪୦ ଲିଟର ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ଯୋଗାଣ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପକୁ ଜେସିଆଇର ଜାତୀୟ ଉପାଧ୍ୟକ୍ଷ ଶୁଭମ୍ ଅଗ୍ରୱାଲ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିକାଶ ଗ୍ରୁପ ଅଧ୍ୟକ୍ଷ ଡି ମୁରଲୀକ୍ରିଷ୍ଣା ଯୋଗଦେଇଥିଲେ। ଜେସିଆଇର ଜୋନ ସଭାପତି ସ୍ୱରାଜ ଥାମ୍ବେ, ପୂର୍ବତନ ଜୋନ ଉପସଭାପତି ପ୍ରଣବ ଲାଠ, ଉପଦେଷ୍ଟା ଡ. ରଶ୍ମିରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଏହି ପ୍ରକଳ୍ପରେ ପ୍ରାୟ ଏକ ଲକ୍ଷ ଟଙ୍କା ବ୍ୟୟରେ ଉଚ୍ଚଶକ୍ତିସମ୍ପନ୍ନ ମେସିନ ଲଗାଯାଇଛି। ପ୍ରକଳ୍ପକୁ ସ୍ଥାନୀୟ ଯୁବ ବ୍ୟବସାୟୀ କମଳ ଅଗ୍ରୱାଲ ଏବଂ ଆଶିଷ ଅଗ୍ରୱାଲ ତାଙ୍କ ବାପା ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ କୈଳାସ ଚନ୍ଦ୍ର ଅଗ୍ରୱାଲଙ୍କ ସ୍ମୃତିରେ ନିର୍ମାଣ କରିଥିବା ତାଳଚେର ଶାଖା ସଭାପତି ମହେଶ ଅଗ୍ରୱାଲ ସୂଚନା ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବାସୁଦେବ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ଦିରର ଦୀର୍ଘଦିନର ପାନୀୟ ସମସ୍ୟା ଜେସିଆଇ ପକ୍ଷରୁ ଦୂରୀଭୂତ କରାଯାଇଥିବାରୁ ବଜାର କମିଟି ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଚାକିରି କରି ନେତା ହେବାକୁ ମନ

ତାଳଚେର,୧୫ ।୯ (ସମିସ): ଭାରତ ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମସିଏଲ୍‌ରେ ଚାକିରି କରି ପୁଣି ଟ୍ରକ ମାଲିକ ସଂଘ ଉପସଭାପତି ପରି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ଜଣେ ଟ୍ରକ ମାଲିକ। ଏହି ଘଟଣା ଏବେ ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ତାଳଚେର ଟ୍ରକ ମାଲିକ ସଂଘ ନିର୍ବାଚନ ଆଗାମୀ ୨୭ ତାରିଖ ହେବାକୁ ଥିବା ବେଳେ ଜଣେ ଟ୍ରକ ମାଲିକ ତଞ୍ଚକତା କରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିସହ କିଛି ସଭ୍ୟାଙ୍କ ନାମରେ ଟ୍ରକ ଥାଇ ସ୍ୱାମୀଙ୍କ ନାମ ଭୋଟର ତାଲିକା କିପରି ଉଠାଯାଇଛି ତାକୁ ନେଇ ଏବେ ବିବାଦ ସୃଷ୍ଟି ହୋଇଛି। ସେହିପରି ଆଉ ଏକ ଘଟଣାରେ ଜଣେ କୋଇଲା ଖଣି କର୍ମଚାରୀ ସ୍ତ୍ରୀ ନାମରେ ଗାଡ଼ି କରି ଏମସିଏଲ ଚାକିରି ଥାଇ ଟ୍ରକ ମାଲିକ ସଂଘ ନିର୍ବାଚନ ଲଢ଼ୁଛନ୍ତି। ସେ ହେଲେ ଅର୍ଜୁନ ସାହୁ। ଅର୍ଜୁନ ଟ୍ରକ ମାଲିକ ସଂଘ ଉପସଭାପତି ପଦ ପାଇଁ ନିର୍ବାଚନ ଲଢ଼ୁଛନ୍ତି ଯାହା ଏବେ ତାଳଚେର ଟ୍ରକ ମାଲିକ ସମେତ ଚାରିଆଡ଼େ ଆଲୋଚନର ମୁଖ୍ୟ ପ୍ରସଙ୍ଗ ପାଲଟିଛି। କୋଇଲା ପରିବହନ ପାଇଁ ତାଳଚେରରେ ହଜାର ହଜାର ସଂଖ୍ୟାରେ ଟ୍ରକ ଚଳପ୍ରଚଳ କରିଥାଏ। ବହୁ ସଂଖ୍ୟକ ବେକାର ଯୁବକ ଋଣରେ ଟ୍ରକ ଖଣ୍ଡିଏ କିଣି ନିଜ ଜୀବିକା ନିର୍ବାହ କରୁଛନ୍ତି। ଏହି ବ୍ୟବସାୟକୁ ସୁଚାରୁ ରୂପେ ଚଳାଇବା ପାଇଁ ଟ୍ରକ ମାଲିକ ସଂଘ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଦୁଇ ବର୍ଷରେ ଥରେ ସଂଘ ନିର୍ବାଚନ ହୋଇଥାଏ। ତେବେ କିଛି କୁଚକ୍ରୀ ଟ୍ରକ ମାଲିକ ମିଳିତ ହୋଇ ମନ୍ଦ ଉଦ୍ଦେଶ୍ୟରେ ସଂଘରେ ଜାଲିଆତି କରି ସଦସ୍ୟଙ୍କ ମେଳି ବାନ୍ଧିବା ଘଟଣା ପ୍ରକୃତ ମାଲିକଙ୍କ ପାଇଁ ସମସ୍ୟା ଆଣିଦେଇଛି। ସଂଘ ନିର୍ବାଚନ ଲଢ଼ୁଥିବା କିଛି କର୍ମକର୍ତ୍ତା ଏ ନେଇ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଅଧିକାଂଶ ମାଲିକ ନିଜ ଟ୍ରକକୁ ବହୁ ବର୍ଷ ହେଲା ବିକ୍ରି କରିଦେଇଥିଲେ ମଧ୍ୟ ଏବେ ବି ସଂଘରେ ସଦସ୍ୟ ଅଛନ୍ତି। ଭୋଟର ତାଲିକାରେ ସେମାନଙ୍କ ନାମ ପ୍ରକାଶ କରାଯାଇଛି। ବର୍ତ୍ତମାନର କିଛି ଅସାଧୁ ସହଯୋଗୀଙ୍କ ସହ ମିଶି ଏପରି ତଞ୍ଚକତା ନୀତି ଅପଣାଇ ଯେନତେନ ଉପାୟରେ ନିର୍ବାଚନ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଥିବା କୁହାଯାଉଛି। ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

**ଟ୍ରକ ମାଲିକ ସଙ୍ଘ ନିର୍ବାଚନ ରଣାଙ୍ଗନରେ ଏମସିଏଲ କର୍ମଚାରୀ**
**ହରଡ଼ଘଣାରେ ଟ୍ରକ ମାଲିକ**



## ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ



ବଅଁରପାଳ,୧୫ ।୯ (ସମିସ): ବଅଁରପାଳ ବଣିକ ମହାସଂଘ ଓ ସମସ୍ତ ପୂଜା କମିଟି ପକ୍ଷରୁ ହେବାକୁ ଥିବା ଆଗାମୀ ଗଜଲକ୍ଷ୍ମୀ ପୂଜା ପାଇଁ ବଅଁରପାଳ ଥାନା ପରିସରରେ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂଙ୍କ ସଭାପତିତ୍ୱରେ ପ୍ରାଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ୧୩ଟି ପେଣ୍ଡାଲରେ ମା'ଙ୍କ ପୂଜା ଅନୁଷ୍ଠିତ ହେବ। ପୂର୍ବବର୍ଷ ଭଳି ସମସ୍ତ ବ୍ୟବସ୍ଥା କରିବାକୁ ବୈଠକରେ ସହମତି ପ୍ରକାଶ ପାଇଛି। ଭସାଣି ସମୟରେ ଡିଜେ ଓ ଲେଜର ଲାଇଟ ବ୍ୟବହାର ନ କରିବାକୁ ଥାନା ଅଧିକାରୀ ପୂଜା କମିଟିଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ପୂଜା ମଣ୍ଡପଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ ରଖିବା, ସିସି କ୍ୟାମେରା ବ୍ୟବସ୍ଥା କରିବା ଓ ଶାନ୍ତିଶୃଙ୍ଖଳା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ମହାସଂଘ ସଭାପତି ଉପେନ୍ଦ୍ର ସାହୁ, ଖଗେଶ୍ୱର ପରିଡ଼ା, କୋଷାଧ୍ୟକ୍ଷ ବିଜୟ କୁମାର ସାମଲ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ଅଖିଳ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● ଆଜି ଡିଏମଏଫ୍ ଓ ଆରପିଡିଏସି ବୈଠକ

## ରାଣୀ ପାର୍କକୁ ପ୍ରାଣୀ ଉଦ୍ୟାନ କରିବା ସହ ଅନ୍ୟ ପ୍ରକଳ୍ପକୁ ମଞ୍ଜୁରି ଦେବାକୁ ଦାବି

ତାଳଚେର,୧୫ ।୯ (ସମିସ): ମଙ୍ଗଳବାର ଆରପିଡିଏସି ଓ ଡିଏମଏଫ୍ ବଣ୍ଟନ ନେଇ ଉଚ୍ଚସ୍ତରୀୟ ବୈଠକ ହେବାକୁ ଯାଉଛି। ବୈଠକରେ କେବଳ ଖଣି ପ୍ରଭାବିତ ଅଞ୍ଚଳର ବିକାଶ ସହ କ୍ଷତିଗ୍ରସ୍ତଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯିବ। ଏଥିରେ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଲୋକପ୍ରତିନିଧିମାନେ ଅଞ୍ଚଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲୋକଙ୍କଠାରୁ ବିକାଶ ସମ୍ପର୍କରେ ଅବଗତ ହୋଇ ବିଭିନ୍ନ ପ୍ରକଳ୍ପର ପ୍ରସ୍ତାବ ରଖିଥାନ୍ତି। ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଲୋକପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ସମ୍ପୃକ୍ତ ଶିଳ୍ପସଂସ୍ଥା ଅଧିକାରୀଙ୍କ ଆନ୍ତରିକତା ରହିବା ଆବଶ୍ୟକ ବୋଲି ତାଳଚେର ମାଟିର ପୁଅ ତଥା ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ କହିଛନ୍ତି। ତାଳଚେର ସହରକୁ ଲାଗି ପ୍ରାୟ ୭୦୦ ଏକର ବିଶିଷ୍ଟ ରାଣୀପାର୍କ ଜଙ୍ଗଲ ରହିଛି। ସମସ୍ତଙ୍କ ସହଯୋଗରେ ଏହି ଜଙ୍ଗଲ ଚାରିପାଖରେ ପାଚେରି ନିର୍ମାଣ କରଯାଇଛି। ସ୍ଥାନୀୟ ଲୋକଙ୍କ ପ୍ରସ୍ତାବ ମୁତାବକ ଏଠାରେ ଏକ ପ୍ରାଣୀ ଉଦ୍ୟାନ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କଲେ ଅଞ୍ଚଳର ବିକାଶ ଆଉ ପାଦେ ଆଗକୁ ବଢ଼ିବ ବୋଲି ସାହୁ କହିଛନ୍ତି। ସେହିପରି ପୂର୍ବତନ ସାଂସଦ ସାହୁ ତାଳଚେରର ବିକାଶ ପାଇଁ ଏକ ନକ୍ସା ପ୍ରସ୍ତୁତ କରି ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ୭/୮ ମାସ ତଳେ ତାଳଚେର ଉପଜିଲ୍ଲାପାଳ ସମିର କୁମାର ଜେନା, ତହସିଲଦାର, ପୌର ନିର୍ବାହୀ ଅଧିକାରୀ ପ୍ରମୁଖଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଥିଲେ। ନିକଟରେ ଏଥିରେ ଆଉ କିଛି ପ୍ରକଳ୍ପ ପ୍ରସ୍ତାବ ଯୋଡ଼ି ଏ ସମ୍ପର୍କରେ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ସହ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଥିଲେ। ପ୍ରଶାସନ ଏହିସବୁ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ବିଦ୍ୟାଳୟରୁ ନାଗସାପ ଉଦ୍ଧାର

**ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ**

ବଇଣ୍ଡା,୧୫ ।୯ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରୁ ସୋମବାର ସକାଳେ ଏକ ନାଗସାପ ଉଦ୍ଧାର କରାଯାଇଛି। ପାଠପଢ଼ା ଚାଲିଥିବା ବେଳେ ଜଣେ ଛାତ୍ର ସାପକୁ ଦେଖିଥିଲେ। ପରେ ସମସ୍ତ ଛାତ୍ରଛାତ୍ରୀ ଭୟରେ ବାହାରକୁ ପଳାଇଥିଲେ। ସାପକୁ ଉଦ୍ଧାର କରିବା ପାଇଁ ଶିକ୍ଷୟତ୍ରୀ ବାସନ୍ତି ନାୟକ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଛନ୍ତି।

## ଜାତୀୟ ରାଜପଥରେ ଜମୁଛି ପାଣି

ଅନୁଗୋଳ/ବଇଣ୍ଡା,୧୫ ।୯ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡାଠାରୁ ବାମୁର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଜାତୀୟ ରାଜପଥ କାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ରାଜପଥର ଅନେକ ସ୍ଥାନରେ ବର୍ଷାଜଳ ଜମୁଥିବା ବେଳେ ଅଧିକାଂଶ ସ୍ଥାନରେ ରାସ୍ତା ଫାଟିଗଲାଣି। କାମ ସମୟରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସଠିକ ଭାବେ ତଦାରଖ କରାଯାଇ ନ ଥିବାରୁ ଏ ଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାରେ ପାଣି ଜମୁଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଏ ନେଇ ହଣ୍ଡପା ଗ୍ରାମବାସୀ ସୋମବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏହାର ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଜାତୀୟ ରାଜପଥ ବିଭାଗ ସମ୍ବଲପୁର ପିଡି, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି।



**ନିମ୍ନମାନର କାମ ଅଭିଯୋଗ**

## ପାର୍କିଂ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ଅନୁଗୋଳ,୧୫ ।୯ (ସମିସ): ଅନୁଗୋଳ ସହରରେ ଥିବା ମଲ୍‌ଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ସୋମବାର ପୌରପାଳିକା ସଭାକକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ପୂଜା ସମୟରେ କିଭଳି ଟ୍ରାଫିକ ବ୍ୟବସ୍ଥା କରିବେ ସେ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ବୈଠକରେ ଅଧ୍ୟକ୍ଷତା କରି ପାର୍କିଂ ନିୟମ ଉପରେ ଆଲୋଚନା କରିଥିଲେ। ମଲ୍ ମାଲିକମାନେ ପାର୍କିଂ ପ୍ଲାନ୍ ଅନୁସାରେ ଗାଡ଼ି ପାର୍କିଂ କରାଇବେ। ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ରଖି ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥା ନିୟନ୍ତ୍ରଣ କରିବେ। ପୌରପାଳିକା ପକ୍ଷରୁ ନିଯୁକ୍ତ ଟିମ୍ ପ୍ରତିଦିନ ପାର୍କିଂ ବ୍ୟବସ୍ଥା ତଦାରଖ କରିବେ। ଯାହାର ପାର୍କିଂ ଏରିଆ ନାହିଁ ଏବଂ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକ ହେଲେ ଦୋକାନ ସିଲ୍ କରାଯିବ ବୋଲି ନିର୍ବାହୀ ଅଧିକାରୀ ତ୍ରିପାଠୀ ଚେତାଇ ଦେଇଛନ୍ତି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କିଶୋରନଗର,୧୫ ।୯ (ସମିସ): କିଶୋରନଗର ବ୍ଲକ ଅନ୍ତର୍ଗତ ବଇଣ୍ଡା ଶିକ୍ଷକପଡ଼ା ଶ୍ରୀରାମ ମନ୍ଦିର କମିଟି ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବଇଣ୍ଡା ବିଦ୍ୟୁତ୍ ବିଭାଗ ଅଧିକାରୀ ଅକ୍ଷୟ କୁମାର ସାହୁ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। କମିଟିର ରଜତ ସାହୁ, ରାମଚନ୍ଦ୍ର ପରିଡ଼ା, ବିକାଶ ସେଠୀ, ଅମିୟ ସାହୁ, ସୁମନ୍ତ ସାହୁ, ଶରତ ସେଠୀ, ଜିତେନ୍ଦ୍ର ପ୍ରଧାନ, ସନ୍ତୋଷ ସାହୁ, ସୀତା ସେଠୀ, ଗୀତାଞ୍ଜଳି ଜେନା, ନିରୁପମା ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରୁ ୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. କୁମାର ସୌରଭ ସବ୍ୟସାଚୀ ଓ ସମସ୍ତ କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।



ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୭.୦୯.୨୦୨୫
(ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି
କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,
ଡଃ ବୁଦ୍ଧ ଦେବ ମିଶ୍ର

**'ସ୍ୱପ୍ନର ଭାସ୍ୱତୀ ଶ୍ୱେତପଦ୍ମା'ର ପଞ୍ଚମ ବାର୍ଷିକ ଉତ୍ସବ**

## 'ସାହିତ୍ୟର ଅଭିବୃଦ୍ଧି ହିଁ ମାନବତାର ଅଭିବୃଦ୍ଧି'

ଅନୁଗୋଳ,୧୫ ।୯ (ସମିସ): ଅନୁଗୋଳରୁ ପ୍ରକାଶିତ ସାହିତ୍ୟ ପତ୍ରିକା ସ୍ୱପ୍ନର ଭାସ୍ୱତୀ ଶ୍ୱେତପଦ୍ମାର ପଞ୍ଚମ ବାର୍ଷିକ ଉତ୍ସବ, ଶାରଦୀୟ ପତ୍ରିକା ଲୋକାର୍ପଣ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଜିଲ୍ଲା ପାଠାଗାର ପରିସରରେ ଅନୁଷ୍ଠିତ ହୋଇଛି। ପତ୍ରିକାର ସମ୍ପାଦିକା କବୟିତ୍ରୀ ଅନୀତା ପାଣିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଶିକ୍ଷାବିତ୍ ଡ. ପ୍ରଶାନ୍ତ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ଧରଣୀଧର ନାଥ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ କବି ପିନାକୀ ମିଶ୍ର, ବରେଣ୍ୟ ଅତିଥି ଭାବେ ବରିଷ୍ଠ ପ୍ରଶାସକ ତଥା ପ୍ରାବନ୍ଧିକ ତପନ କୁମାର ଶତପଥୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଡ. ସଦାନନ୍ଦ ପରିଡ଼ା ଆବାହନୀ ଶ୍ଳୋକ ଉଚ୍ଚାରଣ କରିଥିଲେ। ପତ୍ରିକାର ଉପଦେଷ୍ଟା ସ୍ୱର୍ଗତ ବିଭୂତି ଭୂଷଣ ସାହୁ ଓ କଳ୍ପନା ପ୍ରଧାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ପଦ୍ମଶ୍ରୀ ମିଶ୍ର କହିଲେ, ବିଶ୍ୱର ପ୍ରଥମ ସାହିତ୍ୟ କବିତାରୁ ସୃଷ୍ଟି ହୋଇଥିଲା। ପ୍ରତ୍ୟେକ ଘଟଣାକୁ ଗଭୀର ଅନ୍ତର୍ଦୃଷ୍ଟିରେ ଦେଖି ତାକୁ ଭାବ ଓ ଭାଷା ଦେଇ ଲେଖିଲେ ତାହା ସାହିତ୍ୟର ରୂପ ଧାରଣ କରିଥାଏ। ସାହିତ୍ୟ ସାଧନା ବ୍ରହ୍ମ ସାଧନା ସହ ସମାନ। ସାହିତ୍ୟିକକୁ କାଳିଶି ନ ମାଡ଼ିଲେ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟି ହୋଇପାରିବ ନାହିଁ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଡ. ନାଥ କହିଲେ, ସାହିତ୍ୟର ଅଭିବୃଦ୍ଧି ହିଁ ମାନବତାର ଅଭିବୃଦ୍ଧି। କଳ୍ପନାର ଉଡ଼ରଣ ସହ କବିର ଦୃଷ୍ଟିଭଙ୍ଗୀ ଭିନ୍ନ ହେଲେ ହିଁ କବିତା ରସଗ୍ରାହୀ ହୋଇପାରିବ ବୋଲି କହିଥିଲେ। ପରେ ଅତିଥିଙ୍କ ଦ୍ୱାରା "ସ୍ୱପ୍ନର ଭାସ୍ୱତ ଶ୍ୱେତପଦ୍ମା'ର ଶାରଦୀୟ ବିଶେଷାଙ୍କ ଓ କବୟିତ୍ରୀ ଅନୀତା ପାଣିଙ୍କ ଶିଶୁ କବିତା ସଂକଳନ "ମନ ରାଇଜର ରଜା' ଉନ୍ମୋଚିତ ହୋଇଥିଲା। ପ୍ରଫେସର କୁମୁଦ ଚନ୍ଦ୍ର ଦାଶଙ୍କୁ ଶ୍ୱେତପଦ୍ମା ପ୍ରବନ୍ଧ ସମ୍ମାନ, କବୟିତ୍ରୀ ଶର୍ମିଷ୍ଠା ସାହୁଙ୍କୁ ଶ୍ୱେତପଦ୍ମା କବିତା ସମ୍ମାନ, ଡା. ସୁଷମା ଚୌଧୁରୀଙ୍କୁ ଶ୍ୱେତପଦ୍ମା ଗଳ୍ପ ସମ୍ମାନ, ଓଁ ଅଭିଜ୍ଞାନ ସାହୁଙ୍କୁ ଶ୍ୱେତପଦ୍ମା ରମ୍ୟରଚନା ସମ୍ମାନ ଓ କବୀ ମାନମୟୀ ରଥଙ୍କୁ ଶ୍ୱେତପଦ୍ମା ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଥିଲା। ବରିଷ୍ଠ କବୟିତ୍ରୀ ଡ. ଇନ୍ଦିରା ଦାଶଙ୍କ ସଂଯୋଜନାରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବରେଣ୍ୟ ବକ୍ତା ଭାବେ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ଓ ସମୀକ୍ଷକ ଭାବେ ସାହିତ୍ୟିକ ହିମାଂଶୁ ପରିଡ଼ା ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା ଓ ନୀହାରିକା ସାହୁ କାର୍ଯ୍ୟକ୍ରମ ସଂଯୋଜନ କରିଥିଲେ। କବି ତ୍ରିନାଥ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପତ୍ରିକାର ସହସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟିକା ଗାୟତ୍ରୀ ଦାସ, ବିସ୍ମିତା ସାହୁ, ସୁବ୍ରତ ପ୍ରଧାନ, ଦୀପ୍ତିମୟୀ ବିଶ୍ୱାଳ, ଗୀତାମୟୀ ମହାପାତ୍ର, ବିଭୂତି ଭୂଷଣ ପାଣି, ମନୋଜ କୁମାର ବେହେରା, ସତ୍ୟସୁନ୍ଦର ଦାସ ପ୍ରମୁଖ ସହଯୋଗ କରିଥିଲେ।



ରୋଟାରିଆନ
ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ
ସମ୍ମାନଜନକ ଡକ୍ଟରେଟ୍ ଉପାଧି !



ଗତ ତା ୧୪.୦୯.୨୦୨୫ ରିଖରେ ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି । ଶ୍ରୀ ବିଶ୍ୱାଳ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗପତି । ସେହିପରି ସେ ଜଣେ ଉତ୍ସାହୀ ସମାଜସେବୀ । ସାମାଜିକ ଉତ୍ଥାନ ଦିଗରେ ସେ ସତ ଚେଷ୍ଟିତ । କୋଭିଡ ମହାମାରୀ ସମୟରେ ବସ୍ତିରେ ତାଙ୍କର ରନ୍ଧାଖାଦ୍ୟ ବାଣ୍ଟିବା ପ୍ରଂଶସନୀୟ । ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସଦାସର୍ବଦା ଲିପ୍ତ । ତାଙ୍କ ପାଇଁ ଆଜି ଆମ ଓଡ଼ିଶା ରାଜ୍ୟ ଗର୍ବିତ।

## ପ୍ରତିଶ୍ରୁତି ଦେଇ ଭୁଲିଗଲା ପ୍ରଶାସନ

# ବିକାଶ ଖୋଜୁଛି ବୁରୁସାହି



### ୩ ବର୍ଷ ହେଲା ଅନ୍ଧାରରେ ସାହିବାସୀ



କବାଟବନ୍ଧ, ୧୫।୯ (ସମିସ)

ସ୍ୱାଧୀନତାର ୭୯ ବର୍ଷ ପରେ ମଧ ଯାଜପୁର ଭଳି ଏକ ଜିଲ୍ଲାରେ ଲୋକମାନେ ମୌଳିକ ସୁବିଧା ଏବଂ ଅଧିକାରରୁ ବଞ୍ଚିତ ରହିବା ଏକ ଦୁର୍ଭାଗ୍ୟଜନକ କଥା ବୋଲି ମନେ ହୁଏ। ବିନା ବିଦ୍ୟୁତ୍ ୩ ବର୍ଷ ହେଲା ଅନ୍ଧାରରେ ରହୁଛନ୍ତି। ଟର୍ଚ୍ଚଲାଇଟ ଚାର୍ଜ କିମ୍ବା ମୋବାଇଲ ଫୋନ୍‌ଟିଏ ଚାର୍ଜ କରିବା ପାଇଁ ବାରଦୁଆର ହେବାକୁ ପଡୁଛି। ପାନୀୟ ଜଳ, ଶିକ୍ଷା ଭଳି ଅତି ଆବଶ୍ୟକୀୟ ସୁବିଧାରୁ ବଞ୍ଚିତ ହେଉଛନ୍ତି ୨୮ ପରିବାର। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ବୁରୁସାହି ଗ୍ରାମରେ। ବିକାଶର 'ବ' ଅକ୍ଷର ଜାଣି ନ ଥିବା ନିରୀହ ଆଦିବାସୀମାନଙ୍କ ସହିତ ଜିଲ୍ଲା ପ୍ରଶାସନ ଛଳନା କରିଆସୁଛି। ଛୋଟ ପିଲାଟିକୁ ମା'ଟିଏ ଜହ୍ନ ଆଣିଦେବି କହି ଭୁଲାଇବା ଭଳି ବିକାଶର ଶୀର୍ଷକୁ ନେଇଯିବୁ କହି ଭୁଲିଯାଇଛି ଜିଲ୍ଲା ପ୍ରଶାସନ। ଏଠାରେ ରହୁଥିବା ଆଦିବାସୀମାନଙ୍କୁ ଦେଖିଲେ କେହି କାହାର ବି ଭାବପ୍ରବଣ ହୋଇ ଆଖିରୁ ଲୁହ ଝରିଯିବ। ଜାତୀୟ ରାଜପଥ ୫୩ ନମ୍ବର ଠାରୁ ଅଳ୍ପ ଦୂରରେ ଏହି ଗାଁଟି ଅବସ୍ଥିତ ହୋଇଥିଲେ ମଧ ଜଙ୍ଗଲ ଘେରା ଭିତରେ ଯାଉଛି ଜୀବନ। କାଗଜ କଲମରେ ପ୍ରଶାସନ ଏହାର ବିକାଶ କରୁଥିବା ପ୍ରଚାର କରୁଥିଲେ ମଧ କେବେ ବାସ୍ତବ ଚିତ୍ର ପରଖିବାକୁ କେବେ ଇଚ୍ଛା ପ୍ରକାଶ କରିନାହାଁନ୍ତି। ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଲଜ୍ଜାଜନକ ମନେ ହୁଏ। ଗ୍ରାମରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ବିପଦପୂର୍ଣ୍ଣ ଭାବେ ଜୀବନ କାଟୁଛନ୍ତି। ଯାଜପୁରର ତତ୍କାଳୀନ ଜିଲ୍ଲାପାଳ ରଞ୍ଜନ କୁମାର ଦାସ ୨୦୧୫-୧୬ ମସିହାରେ ଏହି ଗ୍ରାମକୁ ପରିଦର୍ଶନ କରି ଏକ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲେ ମଧ୍ୟରେ ବାସ୍ତବ ରୂପ ନେଇ ପାରିଲାନାହିଁ। ପରବର୍ତ୍ତୀ ସମୟରେ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ସହିତ ପାନୀୟ ଜଳ ପାଇଁ ନଳକୂପ ସ୍ଥାପନ କରାଯାଇଛି। ମାତ୍ର ଉକ୍ତ ନଳକୂପର ଜଳରୁ ଲୁହା ଗୁଣ୍ଡ ମିଶା ପାଣି ବାହାରି ତାହା ପାନୀୟ ଉପଯୋଗୀ ହେଉ ନାହିଁ। ଏହାକୁ ପିଇ କିଡନୀ ରୋଗରେ ଆକ୍ରାନ୍ତ ହେଉଥିବା ଜାଣି ବାଧ ହୋଇ ଖୋଲା କୂଅର ଜଳକୁ ବ୍ୟବହାର କରୁଛନ୍ତି। ଏହି ଗାଁକୁ ବିଦ୍ୟୁତ ସଂଯୋଗ ହେବା ପର ଠାରୁ ମାତ୍ର ଅଳ୍ପ ଦିନ ପରେ ଟ୍ରାନ୍ସଫର୍ମରରୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଛି। ବିଦ୍ୟୁତ୍ ଠିକ ଭାବେ ବ୍ୟବହାର ଏବଂ ଏମାନଙ୍କର ରହୁଥିବା ଘରେ ବିଦ୍ୟୁତ ଚାର୍ଜର ସମ୍ଭାବନା ରହିଥିବାରୁ ବର୍ଷା ଋତୁ ଆରମ୍ଭରେ ଏମାନଙ୍କ ବିଦ୍ୟୁତ ବିଚ୍ଛିନ୍ନ କରାଯାଏ। ମାତ୍ର ଗତ ଅକ୍ଟୋବର ୨୦୨୨ ମସିହା ଠାରୁ ଏମାନଙ୍କ ଲାଇନ୍‌କୁ ସ୍ଥାୟୀ ଭାବେ ବିଦ୍ୟୁତ ବିଭାଗ କାଟି ଦେଇଛି। ପାଖାପାଖି ୩୫ ମାସ ହେଲା ଜଙ୍ଗଲ ଭିତରେ ଅନ୍ଧାରରେ ଜୀବନ କାଟୁଛନ୍ତି। ଇଲେକ୍ଟ୍ରି ବିଲ୍ ବାକି ଥିବା କହି ବିଦ୍ୟୁତ ବିଭାଗ ଏହି କରେଣ୍ଟକୁ କାଟିଥିବା ଜାଣିବାକୁ ମିଳିଛି। ମାତ୍ର ବିଲ୍ ବାକି ଥିବା ପରିବାରର କରେଣ୍ଟ ନ କାଟି ଟ୍ରାନ୍ସଫର୍ମରରୁ କାଟି ଦେବା ଫଳରେ ଗାଁ ଦାଣ୍ଡରେ ଲାଗିଥିବା ଲାଇଟ୍‌ଗୁଡ଼ିକ ମଧ ଜଳି ପାରୁନାହିଁ। ଯାହା ଦ୍ୱାରା ଜଙ୍ଗଲୀ ଜୀବଜନ୍ତୁ, ସରୀସୃପକୁ ନେଇ ପ୍ରତ୍ୟେକ ମୁହୂର୍ତ୍ତରେ ବିପଦ ରହିଥିଲେ ମଧ ପ୍ରଶାସନ ସେଥିପ୍ରତି ସଚେତନ ହେଉନାହିଁ। ରାତି ସମୟରେ ଟର୍ଚ୍ଚ ଲାଇଟର ଜରୁରୀ ଆବଶ୍ୟକତା ରହିଥିବା ବେଳେ ଚାର୍ଜ କରିବାକୁ ଲାଇନ୍ ନ ଥିବାରୁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଘର ଠାରୁ ପ୍ରାୟ ୨ କିଲୋମିଟର ଦୂର ପର୍ଯ୍ୟନ୍ତ ଯାଇ ଚାର୍ଜ କରିବା ପାଇଁ କେଉଁ ଦୋକାନୀକୁ ନେହୁରା ହେବାକୁ ପଡୁଛି। ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ କେହି କେହି ହତାଦର କରି ଫେରେଇ ଦେଉଥିବା ଗ୍ରାମର ରାମ କିଷାନ ସିଂ, ଅର୍ଜୁନ ହେମ୍ବ୍ରମ, ବିଜୟ ବାଙ୍ଗରା, ଗଙ୍ଗା ସିଂ, ଗୋପି ଦିଗା ମୁନା, ହାଡ଼ିବନ୍ଧୁ ଲମହା, ହାରାମଣି ଲମହା, ଜନମ ସିଂ, ମଧୁ ମୁଣ୍ଡା, ନାଲୁ ଜେରିଆ, ପାଣ୍ଡେ ଚାତରା, ସୁନାରାମ ବାନ୍ଦ୍ରା, କହିଛନ୍ତି। ଗତ ଲଘୁଚାପ ବର୍ଷା ଯୋଗୁଁ ଗାଁ ଭିତରେ ଥିବା ବିଦ୍ୟୁତ୍ ଖୁଣ୍ଟ ମଧ ଗୋଟିଏ ପଟକୁ ନଇଁ ପଡ଼ିଛି। ଏଭଳି ସ୍ଥିତିରେ ସରକାର ଉକ୍ତ ଗ୍ରାମ ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟୁତ୍ ସୁବିଧା କିମ୍ବା ସୋଲାର ବିଦ୍ୟୁତ ବ୍ୟବସ୍ଥା କରିବା ପାଇଁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

● କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ପ୍ରୀତିରଞ୍ଜନ

## ସୁକିନ୍ଦାଗଡ଼ରେ ଫ୍ଲାଏଓଭର ବ୍ରିଜ ନିର୍ମାଣ ଦାବି



ସୁକିନ୍ଦା, ୧୫।୯ (ସମିସ): ଜାତୀୟ ରାଜପଥ-୫୩ର ଡୁବୁରୀ ଠାରୁ କାମାକ୍ଷାନଗର ସେକ୍ସନ ରାସ୍ତା ୨୦୨୩ ମସିହା ଅଗଷ୍ଟ ମାସ ୫ ତାରିଖ ଦିନ ଉଦ୍‌ଘାଟିତ ହୋଇ ଦୁଇ ବର୍ଷ ଅତିବାହିତ ହୋଇଯାଇଥିବା ବେଳେ ସୁକିନ୍ଦାଗଡ଼ ଛକ ନିକଟରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଦୈନନ୍ଦିନ ଏହି ରାସ୍ତାରେ ସୁକିନ୍ଦା କ୍ରୋମ ଭ୍ୟାଲି ଏବଂ ତାଳଚେର କୋଇଲା ଖଣି ଅଞ୍ଚଳରୁ ଆସୁଥିବା ହଜାର ହଜାର ଭାରୀଯାନ ଏବଂ ଟ୍ରକ୍ ଯାତାୟତ କରୁଥିବା ବେଳେ ଏଥିପାଇଁ ସାଧାରଣ ଜନତା ଅକଥନୀୟ ଦୁର୍ଦ୍ଦଶା ଭୋଗ କରୁଛନ୍ତି ଏବଂ ସୁକିନ୍ଦାଗଡ଼ ଛକରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଫ୍ଲାଏଓଭର ବ୍ରିଜ ହେବାକୁ ଥିବା ରାସ୍ତା ନିକଟରେ ବର୍ଷା ଋତୁ ସମୟରେ ଶହ ଶହ ଗର୍ତ୍ତ ସୃଷ୍ଟି ହେବା କାରଣରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ୫୩ ନଂ ଜାତୀୟ ରାଜପଥ ସୁକିନ୍ଦାଗଡ଼ ଛକର ଉଭୟପାର୍ଶ୍ୱରେ ବ୍ଲକ ଅଫିସ, ଜେଏମ୍‌ଏଫସି କୋର୍ଟ, ତହସିଲ, ସବରେଜିଷ୍ଟ୍ରାର ଅଫିସ, ସବଟ୍ରେଜେରୀ ଅଫିସ, ସୁକିନ୍ଦା ସିଏଚ୍‌ସି, ହାଇସ୍କୁଲ, କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ ଏବଂ ପୁଲିସ ଷ୍ଟେସନ ଇତ୍ୟାଦିକୁ ଯିବାଆସିବା କରିବା ପାଇଁ ଦୈନିକ ହଜାର ହଜାର ସଂଖ୍ୟାରେ ସାଧାରଣ ଲୋକ ଏହି ଛକ ଉପରେ ନିର୍ଭର କରୁଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ। ତେଣୁ ସୁକିନ୍ଦାଗଡ଼ ଛକରେ ଫ୍ଲାଏଓଭର ବ୍ରିଜ ନିର୍ମାଣ କରିବା ପାଇଁ ଟେଣ୍ଡର ଡାକି ଯଥାଶୀଘ୍ର ପଦକ୍ଷେପ ନେବାକୁ କେନ୍ଦ୍ର ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଜୟରାମ ଗଡ଼କରୀଙ୍କୁ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ପତ୍ର ଲେଖି ଅନୁରୋଧ କରିଛନ୍ତି।

## ବଡ଼ଚଣାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ଯାଜପୁର, ୧୫।୯ (ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୩୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୭୨ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬୭ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଲକ୍ଷ୍ମୀଧର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଚଣା, ତହସିଲଦାର ଦର୍ପଣୀ ମାନସ କୁମାର ତ୍ରିପାଠୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଚିରସବୁଜ ଗୀତ ସଙ୍ଗୀତ କାର୍ଯ୍ୟକ୍ରମ




ଯାଜପୁର, ୧୫।୯ (ସମିସ): ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଦୁଇଦିନ ଧରି ଚାଲିଥିବା ଚିରସବୁଜ ଗୀତ ସଙ୍ଗୀତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସଙ୍ଗୀତ ହେଉଛି ଜୀବନବେଦ, ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାକୁ ହେଲେ ଶୁଦ୍ଧ ସଙ୍ଗୀତର ଶାଶ୍ୱତଧାର ସହିତ ଏକାମତ୍ତ ହେବା ଉଚିତ ବୋଲି ଯାଜପୁରର ଚର୍ଚ୍ଚିତ କଳା ଓ ସାଂସ୍କୃତିକ ଗବେଷଣା ଅନୁଷ୍ଠାନ କଳିଙ୍ଗ ଭାରତୀ ଫୋକ୍ ଡ୍ୟାନ୍ସ ଏଣ୍ଡ ରିସର୍ଚ୍ଚ ସେଣ୍ଟରର ଏକ ମନଛୁଆଁ ସଙ୍ଗୀତ ସମାରୋହର ଉଦଯାପନୀ ସନ୍ଧ୍ୟାରେ ଯୋଗ ଦେଇ ବିଶିଷ୍ଟ ଅତିଥି, ବକ୍ତା, ଗବେଷକମାନେ ମତ ପ୍ରଦାନ କରିଛନ୍ତି। ଅନୁଷ୍ଠାନ ର ସଭାପତି ତଥା ଆଇନଜୀବୀ ହରିହର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତୀୟ ପ୍ରଶାସନିକ ଅଧିକାରୀ ଡ. ଅଲେଖ ଚନ୍ଦ୍ର ପଡ଼ିହାରୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନିରଞ୍ଜନ ବାରିକ, ସମ୍ମାନିତ ଅତିଥି ଭାବେ ଜେନୋଭାର ପରିଚାଳନା ନିର୍ଦ୍ଦେଶକ ନୃସିଂହନାଥ ନନ୍ଦ, ଅତିରିକ୍ତ ଆୟୁକ୍ତ ଭୁଲେଖ ବନ୍ଦୋବସ୍ତ ଅକ୍ଷୟ କୁମାର ମଲ୍ଲିକ, ବିରଜାରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଦାନଗଦି ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଡ.କୈଳାଶ ଚନ୍ଦ୍ର ବେହେରା ବିବରଣୀ ପାଠ ଓ ପରିଚୟ ପ୍ରଦାନ କରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସୁଲେଖକ ତଥା ଅଧାପକ ଦାମୋଦର ବେହେରା ସମାବେଶକୁ ସଞ୍ଚାଳନ କରିଥିଲେ।

## ଉଦୟଶ୍ରୀ ସାଂସ୍କୃତିକ ପରିଷଦର କବିତା ପାଠୋତ୍ସବ



ବରୀ, ୧୫।୯ (ସମିସ): ବରୀ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଉଦୟଶ୍ରୀ ସାଂସ୍କୃତିକ ପରିଷଦ' ପକ୍ଷରୁ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଗୋଲକୁଣ୍ଡ ପଞ୍ଚାୟତସ୍ଥ ସିଙ୍ଗିଜୋରି ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି, ସୁସାହିତ୍ୟିକ ତଥା ପରିଷଦର ସଭାପତି ବିଶ୍ୱନାଥ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ମୁଖ୍ୟବକ୍ତା ଭାବେ ପ୍ରାଧାପକ ପ୍ରଶାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ କବି ମହେଶ୍ୱର ଜେନାସାମନ୍ତ ଓ କବି ନିମାଇଁ ଚରଣ ଦାସ ପ୍ରମୁଖ ଯୋଗ ଦେଇ ଯୁବ ପ୍ରତିଭାଙ୍କୁ ସାହିତ୍ୟ ପ୍ରତି ରୁଚି ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସଫଳ ପାଇଥିବା ଲିପ୍‌ସାରାଣୀ ଦାସ, କ୍ରୀତିସୁଦ୍ଧା ପାଢ଼ୀ, ଦେବସ୍ମିତା ଜେନା ଓ ଶୁଭମ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା କଣ୍ଠଶିଳ୍ପୀ ଶିବ ପ୍ରସାଦ ଦାସ, ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ନିହାର ରଞ୍ଜନ ପତି, ଲାଙ୍ଗୁଡି ସୁରକ୍ଷା ମଞ୍ଚର ସଭାପତି ଆଲୋକ ଜେନାସାମନ୍ତ, ସାମ୍ବାଦିକ ଚିନ୍ମୟ ନାୟକ ଓ ବିଶ୍ୱଭୂଷଣ ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍‌ସାହିତ୍ୟ ପୁରସ୍କାରପ୍ରାପ୍ତ ଡ. ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ନାରାୟଣ ପ୍ରସାଦ ଦାସ ଅତିଥି ପରିଚୟ ଓ ଅନୁଷ୍ଠାନର ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀପାଠ କରିଥିଲେ। କବି ଡ. ଅଜୟ କୁମାର ଜେନା ସଂଯୋଜନାରେ ବହୁ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପରିଷଦର ବରିଷ୍ଠ ସଭ୍ୟ ଉପେନ୍ଦ୍ର ସାହଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଙ୍ଘର ଦାବିପତ୍ର

ଯାଜପୁର, ୧୫।୯ (ସମିସ): ଯାଜପୁର ଜିଲ୍ଲା ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଙ୍ଘ ତରଫରୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଦୁଇ ଦଫା ଦାବି ନେଇ ଯାଜପୁର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୦୪ ମସିହାରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରି ସହ ଯୋଗ କରିବା, ୬ ଗୋଟି ନେସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯଦି ସରକାର ଖୁବଶୀଘ୍ର ଏହି ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ସେପ୍ଟେମ୍ବର ୨୨ ତାରିଖରେ ବିଧାନସଭା ଘେରଉ କରାଯିବା ସହ ଅହୋରାତ୍ର ଆମରଣ ଅନଶନରେ ବସିରହିବେ ବୋଲି ଜିଲ୍ଲା ମାଧ୍ୟମିକ ଏନ୍‌ପିଏସ୍ ଶିକ୍ଷକ ସଙ୍ଘର ସଭାପତି ରାଜେନ୍ଦ୍ର ଶତପଥୀ, ସମ୍ପାଦକ ଶିବଶଙ୍କର ଯେନା ଓ କୋଷାଧକ୍ଷ ସୁଧୀର ରଞ୍ଜନ ସାମଲ ମତପ୍ରକାଶ କରିଛନ୍ତି। ଏହି ଅବସରରେ ଶତାଧିକ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ସଙ୍ଘର ସଦସ୍ୟ ବୃନ୍ଦ ବ୍ରହ୍ମାନନ୍ଦ ବାରିକ, ଜିତେନ୍ଦ୍ର ସାହୁ, କୁମାରସେନ ସେନାପତି, ଅମରେଶ ପଣ୍ଡା, ଜଗନ୍ନାଥ ବେହେରା, ଅଶୋକ କୁମାର ମଲ୍ଲିକ, ପ୍ରିୟଦର୍ଶିନୀ ମିଶ୍ର, ସଞ୍ଜୟ କୁମାର ନାୟକ, ଚିନ୍ମୟ ଧଳ ଆଦି ସଦସ୍ୟବୃନ୍ଦ ମାନେ ଅଂଶଗ୍ରହଣ କରିଥିଲେ।

# ବିରଜା ସେବା ସମିତିର ସ୍ୱତନ୍ତ୍ର ବୈଠକ



ଯାଜପୁର, ୧୫।୯ (ସମିସ): ଶ୍ରୀବିରଜା ସେବା ସମିତିର ଏକ ସ୍ୱତନ୍ତ୍ର ବୈଠକ ମା'ବିରଜା ମନ୍ଦିର ପରିସରରେ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଥମେ ସମିତିର ସଭ୍ୟ ବିଷ୍ଣୁ ଚରଣ ବିହାରୀ, ବସନ୍ତକୁମାର ଦାସ ଓ ସୁଜିତ୍ ନାରାୟଣ ମିଶ୍ରଙ୍କ ବିୟୋଗରେ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ଏହାପରେ କାର୍ଯ୍ୟସୂଚୀ ଅନୁଯାୟୀ ଓ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମା'ବିରଜାଙ୍କର ସପ୍ତମୀ, ଅଷ୍ଟମୀ ଓ ନବମୀ ଦିନ ସେବା ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ଓ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସଭାପତି ସମ୍ପାଦକ ଏହି ତିନି ଦିନ ରଥଯାତ୍ରାର ଧାରା ବିବରଣୀ ପାଇଁ କେଉଁ ପ୍ରବଚକ ମାନଙ୍କୁ ନିମନ୍ତ୍ରଣ କରାଯିବା ତାହାର ଦାୟିତ୍ୱ ନେଇଥିଲେ। ମଞ୍ଚ ନିର୍ମାଣରେ ସଭାପତି ଉପଜିଲ୍ଲାପାଳଙ୍କ ଅନୁମତି ପାଇଛନ୍ତି ବୋଲି ଜଣାଇଥିଲେ। ଡିଏସ୍‌ପି ତଥା ଥାନାଧିକାରୀଙ୍କ ଠାରୁ ମଞ୍ଚ କାର୍ଯ୍ୟରେ ଅନୁମତି ଆଣିବା ପାଇଁ ସଭ୍ୟ ଗଦାଧର ରାଉତ, ସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ବୃନ୍ଦାବନ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିଲେ। ମା'ଙ୍କର ଅଷ୍ଟମୀର କାନିକା ପ୍ରସାଦ ବଣ୍ଟନ ଦାୟିତ୍ୱ ବୃନ୍ଦାବନ ମିଶ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ବିଷ୍ଣୁଚରଣ ଲେଙ୍କା, ଭରତ କୁମାର ସାହୁ, ମଧୁସୂଦନ ମହାନ୍ତି, ଅଭିମନ୍ୟୁ ରାଉତ, କିଶୋର କୁମାର ଦାସ ଓ ଅଜୟ କୁମାର ଦାସଙ୍କୁ ଦାୟିତ୍ୱ ଦିଆଗଲା। ସଭାରେ ସଭ୍ୟ ନୃସିଂହ ଚରଣ ମହାପାତ୍ର, କହ୍ନାଇ ଚରଣ ମହାନ୍ତି, ଧିରେନ୍ଦ୍ର କୁମାର ପରିଡ଼ା, ବିରେନ୍ଦ୍ର କୁମାର ମହାନ୍ତି, ଶ୍ରୀନାଥ ମହାନ୍ତି, କୋଷାଧକ୍ଷ ହରିହର ବେହେରା, ହିସାବ ନିରୀକ୍ଷକ ରମେଶ ଚନ୍ଦ୍ର ରାଉତ, ନାରାୟଣ ଚନ୍ଦ୍ର ସେଠୀ, ଲକ୍ଷ୍ମୀନାରାୟଣ ପତି, ନୃସିଂହ ଚରଣ ଜେନା, ଅଶୋକ କୁମାର ପାଣିଗ୍ରାହୀ, ବ୍ରଜ କିଶୋର ମହାନ୍ତି, ଜଗତ ନାୟକ, ଅମିୟ କୁମାର ଦାସ, ବିଜୟ କୁମାର ପଣ୍ଡା, କୃଷ୍ଣ ଚନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ନାୟକ, ଆନନ୍ଦିନୀ ମହାପାତ୍ର ପ୍ରମୁଖ ସଭ୍ୟ ଅଂଶଗ୍ରହଣ କରିଥିଲେ। ଶେଷରେ ସଭ୍ୟ ରବିନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥବଲେ।

## ବ୍ରାଉନସୁଗାର, ଗଞ୍ଜେଇ ଜବତ; ୨ ଅଟକ

ପାଣିକୋଇଲି, ୧୫।୯ (ସମିସ): ପାଣିକୋଇଲି ପୁଲିସ ଆଜି ଗଞ୍ଜେଇ ଓ ବ୍ରାଉନସୁଗର ଜବତ କରିବା ସହ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ପାଣିକୋଇଲି ଅଞ୍ଚଳରେ ଅବାଧ ନିଶା କାରାବାର ଖବର ପାଇ ପୁଲିସ ଚଢ଼ଉ କରିଥିଲା। ପୁରୁଣା ଟୋଲ୍‌ଗେଟ ନିକଟରେ ଏକ ପାନ ଦୋକାନ ଓ ଅଟା ମିଲ ପାଖରୁ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ଅଟକ ଦୁଇ ଜଣ ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଗ୍ରାମର ରୁଟି ବେପାରୀ ଶିବ ସାହୁ ଓ ଗୋଲେଇପୁର ପଞ୍ଚାୟତ ଅନ୍ତର୍ଗତ ଖାନ୍ଦରାପୁର (ସିଂଗଡ଼ା) ଗ୍ରାମର ପାନ ଦେକାନୀ ରାଜୀବ ଦଳାଇ ବୋଲି ସୂଚନା ମିଳିଛି। ତଦନ୍ତରେ ବାଧା ନେଇ ପୁଲିସ ସମସ୍ତ ତଥ୍ୟ ଦେଇନାହିଁ। ମଙ୍ଗଳବାର ଉଭୟଙ୍କୁ ଅଦାଲତ ଚାଲାଣ କରାଯିବା ସହ ସମସ୍ତ ତଥ୍ୟ ପୁଲିସ ଜଣାଇବ ବୋଲି ସୂଚନା ମିଳିଛି।

ରୋଟାରିଆନ
ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ
ସମ୍ମାନଜନକ ଡକ୍ଟରେଟ୍ ଉପାଧି !



ଗତ ତା ୧୪.୦୯.୨୦୨୫ ରିଖରେ ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି । ଶ୍ରୀ ବିଶ୍ୱାଳ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗପତି । ସେହିପରି ସେ ଜଣେ ଉତ୍ସାହୀ ସମାଜସେବୀ । ସାମାଜିକ ଉତ୍ଥାନ ଦିଗରେ ସେ ସତ ଚେଷ୍ଟିତ । କୋଭିଡ ମହାମାରୀ ସମୟରେ ବସ୍ତିରେ ତାଙ୍କର ରନ୍ଧାଖାଦ୍ୟ ବାଣ୍ଟିବା ପ୍ରଂଶସନୀୟ । ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସଦାସର୍ବଦା ଲିପ୍ତ । ତାଙ୍କ ପାଇଁ ଆଜି ଆମ ଓଡ଼ିଶା ରାଜ୍ୟ ଗର୍ବିତ।

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୫
(ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି
କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି,
ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ,
ସବିତା, ସତ୍ୟଭାମା, ସର୍ବେଶ୍ୱର,
ହୈମବତୀ ଅରିନ୍ଦମ, ନିବେଦିତା,
ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,
ଡଃ ବୁଦ୍ଧ ଦେବ ମିଶ୍ର

## ଟସର ଚାଷ କରୁଛି ସ୍ୱାବଲମ୍ବୀ

# ୮ ଚାଷୀଙ୍କୁ ମିଳିଛି ରୋଜଗାର



ସୁକିନ୍ଦା, ୧୫।୯ (ସମିସ): ସୁକିନ୍ଦା ଅଞ୍ଚଳର ଚାଷୀମାନେ ଟସର ଚାଷ କରି ସ୍ୱାବଲମ୍ବୀ ହେଉଥିବା ଦେଖିବାକୁ ମିଳିଛି। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଓ ସହକାରୀ ରେଶମ ଶିଳ୍ପ ନିର୍ଦ୍ଦେଶକ ଢେଙ୍କାନାଳର ତତ୍ତ୍ୱାବଧାନରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ୮ଜଣ ଟସର ଚାଷୀ କରି ୪୫ଦିନ ମଧ୍ୟରେ ଜଣକ ପିଛା ୩୦ହଜାର ଟଙ୍କା ରୋଜଗାର କରିପାରିଛନ୍ତି। ଗତ ୨୦୨୨ ମସିହା ଠାରୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଏକ ସ୍ୱତନ୍ତ୍ର ପରିଯୋଜନା ଦ୍ୱାରା ଟସର ଚାଷର ଅଭିବୃଦ୍ଧି ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଯୋଜନାରେ ଇଚ୍ଛାପୁର ଗ୍ରାମସ୍ଥିତ ବିହନ ଉତ୍ପାଦନ କେନ୍ଦ୍ର ପରିସରରେ ଅଶନ ଓ ଅର୍ଜ୍ଜୁନ ଗଛକୁ ବ୍ୟବହାର କରି ଇଚ୍ଛାପୁର ଗ୍ରାମର ୮ଜଣ ଚାଷୀ ଟସର ଚାଷ ଆରମ୍ଭ କରିଥିଲେ। ପ୍ରତିବର୍ଷ ଏହି ଚାଷୀ ବର୍ଷକୁ ଦୁଇଥର ଟସର ଚାଷ କରି ଏକ ଲକ୍ଷ ଟଙ୍କା ଉପାର୍ଜନ କରିପାରୁଛନ୍ତି। ଚଳିତ ବର୍ଷ ପ୍ରଥମେ ଟସର ବିହନ ଚାଷ ପାଇଁ ୧୫୬୬ ରୋଗମୁକ୍ତ ଅଣ୍ଡା ନେଇ ୮୫, ୨୮୦ ଟସର କୋଷା ଅମଳ କରିଛନ୍ତି। ଏହି ଟସର କୋଷାକୁ ଟସର ସମବାୟ ସମିତିରେ ବିକ୍ରିକରି ୨ଲକ୍ଷ ୭୭ହଜାର ଟଙ୍କା ଉପାର୍ଜନ କରିଛନ୍ତି। ଏହି ବିହନ କୋଷାରୁ ଅଣ୍ଡା ପ୍ରସ୍ତୁତ କରି ୫୩ଜଣ ଚାଷୀଙ୍କୁ ଦ୍ୱିତୀୟ ବିହନ ଚାଷ କରିବା ପାଇଁ ରୋଗମୁକ୍ତ ଅଣ୍ଡା ଉପଲବ୍ଧ କରାଯାଇଛି। ଟସର ଚାଷ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିବା ବେଳେ ଟସର ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଚାଷୀମାନଙ୍କୁ ବୈଷୟିକ ତାଲିମ ପ୍ରଦାନ କରାଯାଉଛି। ଏବେ ସୁକିନ୍ଦାର ଟସର ଚାଷୀମାନେ ଅନ୍ୟ ରାଜ୍ୟର ଚାଷୀମାନଙ୍କ ଠାରୁ ଅଧିକ ଟସର କୋସା ଅମଳ କରି ସ୍ୱାବଲମ୍ବୀ ହେବାସହ ଅନ୍ୟ ଚାଷୀ ମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

JOB OPPORTUNITY
Ev mechanic -3 nos, Experience -3 years
Salary -Rs 8,000/- with Lunch
Service incharge -1 nos, experience- 1year
Salary -Rs 10,000/- With lunch
IF INTRESTED...
SEND YOUR BIODATA & CONTACT WITH
SATYA ENTERPRISES
WARD NO-13, SRIPADGANJ, NEAR SDPO OFFICE,
STATION BAZAR, PALABANI, BARIPADA
Phone No-8144751467, E-Mail:- dealereve@gmail.com



## ସିଟି କଟକ

# ସିଏମ୍‌ସି ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ



**କଟକ, ୧୫।୯ (ସମିସ):** ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଫଳରେ ପାର୍ବଣରେ ସ୍ଥିତି ସଙ୍ଗୀନ୍ ହେବାର ଆଶଙ୍କା ଦେଖାଦେଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଏହାର ସମାଧାନ କ୍ଷେତ୍ରରେ ପଦକ୍ଷେପ ନେବା ସିଏମ୍‌ସି ପାଇଁ ବଡ ଆହ୍ୱାନ ପାଲଟିଛନ୍ତି। ଏପରି ସ୍ଥଳେ ସହରର ବର୍ଜ୍ୟ ପରିଚାଳନା ନିମନ୍ତେ ସମାଧାର ରାସ୍ତା ଯଥାଶୀଘ୍ର କାଢିବାକୁ ସହରବାସୀ ଦାବି ଜଣାଇଛନ୍ତି। କଟକ ମହାନଗର ନିଗମ ପକ୍ଷରୁ ସୋମବାର ସହିଦ୍ ଭବନରେ ନିଗମ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ବୈଠକରେ ଜିଲା ପ୍ରଶାସନ, ପୋଲିସ, ମହାନଗର ନିଗମ ଶାନ୍ତି କମିଟି କଟକ ପୂଜା କମିଟି ଏବଂ ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଯୋଗଦେଇ ଥିଲେ। ଚଳିତବର୍ଷ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଛି। ପୂଜା ସମୟରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ଦୈନନ୍ଦିନ ସଫେଇ ଏବଂ ପରିମଳ ବ୍ୟବସ୍ଥା ସୁଧାରିବା, ବିଦ୍ୟୁତ୍ କାଟ ନକରିବା, ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ଉପରେ ଆଲୋଚନା କରାଯାଇଥିଲା। ପୂଜା ମଣ୍ଡପରେ ବିଦ୍ୟୁତ୍ କରଣ ଏବଂ ଭସାଣି ଶୋଭାଯାତ୍ରାରେ ବିଦ୍ୟୁତ୍ ଖୁଣ୍ଟ ଯେପରି କୌଣସି ସମସ୍ୟା ସୃଷ୍ଟି ନହେବ ବିଦ୍ୟୁତ୍ ବିଭାଗ ପଦକ୍ଷେପ ନେବା ପୂଜା କମିଟି ସଦସ୍ୟମାନେ ଦାବି କରିଥିଲେ। ସିଏମସି କମିସନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ମହାନଗର ପୂଜାକମିଟି ସଭାପତି ପ୍ରଭାତ ତ୍ରିପାଠୀ, ଜିଲା ବିଜେଡି ସଭାପତି ପ୍ରଫୁଲ

**ପରିମଳ ଉପରେ ଗୁରୁତ୍ୱ**

ସିଂହ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ, ମୋନାଲିଶା ଦାସ ଦିପ୍ତିମୟୀ ମୁଲିଆ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଚରଣ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ଶିବ ସାହୁ, ଡ୍ୟ ଡ଼.ରବି ରଞ୍ଜନ ସାହୁ, ଦେବାଶିଷ ରାୟ, ଦେବେନ୍ଦ୍ର କାହାଳି, ଆଞ୍ଚଳିକ ପୂଜା କମିଟି ସଭାପତି ନିମାଇ ଚରଣ ଲେଙ୍କା, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, କର୍ପୋରେଟର ଗଗନ ଓଝା, ସୁମିତ୍ରା ବସ୍ତିଆ, ବନଲତା ପ୍ରଧାନ, ଆସିଷ୍ଟାଣ୍ଟ କମିଶନର ତ୍ରିଶୂଳ ମାରାଣ୍ଡି, ତ୍ରିନାଥ ବେହେରା, ସ୍ୱାସ୍ଥ ଅଧିକାରୀ ଡଃ ଅରୁଣ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଅଜନ୍ତା କଳା ମିଶ୍ର ପାଇଲେ 'ଗୁରୁ ଶିକ୍ଷା ସମ୍ମାନ'

**କଟକ, ୧୫।୯ (ସମିସ):** ଶାରଳା ଭବନଠାରେ ଡମ୍ବରୁଧର ମହାନ୍ତି ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ବାପା ମହୋତ୍ସବରେ କଟକ ଓ ଭୁବନେଶ୍ୱର ସେଣ୍ଟ ଜାଭିୟର୍ସ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ଗୁରୁଶିକ୍ଷା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଅଜନ୍ତା କଳା ମିଶ୍ରଙ୍କୁ ବେଷ୍ଟ ମେଣ୍ଟର ଭାବରେ ଗୁରୁଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ତୃଷ୍ଣା ତୃପ୍ତିକା ମହାନ୍ତି, ସୁଶ୍ରୀ ଶିବାନୀ ମହାପାତ୍ର, ସରିତ୍ ସପନ ଜେନା, ସୋନାଲିସା ସ୍ୱାଇଁ, ସୁନିତା ସେଜପାଦା, ଶୁଭଶ୍ରୀ ବେହେରାଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା।





ମୁଖ୍ୟଅତିଥି ଭାବରେ ସମାଜର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର ଜେନା ଓ ଇଂ ପ୍ରଭାକର ସ୍ୱାଇଁ ଯୋଗଦେଇ ସେମାନଙ୍କୁ ଉପଢ଼ୌକନ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ନିର୍ଦ୍ଦେଶକ ଡଃ ପ୍ରଭୁ ଚରଣ ମହାନ୍ତି, ସ୍ନିଗ୍ଧା ମହାନ୍ତି, ଇଂ ସମ୍ୟକ ମହାନ୍ତି, ସାମର୍ଥ ମହାନ୍ତି, ଆୟେଶା ଦାସ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଷୋଡ଼ଶ ଉପଚାର ପୂଜା



କଟକ ଚଣ୍ଡୀଙ୍କ ସୁନାବେଶ | ଗଡ଼ଚଣ୍ଡୀଙ୍କ ସୁନାବେଶ | ଝଞ୍ଜିରୀମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ | ଧାକୁଲେଇଙ୍କ ଷୋଡଶୀ ବେଶ | ବାସନ୍ତୀ ଦୁର୍ଗାଙ୍କ ଭୁବନେଶ୍ୱରୀ ବେଶ

## କ୍ରିପ୍ଟୋ କରେନ୍ସି ଆଳରେ ଠକେଇ

# ୩ ସାଇବର ଲୁଟେରା ଗିରଫ

**କଟକ, ୧୫।୯ (ସମିସ)**

ସାଇବର ଥାନା ପୁଲିସ ୩ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି। ଟେଲିଗ୍ରାମ ଗ୍ରୁପରେ ଯୋଡି ଜଣେ ବ୍ୟକ୍ତିଙ୍କ ପ୍ରାୟ ୧୪ ଲକ୍ଷ ଟଙ୍କା ଠକିନେବା ଘଟଣାରେ କଟକ ସାଇବର ଥାନା ପୁଲିସକୁ ସଫଳତା ମିଳିଛି। ଅଭିଯୁକ୍ତମାନେ ହେଲେ ରାଉରକେଲା ବାସନ୍ତୀ କଲୋନୀର ଅବିନାଶ ଓଝା(୩୫), ବନ୍ଧମୁଣ୍ଡାର ଜଗନ ସାହୁ(୨୪) ଓ ପାନପୋସ ବସ୍ତୀର ପ୍ରତୀକ ଓରଫ ସିଦ୍ଧାର୍ଥ ଚୌରାସିଆ(୨୧)। ଆଜି ସମସ୍ତଙ୍କୁ କଟକ ଆଣି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ଘଟଣାରେ ପୂର୍ବରୁ ରାଉରକେଲାରେ ରହୁଥିବା ଝାରସୁଗୁଡା ବେଲପାହାଡର ଇଞ୍ଜିନିୟରିଂ ଛାତ୍ର ଅନୁରାଗ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିଲା।

ପୁଲିସ ସୂଚନା ଅନୁସାରେ, ଜଗତପୁର ଅଞ୍ଚଳର ଜଣେ ବ୍ୟକ୍ତି ଗତ ମେ' ମାସରେ ସୋସିଆଲ ମିଡିଆରେ ଏକ ଅନଲାଇନ ରୋଜଗାର ସମ୍ପର୍କିତ ବିଜ୍ଞାପନ ଦେଖିଥିଲେ। ଏଥିରେ ଦିଆଯାଇଥିବା ଲିଙ୍କ୍ ଉପରେ କ୍ଲିକ କରିବାରୁ ତାଙ୍କୁ ଏକ ଟେଲିଗ୍ରାମ ଗ୍ରୁପରେ ଯୋଡି ଦିଆଯାଇଥିଲା। ସେଠାରେ ତାଙ୍କୁ କ୍ରିପ୍ଟୋ କରେନ୍ସିରେ ନିବେଶ କରିବାକୁ କୁହାଯାଇଥିଲା। ନିବେଶ ଅର୍ଥର ୨ ଗୁଣା ମିଳିବ ବୋଲି ପ୍ରତିଶ୍ରୁତି ମିଳିବାରୁ ସେ ପର୍ଯ୍ୟାୟକ୍ରମେ ୧୩ ଲକ୍ଷ ୭୨ ହଜାର ୭୦ ଟଙ୍କା ନିବେଶ କରିଦେଇଥିଲେ। ମାତ୍ର କିଛି ଦିନ ପରେ ଟଙ୍କା ଉଠାଣ ସମ୍ଭବ ହୋଇନଥିଲା। ତେଣୁ ସେ ଠକେଇର ଶିକାର ହୋଇଥିବା ଜାଣି ଗତ ଜୁଲାଇ ୬ ତାରିଖରେ ଏତଲା ଦାୟର କରିଥିଲେ। ପୁଲିସ ମାମଲା ରୁଜୁ କରି ବିଭିନ୍ନ ବୈଷୟିକ

- ଆଧାର କାର୍ଡ, ଫୋନ, ଚେକ୍‌ବୁକ, ପାସବୁକ ଜବତ
- ୨ ଲକ୍ଷ ଟଙ୍କା ଥିବା ୩୯ଟି ବ୍ୟାଙ୍କ ଖାତା ଅଚଳ

ତଥ୍ୟ ଆଣିବା ପରେ ଚଳିତ ମାସ ୬ ତାରିଖରେ ରାଉରକେଲାରେ ଚଢଉ କରି ପ୍ରଥମେ ଇଞ୍ଜିନିୟରିଂ ଛାତ୍ର ଅନୁରାଗକୁ ଗିରଫ କରିଥିଲା। ତେବେ ଅନୁରାଗ ସହିତ ଆଉ କିଛି ଯୁବକ ଏହି ଠକେଇରେ ସାମିଲ ଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ମାତ୍ର ସେମାନଙ୍କର ଫୋନ ବନ୍ଦ ଥିବାରୁ ଗିରଫ କରିବା ସମ୍ଭବ ହୋଇନଥିଲା। ତେଣୁ ଗୋଟିଏ ସପ୍ତାହ ପରେ ପୁଣି ଏକ ପାଲିସ ଟିମ ରାଉରକେଲାରେ ଡେରା ପକାଇଥିଲା। ସ୍ଥାନୀୟ ଥାନାର ସହଯୋଗରେ ରବିବାର ପୁଲିସ ଟିମ ଉପରୋକ୍ତ ୩ ଜଣ ଯୁବକଙ୍କୁ ଗିରଫ କରି କଟକ ଆଣିଛି। ଅଭିଯୁକ୍ତମାନେ ବିଭିନ୍ନ ମୋବାଇଲ ଓ ୟୁପିଆଇ ପ୍ରଦାନକାରୀ ସଂସ୍ଥାରେ କାମ କରୁଥିଲେ। ଏମାନେ ମିଳିମିଶି ସାଇବର ଠକେଇ ର୍‌ୟାକେଟ୍‌ରେ ସାମିଲ ହୋଇ ମୋଟା ଅଙ୍କର ଅର୍ଥ ରୋଜଗାର କରିଛନ୍ତି। ଗିରଫ ହୋଇଥିବା ଅବିନାଶ ଏକ ପ୍ରତିଷ୍ଠିତ ମୋବାଇଲ ୱାଲେଟ କମ୍ପାନୀର କର୍ମଚାରୀ ଭାବେ ବିଭିନ୍ନ ଦୋକାନରେ ୟୁପିଆଇ ସ୍କାନର ଲଗାଇବା କାମ କରୁଥିଲା। ଏହି ସୁଯୋଗରେ ସେ ସ୍ଥାନୀୟ ଅଞ୍ଚଳରେ ନିରୀହ ଲୋକଙ୍କ ଠାରୁ ବ୍ୟାଙ୍କ ଖାତା ସଂଗ୍ରହ କରୁଥିଲା। ନିଜ ନାଁରେ ମଧ୍ୟ କିଛି ଜାଲ ବ୍ୟାଙ୍କ ଖାତା ଖୋଲି ସାଇବର ଠକଙ୍କ ପାଖକୁ ପଠାଇଛି। ପ୍ରତି ଖାତାରେ ଦେଣନେଣ ଅନୁସାରେ ସେ କମିଶନ ବାବଦ ଟଙ୍କା ପାଉଥିଲା। ସେହିପରି ଅଭିଯୁକ୍ତ ଗିରଫ ଜଗନ ଦୁଇଟି ମୋବାଇଲ କମ୍ପାନୀ ପାଇଁ କାମ କରୁଥିଲା। କମ୍ପାନୀ ପକ୍ଷରୁ ପେମେଣ୍ଟ ବ୍ୟାଙ୍କ ଖାତା ଖୋଲିବା ତାର କାମ ଥିଲା। ହେଲେ ସେ ପ୍ରି ଆକ୍ଟିଭେଟେଡ ସିମ ଅର୍ଥାତ ଅନ୍ୟ ଲୋକ ନାଁରେ ଜାଲିଆତି କରି ଆକ୍ଟିଭ ହୋଇଥିବା ସିମ, ଗରିବ ଲୋକଙ୍କୁ ଲୋଭ ଦେଖାଇ ସେମାନଙ୍କ ବ୍ୟାଙ୍କ ଖାତା ଓ ତାଙ୍କର ଏଟିଏମ କାର୍ଡ ଏବଂ ଚେକ ବହି ଯୋଗାଡ କରୁଥିଲା। ପରେ ସେଗୁଡିକୁ କୋରିଅର ଯୋଗେ ମୁମ୍ବାଇ, ଦିଲ୍ଲୀ, ଗୁଜୁରାଟ ଓ ରାଜସ୍ଥାନରେ ଥିବା ସାଇବର ଠକଙ୍କ ପାଖକୁ ପଠାଇ ଦେଉଥିଲା। ଅନ୍ୟତମ ଅଭିଯୁକ୍ତ ପ୍ରତୀକ ଏକ ପ୍ରତିଷ୍ଠିତ ମୋବାଇଲ କମ୍ପାନିରେ ରହି ସିମ ବିକ୍ରି କରୁଥିଲା। ଆଉ ଲୋକଙ୍କୁ ଭୁଲ ତଥ୍ୟ ଦେଇ ସେମାନଙ୍କ ନାଁରେ ଜାଲ ମୋବାଇଲ ସିମ ତିଆରି କରି ଅବିନାଶ ଓ ଜଗନକୁ ପ୍ରଦାନ କରୁଥିଲା। ଗତ କିଛି ମାସ ହେବ ରାଉରକେଲାର ଏହି ଯୁବକମାନେ ସାଇବର ଠକେଇରେ ଲିପ୍ତ ରହିଥିଲେ। ଗିରଫଦାରୀ ସମୟରେ ଅଭିଯୁକ୍ତଙ୍କ ପାଖରୁ ୩ଟି ଆଧାର କାର୍ଡ, ୬ଟି ଫୋନ, ୩ଟି ଚେକ ବହି ଓ ୧୦ଟି ବ୍ୟାଙ୍କ ପାସବୁକ ଆଦି ଜବତ ହୋଇଛି। ସେମାନଙ୍କ ୩୯ଟି ବ୍ୟାଙ୍କ ଖାତାକୁ ଅଚଳ କରାଯାଇଛି। ଯେଉଁଥିରେ ୨ଲକ୍ଷ ଟଙ୍କା ରହିଛି। ଠକେଇରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ଦିଆଯାଇଛି।

# ଅଳିଆ ଉଠିବା ବାଟ ଫିଟିଲା

**କଟକ, ୧୫।୯ (ସମିସ):** କଟକ ସହରରୁ ୭ ଦିନ ହେବ ଅଳିଆ ଉଠୁନଥିଲା। ଚକ୍ରଧରପୁର ଅଞ୍ଚଳବାସୀଙ୍କ ବିରୋଧ ଯୋଗୁଁ ସହରରେ ଅବସ୍ଥା ବେହାଲ ହୋଇ ପଡ଼ିଥିଲା। ଏହି ସମସ୍ୟାର ସମାଧାନ ହୋଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଲୋକଙ୍କର ସମସ୍ୟାକୁ ଦୂର କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ରାସ୍ତା ନିର୍ମାଣ, ଡମ୍ପିଂୟାର୍ଡ ଚାରିପାଖରେ ପାଚେରି ସହ ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯିବ। ବିଶୁଦ୍ଧ ପାନୀୟ ଜଳ ମଧ୍ୟ ଲୋକମାନେ ପାଇବେ। ଏଥିପାଇଁ ବର୍ଷେ ମଧ୍ୟରେ ଏକ କୋଟି ବ୍ୟୟରେ ସବୁ ସମସ୍ୟାର ସମାଧାନ କରାଯିବାକୁ ସ୍ଥିର ହୋଇଛି। ଯାହାଫଳରେ ମଙ୍ଗଳବାର ଠାରୁ ସହରରେ ଗଦା ହୋଇ ରହିଥିବା ଅଳିଆ ଚକ୍ରଧରପୁର ନିଆଯିବ। ଏହି ସମୟରେ ସିଏମସି, ଜିଲା ପ୍ରଶାସନ, ପୁଲିସ ସମେତ ଲୋକ ପ୍ରତିନିଧି ଯାଇ ସ୍ଥିତି ଅନୁଧ୍ୟାନ କରିବେ। ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମସି କମିଶନର କିରଣଦୀପ କୌର ସହୋତା, ମେୟର ସୁବାସ ସିଂହ, ଡିସିପି ଋଷିକେଶ ଖିଲାରି ଦ୍ୟାନଦେଓ, ସ୍ଥାନୀୟ ଅଞ୍ଚଳ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

**ଚକ୍ରଧରପୁର ଅଞ୍ଚଳର ବିକାଶ ପ୍ରତିଶ୍ରୁତି**

## ଅଧାଗଢ଼ା କଟକ ଚଣ୍ଡୀ ମନ୍ଦିର

# ଷୋଳପୂଜା ବେଳେ ଦୁର୍ଦ୍ଦଶା; ଶ୍ରଦ୍ଧାଳୁ ହୀନସ୍ତା





**କଟକ, ୧୫।୯ (ସମିସ):** କଟକର ଆରାଧ୍ୟା ମା' କଟକ ଚଣ୍ଡୀଙ୍କ ପୀଠରେ ଷୋଡଶ ଉପଚାର ତଥା ଷୋଳପୂଜା ଚାଲିଛି। ଆଜି ଦ୍ୱିତୀୟ ଦିନରେ ମା' ସୁନାବେଶରେ ଦର୍ଶନ ଦେଇଥିଲେ। ତେବେ ସନ୍ଧ୍ୟା ସମୟର ନିର୍ଘାତ ବର୍ଷା ଯୋଗୁଁ ଶ୍ରଦ୍ଧାଳୁମାନେ ହୀନସ୍ତା ହେଉଥିବା ଦେଖିବାକୁ ମିଳିଥିଲା। ଅଧାଗଢ଼ା ଏହି ମନ୍ଦିର ପରିସରରେ ବର୍ଷା ପାଣି ଲହଡି ମାରୁଥିଲା। ଅସ୍ଥାୟୀ ପାଲ ବନ୍ଧା ଯାଇଛି। ମାତ୍ର ଏଥିରେ ଶହଶହ ଶ୍ରଦ୍ଧାଳୁ ମୁଣ୍ଡ ଗୁଞ୍ଜିବା ସମ୍ଭବପର ନଥିଲା। ଯେଉଁଥିପାଇଁ ଆଜି ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁଙ୍କ ଭିତରେ ଅସନ୍ତୋଷ ଉପୁଜିଥିଲା। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ପ୍ରକାଶଯୋଗ୍ୟ, ୭୦ କୋଟି ଟଙ୍କା ବ୍ୟୟରେ ହେଉଥିବା କଟକ ଚଣ୍ଡୀ ମନ୍ଦିର ଉନ୍ନତିକରଣ ପ୍ରକଳ୍ପ ନିମନ୍ତେ ଓବିସିସିକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ମାର୍କେଟ କମ୍ପ୍ଲେକ୍ସ, ପ୍ରସାଦ ସେବନ ଗୃହ ଆଦି ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଅନ୍ୟ କୌଣସି କାର୍ଯ୍ୟ ପୂର୍ବ ନିଷ୍ପତ୍ତି ମୁତାବକ ଆଗେଇ ପାରିନାହିଁ। ଷୋଳପୂଜା ହେତୁ ସେପ୍ଟେମ୍ବର ୧୦ ତାରିଖରୁ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଛି। ପ୍ରାୟ ଏକମାସ ନିର୍ମାଣ ସ୍ଥଗିତ ରଖାଯିବ ବୋଲି ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ(ଓବିସିସି) ପକ୍ଷରୁ ସୂଚନା ଦିଆଯାଇଛି।

- ମନ୍ଦିର ପରିସରରେ ବର୍ଷା ପାଣିର ଲହଡି
- ସନ୍ଧ୍ୟା ଦର୍ଶନ ସମୟରେ ଅସନ୍ତୋଷ

# ଚୌଦ୍ୱାରରେ ବିଗୁଡୁଛି ଆଇନଶୃଙ୍ଖଳା: ପୁଲିସ ସାଜିଛି ନିରବଦ୍ରଷ୍ଟା

**କଟକ, ୧୫।୯ (ସମିସ):** ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା), କଟକ ଜିଲ୍ଲା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚୌଦ୍ୱାର ଥାନାର ଭାରପ୍ରାପ୍ତ ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କ ବିରୋଧରେ ଅଭିଯୋଗ ଉଠିଛି। ଚୌଦ୍ୱାର ଅଞ୍ଚଳରେ ବ୍ୟାପକ ଚୋରି, ସିନ୍ଧିଚୋରି ଲୁଟ୍ ତରାଜ, ଖଣିଜ ପଥର, ମାଟି ଘେରି ଓ ଚୋରା ମଦ କାରବାର ବୃଦ୍ଧି ବିରୋଧରେ ମତପ୍ରକାଶ ପାଇଛି। ଗତ ୮/୯ ମାସ ମଧ୍ୟରେ ଚୌଦ୍ୱାର ଅଞ୍ଚଳରେ ବ୍ୟାପକ ଡେରି, ସିନ୍ଧିଗୈରି, ଲୁଟ୍ ତରାଜ, ଛିନତାଇ, ଖଣିଜ ପଥର, ମାଟି ଘେରି ଓ ଚୋରା ମଦ କାରବାର ୫ ଗୁଣ ବୃଦ୍ଧି ହୋଇଛି। ଚୌଦ୍ୱାର ଅଞ୍ଚଳରେ ଅଧିକାଂଶ ମନ୍ଦିର ମାନଙ୍କରୁ ସୁନା ଓ ରୂପା ଅଳଙ୍କାର ଚୋରି, ଦୋକାନଗୁଡ଼ିକର ଛାତ ଆଜବେଷ୍ଟସ ଭାଙ୍ଗି ଦୋକାନରୁ ଚୋରି ବଢ଼ିଚାଲିଛି ବୋଲି ସୂଚନା ଅଧିକାର କର୍ମୀ ଅଭିଯୋଗ ଉଠାଇଛନ୍ତି। ଆଇଆଇସିଙ୍କୁ ଚୌଦ୍ୱାର ଥାନାରୁ ତୁରନ୍ତ ବଦଳି କରିବାକୁ ଆଜି ସାମ୍ବାଦିକ ସମ୍ମିଳନୀରେ ଓସା କଟକ ଜିଲ୍ଲା ଆବାହକ ଶ୍ରୀକାନ୍ତ ପାକଳ, ସୂଚନା ଅଧିକାର କର୍ମୀ ରଞ୍ଜିତ ମଲ୍ଲିକ ଓ ପ୍ରଭାନନ୍ଦ ସାହୁ ଦାବି କରିଛନ୍ତି।

# ବିପୁଳ ପରିମାଣର ତମାଖୁ ଜବତ

**କଟକ, ୧୫।୯ (ସମିସ):** ପୁଲିସର ପ୍ରହାର ଅଭିଯାନକ୍ରମେ ଆଜି ମାଲଗୋଦାମ ଥାନା ପକ୍ଷରୁ ଜୋରଦାର ଚଢଉ ହୋଇଛି। ଜୋନ ୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ସିଏମସି ଓ ପୁଲିସ ଟିମ ମିଳିତ ଭାବେ ସ୍ଥାନୀୟ ଅଞ୍ଚଳର ଏକାଧିକ ଦୋକାନରେ ଯାଞ୍ଚ କରିଥିଲେ। ଏହି ସମୟରେ ଶିଖରପୁର ତଳସାହି ସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲ ନିକଟ ଏକ ଦୋକାନରୁ ଅଳ୍ପ ପରିମାଣର ଗଞ୍ଜେଇ ସହ ଗୁଟଖା, ସିଗାରେଟ ଭଳି ବହୁ ତମ୍ବାଖୁ ଜାତୀୟ ଦ୍ରବ୍ୟ ଜବତ ହୋଇଛି। ଏହି ଘଟଣାରେ ପୁଲିସ ନଦୀକୂଳ ସାହିର ଖଗେଶ୍ୱର ଖୁଣ୍ଟିଆ(୫୪)ଙ୍କ ଦୋକାନକୁ ସିଲ କରିଛି। ଏନେଇ ପୁଲିସ କୋଟପା ଆକ୍ଟ ୨୦୦୩ରେ ଏକ ମାମଲା ରୁଜୁ କରିବା ସହ ୨୦୦ ଟଙ୍କା ଜରିମାନା ଆଦାୟ କରିଛି। ଚଢଉରେ ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଆସୁଛନ୍ତି ଆଦ୍ୟାଶକ୍ତି



# ଦଶମୀରେ ହେବ ସିନ୍ଦୂର ଖେଳ

## ସାଆନ୍ତସାହି- ବଜ୍ରକବାଟୀ ପୂଜା କମିଟି

ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....



**କଟକ, ୧୫।୯ (ସମିସ)**

ସାଆନ୍ତସାହି ବଜ୍ରକବାଟୀ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚଳିତବର୍ଷ ୨ଟି ଡିଜାଇନ ଏଲଇଡି ଲାଇଟ ଗେଟ୍ ନିର୍ମାଣ କରାଯିବ। ଏହି ଲାଇଟ ଗେଟ୍‌ର ଉଚ୍ଚତା ୨୨ଫୁଟ୍ ଓ ଚଉଡା ୪୦ଫୁଟ୍ ରହିବ। ଚଳିତବର୍ଷ ପୂଜା ବଜେଟ୍ ୧୮ ଲକ୍ଷ ଟଙ୍କା ରଖାଯାଇଛି। ୮ ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି ନିର୍ମାଣରେ କଟକ କାଠଗଡ଼ା ସାହିର ବିଜୟ କୁମାର ମୁଦୁଲି ଓ ସାଥିମାନେ ଲାଗିଛନ୍ତି। ମା'ଙ୍କର ଜରି ମେଢ଼ ନିର୍ମାଣ ଚାଲିଛି। ବଙ୍ଗୀୟ ପରମ୍ପରାରେ ଏଠାରେ ପୂଜାର୍ଚ୍ଚନା କରାଯାଏ। ୧୯୬୦ ମସିହାରେ ସାଆନ୍ତ ସାହିରେ ଏକ ଚାଳ ଘରେ ହରପାର୍ବତୀଙ୍କ ପୂଜା କରାଯାଉଥିଲା। ପରେ ୧୯୯୫ ମସିହାରୁ ସାଆନ୍ତ ସାହି ବଜ୍ରକବାଟୀ ମୁଖ୍ୟରାସ୍ତାରେ ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗା ପୂଜା କରାଯାଇ ଆସୁଅଛି। ମା'ଦୁର୍ଗାଙ୍କର ସୁନାର ଚିଟ ଓ ନୋଥ ରହିଛି। ମା' ଦୁର୍ଗାଙ୍କ ସମେତ ପାର୍ଶ୍ୱ ଦେବାଦେବୀଙ୍କର ୫୦ କେଜି ଓଜନର ଅଳଙ୍କାର ରହିଛି। ମହାଅଷ୍ଟମୀରେ ମହିଳାଙ୍କ ବ୍ରତ ପୂଜା କରାଯାଇଥାଏ। ଦଶମୀରେ ମା'ଙ୍କ ନିକଟରେ ମହିଳାମାନେ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ। ୫ଶହ ଶ୍ରଦ୍ଧାଳୁଙ୍କ ପାଇ କମିଟି ପକ୍ଷରୁ ଦହି ପଖାଳ ଭୋଗ କରାଯାଇ ବଣ୍ଟାଯିବ। ଭସାଣୀରେ ସାଲେପୁରର ବ୍ୟାଣ୍ଡ ପାର୍ଟି, ପୁରୀର ଘଣ୍ଟବାଦ୍ୟ, ଢ଼େଙ୍କାନାଳ ସିଂହ ବାଜା ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ଡିଜେମୁକ୍ତ ଭସାଣି



ଦଶହରା ପୂଜାରେ ସମୟରେ କମିଟି ପକ୍ଷରୁ ମା'ଙ୍କ ପାଖରେ ପୂଜା ପାଇ ବ୍ୟବହାର କରୁଥିବା ପଲିଥିନକୁ ବାରଣ କରାଯିବ। ଏହାସହ ଭସାଣିରେ କେବଳ ହାତ ବାଜାକୁ ଗୁରୁତ୍ୱ ଦିଆଯାଇ ଡିଜେକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯିବ।

-ସବୟ କୁମାର ବୋଷ, ସଭାପତି

### ସିନ୍ଦୂର ଖେଳ ସ୍ୱତନ୍ତ୍ର



ମା'ଙ୍କ ବିସର୍ଜନ ଦଶମୀ ଦିନ କରାଯାଏ। ଏକଦଶୀ ବା ଭସାଣୀ ଦିନ ମେଲାଣି ଦିଆ ଯାଇଥାଏ। ବିସର୍ଜନ ପରେ ଶହଶହ ମହିଳା ଏକାଠି ହୋଇ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେଇଥାନ୍ତି। ଏହି ପରମ୍ପରା ପ୍ରତ୍ୟେକ ବର୍ଷ ପାଳନ କରାଯାଇ ଆସୁଅଛି।

-ଦୟାନିଧୀ ରାଉତ, ସମ୍ପାଦକ


ସ୍ମୃତିରେ ...

ଗାନ୍ଧୀ ମଣିଷ ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ

ତା: ୧୬.୦୯.୨୦୨୫ (ମଙ୍ଗଳବାର)

ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।

ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି

ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବୁଦ୍ଧ ଦେବ ମିଶ୍ର



ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି !



ଗତ ତା ୧୪.୦୯.୨୦୨୫ ରିଖରେ ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି । ଶ୍ରୀ ବିଶ୍ୱାଳ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗପତି । ସେହିପରି ସେ ଜଣେ ଉତ୍ସାହୀ ସମାଜସେବୀ । ସାମାଜିକ ଉତ୍ଥାନ ଦିଗରେ ସେ ସତ ଚେଷ୍ଟିତ । କୋଭିଡ ମହାମାରୀ ସମୟରେ ବସ୍ତିରେ ତାଙ୍କର ରନ୍ଧାଖାଦ୍ୟ ବାଣ୍ଟିବା ପ୍ରଶଂସନୀୟ । ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସଦାସର୍ବଦା ଲିପ୍ତ । ତାଙ୍କ ପାଇଁ ଆଜି ଆମ ଓଡ଼ିଶା ରାଜ୍ୟ ଗର୍ବିତ।

■ ରେଳ ଧାରଣା ନିକଟରୁ ମୃତଦେହ ଉଦ୍ଧାର

# ଗୁଣିଆ ସନ୍ଦେହରେ ହତ୍ୟା

କୋରାପୁଟ,୧୫।୯(ସମିସ): କୋରାପୁଟ ରାୟଗଡ଼ା ରେଳ ଲାଇନ ସୁନାବେଡ଼ା ଥାନା ଅନ୍ତର୍ଗତ ମୋହନପଡା ଗ୍ରାମ ନିକଟରେ ସୋମବାର ସକାଳେ ଏକ ମୃତଦେହ ଉଦ୍ଧାର ହୋଇଛି। ଏହା ଗ୍ରାମର ୬୦ ବର୍ଷୀୟ ଗଙ୍ଗାଧର ମୁଦୁଲିଙ୍କର ବୋଲି ଜଣା ପଡ଼ିଛି। ଗଙ୍ଗାଧର ଚାଷ କାର୍ଯ୍ୟ ସହ ଗାଁରେ ଦିଶାରି (ପୂଜକ) ଭାବେ କାର୍ଯ୍ୟ କରୁଥିଲେ। ଗତ ଦୁଇ ଦିନ ହେଲା ସେ ନିଖୋଜ ଥିଲେ। ତେବେ ଗଙ୍ଗାଧରକୁ ଗୁଣିଆ ସନ୍ଦେହରେ ଓ ଜମିଜମା ବିବାଦକୁ ନେଇ କେହି ଦୁର୍ବୃତ୍ତ ହତ୍ୟା କରିଥିବା ପୁଲିସ ସନ୍ଦେହ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ ଗ୍ରାମ ନିକଟ ରେଳ ଧାରଣା କଡ଼ରେ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇ ପୁଲିସକୁ ଆଜି ସକାଳେ ଖବର ଦେଇଥିଲେ। ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁର, ଡୁମୁରିପୁଟ ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ମିଶ୍ର, ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଗ୍ରାମରେ ଜମି ଜୁମା ବିବାଦକୁ ନେଇ ଗତ ଦିନରେ ଝଗଡ଼ା ହୋଇଥିବା ପୁଲିସ ଜାଣିବାକୁ ପାଇବା ପରେ ସେ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଗୁଣିଆ ସନ୍ଦେହରେ ମଧ୍ୟ ହତ୍ୟା ହୋଇଥିବା କିଛି ଗ୍ରାମବାସୀ ଆଲୋଚନା କରୁଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ପଠାଇ ଦିଆ ଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁର କହିଛନ୍ତି। ସୁନାବେଡ଼ା ଥାନାରେ ଏ ନେଇ ଏକ ହତ୍ୟା ମାମଲା ଧାରା ୧୦୩(୧) ବିଏନଏସ୍/୨୦୨୩ (କେଶ ନଂ ୧୭୯/୨୫) ରୁଜୁ ହୋଇଥିବା ବେଳେ ସବ ଇନ୍ସପେକ୍ଟର ନିର୍ମଳା ଲିମା ଏହାର ତଦନ୍ତ କରୁଛନ୍ତି।

● ଜୟପୁର ଲରୀ ମାଲିକ ସଂଘର ନିର୍ବାଚନ

# ୨୨ ବର୍ଷ ପରେ ନୂତନ ସମ୍ପାଦକ ଚୟନ

ଜୟପୁର,୧୫।୯(ସମିସ): ଦୀର୍ଘ ୨୨ ବର୍ଷ ପରେ ଜୟପୁର ଲରୀ ମାଲିକ ସଂଘର ସମ୍ପାଦକ ପରିବର୍ତ୍ତନ ହୋଇଛନ୍ତି। ପୂର୍ବତନ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି ଗତ ୨୦୦୨ ମସିହାରୁ ଆଜି ପର୍ଯ୍ୟନ୍ତ ସମ୍ପାଦକ ପଦରେ ରହିଆସୁଥିବା ବେଳେ ବର୍ତ୍ତମାନ ନୂତନ ଭାବେ ମୀନକେତନ ଦାଶଙ୍କୁ ମନୋନୀତ କରିଛନ୍ତି। ଗତକାଲି ଜୟପୁର ଲରୀ ମାଲିକ ସଂଘର କାର୍ଯ୍ୟାଳୟ ଠାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଏବଂ ସମ୍ପାଦକ ପଦବୀ ପ୍ରାର୍ଥୀଙ୍କୁ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମନୋନୀତ କରାଯାଇଥିବା ବେଳେ ଉପସଭାପତି, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ସଭାପତି ପଦବୀ ନିମନ୍ତେ ସୂର୍ଯ୍ୟପ୍ରକାଶଙ୍କୁ ଚୟନ କରାଯାଇଥିଲା। ଉପସଭାପତି ଜି. ରମେଶ କୁମାର ୭୨ଟି ଭୋଟ, ଯୁଗ୍ମ ସମ୍ପାଦକ ଏସ. ସତିଶ ୮୨ଟି ଭୋଟ ଏବଂ କୋଷାଧ୍ୟକ୍ଷ ଏସ. ରାମକ୍ରୀଷ୍ଣା ୭୬ ଭୋଟ ପାଇ ବିଜୟଲାଭ କରିଥିଲେ। ଏହି ସଂଘର ସମୁଦାୟ ୧୪୭ ଟ୍ରକ୍ ମାଲିକ ସଦସ୍ୟ ରହିଥିବା ବେଳେ ଗତକାଲି ୧୩୨ ସଦସ୍ୟ ଭୋଟ ଦେଇଥିଲେ। ସେଥି ମଧ୍ୟରୁ ୨ଟି ନାକଚ ହୋଇଥିଲା ଏବଂ ୧୩୦ଟି ଭୋଟଦାନ ହୋଇଥିଲା। ଆଜି ସଂଘ କାର୍ଯ୍ୟାଳୟରେ ଶପଥ ଗ୍ରହଣ ଉତ୍ସବରେ ନୂତନ ସମ୍ପାଦକ ଶ୍ରୀ ଦାଶ କହିଛନ୍ତି ଯେ, ଗତ ୧୯୮୦ ମସିହାରୁ ୨୦୦୨ ମସିହା ପର୍ଯ୍ୟନ୍ତ ଏହି ସଂଘରେ ସମ୍ପାଦକ ଦାୟିତ୍ୱରେ ରହିଥିଲେ। ବର୍ତ୍ତମାନ ପୁଣି ସଂଘ ଦାୟିତ୍ୱ ପ୍ରଦାନ ନେଇ ମାଲିକ ମାନେ ନିଷ୍ପତି ନେଇଛନ୍ତି। ତେଣୁ ସେମାନଙ୍କ ଆଶା ପୂରଣ ନେଇ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ତେଣୁ ଏହି ସଂଘକୁ ସଂଗଠିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ନରେନ୍ଦ୍ର ମହାନ୍ତି ଓ ଗୌତମ ସାମନ୍ତରାୟଙ୍କୁ ଉପଦେଷ୍ଟା ଭାବେ ଦାୟୀତ୍ୱ ପ୍ରଦାନ କରାଯାଇଥିବା ନେଇ ନୂତନ ସମ୍ପାଦକ ଶ୍ରୀ ଦାଶ ପ୍ରକାଶ କରିଛନ୍ତି।

# ଗର୍ଭବତୀ ମହିଳାଙ୍କ ମୃତ ଘଟଣା, ସ୍ୱାମୀ ଅଟକ

ପୋଡ଼ାଗଡ଼ା,୧୫।୯(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡା ପଞ୍ଚାୟତ ଅଧିନସ୍ଥ ହାତୀମୁଣ୍ଡା ଗାଁରେ ଗତ ରବିବାର ଅପରାହ୍ନରେ ଜଣେ ୪ ମାସର ଗର୍ଭବତୀ ଥିବା ସନ୍ତୋଷୀ ବିଶୋଇ(୨୨) ମୃତଦେହ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଥିଲା। ଯୌତକୁ ପାଇଁ ତାଙ୍କୁ ମାରି ଟାଙ୍ଗ ଦିଆଯାଇଥିବା ମହିଳାଙ୍କ ବାପଘର ଲୋକ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତି କରି ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଥାନା ଅଧିକାରୀ ନିଳାଦ୍ରି କଅଁର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଛି। ଆଜି କୋରାପୁଟର ଏକ ସାଇଣ୍ଟିପିକ ଟିମ୍ ପହଞ୍ଚି ତଦନ୍ତ କରିଥିଲା। ମୃତ ମହିଳାଙ୍କ ସ୍ୱାମୀ ଗୁପ୍ତ ବିଶୋଇଙ୍କୁ ଦଶମନ୍ତପୁର ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଏ ନେଇ ପଦକ୍ଷେପ ନିଆଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

# ନୂତନ ଗ୍ରାମପଞ୍ଚାୟତ ଗଠନ ପାଇଁ ଦାବିପତ୍ର ପ୍ରଦାନ

କୋରାପୁଟ,୧୫।୯(ସମିସ): ନୂତନ ଗ୍ରାମ ପଞ୍ଚାୟତ ଗଠନ ପାଇଁ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ଏବଂ ମୂଜାଙ୍ଗ ପଞ୍ଚାୟତ ଅଧୀନ ୧୨ ଖଣ୍ଡ ଗ୍ରାମର ଲୋକେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପୋଡ଼ାଗଡ଼ ପଞ୍ଚାୟତ ଅନ୍ତର୍ଗତ ମାଲିଙ୍ଗଯୋଡ଼ି, ମାଳିତୋଳା, ପୁରୀମୁଣ୍ଡା, ଲୁଲୁକୁମାରି, ସୁକୁଟାପୁଟ ସମେତ ମୁଜାଙ୍ଗ ପଞ୍ଚାୟତର ବାଉଁଶଗୁଡ଼ା, ବିଲାପୁଟ, ବକଡାଗୁଡ଼ା, ବଡ଼ଗୁଡ଼ା, ଖଜୁରୀଗୁଡ଼ା, ବାଟିଶିଳଗୁଡ଼ା ଏବଂ କେଶବଗୁଡ଼ା ଗ୍ରାମ ସମୂହ ବର୍ତ୍ତମାନ ପୋଡ଼ାଗଡ଼ ଓ ମୁଜାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନରେ ରହିଛି। ଫଳରେ ପଞ୍ଚାୟତ ସଦର ମହକୁମା ଠାରୁ ଗ୍ରାମ ଗୁଡ଼ିକ ବହୁ ଦୂରରେ ଥିବା କାରଣରୁ ଆଶାତୀତ ବିକାଶ କାର୍ଯ୍ୟ ହୋଇ ପାରୁ ନଥିବା ବେଳେ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଆବଶ୍ୟକ ସମୟ ଦେଇ ପାରୁ ନାହାନ୍ତି। ଫଳସ୍ୱରୂପ ସମ୍ପୃକ୍ତ ୧୨ ଖଣ୍ଡ ଗ୍ରାମବାସୀ ଠିକ୍ ଭାବେ ସରକାରୀ ଯୋଜନାର ଲାଭ ପାଉ ନାହାଁନ୍ତି। ତେଣୁ ଲୋକଙ୍କୁ ସୁବିଧା ଯୋଗାଇ ଦେବାକୁ ଉପରୋକ୍ତ ୧୨ ଖଣ୍ଡ ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଗଠନ କରି ମାଲିଙ୍ଗଯୋଡ଼ି ଠାରେ ପଞ୍ଚାୟତ ସଦର ମହକୁମା କାର୍ଯ୍ୟାଳୟ କରିବାକୁ ଦାବି କରିଛନ୍ତି। ଉପରୋକ୍ତ ୧୨ଟି ଗ୍ରାମରେ ପ୍ରାୟ ୧୬୦୦ ଘର ଥିବାବେଳେ ଜନସଂଖ୍ୟା ୬୦୦୦ ରୁ ଅଧିକ ରହିଥିବା ଦର୍ଶାଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ସହ ପଞ୍ଚାୟତି ରାଜ ବିଭାଗ ମନ୍ତ୍ରୀଙ୍କ ସମେତ ଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଏବଂ ଦଶମନ୍ତପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦାବିପତ୍ର ପ୍ରେରଣ କରିଛନ୍ତି।

# ଛୁଆ ଚୋରି ନେଇ ଥାନାରେ ଅଭିଯୋଗ କଲେ ଦମ୍ପତି

ଉମରକୋଟ ୧୫।୯(ସମିସ): ପ୍ରସବ ପରେ ଡାକ୍ତରଖାନାରୁ ଗୋଟିଏ ଛୁଆକୁ ଚୋରି କିମ୍ବା ବିକ୍ରି କରି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଦମ୍ପତିଙ୍କ ପକ୍ଷରୁ ଉମରକୋଟ ଥାନାରେ ଛୁଆ ଚୋରି ଅଭିଯୋଗ ନେଇ ଏତଲା ଦିଆଯାଇଛି। ଏହି ଦମ୍ପତି ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୋଷକୋଙ୍ଗା ପଞ୍ଚାୟତର ଆଦିପାରା ଗ୍ରାମର ରାକେଶ ଗଣ୍ଡ ଓ କୁନ୍ତୀ ଗଣ୍ଡ। କୁନ୍ତୀ ଗର୍ଭବତୀ ହେଲା ପରେ ନିୟମିତ ଚେକଅପ ପାଇଁ ଉମରକୋଟ ଉପଖଣ୍ଡସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିଲେ। ଡାକ୍ତର ସାଗରୀକା ସ୍ୱାଇଁଙ୍କ ନିକଟରେ ସେ ଚିକିତ୍ସିତ ହେଉଥିଲେ। ଗତ ଜୁନ୍ ୫ ତାରିଖରେ ସୋନଗ୍ରାଫି ରିପୋର୍ଟରେ କୁନ୍ତୀଙ୍କ ଗର୍ଭରେ ଜାଆଁଳା ଛୁଆ ଥିବା ଜଣାପଡ଼ିଥିଲା। ପରିବାର ଲୋକ ମଧ୍ୟ ଏହି ଖବର ପାଇ ଖୁସି ହୋଇଥିଲେ। ଚିକିତ୍ସାଳୟ ପକ୍ଷରୁ କୁନ୍ତୀ ଗଣ୍ଡଙ୍କୁ ରେଡକାର୍ଡ ସହ ସ୍ୱତନ୍ତ୍ର ଚିକିତ୍ସାର ବ୍ୟବସ୍ଥା କରାଯାଇଥିଲା। ଗତ ସେପ୍ଟେମ୍ବର ୩ ତାରିଖରେ ଗର୍ଭ ଯନ୍ତ୍ରଣା ହେବାରୁ କୁନ୍ତୀଙ୍କୁ ପ୍ରଥମେ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା। ରେଡକାର୍ଡ ଓ ଜାଆଁଳା ଛୁଆ ଥିବା ଯୋଗୁଁ ତାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫରେ କରିଥିଲେ ଡାକ୍ତର। ପରେ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିଥିବା ଡାକ୍ତର ଏବଂ ମେଡିକାଲ କର୍ତ୍ତୃପକ୍ଷ କୁନ୍ତିଙ୍କର ଗୋଟିଏ ସନ୍ତାନ ହୋଇଥିବା ସୂଚନା ଦେଇଥିଲେ। ପରିବାର ଲୋକ ଏହା ଶୁଣିବା ପରେ ଚକିତ ହୋଇଥିଲେ। ଆମର ଦୁଇଟି ଛୁଆ ହୋଇଛି ଆମକୁ ଦୁଇଟି ଛୁଆ ଦିଅ ବୋଲି ଦାବି କରି କିଛି ସମୟ ହୋ ହାଲ୍ଲା କରିଥିଲେ। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ କୁନ୍ତୀ ଓ ତାଙ୍କ ପରିବାରକୁ ବୁଝାଇ ଗୋଟିଏ ଛୁଆ ଦେଇ ଘରକୁ ପଠାଇ ଦେଇଥିଲେ। ଆଜି ଉମରକୋଟ ଥାନାରେ ସ୍ୱାମୀ ରାକେଶ ଗଣ୍ଡ ତାଙ୍କ ନବଜାତ ଶିଶୁ ମଧ୍ୟରୁ ଗୋଟିଏ ଶିଶୁ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସନ୍ତୋଷ ପଣ୍ଡାଙ୍କୁ ପଚାରିବାରୁ ତାଙ୍କ ପାଖକୁ ସେମିତି କୌଣସି ଅଭିଯୋଗ ଆସିନାହିଁ କହି ପ୍ରତିକ୍ରିୟା ଦେବାକୁ ମନ କରିଥିଲେ। ଅନ୍ୟପଟେ ଘଟଣାକୁ ନେଇ ଡକ୍ଟର ସାଗରୀକା ସ୍ୱାଇଁ କହିଛନ୍ତି ରିପୋର୍ଟରେ ପ୍ରଥମ ଥର ଯାହା ଥିଲା, ପରେ ସିଙ୍ଗଲ ଶିଶୁ ଥିବା କଥା ସେମାନଙ୍କୁ ଜଣାଇଛି। ଛୁଆ ଚୋରୀ କଥା ସମ୍ପୂର୍ଣ୍ଣ ମିଛ। ଏହି ଅଭିଯୋଗକୁ ମେଡିକାଲ ଇନଚାର୍ଜ ତଦନ୍ତ କରିବେ ବୋଲି କହିଛନ୍ତି।

## ନିର୍ମାଣାଧୀନ ଘରୁ ଚୋରି

ଜୟପୁର,୧୫।୯(ସମିସ): ଜୟନଗର ଅଞ୍ଚଳରେ ବସବାସ କରୁଥିବା ଅଜିତ କୁମାର ମିଶ୍ରଙ୍କ ନବନିର୍ମିତ ଘରରୁ ବିଦ୍ୟୁତ ତାର ଚୋରି ହୋଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଟାଉନ୍ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଏକ ମାମଲା ରୁଜୁ ହୋଇଛି।

## କାଠ ସହ ଟ୍ରକ୍ ଜବତ

ଡାବୁଗାଁ,୧୫।୯(ସମିସ): ଡାବୁଗାଁ ବନ ବିଭାଗ କର୍ମଚାରୀ ରବିବାର ରାତିରେ ପେଟ୍ରୋଲିଂ କରୁଥିବା ସମୟରେ ଛେଲିବେଢା ଗ୍ରାମ ନିକଟରେ ଏକ ଟ୍ରକ ନଂ""""ଟିଏସ ୨୮ ଟି ୬୧୨୯ ଯୋଗେ ବର, ଓସ୍ତ, ଡିମିରି ଓ ନିଳଗିରି ଭଳି ବିଭିନ୍ନ ପ୍ରକାରର କାଠ ବୋଝେଇ ହୋଇ ଚୋରା ଚାଲାଣ ହେଉଥିବା ବେଳେ ବନ ବିଭାଗ କର୍ମଚାରୀ ମାନେ ଟ୍ରକ ଟିକୁ ଅଟକାଇଥିଲେ। ବନ ବିଭାଗ କର୍ମଚାରୀ ମାନେ ଟ୍ରକ ଟିକୁ ଡାବୁଗାଁ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ ଓ ଡ୍ରାଇଭରକୁ ଅଟକ ରଖା ଯାଇଥିଲା। ସୋମବାର ଟ୍ରକ ସହ କାଠ କୁ ବନ ବିଭାଗ ଜବତ କରିଛି ଓ ଡ୍ରାଇଭର ହେଲେ ତେଲେଙ୍ଗାନା ରାଜ୍ୟର ଖାମାମ ଜିଲା ଅଧୀନ ତିଲକନଗର ଗ୍ରାମର ଚାଲା ତିରୁପତି ରାଓ (୩୭) କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବି ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତ୍ରା କହିଛନ୍ତି। ଏହି ଚଢଉ ସମୟରେ ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ରିତାରାଣୀ, କାର୍ତ୍ତିକ ମାଝି ଓ ପାରା ଷ୍ଟାଫ ମାନେ ସାମିଲ ଥିଲେ।

## ଗଞ୍ଜେଇ ସହ ଅଟୋ ଜବତ

ବୈପାରିଗୁଡା, ୧୫।୯(ସମିସ): କେରାପୁଟ ଛକରେ ୧୦୩ କିଲୋ ଗଞ୍ଜେଇ ସହ ଅଟୋ ଜବତ କରାଯାଇଥିବା ବେଳେ ଡ୍ରାଇଭର ଘଟଣା ସ୍ଥଳରୁ ଚମ୍ପଟ ମାରିଛି। ଏନେଇ ସୂଚନା ଦେଲେ ବୈପାରୀଗୁଡା ଥାନା ଅଧିକାରୀ ଓଆଇସି ଡମ୍ବରୁଧର ବାତ୍ରିଆ କହିଛନ୍ତି, ଗତକାଲି ମଧ୍ୟ ରାତିରେ ବୈପାରିଗୁଡା ଥାନା ଏସଆଇ ସଞ୍ଜୀବ ବେହେରା ଏବଂ ତାଙ୍କ ଟିମ୍ ନାଇଟ୍ ପେଟ୍ରୋଲିଂ କରୁଥିବା ବେଳେ ବୈପାରିଗୁଡା ଥାନା ଅନ୍ତର୍ଗତ କେରାପୁଟ ଛକ ଦେଇ ଗୋଟିଏ ଅଟୋ ଆସୁଥିବା ଦେଖି ପୁଲିସ ତାକୁ ସନ୍ଦେହରେ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। ଦୂରରୁ ଅଟୋ ଡ୍ରାଇଭର ତଥା ଗଞ୍ଜେଇ ଚାଲଣକାରୀ ପୁଲିସକୁ ଦେଖି ଅଟୋ ଗାଡ଼ି ଛାଡ଼ି ଅନ୍ଧାରର ସୁଯୋଗ ନେଇ ଜଙ୍ଗଲ ଭିତରକୁ ଦୌଡ଼ି ଚାଲିଯାଇଥିଲା। ଅଟୋ ଯାଞ୍ଚ କରିବାରୁ ସେଥିରେ ୧ କ୍ୱିଣ୍ଟାଲ ୩ କିଲୋ ଥିବା ଜଣାପଡିଥିଲା। ଆଜି ଜବତ ଗଞ୍ଜେଇ ଏବଂ ଅଟୋକୁ କୋର୍ଟ ଚାଲାଣ କରାଯାଇଥିବା ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆ ସୂଚନା ଦେଇଛନ୍ତି।

# ଓଡ଼ିଶା ଶିଳ୍ପୀ ମହାସଂଘର ଦାବିପତ୍ର ପ୍ରଦାନ



କୋରାପୁଟ,୧୫।୯(ସମିସ): ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ଓଡିଶା ଶିଳ୍ପୀ ମହାସଂଘ କୋରାପୁଟ ଶାଖା ପକ୍ଷରୁ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ ପାଖାପାଖି ବରିଷ୍ଠ ବୁଣାଳୀର ମାସିକ ଦୁଇ ହଜାର ଟଙ୍କା ପାଇଛନ୍ତି। ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ଠିକ ସେହିଭଳି ଓଡିଶା ଶିଳ୍ପୀ ମହାସଂଘର ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇନଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡ଼ିରହିଛି। ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ୫ହଜାର କୋଟି କାରିବା ଦାବୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମହାସଂଘର ରାଜ୍ୟ ସଂପାଦକ ପ୍ରିୟରଞ୍ଜନ କର, କୋରାପୁଟ ଜିଲ୍ଲା ସଂଯୋଜକ ଗୌର କୁମାର, ଶ୍ୟାମ କୁମ୍ଭାର, କୈଳାସ କୁମାର, ମିନୁ ପାତ୍ର, ପଙ୍କଜିନୀ ପାତ୍ର, ବିଦ୍ୟାଧର ମହନ୍ତ, ରାମକୃଷ୍ଣ ମାଂଗାଲି, ମଧୁସୂଦନ ମାଝୀ ଓ ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକା ପ୍ରମୁଖଙ୍କ ସହ କୋରାପୁଟ ଜିଲ୍ଲାର କାରିଗର ଓ ବୁଣାକାର ମାନେ ସାମିଲ ହୋଇଥିଲେ।

# ଆରମ୍ଭରୁ କମ୍ପାନୀର ଅବହେଳାକୁ ବିରୋଧ

ସେମିଳିଗୁଡା, ୧୫।୯(ସମିସ): ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଣୀକଣା ଓ ଲୁଙ୍ଗୁରୀ ଠାରେ ଗ୍ରୀନ୍ ପ୍ଲାଏ ସାଣ୍ଡିଲା ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ଜନପ୍ରତିନିଧିମାନଙ୍କୁ ନିମନ୍ତ୍ରଣ ନକରିବା ନେଇ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଅସନ୍ତୋଷ ପ୍ରକାଶ କରିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ କିମ୍ବା ସରପଞ୍ଚ,ସମିତି ସଭ୍ୟ ବୋଲି ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରିଥିବା ସେ ଅଭିଯୋଗ କରିଛନ୍ତି। ସୋମବାର ସନ୍ଧ୍ୟାରେ ସେମିଳିଗୁଡା ପ୍ରେସ କ୍ଲବ ଠାରେ ସାମ୍ବାଦିକ ସମ୍ମେଳନ ଆୟୋଜନ କରିଥିବା ବେଳେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଏହି ଗ୍ରୀନ୍ ପ୍ଲାଏ ସାଣ୍ଡିଲା ପ୍ରାଇଭେଟ୍ ଲିମିଟେଡ୍ କମ୍ପାନିକୁ ସ୍‌ାଗତ କରିଥିବା ବେଳେ ଆଜି ର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ କୁ ତୀବ୍ର ବିରୋଧ କରିଥିଲେ। ବିଜୁ ଜନତା ଦଳର ଶାସନ କାଳରେ ଏହି ଗ୍ରୀନ୍ ପ୍ଲାଏ କାରଖାନା ନିର୍ମାଣ ପାଇଁ ୨୦୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। କିନ୍ତୁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ ଘୋଷଣା ସମୟରେ ୬୦୬ କୋଟି ଟଙ୍କାରେ ବ୍ୟାୟ ବୋଲି ଘୋଷଣା କରାଯାଇଛି। ବାକି ୧୪୦୦ କୋଟି ଟଙ୍କା କ'ଣ ହେଲା ବୋଲି ପ୍ରଫୁଲ୍ଲ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ବିଧାୟକ ଅନୁପସ୍ଥିତ ପଛରେ ଅନେକ ସନ୍ଦେହ ରହିଥିବା ଅଭିଯୋଗ କରିଛନ୍ତି। ସେହି ପରି ଦାମନଯୋଡି ରେ ନାଲକୋ କମ୍ପାନୀ ରେ ଜମି ହରା ଓ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନିମନ୍ତେ ନିଜ ସମର୍ଥନ ରହିଛି। ସ୍ଥାନୀୟ ଲୋକ ନିଜ ଅଧିକାର ପାଇଁ ଆନ୍ଦୋଳନ କରିଛନ୍ତି ଜଦୀ କମ୍ପାନୀ ସ୍ଥାନୀୟ ଲୋକଙ୍କୁ ଗୁରୁତ୍ୟ ନଦିଅନ୍ତି ତାହେଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ଉମରକୋଟ,୧୫।୯(ସମିସ): ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଗୁଡିକ ଖୁବଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ମେହେର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶରତ ଚନ୍ଦ୍ର ସେଠୀଙ୍କ ସହ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଜନ ଶୁଣାଣି ଶିବିରରେ ମୋଟ ୩୦ ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ହୋଇଥିବା ବେଳେ ୭ଟି ଗ୍ରାମ୍ୟ ଗୋଷ୍ଠୀଗତ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୫ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା ବେଳେ ଅନ୍ୟ ଅଭିଯୋଗ ଗୁଡିକୁ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ହକି, ବାସ୍କେଟ୍‌ବଲ ଖେଳାଳି ଚୟନ

ସୁନାବେଡ଼ା,୧୫।୯(ସମିସ):କୋରାପୁଟ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୋମବାର ଦିନ ସୁନାବେଡ଼ା -୧ ସ୍ଥିତ ସରକାରୀ (ଏସ.ଏସ.ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରର ଖେଳ ପଡିଆ ଠାରେ ଜିଲ୍ଲା ସ୍ତରୀୟ ହକି ଏବଂ ବାସ୍କେଟବଲ୍ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟନ ହୋଇଯାଇଛି। ସୁନାବେଡ଼ା ସରକାରୀ (ଏସ.ଏସ.ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଏଡିଇଓ ଚାମେଲି ମଜୁମଦାର, ସମ୍ମାନିତ ଅତିଥିଭାବେ ଡିପିଇଓ ଲଲାଟେନ୍ଦୁ ପୂଜାରୀ, ବରିଷ୍ଠ ଖେଳ ଶିକ୍ଷକ ସଂଗ୍ରାମ ରାଉତ, ସନ୍ଦୀପ ପଟ୍ଟନାୟକ, କୋଟିଆ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ଖାଲକୋ, ଅନିଲ ପତି, ରଞ୍ଜିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଥାଉକି ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତାରେ କୋଟିଆ ପରିଅଞ୍ଚଳରେ ଥିବା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଶାସନ ଉକ୍ତ ବିଦ୍ୟାଳୟରେ ଥିବା ଖେଳ ପଡ଼ିଆର ବିଭିନ୍ନ ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ କରିଥିଲେ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆସୁଥିବା ଛାତ୍ର ଛାତ୍ରୀ ମାନେ ଉପକୃତ ହୋଇପାରିଥାନ୍ତେ।

## ୱାଗନର୍ ଗାଡି ସହ ଗଞ୍ଜେଇ ଜବତ

ନନ୍ଦପୁର,୧୫।୯(ସମିସ): ସମବାର୍ ଅପରାହ୍ନରେ ପାଡୁଆ ପୋଲିସ୍ ଏସଆଇ ଦୀପକ କୁମାର ବାରିକ ଓ ତାଙ୍କ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ଅତଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦୋକା ନାପୁଟଗ୍ରାମର ଠାରୁ ଆରୁକୁ ଅଞ୍ଚଳକୁ ଅବୈଧ ଗଞ୍ଜେଇ ବିକ୍ରି ଉଦ୍ଦେଶ୍ୟରେ ଚୋରା ଚାଲାଣ ହେଉଥିବା ସୂଚନା ପାଇଥିଲେ। ସୂଚନା ପାଇ ଏସ୍ଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପାଡୁଆ ଡାକ ବଙ୍ଗଳା ଛକ ନିକଟରେ ଖାନତଲାସି ଆରମ୍ଭ କରିଥିଲା। ଓଆର୍ ୦୨ ଏଏଲ ୫୨୦୨ ନମ୍ବରରେ ଏକ ମାରୁତି ସୁଜୁକି ୱାଗନର୍ ଗାଡିଟିକୁ ପିଛା କରି ୨୨୫ କିଲୋଗ୍ରାମ୍ ଗାଞ୍ଜେଇ ଜବତ କରିଥିଲେ। ଉକ୍ତ ଗାଡ଼ି ସହ ଗଞ୍ଜେଇକୁ ମାଜିଷ୍ଟ୍ରେଟ ସମ୍ମୁଖରେ ଜବତ କରାଯାଇଛି।

## ଟ୍ରକ୍ ଡ୍ରାଇଭର, ହେଲପର କୋର୍ଟ ଚାଲାଣ

ଜୟପୁର,୧୫।୯ (ସମିସ) : ଜୟପୁର ସଦରଥାନା ବାରିଣିପୁଟ ପୁଲିସ ଫାଣ୍ଡି ସମ୍ମୁଖରେ ୨୬ ନମ୍ବର ଜାତୀୟ ରାଜପଥ ବୁଲାଣି ନିକଟରେ ଟ୍ରକ୍ ଦୋକାନ ଭିତରକୁ ମାଡ଼ିଯିବାରୁ ମା'ର ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇଥିଲେ। ଏହି ମାମଲାରେ ଟ୍ରକ୍ ଚାଳନା କରୁଥିବା ହେଲପର ରାମ ଖିଲ ଏବଂ ପାଶ୍ୱର୍ରେ ବସିଥିବା ଡ୍ରାଇଭର ଧନୀ ଟାକ୍ରୀଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗତକାଲି ଅପରାହ୍ନରେ ଉକ୍ତ ମାଲବାହୀ ଟ୍ରକ୍ କୋରାପୁଟ ପଟକୁ ଯାଉଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇବା ଯୋଗୁଁ ବାରିଣିପୁଟ ଠାରେ ୩ଟି ଦୋକାନ ଭିତରକୁ ଟ୍ରକ୍ ମାଡି ଯାଇଥିଲା। ସ୍ଥାନୀୟ ବାସିନ୍ଦା ଚାଳକ ହେଲପରକୁ ଧରି ମାଡମାରୁଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଥିଲା। କିନ୍ତୁ ପୁଲସି ଲୋକଙ୍କ କବଳରୁ ହେଲପରକୁ ଉଦ୍ଧାର କରିବା ସହ ସଦରଥାନାକୁ ଆଣିଥିଲେ। ଆଜି ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## କାଠରଗଡା ସରପଞ୍ଚଙ୍କ ପରଲୋକ

ବୋରିଗୁମ୍ମା, ୧୫।୯ (ସମିସ): ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ କାଠରଗଡା ପଞ୍ଚାୟତ ସରପଞ୍ଚ କୁନି ସୌରା (୩୦) ଙ୍କ ପରଲୋକ ଘଟିଛି। ସେ ଦୀର୍ଘ ୬ମାସ ଧରି ଚିକିତ୍ସାଧୀନ ଥିଲେ। ରବିବାର ଦିନ ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଛି। କାଠରୋଗଡା ପଞ୍ଚାୟତରେ ସେ ୯ ବର୍ଷ କାଳ ଦାୟିତ୍ୱ ତୁଲେଇ ଥିଲେ।ଆଜି ସକାଳେ ମୃତ ସରପଞ୍ଚ ଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା।ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀ, ଜିଲ୍ଲା ପରିଷଦ ସଭ୍ୟ ତଥା ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡିକା ସମେତ ଅନେକ ବିଜେଡି ପୁଣି ପଞ୍ଚାୟତ ଅଧିକାରୀ ହରିହର ବେହେରା, ଏଡିଓ ,ଅମରେନ୍ଦ୍ର ପାଳ, ଗୋପାଳ ଡ଼ଙ୍ଗରିଏବଂ ,ସ୍ୱାଗତୁକା ଜିପିଡ଼ିଓ ମଦନ ନାଏକ, ଅନେକ କର୍ମୀ ଓ ଗ୍ରାମବାସୀ ସରପଞ୍ଚଙ୍କ ଶେଷ ଦର୍ଶନ କରିଥିଲେ।ଗତକାଲି ସରପଞ୍ଚ କୁନି ସୌରାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ମେଡ଼ିକାଲ ଯାଇଥିଲେ।ଏଥସହ ବିଜେଡି କର୍ମୀ ସୁରେନ୍ଦ୍ର ତ୍ରିପାଠୀ,ସରୋଜ ବାଗ, ଅଭିମନ୍ୟୁ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୫
(ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,
ଡଃ ବୁଦ୍ଧ ଦେବ ମିଶ୍ର

## ପେପରମିଲ କର୍ମଚାରୀଙ୍କୁ ବକେୟା ଦରମା ଦେବା ପାଇଁ ଦାବିପତ୍ର

ଜୟପୁର,୧୫।୯(ସମିସ): ୨୦୨୪ ମସିହା ଅଗଷ୍ଟ ମାସରୁ ପେପରମିଲ କର୍ମଚାରୀଙ୍କ ଦରମା ମିଳିନଥିବା ଯୋଗୁଁ କର୍ମଚାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଜି ବାଲାରପୁର ଏମ୍ପ୍ଲଇଜ୍ ୟୁନିଅନ ପକ୍ଷରୁ ଆଜି ମାନବସମ୍ବଳ ବିଭାଗକୁ ଦାବିପତ୍ର ପ୍ରଦାନ କରାଯାଇଛି। ନିୟମିତ ଭାବେ ମିଲକୁ ଯାଇ କାର୍ଯ୍ୟ କରିଥିବା ୧୪ ମାସର ଦରମା ପ୍ରଦାନ କରିବା ପାଇଁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। କର୍ମଚାରୀ ମାନଙ୍କୁ ଗତ ୨୦୧୭ ମସିହା ଠାରୁ ବଳକା ଟଙ୍କା, ବୋନସ ଏବଂ ବୃତ୍ତିଗତ ଟଙ୍କା ଦିଆଯାଇନାହିଁ। କିନ୍ତୁ ବର୍ତ୍ତମାନ କର୍ମଚାରୀ ମାନେ ତାହା ଦାବି କରୁନାହାନ୍ତି। ଦରମା ନ ମିଳିବା ଫଳରେ ଘର ପରିଚାଳନାରେ ସମସ୍ୟା ସୃଷ୍ଟି ହୋଇଛି। ଛୁଆପିଲାମାନଙ୍କ ପାଠପଢ଼ା ଠାରୁ ଆରମ୍ଭ କରି ମେଡିକାଲ ସମସ୍ୟା ଦେଖାଗଲେ ସମସ୍ୟା ସୃଷ୍ଟି ହେଉଛି। ଏନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଏହାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ତେଣୁ ଦଶହରା ପର୍ବ ପାଳନ ପୂର୍ବରୁ ଗତ ୧୪ ମାସର ଦରମା ଟଙ୍କା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ସାଧାରଣ ସମ୍ପାଦକ ସରୋଜ ସୁଆର, କାର୍ଯ୍ୟକାରୀ ସଭାପତି ବଂଶୀଧର ମହାଙ୍କୁଡଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଭେଜାହାଣ୍ଡି ହଷ୍ଟେଲରେ ଝାଡାବାନ୍ତି ଘଟଣା

# ପେଟପୁରା ଖାଇବାକୁ ଦେଉନି ମଙ୍ଗଳ ବିଭାଗ !



କୁନ୍ଦୁରା,୧୫।୯(ସମିସ): କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଭେଜାହାଣ୍ଡି ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରରେ ଝାଡାବାନ୍ତ ପରେ ହଷ୍ଟେଲରେ ପହଞ୍ଚିଲେ ଚାରି ଜଣିଆ ଡାକ୍ତରୀ ଦଳ। ହଷ୍ଟେଲ ପରିମଳ ବ୍ୟବସ୍ଥା ତଦାରଖ କରାଯାଇଛି। ଝାଡାବାନ୍ତିର କାରଣ ଖୋଜାଚାଲିଛି। ଛାତ୍ରୀ ମାନେ ବ୍ୟବହାର କରୁଥିବା ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲାବ୍‌କୁ ପଠାଯାଇଛି। ସେପଟେ ବାହାର ଖାଦ୍ୟ ଯୋଗୁଁ ଛାତ୍ରୀମାନେ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି ବୋଲି ଘଣ୍ଟ ଘୋଡା ନୀତି ଅବଲମ୍ବନ କରି ଜିଲ୍ଲା ମଙ୍ଗଳ ବିଭାଗ ଅଧିକାରୀ ଗଣ ମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ଅଧିକାରୀଙ୍କ ପ୍ରତିକ୍ରିୟାକୁ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି। ସୂଚନା ଥାଉକି, ଭେଜାହାଣ୍ଡି ସ୍ଥିତ ଜନଜାତି ହଷ୍ଟେଲରେ ଗତକାଲି ୧୩ ଜଣ ଛାତ୍ରୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସହିପରି ସପ୍ତାହେ ମଧ୍ୟରେ ଏହି ଅନୁଷ୍ଠାନର ୨୫ ଜଣ ଛାତ୍ରୀ ଝାଡା ବାନ୍ତି ରେ ଆକ୍ରାନ୍ତ ହୋଇଛନ୍ତି। ଏହି ଖବର ପାଇବା ପରେ ଗତ କାଲି କୋଟପାଡ଼ ବିଧାୟକ ରୁପୁ ଭତ୍ରା ହଷ୍ଟେଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲ। ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାଇ ଜିଲ୍ଲାସ୍ତରୀୟ ଡାକ୍ତର ଶିବ ସାଇ ସ୍ୱରୂପ ଦାଶଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ଡାକ୍ତରୀ ଦଳ ହଷ୍ଟେଲରେ ପହଁଚି ଛାତ୍ରୀଙ୍କୁ ଭେଟିଛନ୍ତି। ଗ୍ରାମବାସଙ୍କ କହିବା ଅନୁଯାୟୀ, ଜିଲ୍ଲା ମଙ୍ଗଳ ଅଧିକାରୀ ୫ ଦିନ ପରେ ଆସି ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ବ୍ଲକ ମଙ୍ଗଳ ଅଧିକାରୀଙ୍କ ଅବହେଳାକୁ ନେଇ ଘଣ୍ଟ ଘୋଡାଇବାରେ ବ୍ୟସ୍ତ। ହଷ୍ଟେଲରେ ଖାଦ୍ୟ ନିଅଣ୍ଟିଆ ଯୋଗୁଁ ବାହାର ଖାଦ୍ୟ ଖାଇବାକୁ ବାଧ ହେଉଛନ୍ତି ଛାତ୍ରୀ ମାନେ। ଯୋ ଦ୍ୱାରାକି ଏଭଳି ପରିସ୍ଥିତି ଉପୁଜିଛି। ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନୀ ରଞ୍ଜନ ଜାଲି କେଉଁ ଅଧିକାରରେ ଦୀର୍ଘ ୪ ବର୍ଷକାଳ ଏହି ହଷ୍ଟେଲ ଦାୟିତ୍ୱ ତୁଲାଉଥିଲେ ବୋଲି ପ୍ରଶ୍ନ କରାଯାଇଛି। ତଦାରଖ ସମୟରେ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା ଗଣେଶ ପ୍ରସାଦ ଦାଶ, ଉପେନ୍ଦ୍ର ଭଟ ପ୍ରମୁଖ ଉପସ୍ଥିତ ଥିଲେ

ରୋଟାରିଆନ
ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି !



ଗତ ତା ୧୪.୦୯.୨୦୨୫ ରିଖରେ ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି। ଶ୍ରୀ ବିଶ୍ୱାଳ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗପତି। ସେହିପରି ସେ ଜଣେ ଉତ୍ସାହୀ ସମାଜସେବୀ। ସାମାଜିକ ଉତ୍ଥାନ ଦିଗରେ ସେ ସତ ଚେଷ୍ଟିତ। କୋଭିଡ ମହାମାରୀ ସମୟରେ ବସ୍ତିରେ ତାଙ୍କର ରନ୍ଧାଖାଦ୍ୟ ବାଣ୍ଟିବା ପ୍ରଶଂସନୀୟ। ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସଦାସର୍ବଦା ଲିପ୍ତ। ତାଙ୍କ ପାଇଁ ଆଜି ଆମ ଓଡ଼ିଶା ରାଜ୍ୟ ଗର୍ବିତ।

## ସୀମାନ୍ତରେ ଜୁଆ ଓ କୁକୁଡ଼ାପଡ଼ାରେ ଚଢ଼ଉ

# ୧୪ ଜୁଆଡ଼ି ଗିରଫ; ୨୦ କାର, ୧୦ରୁ ଊର୍ଦ୍ଧ୍ୱ ବାଇକ୍ ଜବତ





**ରାଉରକେଲା, ୧୫।୯ (ସମିସ)**

ସୁନ୍ଦରଗଡ଼ ଜିଲ୍ଲାର ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବୀରମିତ୍ରପୁର ପୁଲିସ ଉପଖଣ୍ଡ ଅନ୍ତର୍ଗତ ହାତୀବାରୀ ଥାନା ଅଞ୍ଚଳରେ ବର୍ଷ ବର୍ଷ ଧରି ଚାଲିଥିବା କୋଟି କୋଟି ଟଙ୍କାର ଜୁଆ, ଘୁଡୁଘୁଡି ପଟି ଓ କୁକୁଡା ପଡ଼ାର ପର୍ଦ୍ଦାଫାଶ କରିଛନ୍ତି ସୁନ୍ଦରଗଡ଼ରେ ଯୋଗ ଦେଇଥିବା ନୂତନ ଏସପି ଅମ୍ରିତପାଲ କୌର। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ନୂତନ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ସୀମାନ୍ତବର୍ତ୍ତୀ ପଟବରେ ଚାଲି ଆସୁଥିବା ଜୁଆ, ଘୁଡୁଘୁଡି ପଟି ଓ କୁକୁଡାପଡ଼ା ଉପରେ ଚଢ଼ଉ କରି ୧୪ ଜଣ ଜୁଆଡିଙ୍କୁ ଗିରଫ କରାଯିବା ସହ ଘଟଣା ସ୍ଥଳରୁ ୨୦ଟି କାର, ୧୦ରୁ ଅଧିକ ବାଇକ୍, ୧୦ ମୋବାଇଲ୍ ସହ ୮ ହଜାର ଟଙ୍କା ଜବତ କରିଛି। ଗିରଫ ହୋଇଥିବା ଜୁଆଡିମାନେ ହେଲେ ସିମଡେଗା ଜଲଡେଗାର ଶିବଲାଲ ଲାଖୁଆ (୪୫), ବିର୍ସା ଧନୱାର୍ (୪୦), ଦୀପକ ଚିକ୍ ଓରଫ୍ ବାଡାଇକ୍ (୩୩), ରାକେଶ ରାମ ବାଘେଲ (୩୨), ବଳରାମ ସାହୁ (୩୫), ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ମାଲିଡିହିର ରମେଶ ଟପ୍ପୋ (୪୫), ଝାଡଖଣ୍ଡ ଗୁମଲାର ସାନ୍ତୋଷ ସାହା(୨୨), ବ୍ରାହ୍ମଣୀତରଙ୍ଗ ଥାନା ଚିକଟମାଟିର ନ୍ୟୁଏଲ୍ ଓରାମ (୬୧), ବିଶ୍ରା ଅଞ୍ଚଳର ଆଲ୍ବିସ ଏକ୍କା (୨୯), ସୋମା ଧନୱାର୍ (୨୯), ରାଉରକେଲା ବାସନ୍ତୀ କଲୋନୀର ରଣଜିତ୍ କୁମାର ଯାଦବ (୫୬), ରାଉରକେଲା ବନ୍ଧମୁଣ୍ଡାର ସଞ୍ଜୟ ବାଡାଇକ୍ (୩୦), ପ୍ଲାଣ୍ଟସାଇଟ୍ ଥାନା ମଧୁସୂଦନ ମାର୍ଗର ସାନ୍ତାଲାଲ ଶର୍ମା (୬୩)। ତେବେ ପୁରା ଜୁଆ ଆଡ୍ଡାର କିଙ୍ଗ୍‌ପିନ୍ ବୀରମିତ୍ରପୁର ବନମୁଣ୍ଡା ଦାଫେଇର ରାଜେନ୍ଦ୍ର ସିଂହ (୩୯) ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏଥିରେ ଆଉ ୨୫ ଜଣ ଜୁଆଡି ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ବୀରମିତ୍ରପୁର ପୁଲିସ ଉପଖଣ୍ଡ ହାତିବାରୀ ଥାନା ଠାରୁ ମାତ୍ର ୬ କିଲୋମିଟର ଦୂରରେ ଏହି କୁକୁଡା ଲଢେଇ ବର୍ଷ ବର୍ଷ ଧରି ଚାଲୁଥିଲେ ମଧ୍ୟ କିପରି ଏବଂ କାହିଁକି ପୁଲିସ ନୀରବଦ୍ରଷ୍ଟା ସାଜିଥିଲା ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାରେ ଉପଖଣ୍ଡ ପୁଲିସ ଅଧିକାରୀ ଓ ହାତିବାରୀ ପୁଲିସର ଭୂମିକା ସନ୍ଦେହ ଘେରରେ ରହିଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲାର ସବୁଠାରୁ ବଡ କୁକୁଡା ଲଢେଇ ଓ ଜୁଆ ଖେଳ ଓଡ଼ିଶା ସୀମାବର୍ତ୍ତୀ ହାତିବାରୀ ଥାନା ଠାରୁ ମାତ୍ର ୬ କିଲୋମିଟର ଦୂରରେ କର୍କଟ ନାସା ପଞ୍ଚାୟତର ପୋଟାବ ଗ୍ରାମ ନିକଟସ୍ଥ ଜଙ୍ଗଲ ମଝିରେ ବର୍ଷ ବର୍ଷ ଧରି ନିର୍ବିଘ୍ନରେ ହୋଇ ଆସୁଥିଲା। ସପ୍ତାହର ରବିବାର, ମଙ୍ଗଳବାର, ବୁଧବାର, ଶୁକ୍ରବାର ଚାରି ଦିନ ଏହି ଖେଳ ହେଉଥିଲା। ଯେଉଁଠି ଶହ ଶହ ସଂଖ୍ୟାରେ କାର, ମୋଟର ସାଇକେଲ ଆସିବା ସହ ଅସଂଖ୍ୟ ସାଇକେଲ ଚାଳକ ଜୁଆ ଖେଳିବାକୁ ଆସୁଥିଲେ। ଏହି ବେଆଇନ କୁକୁଡା ଖେଳରେ ଭାଗ ନେବାକୁ ଓଡ଼ିଶାର ନୁଆଗାଁ ବ୍ଲକ, ବିଶ୍ରା, ବୀରମିତ୍ରପୁର, ରାଉରକେଲା, ବନ୍ଧମୁଣ୍ଡା, ଜରେଇକେଲା, ରାଜଗାଙ୍ଗପୁର ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଲୋକ ଲକ୍ଷ ଲକ୍ଷ ଟଙ୍କା କୁକୁଡା ଲଢେଇ ଓ ଘୁଡୁପଟିରେ ଲଗାଇ ସର୍ବସ୍ୱାନ୍ତ ହେଉଥିବା ନଜିର ରହିଥିଲା। ସେହିପରି ଝାରଖଣ୍ଡର ହୁର୍ଦ୍ଦା, ଗେର୍ଦ୍ଦ, ସିମଡେଗା, ବୋଲବା, ବାନୋ, ଟାଟା ଓ ଅନେକ ଗାଁ ସହରରୁ ବଡ ବଡ ଜୁଆଡିମାନେ ଏହି ଖେଳରେ ଭାଗ ନେଉଥିବା ବେଳେ ସକାଳ ୧୨ ଟା ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଏହି କୁକୁଡା ଲଢେଇ ଓ ଜୁଆ ଆଡ୍ଡା ଚାଲୁଥିଲା। ବର୍ଷ ବର୍ଷ ଧରି ଲକ୍ଷ ଲକ୍ଷ ଟଙ୍କାର ଜୁଆ, ଘୁଡୁଘୁଡି ପଟି ଓ କୁକୁଡା ଲଢେଇ ଚାଲୁଥିବା ବେଳେ ବୀରମିତ୍ରପୁର ଉପଖଣ୍ଡ ଅଧିକାରୀ ଓ ହାତିବାରୀ ପୁଲିସର ନୀରବତା ଏବଂ ଭୂମିକା ସନ୍ଦେହଜନକ ମନେହେବାରୁ ସୁନ୍ଦରଗଡ଼ର ନୂତନ ଏସ୍‌ପି ଅମ୍ରିତପାଲ କୌର ସେମାନଙ୍କୁ ବିଶ୍ୱାସରେ ନ ନେଇ ସୁନ୍ଦରଗଡ଼ରୁ ଏକ ସ୍ୱତନ୍ତ୍ର ପୁଲିସ ଟିମ ଦ୍ୱାରା ଚଢ଼ଉ କରିଥିବା ସୂଚନା ମିଳିଛି।

# ମାଷ୍ଟର ମାଇଣ୍ଡ ସମେତ ୫ ସାଇବର ଠକ ଗିରଫ



**ରାଉରକେଲା, ୧୫।୯ (ସମିସ):** ରାଉରକେଲାର ଲୋକଙ୍କ ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ସାଇବର ଠକେଇ କରିବା ଅଭିଯୋଗରେ ସେକ୍ଟର -୭ ଥାନା ପୁଲିସ ମାଷ୍ଟର ମାଇଣ୍ଡ ସମେତ ୫ ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର -୧୬, ଡି/୮୬ର ମାଷ୍ଟର ମାଇଣ୍ଡ ରାହୁଲ କୁମାର ରଏ (୩୦), ସେକ୍ଟର -୧୬ ପିଏଚ କଲୋନୀ ଶିବ ମନ୍ଦିର ନିକଟର କେପି ଶୁଭମ୍ (୨୭), ସେକ୍ଟର -୧୫, ଡି/୬୪ର ଅଭିଜିତ ନାୟକ (୨୨), ସେକ୍ଟର -୧୫, ସି/୨୯୩ର ରୋହିତୋଷ କୋଇଲା ଓରଫ ସୋନୁ (୨୪) ଓ ସେକ୍ଟର -୧୫ ଇ ବ୍ଲକର ଅଜିତ ମୁଣ୍ଡା (୨୬)। ସେମାନଙ୍କ ଠାରୁ ୫ଟି ମୋବାଇଲ ଜବତ କରାଯାଇଛି। ଏନେଇ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜୋନ ୧ ଡିଏସପି ଯୋଗେଶ ପଣ୍ଡା କହିଛନ୍ତି, ଭିଲାଇର କେ. ଶ୍ରିନୁ ରାଓ ସହ ମାଷ୍ଟର ମାଇଣ୍ଡ ରାହୁଲଙ୍କ ପରିଚୟ ହୋଇଥିଲା। ଶ୍ରିନୁ ବିଭିନ୍ନ ଲୋକଙ୍କ ଆକାଉଣ୍ଟ ଯୋଗାଡ କରି ସାଇବର ଠକେଇ କରି ଟଙ୍କା ରୋଜଗାର କରିବାକୁ ପ୍ରସ୍ତାବ ଦେଇଥିଲା। ରାହୁଲ ନିଜ ୪ ସହଯୋଗୀଙ୍କୁ ନେଇ ରାଉରକେଲାରୁ କାମ ଆରମ୍ଭ କରିଥିଲା। ଏହି ଗ୍ୟାଙ୍ଗ୍ ରାଉରକେଲା ଏବଂ ନିକଟସ୍ଥ ଅଞ୍ଚଳର ନିରୀହ ବାସିନ୍ଦାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲା। ଏହି ଆକାଉଣ୍ଟ ଗୁଡ଼ିକୁ ସାରା ଭାରତରେ ସାଇବର ଅପରାଧୀଙ୍କୁ ବିକ୍ରି କିମ୍ବା ଭଡ଼ାରେ ଦିଆଯାଇଥିଲା। ସାଇବର ଅପରାଧୀଙ୍କ ଜରିଆରେ ପୀଡିତମାନଙ୍କ ଆକାଉଣ୍ଟକୁ ଅପବ୍ୟବହାର କରି ଠକେଇ ଅର୍ଥକୁ ଏହି ଠକମାନେ ବାହାର କରୁଥିଲେ। ଅନ୍ୟ ରାଜ୍ୟ ଏବଂ ସମ୍ଭବତଃ ବିଦେଶକୁ ଚାଲାଣ କରିବା ପୂର୍ବରୁ ପଥକୁ ଲୁଚାଇବା ପାଇଁ ଟଙ୍କା ଅନେକ ଆକାଉଣ୍ଟ ମାଧ୍ୟମରେ ସୀମିତ କରାଯାଇଥିଲା। ତଦନ୍ତରୁ କେୱାଇସି ନିୟମକୁ ବାଇପାସ୍ କରିବାରେ କିଛି ବ୍ୟାଙ୍କ ଅଧିକାରୀଙ୍କ ସମ୍ପୃକ୍ତି ସନ୍ଦେହ କରି ଜାଲ୍ ଡକ୍ୟୁମେଣ୍ଟ ଏବଂ ପ୍ରତିରୂପଣ ବ୍ୟବହାର ହୋଇଥିଲା। ଆକାଉଣ୍ଟ ଗୁଡ଼ିକୁ ଛତିଶଗଡ଼, ଝାଡ଼ଖଣ୍ଡ, ବିହାର ଏବଂ ପଞ୍ଜାବ ଭଳି ରାଜ୍ୟରେ ପଠାଯାଇଥିଲା। ଯାହାର ଆନ୍ତର୍ଜାତୀୟ ଲିଙ୍କ୍ ରହିଥିବା ସନ୍ଦେହ କରାଯାଉଛି।

ପ୍ରତି କାରବାର ପାଇଁ ୨ ରୁ ୧୫ ପ୍ରତିଶତ କମିଶନ ମିଳୁଥିଲା। ବର୍ତ୍ତମାନ ମାମଲାକୁ ନେଇ ପୁଲିସ ଅଧିକ ଖୋଳତାଡ ଜାରି ରଖିଛି। ଉଚ୍ଚସ୍ତରୀୟ ହ୍ୟାଣ୍ଡଲର ମାନଙ୍କୁ ଚିହ୍ନଟ କରୁଛି। ବ୍ୟାଙ୍କ ଭିତରର ଲୋକଙ୍କୁ ଯାଞ୍ଚ କରିବା ସହ ଚାଟ୍, ଯୋଗାଯୋଗ କାରବାର ରେକର୍ଡ ପୁନରୁଦ୍ଧାର କରିବା ପାଇଁ ଜବତ ଡିଭାଇସ ଗୁଡ଼ିକର ଫୋରେନ୍ସିକ୍ ପରୀକ୍ଷା କରାଯାଉଥିବା ପୁଲିସ ସାମ୍ବାଦିକ ସମ୍ମିଳନୀରେ କହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଇନ୍ସପେକ୍ଟର ରବୀନ୍ଦ୍ରନାଥ ପାତ୍ର, ଏସଆଇ ସୌମ୍ୟ ରଞ୍ଜନ ଗିରି ଓ ଏସଆଇ ଆର.କେ. ସ୍ୱାଇଁ ଉପସ୍ଥିତ ଥିଲେ।

# ହକି ତାରକା ଶିଳାନନ୍ଦ ଓ ସଞ୍ଜିପ୍ ସମ୍ବର୍ଦ୍ଧିତ

**ରାଉରକେଲା, ୧୫।୯ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନାର ମନ୍ଥନ ସମ୍ମିଳନୀ କକ୍ଷରେ ସେପ୍ଟେମ୍ବର ୧୩ ତାରିଖରେ ଆୟୋଜିତ ଏକ ଉତ୍ସବରେ ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ପୁରୁଷ ହକି ଏସିଆ କପରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ରାଉରକେଲାର ଦୁଇ ଅସାଧାରଣ ହକି ପ୍ରତିଭା ଶିଳାନନ୍ଦ ଲାକ୍ରା ଏବଂ ନୀଲମ ସଞ୍ଜିପ ଖେସ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଲ୍ଲେଖନୀୟ ଯେ, ଶିଳାନନ୍ଦ ସେଲ୍‌ଫ ହକି ଏକାଡେମୀର ପୂର୍ବତନ କ୍ୟାଡେଟ ଅଟନ୍ତି।



ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଖଣି (ଓଜିଓଏମ, ସିଏମଏଲଓ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ ପାଲ ଚୌଧୁରୀ, ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକରଙ୍କ ସମେତ ସେଲ୍‌ଫ ହକି ଏକାଡେମୀର ପ୍ରଶିକ୍ଷକ ଏବଂ ଆରଏସପିର ବରିଷ୍ଠ ଅଧିକାରୀ ଏବଂ କ୍ରୀଡା ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଡିଆଇସି ଶ୍ରୀ ବର୍ମା କ୍ୟାଡେଟମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେଲ୍‌ଫ ହକି ଏକାଡେମୀ (ଏସଏଚଏ) ଏବଂ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ (ବିପିଏଚଏସ) କୁ ଉନ୍ନତ କରିବା ପାଇଁ ଏକ ଉନ୍ନତିକୃତ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି କହିଥିଲେ। ଯାହା ଦ୍ୱାରା ଯୁବ ପ୍ରତିଭାମାନେ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଏବଂ ସୁଯୋଗ ପାଇପାରିବେ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଅନ୍ୟ ସମସ୍ତ ନିର୍ବାହୀ ନିର୍ଦ୍ଦେଶକମାନେ ମଧ୍ୟ ଉଭୟ ଖେଳାଳୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରାରମ୍ଭରେ ଶ୍ରୀ କାନେକର ସମାବେଶକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଶିଳାନନ୍ଦ ଏବଂ ନୀଲମ ସେମାନଙ୍କର ଅଭିଜ୍ଞତା ବାଣ୍ଟିବା ସହିତ ଆରଏସପି ପ୍ରବନ୍ଧନକୁ ଧନ୍ୟବାଦ ମଧ୍ୟ ଜଣାଇଥିଲେ। ସେଲ୍‌ଫ ହକି ଏକାଡେମୀର ଉଭୟ ପ୍ରଶିକ୍ଷକ ରାଜୁ କାନ୍ତ ସାଇନି ଏବଂ ଏ କେ ଦ୍ୱିବେଦୀ ମଧ୍ୟ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର



**ରାଉରକେଲା, ୧୫।୯ (ସମିସ):** ରେଳ ଧାରଣାରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ବନ୍ଧମୁଣ୍ଡା ଜିଆରପି ଥାନା ପୁଲିସ ଉଦ୍ଧାର କରିଛି। ମୃତକଙ୍କ ବୟସ ପାଖାପାଖି ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ସୋମବାର ଅପରାହ୍ନରେ ବିସପୁର ରେଳ ଭୂତଳ ରାସ୍ତା ନିକଟରେ ମୃତଦେହ ପଡ଼ିଥିବା ନେଇ ଦକ୍ଷିଣ ରେଳ ବନ୍ଧମୁଣ୍ଡା ଚିଫ କଣ୍ଟ୍ରୋଲର ସଲିଲ କୁମାର ଦାସ ପୁଲିସକୁ ସୂଚନା ଦେଇଥିଲେ। କେସ ଆଇଓ ଏଏସଆଇ କେ. କିସାନ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା କହିଛନ୍ତି।

# ଜାତୀୟସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ




**ରାଉରକେଲା, ୧୫।୯ (ସମିସ):** ସ୍ଥାନୀୟ ଜଗଦା ସ୍ଥିତ ଜୟଦେବ କଳା ବିକାଶ କେନ୍ଦ୍ର, ରାଉରକେଲା ତରଫରୁ ଅହୋରାତ୍ର 'ମା' ବାଟ ମଙ୍ଗଳା ୮ମ ଜାତୀୟସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ -୨୦୨୫' ଅହୋରାତ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୀବ କୁମାର ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତଥା ସଭାପତି ନରେନ୍ ଦାସଙ୍କ ଅଧ୍ୟକ୍ଷତାରେ ଏବଂ ସମ୍ପାଦକ ପ୍ରଦୀପ କୁମାର ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ଗନ୍ଧର୍ବ ମହାବିଦ୍ୟାଳୟର ସମ୍ପାଦକ ଗୁରୁଶ୍ରୀ ଯାମିନୀକାନ୍ତ ମିଶ୍ର, ଡକ୍ଟର ସଞ୍ଜୟ ହାତୀ, ବିଭୁ ପ୍ରସାଦ, ଶୁଭେନ୍ଦୁ ରାଉତ, ସ୍ୱରାଜ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ନାୟକ ମିନି ଇଣ୍ଡିଆ ଭାବେ ଜଣାଶୁଣା ରାଉରକେଲାରେ ଆୟୋଜିତ ଏପରି ଏକ ନିଆରା କାର୍ଯ୍ୟକ୍ରମ ନୂତନ ପିଢ଼ୀର କଳାକାରଙ୍କୁ ଉତ୍ସାହ ପ୍ରଦାନ କରିବା ସଙ୍ଗେ ସଙ୍ଗେ ରାଉରକେଲାର କଳା ସଂସ୍କୃତିକୁ ଅଧିକ ଉଜ୍ଜିବୀତ କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ୩୫ରୁ ଅଧିକ ଓ ସହରର ଜଣାଶୁଣା ୨୫ରୁ ଊର୍ଦ୍ଧ୍ୱ ଅଭିଜ୍ଞ ଓ ନବୀନ କଳାକାରମାନେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଦିଲ୍ଲୀରୁ କପିଲ୍ କୁମାର, ଯତୀନ ଦୟାଲ୍, ମୁମ୍ବାଇରୁ ଆସିଥିବା ଘନଶ୍ୟାମ ଚାନ୍ଦ ସହନାଇ ଓ ଦୁକ୍କଡ ଯନ୍ତ୍ରସଙ୍ଗୀତ ଓ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି କଲିକତାରୁ ଆସିଥିବା କମଲାକ୍ଷ ମୁଖର୍ଜୀ ଏକକ ହାର୍‌ମୋନୀୟମ୍ ବାଦନ କରିଥିଲେ। ପୁନେର ସୁଶ୍ରୀ ସାନିକା କୁଲକର୍ଣ୍ଣି ଓ ଜାମସେଦପୁରର ଦେବାର୍ଘ୍ୟ ରାୟ ଏକକ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ବେଙ୍ଗାଲୁରୁର ଗଜରାଜ୍ ମୋହିନୀ, କୋଚିର ସୁଶ୍ରୀ ରତ୍ନାଶ୍ରୀ ଆୟାର, କଲିକତାର ସୁପ୍ରଭାତ ଭଟ୍ଟାଚାର୍ଯ୍ୟ ଏକକ ତବଲା ସହଯୋଗୀ ଭାବରେ ତାଙ୍କ କଳା ପ୍ରଦର୍ଶନ କରିଥିଲେ। ବାଲେଶ୍ୱରରୁ ଆସିଥିବା ପ୍ରଖ୍ୟାତ ସନ୍ତୁର ବାଦକ ନନ୍ଦ କିଶୋର ଦାସ ଓ ଗୀଟାର ବାଦକ ସତ୍ୟଜିତ ମହାରଣା ଯୁଗଳ ଯନ୍ତ୍ରସଙ୍ଗୀତ ପରିବେଷଣ କରିଥିଲେ। ପୁରୀର ବିଶିଷ୍ଟ ଓଡ଼ିଶୀ ସଙ୍ଗୀତଜ୍ଞ ଅଚ୍ୟୁତ ମହାରଣା, ଭୁବନେଶ୍ୱରରୁ ଆସିଥିବା ସୌମ୍ୟରଞ୍ଜନ ଗାହାଣ, ସୁଶ୍ରୀ ସୁଚିସ୍ମିତା ନନ୍ଦ ଓ ସୁଶ୍ରୀ ଶ୍ୟାମଳୀ ଲେଙ୍କା ଓଡ଼ିଶୀର ବିଭିନ୍ନ ପର୍ଯ୍ୟାୟର କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ଯନ୍ତ୍ର ସଙ୍ଗୀତରେ ପ୍ରଖ୍ୟାତ ମର୍ଦ୍ଦଳ ବାଦକ ଗୁରୁଶ୍ରୀ ସଚ୍ଚିଦାନନ୍ଦ ଦାସ, ମୁରଲୀଧର ସ୍ୱାଇଁ, ସୁପ୍ରିତ୍ ପ୍ରିୟଦର୍ଶୀ ପଣ୍ଡା, ଦୀପକ ନାୟକ, ତବଲାରେ ଗୁରୁଶ୍ରୀ କୁଳମଣି ସାହୁ, ହାରମୋନୀୟମ୍‌ରେ ଗୁରୁଶ୍ରୀ ଯାମିନିକାନ୍ତ ମିଶ୍ର ସହଯୋଗ କରିଥିଲେ। ଏତଦ୍ ଭିନ୍ନ ରାଉରକେଲାର ଗୁରୁ ବୀଣାପାଣି ରଥ, ଡ଼ ସୁଶାନ୍ତ ପାଣି, ଗୁରୁ ପୁଲିନ୍ ରାଉତରାୟ, ପ୍ରଭାତୀ ଦାଶ, ସୌମ୍ୟରଞ୍ଜନ କର ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଯନ୍ତ୍ରସଙ୍ଗୀତରେ ଗୁରୁ ମନବୋଧ ମିଶ୍ର, ଗୁରୁ ଅରବିନ୍ଦ ସାହୁ, ରଜତ ପଣ୍ଡା ତବଲାରେ ସହଯୋଗ କରିଥିଲେ। ଓଡ଼ିଶାର ସୁନାମଧନ୍ୟ ତଥା ଦୂରଦର୍ଶନ ଉପସ୍ଥାପକ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ଡ଼ ସୁଶାନ୍ତ ପାଣି କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ କଳାକାରଙ୍କୁ ଶ୍ରୀଫଳ, ଉପଢ଼ୌକନ, ମାନପତ୍ର ଓ ଫଳକ ପ୍ରଦାନ କରି ସମ୍ମାନିତ କରିବା ସଂଗେ ସଂଗେ ଏହି କାର୍ଯ୍ୟକ୍ରମର ଭୁବନେଶ୍ୱରରୁ ଆସିଥିବା ମୁଖ୍ୟ ଗୁରୁ ରାଜକିଶୋର ପାଢ଼ୀ ଓ ଟିଟଲାଗଡ଼ ଶାସ୍ତ୍ରୀୟ ସଙ୍ଗୀତ ଆୟୋଜକ ପ୍ରବୀଣ ଦାସଙ୍କୁ ଶ୍ରୀଫଳ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ପଣ୍ଡିତ କାଶୀନାଥ ପଣ୍ଡା ମନ୍ତ୍ର ପାଠ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ହରିହର ପଣ୍ଡା, ଭୋଳନଥ ମାଝୀ, ରୁକ୍ମିଣ ବେହେରା, ପ୍ରମୋଦ ସାମଲ, ଦିଲୀପ ପତି, ବ୍ରଜେନ୍ଦ୍ର ଦାସ, କରୁଣାକର ସାହୁ, ଧର୍ମାନନ୍ଦ ପୃଷ୍ଟି, ପ୍ରଭାତ ମହାନ୍ତି, କ୍ରିଷ୍ଣା ସିଂହ, ହୃଷୀକେଶ ନାୟକ, ରମେଶ ସୁନା, ବଂଶୀଧର ସାହୁ, ସ୍ୱର୍ଣ୍ଣରେଖା ମହନ୍ତ, ପଦ୍ମିନୀ ସାହୁ, ରଶ୍ମିରେଖା ମିଶ୍ର ସହଯୋଗ କରିଥିଲେ। ଶେଷରେ ଡ. ସୁଶାନ୍ତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରଭାଷା ପ୍ରଚାର ଓ ବିକାଶ ସଂସ୍ଥାନର ହିନ୍ଦୀ ଦିବସ



**ରାଉରକେଲା, ୧୫।୯ (ସମିସ):** ରାଷ୍ଟ୍ରଭାଷା ପ୍ରଚାର ଏବଂ ବିକାଶ ସଂସ୍ଥାନ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସୁନିତା ଅଗ୍ରୱାଲଙ୍କ ରଚିତ ପୁସ୍ତକ 'ମେରି ନଜରିଆ ସେ' ଲୋକାର୍ପିତ ହୋଇଯାଇଛି। ହୋଟେଲ ମେ' ଫେୟାର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରଭାଷା ପ୍ରଚାର ଓ ବିକାଶ ସଂସ୍ଥାନର ମୁଖ୍ୟ ଡ. ଜଗନ୍ନାଥ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼ଃ ନିବେଦିତା ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଲୋକାର୍ପିତ କରିଥିଲେ। ହିନ୍ଦୀ ଭାଷାକୁ ସମସ୍ତେ ବ୍ୟବହାର କରିବା ଉପରେ ମୁଖ୍ୟଅତିଥି ଗୁରୁତ୍ୱାରୋପ କରିଥିଲେ। ବିଶ୍ୱରେ ଚତୁର୍ଥ ସ୍ଥାନରେ ଥିବା ହିନ୍ଦୀକୁ ଦିଲ୍ଲୀର ଭାଷା ନକରି ଦିଲ୍ ର ଭାଷା କରିବାପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ସୁନିଲ କାୟଲ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆରଏସପିର ସିଜିଏମ ଟିଜି କାନେକର ଯୋଗଦେଇ ପୁସ୍ତକ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୁନିତାଙ୍କ ଗୁରୁ ଅରବିନ୍ଦ ପାଣ୍ଡେ ଓ ନାଟ୍ୟକାର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଶରତଚନ୍ଦ୍ର ପଣ୍ଡା ସରସ୍ୱତୀ ବନ୍ଦନା ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ଉପାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମୋନାଲିସା ଗୌଡ, ରାଜକୁମାର ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# କଫ ସିରପ୍ ଜବତ; ୪ ଗିରଫ



**ରାଉରକେଲା, ୧୫।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଟାଉନ ଥାନା ଅନ୍ତର୍ଗତ ଟ୍ରକ ଆସୋସିଏସନ ଅଫିସ ନିକଟରୁ ପୁଲିସ ଏକ ବୋଲେରୋ ଭିତରୁ କଫ୍ ସିରଫ ଜବତ କରିବା ସହ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ଲେଫ୍ରିପଡ଼ା ଥାନା କୁଲାବିରା ଅଞ୍ଚଳର ହେମନ୍ତ ପୃଷେଠ ଓରଫ ଆଦିତ୍ୟ(୩୨), ଭଷ୍ମା ଥାନା କମାରବାହାଲ ଗାଁର ଧରଣୀ ବଗର୍ତ୍ତୀ, ଲେଫ୍ରିପଡ଼ା ଥାନା ଉଜ୍ଜ୍ୱଳପୁରର ଜିତେନ୍ଦ୍ର କିଷାନ ଓ ଜମେଶ୍ୱର ଚିତା ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ୧୦୦ ମିଲିଲିଟର ବିଶିଷ୍ଟ ୨୩୫ଟି ସିଲଡ୍ ୱିନସିରେକ୍ସ କଫ୍ ସିରପ, ବୋଲେରୋ ଭ୍ୟାନ, ୪ଟି ମୋବାଇଲ ଫୋନ ଓ ନଗଦ ୪୬, ୭୫୦ ଟଙ୍କା ଜବତ କରାଯାଇଛି। ସୂଚନା ମୁତାବକ ଆଜି ସକାଳେ ଏହି ଅପରାଧିମାନେ ବୋଲେରୋରେ ଲେଫ୍ରିପଡ଼ା ଆଡେ ଯାଉଥିବା ବେଳେ ପୁଲିସ ସୂଚନା ପାଇ ଟ୍ରକ୍ ମାଲିକ ସଂଘ ଅଫିସ ନିକଟରେ ସେମାନଙ୍କୁ ଧରିଥିଲା। ତେବେ ଅଭିଯୁକ୍ତମାନେ ବରଗଡ଼ ଆଡୁ ଏହି କଫ ସିରଫକୁ କ୍ରୟ କରୁଥିଲେ। ସେମାନେ ବୋତଲ ପିଛା ୧୭୦ ଟଙ୍କାରେ କିଣି ୩୦୦ ଟଙ୍କାରେ ବିକ୍ରି କରୁଥିଲେ। ଅଭିଯୁକ୍ତମାନେ କାହା ଠାରୁ ଏତେ ପରିମାଣରେ କଫ୍ ସିରଫ କିଣୁଥିଲେ ତାର ଖିଅ ଖୋଜିବା ପାଇଁ ତଦନ୍ତ ଚାଲିଥିବା ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି।

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୫
(ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି
କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,
ଡଃ ବୁଦ୍ଧ ଦେବ ମିଶ୍ର

## ଆର୍‌ଏସ୍‌ପିରେ ଇଞ୍ଜିନିୟର ଦିବସ

# 'ଦେଶ ଗଠନରେ ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ରାଉରକେଲା, ୧୫।୯ (ସମିସ):** ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ସହଭାଗିତାରେ ରାଉରକେଲା ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ସ୍ଥାନୀୟ ଶାଖା ଦ୍ୱାରା ଗୋପବନ୍ଧୁ ଅଡିଟୋରିୟମ୍‌ରେ ୫୮ତମ ଇଞ୍ଜିନିୟର ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ସମାରୋହରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୱେଷ୍ଟିଂହାଉସ୍ ଇଲେକ୍ଟ୍ରିକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର କଣ୍ଟ୍ରି ଡାଇରେକ୍ଟର ଡକ୍ଟର ଆଲୋକ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଇଏମ୍ ବିଭାଗ ଜିଏମ୍ ଇନ୍-ଚାର୍ଜ ତଥା ଆଇଇଆଇ ରାଉରକେଲା ସ୍ଥାନୀୟ ଚାପ୍ଟର ଅଧ୍ୟକ୍ଷ ସନ୍ତୋଷ କୁମାର ପୋଲାକି ଏବଂ ଆଇଇଆଇ ରାଉରକେଲା ଚାପ୍ଟର ଅବୈତନିକ କାର୍ଯ୍ୟକାରୀ ସଚିବ ପ୍ରଫେସର ରାମ ଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ଉତ୍ସବରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, କାରଖାନାର ଅନେକ ସିଜିଏମ୍, ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀ ତଥା ଏନଆଇଟି ରାଉରକେଲାର ଅଧ୍ୟାପକମାନେ ଏହି ଅଧିବେଶନରେ ଯୋଗ ଦେଇଥିଲେ।। ଆଜି ପ୍ରାରମ୍ଭରେ ଅତିଥି ମାନେ ସାର୍ ଏମ୍ ବିଶ୍ୱେଶ୍ୱରାୟଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଶ୍ରୀ ପଲାଇ ମହାବିଦ୍ୟାଳୟରୁ ହିଁ ଶିଳ୍ପ ପ୍ରସ୍ତୁତ ସ୍ନାତକ ସୃଷ୍ଟି ନିମନ୍ତେ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ମାନବତାର କଲ୍ୟାଣ ପାଇଁ ସମାଜର ପ୍ରମୁଖ ଆହ୍ୱାନ ସମାଧାନ ପାଇଁ ଇଞ୍ଜିନିୟରମାନଙ୍କ ଭୂମିକାକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଡକ୍ଟର ଆଲୋକ ମିଶ୍ର ଶକ୍ତି ପରିବର୍ତ୍ତନରେ ପରମାଣୁ ଶକ୍ତି ଏବଂ ଏଆଇର ଭୂମିକା ବିଷୟରେ ବିସ୍ତୃତରେ ବର୍ଣ୍ଣନା କରିଥିଲେ। ସେ ଭାରତରେ ୱେଷ୍ଟିଂହାଉସ୍ ଏପି ୧୦୦୦ ପ୍ରକଳ୍ପ, ଏସଏମଆର ଏପି ୩୦୦, ଇ- ଭିନ୍ସ ଆଡଭାନ୍ସ ମାଇକ୍ରୋ ରିଆକ୍ଟର, ଏଲଡିଇଏସ ବିଷୟରେ ବ୍ୟାଖ୍ୟା କରିଥିଲେ। ଏହାର ସମ୍ଭାବ୍ୟତା ଏବଂ ମୂଲ୍ୟ ପ୍ରଭାବଶାଳୀତା ବିଷୟରେ ଉଲ୍ଲେଖ କରିଥିଲେ। ଶ୍ରୀ ସନ୍ତୋଷ କୁମାର ପୋଲକି ତାଙ୍କ ସ୍ୱାଗତ ଅଭିଭାଷଣରେ ୧୯୨୦ ମସିହାରୁ ଜାତିର ସେବାରେ ଆଇଇଆଇ ରାଉରକେଲା କେନ୍ଦ୍ରର ଭୂମିକା ଓ ୧୯୩୫ ମସିହାରୁ ରୟାଲ ଚାର୍ଟର ସହିତ ଜଡିତ ଥିବା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଭିଲାଇ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ସିଆର ମହାପାତ୍ର ଏବଂ ଏନଆଇଟି ରାଉରକେଲାର ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଏସ୍‌କେ ପଟେଲଙ୍କୁ ଇଡି (ୱାର୍କ୍ସ) ଶ୍ରୀ ପଲାଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବୈଷୟିକ ପତ୍ରିକାର ବକ୍ତା ଏବଂ ଅଖିଳ ଭାରତୀୟ ସେମିନାରର ସଂଯୋଜକମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସାର୍ ଏମ୍ ବିଶ୍ୱେଶ୍ୱରାୟଙ୍କ ଜୀବନୀ ଏବଂ ଅବଦାନ ଉପରେ ଏକ ଉପସ୍ଥାପନା ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ଏକ ସ୍ମାରକୀ ଉନ୍ମୋଚିତ ହୋଇଥିଲା। ସମସ୍ତେ ଇଞ୍ଜିନିୟର ଦିବସର ସଂକଳ୍ପ ଗ୍ରହଣ କରିଥିଲେ। ପ୍ରଫେସର ରାମ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଜାତୀୟ ସଙ୍ଗୀତ ପରିବେଷଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏନ୍‌ଆଇଟି ରାଉରକେଲାର ପ୍ରଫେସର ରଚନା ଶେରାୱତ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ।



ରୋଟାରିଆନ
ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ
ସମ୍ମାନଜନକ ଡକ୍ଟରେଟ୍ ଉପାଧି !



ଗତ ତା ୧୪.୦୯.୨୦୨୫ ରିଖରେ ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି । ଶ୍ରୀ ବିଶ୍ୱାଳ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗପତି । ସେହିପରି ସେ ଜଣେ ଉତ୍ସାହୀ ସମାଜସେବୀ । ସାମାଜିକ ଉତ୍ଥାନ ଦିଗରେ ସେ ସତ ଚେଷ୍ଟିତ । କୋଭିଡ ମହାମାରୀ ସମୟରେ ବସ୍ତିରେ ତାଙ୍କର ରନ୍ଧାଖାଦ୍ୟ ବାଣ୍ଟିବା ପ୍ରଂଶସନୀୟ । ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସଦାସର୍ବଦା ଲିପ୍ତ । ତାଙ୍କ ପାଇଁ ଆଜି ଆମ ଓଡ଼ିଶା ରାଜ୍ୟ ଗର୍ବିତ।

# ତୀର୍ଥଯାତ୍ରାରୁ ଫେରିଲେ ବରିଷ୍ଠ ନାଗରିକ

**କେନ୍ଦ୍ରାପଡ଼ା, ୧୫।୯ (ସମିସ):** ୧୦ ତାରିଖରେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାଇଥିବା କେନ୍ଦ୍ରାପଡ଼ାର ୧୦୮ ଜଣ ବରିଷ୍ଠ ନାଗରିକ ଆଜି ସନ୍ଧ୍ୟା ୮ଟାରେ କେନ୍ଦ୍ରାପଡ଼ାରେ ପହଞ୍ଚିଛନ୍ତି। ଜିଲ୍ଲାପାଳ ଉପସ୍ଥିତ ରହି କୋର୍ଟ ନିକଟସ୍ଥ ଭାସ୍କର ଟକିଜ ଛକରେ ଭୁବନେଶ୍ୱର



ରେଳ ଷ୍ଟେସନରୁ ସ୍ୱତନ୍ତ୍ର ବସ ଯୋଗେ ଫେରିଥିବା ସମସ୍ତ ଯାତ୍ରୀଙ୍କୁ ସ୍ୱାଗତ କରିଛନ୍ତି। ଜିଲ୍ଲାପାଳ ବରିଷ୍ଠ ନାଗରିକଙ୍କୁ ପ୍ରଥମେ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତୀର୍ଥ ପରିଭ୍ରମଣର ଅନୁଭୂତି ପଚାରିଥିଲେ। ଫେରିଥିବା ସମସ୍ତ ଯାତ୍ରୀ କିଭଳି ନିଜ ନିଜ ଘରକୁ ସୁରକ୍ଷିତ ଭାବେ ଫେରିବେ, ସେଥିପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତ୍ରିଭୁବନ ଜୟସିଂଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତୀର୍ଥଯାତ୍ରାରେ ଆଳି ବ୍ଲକରୁ ଜଣେ, ଗରଦପୁର ଓ ପଟ୍ଟାମୁଣ୍ଡାଇ ବ୍ଲକରୁ ୩ ଜଣ ଲେଖାଏଁ, ରାଜନଗରରୁ ୪ ଜଣ, ରାଜକନିକାରୁ ୫ ଜଣ, ଡେରାବିଶରୁ ୧୭ ଜଣ, ମାର୍ଶାଘାଇରୁ ୧୮ ଜଣ, ମହାକାଳପଡ଼ାରୁ ୨୦ ଜଣ ଓ କେନ୍ଦ୍ରାପଡ଼ାରୁ ୩୭ ଜଣ ଯାଇଥିଲେ। ସେମାନଙ୍କ ମଧ୍ୟରେ ୬୬ ଜଣ ପୁରୁଷ ଓ ୪୨ ଜଣ ମହିଳା ଥିଲେ।

# ଫାର୍ମାସିଷ୍ଟଙ୍କ ଅକାଳ ବିୟୋଗ



**ଡେରାବିଶ, ୧୫।୯ (ସମିସ):** ଖମୋଳ ପଞ୍ଚାୟତ ଅନ୍ତର୍ଗତ ବିଶୋକ ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ପ୍ରମୋଦ କରଙ୍କ ପୁଅ ଗିରିଜା ଶଙ୍କର କର (୪୦)ଙ୍କ ଆଜି ପୂର୍ବାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଗିରିଜା ଶଙ୍କର ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ୧୦ ଦିନ ପୂର୍ବେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ୯ ବର୍ଷର ପୁଅ ମୁଖାଗ୍ନି ଦେଇଥିଲେ। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହକର୍ମୀ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

# ଜଳସେଚନ ବିଭାଗ ପ୍ଲଟ୍ ଉପରେ ବେଆଇନ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ପଟ୍ଟାମୁଣ୍ଡାଇ, ୧୫।୯ (ସମିସ):** ପଟ୍ଟାମୁଣ୍ଡାଇ ଜଳସେଚନ ବିଭାଗ ସବଡିଭିଜନ ଓ ଗୋଗୁଆ ସେକ୍ସନ ଅଧୀନରେ ଥିବା କେଶପୁର ପଞ୍ଚାୟତର ୩ ନମ୍ବର ୱାର୍ଡରେ ଥିବା ଜଳସେଚନ ବିଭାଗ ପ୍ଲଟ ଉପରେ ବେଆଇନ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଜଳସେଚନ ବିଭାଗ ଅଗୋଚରରେ ଖାତା ନଂ ୭୩୫ ଓ ପ୍ଲଟ ନଂ ୧୦୫୭ ଜଳସେଚନ ବିଭାଗ ଜାଗା ଉପରେ ଅନ୍ୟ ବିଭାଗ ବେଆଇନ ଭାବେ ଏକ ଗୃହ ନିର୍ମାଣ କରୁଛି। ୨୦୨୪ରେ ଜିଲ୍ଲା ପରିଷଦ ଅନୁଦାନରେ ଏହି ପ୍ଲଟ ଉପରେ ବେଆଇନ ଭାବେ ଗୃହ ନିର୍ମାଣ ଚାଲିଥିବାରୁ ଗ୍ରାମବାସୀ ବିଭାଗୀୟ ଅଧିକାରୀ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ପୁନର୍ବାର ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଏହି ବିବାଦୀୟ ପ୍ଲଟ ଉପରେ ପୁନର୍ବାର ଏକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ପଞ୍ଚାୟତ ପକ୍ଷରୁ ଜଳସେଚନ ବିଭାଗ ଅଗୋଚରରେ ତରବରିଆ ଭାବେ ପ୍ରକଳ୍ପ କାର୍ଯ୍ୟ ଚାଲିଥିବାବେଳେ ନିର୍ମାଣ କରାଯାଉଥିବା କୋଠାଘରର ଛାତ ପକାଇବା ପାଇଁ ମସୁଧା ଚାଲିଛି। ଏହି ପ୍ରକଳ୍ପଟି କେଉଁ ଅନୁଦାନରେ ଆରମ୍ଭ କରାଯାଇଛି ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ଫଳକ ଲଗାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ୱାର୍ଡ ସଭ୍ୟ ବେଣୁଧର ମଲିକଙ୍କ ସମେତ କୈଳାସ ମଲିକ, ପ୍ରତାପ ମଲିକ, ସନ୍ୟାସୀ ମଲିକ, ଶ୍ରୀଧର ମଲିକ, ସଂଗ୍ରାମ ମଲିକ ପ୍ରମୁଖ ଗ୍ରାମବାସୀ ପଟ୍ଟାମୁଣ୍ଡାଇ ଜଳସେଚନ ବିଭାଗ ସହନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ଆଳି-କନିକା ଉନ୍ନୟନ ପରିଷଦ ବୈଠକ

**ଆଳି, ୧୫।୯ (ସମିସ):** ପ୍ରବାସୀ ଆଳି କନିକାର ସମଭାବାପନ୍ନ ବନ୍ଧୁଙ୍କୁ ନେଇ ଗଢ଼ି ଉଠିଥିବା ଆଳି କନିକା ଉନ୍ନୟନ ପରିଷଦର ସାଧାରଣ ବୈଠକ କଟକର ଚହଟାରେ ଥିବା ରଶ୍ମି ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ଚିର ଅବହେଳିତ କେନ୍ଦ୍ରାପଡ଼ା ଜିଲ୍ଲାର ଏ ଦୁଇଟି ଉପାନ୍ତ ଅଞ୍ଚଳର ବହୁବିଧ ସମସ୍ୟାର ସମାଧାନ ପାଇଁ ସହଯୋଗର ହାତ ବଢ଼ାଇବାର ସଂକଳ୍ପ ନେଇ ଦୀର୍ଘ ୧୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ଅଗ୍ରଣୀ ସଂଗଠନ ତାର ପ୍ରୟାସ ଜାରି ରଖିଛି। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ମାଟିର ମହକ ଓ ଆହ୍ୱାନ ସେମାନଙ୍କୁ ଏକ ଅଦ୍ଭୁତ ଓ ସୁଦୃଢ଼ ଡୋରରେ ବାନ୍ଧି ରଖିଛି। ବୈଠକରେ କଟକ ମହାନଗର ନିଗମ ପୌରପାଳ ସୁବାସ ସିଂ ଯୋଗଦେଇ ପରିଷଦର କାର୍ଯ୍ୟଶୈଳୀ ଓ ନିଷ୍ଠାପର ମନୋଭାବକୁ ପ୍ରଶଂସା କରିଥିଲେ। ସମାଜସେବୀ ଓ ବରିଷ୍ଠ ଆଶୁ ଚିକିତ୍ସା ପ୍ରଶିକ୍ଷକ ସୁଶାନ୍ତ ସାହୁ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଆପାତକାଳୀନ ସମୟରେ ଜୀବନ ରକ୍ଷାକାରୀ କୌଶଳ ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ପରିଷଦର ସଭାପତି ନିରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ପ୍ରକାଶ ବେହେରା, ଯୁଗ୍ମସମ୍ପାଦକ ଭାବଗ୍ରାହୀ ନାୟକ, ବରିଷ୍ଠ ଉପଦେଷ୍ଟା ଚକ୍ରଧର ବେହେରା, ବଂଶୀଧର ରାଉତ, ଡଃ ଆଶୀଷ ବାରିକ, ପ୍ରାକ୍ତନ ସଭାପତି ଡଃ ଅଜୟ ମହାପାତ୍ର ଯୋଗ ଦେଇଥିଲେ। ଉପସଭାପତି ନନ୍ଦକିଶୋର ଦାସ ଓ ମାର୍ଗଦର୍ଶକ ପ୍ରଦୀପ ରାଉତ ମଞ୍ଚ ପରିଚାଳନା କରିଥିଲେ। ସଦସ୍ୟ ନରୋତ୍ତମ ସାମଲ, ଦେବେନ୍ଦ୍ର ପ୍ରଧାନ, ରଞ୍ଜନ ବେହେରା, ଜୟରାମ ସେଠୀ, ଗଜେନ୍ଦ୍ର ସ୍ୱାଇଁ, ରମାକାନ୍ତ ବେ୍ହେରା, ପ୍ରବଳ ବେହେରା, ପ୍ରତାପ ଚନ୍ଦ୍ର ମାହାନ୍ତି ଓ ବିଦ୍ୟାଧର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବଳଦେବଜୀଉଙ୍କ ମନ୍ଦିରରେ ଲାଗିଲା ୫୪ ସିସିଟିଭି

- ଭିଡ଼ର ସୁଯୋଗ ନେଇ ହେଉଥିଲା ଲୁଟ୍
- ସାବାଡ଼୍ ହେବେ ଅମାନିଆ ଓ ଲୁଟେରା

**କେନ୍ଦ୍ରାପଡ଼ା, ୧୫।୯ (ସମିସ)**

ବଳଦେବଜୀଉଙ୍କ ମନ୍ଦିର ପରିସରରେ ସୋମବାର ୫୪ଟି ସିସିଟିଭି ଲାଗିଛି। ପୂର୍ବରୁ ମନ୍ଦିରରେ ସିସିଟିଭି ଲାଗିଥିଲେ ହେଁ କାମ କରୁ ନ ଥିବାରୁ ଭକ୍ତ ଲୁଟ୍‌ର ଶିକାର ହେଉଥିଲେ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏବେ ୫୪ଟି ସିସିଟିଭି ଲଗାଯାଇଛି। ଫଳରେ ଅମାନିଆ ଯୁବକ/ଯୁବତୀ ଓ ଲୁଟେରା ସାବାଡ଼୍ ହେବେ। ଏ ନେଇ ଭକ୍ତ ମହଲରେ ଆନନ୍ଦ ପ୍ରକାଶ ପାଇଛି।

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ଦର୍ଶନ ନିମନ୍ତେ ପ୍ରତିଦିନ ହଜାର ହଜାର ଭକ୍ତ ମନ୍ଦିରକୁ ଆସିଥା'ନ୍ତି। ଏହି ଭିଡ଼ର ସୁଯୋଗ ନେଇ ବର୍ଷକୁ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଜିନିଷପତ୍ର ଚୋରି ହୁଏ। ପୁଲିସ ନିୟୋଜିତ ଥିଲେ ବି ଚୋର ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟ୍ କରିଥା'ନ୍ତି। ମନ୍ଦିରର ବିଭିନ୍ନ ସ୍ଥାନରେ ସିସିଟିଭି ଲାଗିଥିଲେ ବି କେବଳ ଗର୍ଭଗୃହର ଚାରୋଟି କ୍ୟାମେରାକୁ ଛାଡି ଅନ୍ୟସବୁ ଅଚଳ ହୋଇଯାଇଥିଲା। ଏହାଛଡ଼ା ମନ୍ଦିର ଭିତରେ ପ୍ରବେଶ କରି ବିଭିନ୍ନ ବେଆଇନ କାର୍ଯ୍ୟ ହେଉଥିଲା। କ୍ୟାମେରା, ମୋବାଇଲ ନେଇ ଅମାନିଆ ଯୁବକ ଯୁବତୀ ରିଲ୍ସ କରୁଥିଲେ। ନୂତନ ସିସିଟିଭି ଖଞ୍ଜା ହେବା ପରେ ଏହା ଉପରେ ରୋକ ଲାଗିବ ବୋଲି ମନ୍ଦିର ପ୍ରଶାସନ କହିଛି। ତେବେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦେବୋତ୍ତର କମିଶନର, ଆରକ୍ଷୀ ଅଧୀକ୍ଷକ ଓ ଟ୍ରଷ୍ଟ ବୋର୍ଡର ନିଷ୍ପତ୍ତିକ୍ରମେ ଦେବୋତ୍ତର ସଂସ୍ଥାର ନିଜସ୍ୱ ପାଣ୍ଠିରୁ ବଳଦେବଜୀଉ ମନ୍ଦିରର ସିଂହଦ୍ୱାର, ବାଟଦେଉଳ ଭିତର ଓ ବାହାର, ମନ୍ଦିର ଚତୁପାର୍ଶ୍ୱ, ବାଇଶି ପାହାଚ ଉପର, ଜଗମୋହନ ଦେଉଳ, ଭଣ୍ଡାରଗୃହ ବାରଣ୍ଡା, ଝୁଲଣ ମଣ୍ଡପ ଓ ତହିଁର ବାରଣ୍ଡା, ସମସ୍ତ ଆନନ୍ଦ ବଜାର (ପ୍ରସାଦ ସେବନ ମଣ୍ଡପ), ମହାଲକ୍ଷ୍ମୀ ମନ୍ଦିର, ରୋହିଣୀ ମଣ୍ଡପ, ବିବାହ ମଣ୍ଡପ ପରିସର, ଭୋଗ ଦୋକାନ ଇତ୍ୟାଦି ସ୍ଥାନରେ ୫୪ଟି ସିସିଟିଭି କ୍ୟାମେରା ଲଗାଯାଇଛି। ଶ୍ରୀଜୀଉଙ୍କ ନୀତିକାନ୍ତିର ପବିତ୍ରତା, ଧାର୍ମିକ ବ୍ୟବସ୍ଥା ଅନୁଯାୟୀ ଗର୍ଭଗୃହ ମନ୍ଦିର, ମଝିଦେଉଳ ଓ ରୋଷଘରେ ସିସିଟିଭି କ୍ୟାମେରା ଖଞ୍ଜାଯାଇନାହିଁ। ଏହାର ସୁପରିଚାଳନା ଓ ତଦାରଖ କାର୍ଯ୍ୟ ସମ୍ପାଦନ ନିମନ୍ତେ ଦେବୋତ୍ତର କାର୍ଯ୍ୟାଳୟରେ ସିସିଟିଭିର ସ୍କ୍ରିନ ରଖାଯାଇଥିବାବେଳେ ଏହାର ପରିଚାଳନା ଦାୟିତ୍ୱ ଅଫିସ୍ କମ୍ପ୍ୟୁଟର ସହାୟକ ସୁବାସ ପରିଡ଼ାଙ୍କ ଉପରେ ନ୍ୟସ୍ତ ଅଛି। ଦେବୋତ୍ତର ସଂସ୍ଥା ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଭ୍ୟ ଧିରେନ ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କରାଯାଇଥିବା ମନ୍ଦିର ପ୍ରଶାସନ ସୂତ୍ରରୁ ପ୍ରକାଶ କରାଯାଇଛି।

# ଶିକ୍ଷୟିତ୍ରୀଙ୍କ ବେକରୁ ଚେନ୍ ଛିଣ୍ଡାଇ ନେବା ଉଦ୍ୟମ ବିଫଳ

**ପଞ୍ଚୁପାଣ୍ଡବ, ୧୫।୯ (ସମିସ):** ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗବତୀ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ଲୁଟେରା ଚେନ୍ ଛିଣ୍ଡାଇବାକୁ ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡ଼ିଛି। ଶିକ୍ଷୟିତ୍ରୀ ପ୍ରତୀମା ସେଠୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପଢ଼ାଉଥିଲେ। ଲୁଟେରା ଆସି ପିଲାଙ୍କୁ ନେବା ବାହାନାରେ ଶିକ୍ଷୟିତ୍ରୀଙ୍କ ବେକରୁ ସୁନା ଚେନ ଟାଣି ନେଉଥିବାବେଳେ ଶିକ୍ଷୟିତ୍ରୀ ପାଟି କରିବାରୁ ଲୁଟେରା ଚେନ ଛାଡ଼ି ପଳାଇଯାଇଥିଲା। ଶିକ୍ଷକମାନେ ଆସିବାରୁ ଗେଟ ନିକଟରେ ଥିବା ଦୁଇ ଲୁଟେରା ସହ ତିନିଜଣ ଲୁଟେରା ପଳାୟନ କରିଥିଲେ। ଏ ନେଇ ପ୍ରଧାନଶିକ୍ଷକ କମଳାକାନ୍ତ ସାହୁ ଡେରାବିଶ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

# ସ୍କୁଲ ରାସ୍ତା ଅବରୋଧ ହଟାଇବାକୁ ଛାତ୍ରଛାତ୍ରୀଙ୍କ ଧାରଣା




**ରାଜକନିକା, ୧୫।୯ (ସମିସ):** ରାଉତବର୍ତ୍ତନୀ ପ୍ରାଥମିକ ବିଦ୍ୟାଳୟ ରାସ୍ତା ଅବରୋଧ ହୋଇଥିବାରୁ ପ୍ରଥମରୁ ପଞ୍ଚମ ଶ୍ରେଣୀର ୪୨ ଜଣ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ଓ ଗ୍ରାମବାସୀ ତହସିଲ ଅଫିସ ଆଗରେ ଧାରଣାରେ ବସିଛନ୍ତି। ସ୍କୁଲ ରାସ୍ତା ଅବରୋଧ କରି ରଖିଥିବା ବ୍ୟକ୍ତି ପ୍ରତି ଅହେତୁକ ଅନୁକମ୍ପା ଦେଖାଉଥିବା ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ରାଉତବର୍ତ୍ତନୀ ଗ୍ରାମରେ ପ୍ରଶାସନ ପ୍ରତି ଅସନ୍ତୋଷ ସୃଷ୍ଟି ହେଲାଣି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାରଙ୍କୁ ଏହି ସ୍କୁଲର ଏକମାତ୍ର ଯାତାୟାତ ପଥ ଅବରୋଧ ହଟାଇବାକୁ ବାରମ୍ବାର ଅନୁରୋଧ କଲେ ମଧ୍ୟ ଫରକ କିଛି ପଡ଼ିନାହିଁ। ଦୀର୍ଘଦିନର ଦାବି ପୂରଣ ପାଇଁ ଆଜି ବାଧ୍ୟ ହୋଇ ସ୍କୁଲର ଛାତ୍ରଛାତ୍ରୀ, ଅଭିଭାବକ ତହସିଲରେ ଧାରଣା ଜାରି ରଖିବା ପରେ ବି ଚେତିନାହିଁ ପ୍ରଶାସନ। ଧାରଣାସ୍ଥଳକୁ ଆସିଥିବା ତହସିଲଦାର ନାମକୁ ମାତ୍ର ଆଲୋଚନା କରିଛନ୍ତି। ଫଳରେ ମଶା ଡାଆଁସରେ ପିଲାଙ୍କୁ ଧରି ନ୍ୟାୟ ପାଇଁ ତହସିଲ ଆଗରେ ଶହେରୁ ଅଧିକ ଲୋକ ବସିରହିଥିବା ଦେଖିବାକୁ ମିଳିଛି।

ରାଉତବର୍ତ୍ତନୀ ପ୍ରାଥମିକ ବିଦ୍ୟାଳୟ ୧୯୭୨ରେ ପ୍ରତିଷ୍ଠା ହୋଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୨ ଜଣ ପିଲା ପାଠ ପଢୁଛନ୍ତି। ସ୍କୁଲକୁ ଯିବାକୁ ଏକମାତ୍ର ବାଟକୁ ଅବରୋଧ କରି ଜଣେ ବ୍ୟକ୍ତି ଗୁହାଳ କରିଛନ୍ତି। ବାଟ ସଙ୍କୁଚିତ ହେବା ସହ କାଦୁଅ ପଚ ପଚ ହୋଇରହିଛି। କନିକା ତହସିଲଦାରଙ୍କୁ ଏଥିନେଇ ବହୁଥର ଲିଖିତ ଅଭିଯୋଗ ଓ ନ୍ୟାୟାଳୟରେ ଆଶ୍ରୟ ନେଇଥିଲେ ବି ଫଳ କିଛି ମିଳିନି। ଏହି ସ୍କୁଲର ଜଣେ ଛାତ୍ରୀ ସେହି ରାସ୍ତାରେ ପଡ଼ି ଆହତ ହୋଇଥିଲେ। ଅବରୋଧକାରୀଙ୍କୁ ତହସିଲ ପକ୍ଷରୁ ଭିତିରିଆ ସହଯୋଗ କରି ଧାରଣା ପରେ ବି ତାଙ୍କୁ କୋର୍ଟରୁ ସହଯୋଗ ପାଇଁ ଅର୍ଡର ଆଣିବାକୁ ଦିଆଯାଉଥିବା ଧାରଣାକାରୀ ଭୀମସେନ ବେହେରା, ଗୁଲସନ ଦାସ, ଅକ୍ଷୟ ପରିଡ଼ା, ଦର୍ପନାରାୟଣ ପରିଡ଼ା, ମନୋରମା ଦାସ, ଶାନ୍ତିଲତା ପରିଡ଼ା, ହରପ୍ରିୟା ଦାସ, ଜିତେନ୍ଦ୍ର ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି।

## ମହିଳା ସରପଞ୍ଚଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା

# ପୂର୍ବତନ ସରପଞ୍ଚଙ୍କ ବିରୁଦ୍ଧରେ ମାମଲା ପ୍ରତ୍ୟାହାର ଦାବି

**ରାଜନଗର, ୧୫।୯ (ସମିସ):** ଦଳିତ ମହିଳା ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଆକ୍ରମଣ କରାଯିବା ଘଟଣାରେ ପୁଲିସ ମାମଲା ରୁଜୁ କରି ବସିଛି। ଏହି ଘଟଣାକୁ ନେଇ ରାଜନଗର ସରପଞ୍ଚ ସଂଘଠାରୁ ଆରମ୍ଭ କରି ଜିଲ୍ଲା ସରପଞ୍ଚ ସଂଘ ଓ ଆମ୍ବେଦକର ବିଚାର ଲୋହିଆ ମଞ୍ଚ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆନ୍ଦୋଳନକୁ ଓହ୍ଲାଇବାକୁ ଲିଖିତ ଭାବେ ଜଣାଇ ସାରିଛନ୍ତି। ଆଜି ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତର ଦଳିତ ସମ୍ପ୍ରଦାୟର ଲୋକେ ଥାନାରେ ପହଞ୍ଚି ରାଜପୁର ସରପଞ୍ଚଙ୍କ ଅଭିଯୋଗ ମିଥ୍ୟା, ଅଭିଯୋଗ ପ୍ରତ୍ୟାହାର କର। ନଚେତ ୧୮ ରେ ରାଜନଗର ଥାନା ଆଗରେ ଗଣଧାରଣା ଦେବୁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଦଳିତ ସମ୍ପ୍ରଦାୟ ପକ୍ଷରୁ ରାଜନଗର ଥାନାରେ ଦିଆଯାଇଥିବା ଦାବିପତ୍ରରେ ଆମେ ଜାଣିବାକୁ ପାଇଲୁ ଯେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସ୍ୱାର୍ଥ ସାଧନ ପାଇଁ ଆମ ଦଳିତ ସଙ୍ଘକୁ ବ୍ୟବହାର କରି ରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନିମାଇଁ ଚରଣ ରାଉତ ଓ ଅନ୍ୟମାନଙ୍କ ନାଁରେ ବର୍ତ୍ତମାନର ସରପଞ୍ଚ ମିଥ୍ୟା ଅଭିଯୋଗ କରିଛନ୍ତି। ଏହି ମାମଲାରେ ପୂର୍ବତନ ସରପଞ୍ଚ ଓ ଅନ୍ୟମାନଙ୍କର କୌଣସି ସମ୍ପୃକ୍ତି ନ ଥାଇ ସେମାନଙ୍କୁ ଫସାଇବାକୁ ଚକ୍ରାନ୍ତ କରାଯାଇଛି। ପୂର୍ବତନ ସରପଞ୍ଚ ଓ ଅନ୍ୟମାନଙ୍କ ନାଁରେ ହୋଇଥିବା ଅଭିଯୋଗ ପ୍ରତ୍ୟାହାର ପୂର୍ବକ ଦଳିତ ସମାଜକୁ ନ୍ୟାୟ ପ୍ରଦାନ ନ କଲେ ଚଳିତ ମାସ ୧୮ ତାରିଖଠାରୁ ରାଜନଗର ଥାନା ଆଗରେ ଗଣଧାରଣା ଦେବୁ ବୋଲି ଶ୍ରୀଚରଣ ସେଠୀ, ସୁଦର୍ଶନ ମଲ୍ଲିକ, ରବୀନ୍ଦ୍ର ସେଠୀ ପ୍ରମୁଖ ରାଜନଗର ଥାନାରେ ଲିଖିତ ଭାବେ ଜଣାଇଛନ୍ତି।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୩୦ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



**ମହାକାଳପଡ଼ା, ୧୫।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ମହାକାଳପଡ଼ା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ ଉପସ୍ଥିତ ରହି ୯୮ଟି ବ୍ୟକ୍ତିଗତ ଅଭିଯୋଗ ସହ ମୋଟ ୧୩୦ଟି ଅଭିଯୋଗର ଶୁଣାଣି କରିଥିଲେ। ମହାକାଳପଡ଼ା ବିଧାୟକ ଡଃ ଦୁର୍ଗାପ୍ରସନ୍ନ ନାୟକ, ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ଯୋଗ ଦେଇଥିଲେ। ୫୩ନଂ ଜାତୀୟ ରାଜପଥର ବଉଦ ଛକ ଓ ବେଲାରନୂଆଗାଁ ଛକରେ ପବ୍ଲିକ ଅଣ୍ଡର ପାସ (ପିୟୁପି) ନିର୍ମାଣ କରିବାକୁ ତେରଗାଁ ପଞ୍ଚାୟତର ସଂଯୁକ୍ତା ରାଉତ, ଅମେଇପାଳର ପୂର୍ବତନ ସରପଞ୍ଚ ଧ୍ରୁବଚରଣ ସାହୁ, ବିଜୟ ମହାପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ନିମାଳିଗଡ଼ ରିଫାଇନାରୀ ପାରାଦୀପ ଶିଳିଗୁଡ଼ି ଗ୍ୟାସ ପାଇପଲାଇନ୍ କ୍ଷତିଗ୍ରସ୍ତ କୃଷକ ଏକତା ମଞ୍ଚ ପକ୍ଷରୁ ଶତାଧିକ ଚାଷୀ ଏକ ଶୋଭାଯାତ୍ରାରେ ଆସି ଦାବିପତ୍ର ପ୍ରଦାନ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାସନ୍ କାର୍ଡ ସମ୍ବନ୍ଧୀୟ ଅଭିଯୋଗ ଥିଲା। ଏହି ଶିବିରରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ଡେପୁଟି କଲେକ୍ଟର (ଜରୁରୀକାଳୀନ) ଅମୀୟ କେତନ ସ୍ୱାଇଁ, ତହସିଲଦାର ଶିବ ମଲ୍ଲିକ, ଜିଲ୍ଲା ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

# ଜ୍ଞାନଜ୍ୟୋତି ଆର୍ଟ୍ସ ପଏଣ୍ଟ ପକ୍ଷରୁ ନବୀନ ବରଣ ଉତ୍ସବ

**ମାର୍ଶାଘାଇ, ୧୫।୯ (ସମିସ):** ମାର୍ଶାଘାଇ ତହସିଲ ରୋଡ୍‌ସ୍ଥ ଜ୍ଞାନଜ୍ୟୋତି ଆର୍ଟ୍ସ ପଏଣ୍ଟ ଶିକ୍ଷା ପ୍ରତିଷ୍ଠାନରେ ନବାଗତ ଏକାଦଶ କଳା ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନବୀନ ବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସୁକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଦି ରୟାଲ ଗାଇଡ଼ର ପ୍ରତିଷ୍ଠାତା ଇଂ ଚିତ୍ତରଞ୍ଜନ ରଥ, ସମ୍ମାନିତ ଅତିଥି ଭାବେ ପରିଚାଳନା ନିର୍ଦ୍ଦେଶକ ଅଧ୍ୟାପକ ଧୀରେନ ଚୌଧୁରୀ, ଅଧ୍ୟାପକ ଲକ୍ଷ୍ମୀଧର ଲେଙ୍କା, ଅଧ୍ୟାପକ ଅରିଜିତ ମହାନ୍ତି, ଅଧ୍ୟାପକ ଶାଶ୍ୱତ ସାମନ୍ତରାୟ, ସାମ୍ବାଦିକ ପ୍ରମୋଦ ଦାସ, ମାର୍ଶାଘାଇ ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ପାଦକ ଗୋବର୍ଦ୍ଧନ ସାହୁ ପ୍ରମୁଖ ଯୋଗଦେଇ କଠୋର ଅଧ୍ୟବସାୟ, ସମୟର ସଦୁପଯୋଗ, ଶୃଙ୍ଖଳା, ଚରିତ୍ର, ପିତାମାତାଙ୍କ ପ୍ରତି ସେବା ଓ ଭକ୍ତି ରଖି ସାଧନାରେ ବ୍ରତୀ ରହିବାକୁ ମାର୍ଗଦର୍ଶନ କରିଥିଲେ। ଛାତ୍ରୀ ସଙ୍ଗୀତା ଲେଙ୍କା ଓ ଅନୀଷା ସାମନ୍ତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମୁଖ୍ୟଅତିଥି ଶ୍ରୀ ରଥ ଗତ ପରୀକ୍ଷାରେ ସର୍ବୋଚ୍ଚ ୫୨୬ ନମ୍ବର ରଖି ମେଧା ତାଲିକା ଶୀର୍ଷରେ ଥିବା ଛାତ୍ରୀ ସଚ୍ଚିପ୍ରଜ୍ଞା ପ୍ରିୟଦର୍ଶିନୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀ ମନୀଷା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୧ ଶହ ଚାଷୀଙ୍କ ପାଇଁ ୧୧୧ ବସ୍ତା ସାର

# ନିରାଶ ହୋଇ ଫେରିଲେ ଶହ ଶହ ଚାଷୀ

**ପଞ୍ଚୁପାଣ୍ଡବ, ୧୫।୯ (ସମିସ):** ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରୁ ସାର ନ ପାଇ ଶହଶହ ଚାଷୀ ଫେରିଥିବା ଅଭିଯୋଗ ହୋଇଛି। ଆଜି ସାର ଆସିଥିବା ଶୁଣି ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ସାର ନେବାକୁ ଆସିଥିଲେ। କେତେକ ଚାଷୀ ନିୟମ ଅନୁସାରେ ଆଧାର କାର୍ଡ ସମିତିର ସମ୍ପାଦକଙ୍କୁ ଦେଇଥିଲେ। ପରେ ଶତାଧିକ ଚାଷୀ ରୁଣ୍ଡ ହୋଇ ସାର ନେବାକୁ ଅନୁରୋଧ କରିଥିଲେ ସୁଦ୍ଧା ସାର ସରିଯାଇଥିବା ଶୁଣିବାକୁ ପାଇଥିଲେ। ୧୧ ଶହ ଚାଷୀ ଥିବାବେଳେ ମାତ୍ର ସରକାର ୧୧୧ ବସ୍ତା ସାର ଦେଇଥିବାରୁ ଚାଷୀ ସରକାରଙ୍କ ଉପରକରେ ବର୍ଷିଥିଲେ। ଏ ସମ୍ପର୍କରେ ସମିତି ସମ୍ପାଦକ ଜୟପ୍ରକାଶ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୧୧୧ ବସ୍ତା ସାର ଆସିଛି। ପରେ ପୁଣି ଆସିଲେ ଚାଷୀଙ୍କୁ ଯୋଗାଇ ଦିଆଯିବ। ସରକାରଙ୍କ ଅବହେଳା ଯୋଗୁଁ ଚାଷୀ ସାରରୁ ବଞ୍ଚିତ ହେଉଛନ୍ତି। ଶୀଘ୍ର ସାର ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି।

# ତହସିଲଦାର ଓ ଥାନା ଅଧିକାରିଣୀଙ୍କୁ ବଦଳି ଦାବିରେ ଅନଶନ

**ଡେରାବିଶ, ୧୫।୯ (ସମିସ):** ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାସ୍ଥ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଦଧିବାମନଜୀଉ ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତା, ଶ୍ରୀଜୀଉଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ଡେରାବିଶ ତହସିଲଦାର ଓ ଥାନା ଅଧିକାରିଣୀଙ୍କ ବେନିୟମ କାର୍ଯ୍ୟକୁ ବିରୋଧ କରି ଅନଶନରେ ବସିଛନ୍ତି। ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଦଧିବାମନଜୀଉଙ୍କ ମନ୍ଦିର ଟ୍ରଷ୍ଟ ଶାଖା କାର୍ଯ୍ୟାଳୟର ଚାରିପଟେ କରାଯାଇଥିବା ତାରବାଡ଼କୁ ଦୁମୁକାହାଟ ଗ୍ରାମର ଜଣେ ବ୍ୟକ୍ତି ଉପାଡ଼ିଦେବା ସହ ଘର ତାଲାକୁ ଭାଙ୍ଗି ଉକ୍ତ ଘରେ ଥିବା ଜିନିଷପତ୍ର ଲୁଟ କରିଥିଲେ। ଏ ସମ୍ପର୍କରେ ଟ୍ରଷ୍ଟ ପକ୍ଷରୁ ୧୦ ତାରିଖରେ ଡେରାବିଶ ଥାନାରେ ଅଭିଯୋଗ କରାଯାଇଥିଲା। ତେବେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ଅନଶନକାରୀ ପ୍ରକାଶ କରିଛନ୍ତି। ଅପରପକ୍ଷେ ମନ୍ଦିର ଜମିକୁ କିଛି ମାଫିଆ ତଞ୍ଚକତା କରି ନିଜ ନାମରେ ପଟ୍ଟା କରାଇ ନେଇଛନ୍ତି। ଯାହାର ପ୍ରତିବାଦ ସ୍ୱରୂପ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ କେନ୍ଦ୍ରାପଡ଼ା ସିଭିଲ କୋର୍ଟରେ ଏକ ମୋକଦ୍ଦମା ରୁଜୁ କରାଯାଇଛି। ଅଦାଲତରେ ମାମଲା ରୁଜୁ ହୋଇଥିବାବେଳେ ଏହି ଜମି କିଣାବିକାରେ ବର୍ତ୍ତମାନର ତହସିଲଦାରଙ୍କ ହାତଥିବା ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, ଡେରାବିଶ ଥାନା ଅଧିକାରିଣୀ ଅମ୍ବିକା ଦାସଙ୍କ ବଦଳି କରିବା ଦାବିରେ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିରହିଛନ୍ତି। ଏହି ଅନଶନରେ ଟ୍ରଷ୍ଟର ସଦସ୍ୟ ନାରାୟଣ ସାହୁ, ଅକ୍ଷୟ ମହାନ୍ତି, ସଞ୍ଜୟ ସାହୁ, ବିଶ୍ୱମୋହନ ଦାସ, ସରୋଜ ମହାଳିଙ୍କ ସମେତ ଶ୍ରଦ୍ଧାଳୁ ବିପିନ ସାହୁ, ଅନନ୍ତ ଭୂୟାଁ, ବନମାଳୀ ଦୁବେ, ହରେକୃଷ୍ଣ ବାରିକ, ଗୁଣନିଧି କାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।


यूनियन बैंक ऑफ इंडिया Union Bank of India | ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**କ୍ଷେତ୍ରୀୟ କାର୍ଯ୍ୟାଳୟ, ବାଲେଶ୍ୱର, ତୃତୀୟ ମହଲା, ଆଶିଷ ପ୍ଲାଜା, ପୋଲିସ୍ ଲାଇନ୍ ସ୍କୋୟାର ନିକଟ, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର-୭୫୬୦୦୧**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଯୋଗ୍ୟ ସଂସ୍ଥାଗୁଡ଼ିକ ଠାରୁ ରିକଭରୀ ଏଜେଣ୍ଟ / ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ / ଆସେଟ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନଙ୍କୁ ବ୍ୟାଙ୍କ ନିଜ ପ୍ୟାନେଲରେ ତାଲିକାଭୁକ୍ତ କରିବା ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି। ଆବେଦନ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପାଇଁ, ଆଗ୍ରହୀ ସଂସ୍ଥାମାନେ ମୁଖ୍ୟ ପ୍ରବନ୍ଧକ, ସିଆର୍‌ଏଲ୍‌ଡି, କ୍ଷେତ୍ରୀୟ କାର୍ଯ୍ୟାଳୟ, **ମୋବାଇଲ ନଂ.: ୮୯୨୮୯୧୭୪୧୧** ରେ ଯୋଗାଯୋଗ କରିପାରିବେ।

ଯୋଗ୍ୟତା ମାନଦଣ୍ଡ ଏବଂ ଦରଖାସ୍ତ ଫର୍ମାଟ୍ ପାଇଁ ଆମର ସରକାରୀ ୱେବସାଇଟ୍ **www.unionbankofindia.com** ପରିଦର୍ଶନ କରନ୍ତୁ। ଏହାକୁ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ।

୧. ତାଲିକାଭୁକ୍ତ ହେବା ସମ୍ପର୍କିତ ସମସ୍ତ ଅଧିକାର ସମ୍ପୂର୍ଣ୍ଣ ଭାବରେ ବ୍ୟାଙ୍କର ଅଧିନରେ ରହିବ ଏବଂ କେବଳ ତାଲିକାଭୁକ୍ତ ହେବା ପାଇଁ ଆବେଦନ କଲେ ତାଲିକାଭୁକ୍ତ ହେବାର କୌଣସି ଅଧିକାର ମିଳିବ ନାହିଁ ଏବଂ ତାଲିକାଭୁକ୍ତ ପ୍ରକ୍ରିୟ ଏବଂ ପରିଣାମ ସମ୍ପର୍କରେ କୌଣସି ଲିଖିତ ପରାମର୍ଶକୁ ଗ୍ରହଣ କରାଯିବ ନାହିଁ।

୨. ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥାମାନଙ୍କ ମଧ୍ୟରୁ ଶୀର୍ଷ ୧୦ଟି ସଂସ୍ଥାକୁ ତାଲିକାଭୁକ୍ତ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।

୩. ଆନେକ୍ସରରେ ଉଲ୍ଲେଖିତ ଯୋଗ୍ୟତା ମାନଦଣ୍ଡଗୁଡ଼ିକ ନିର୍ଣ୍ଣାୟକ ନୁହେଁ ଏବଂ ସେଗୁଡ଼ିକ ବ୍ୟାଙ୍କର ସ୍ୱତନ୍ତ୍ରତା ଉପରେ ସୀମାବଦ୍ଧ ନୁହେଁ। ଅନ୍ୟାନ୍ୟ ଗୁଣାତ୍ମକ ଏବଂ ସମ୍ମାନସ୍ପଦ ଦିଗଗୁଡ଼ିକୁ ପରିଗଣନା କରି ତାଲିକାଭୁକ୍ତିକରଣ ନିମନ୍ତେ ଯଥାର୍ଥ ନିର୍ଣ୍ଣୟ ନେବାର କ୍ଷମତା ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।

୪. ଆସେଟ୍ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନେ ତାଲିକାଭୁକ୍ତିକରଣ ପାଇଁ, ନିମ୍ନଲିଖିତ ମାନଦଣ୍ଡଗୁଡ଼ିକ ଯଥା ଗୁଣାତ୍ମକ, ପରିମାଣାତ୍ମକ, ପରିଚାଳନାତ୍ମକ ଏବଂ ସଂସ୍ଥାର ପ୍ରତିଷ୍ଠା ଆଧାରରେ ବିଚାର କରାଯିବ।

- ଡିଟେକ୍ଟିଭ ଏଜେନ୍ସି ଯେଉଁମାନେ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଦ୍ୱାରା ମାନ୍ୟତାପ୍ରାପ୍ତ ହୋଇ ଡିଟେକ୍ଟିଭ ସେବା ପ୍ରଦାନ କରୁଛନ୍ତି।
- ରାଜସ୍ୱ କର କିମ୍ବା ପୋଲିସ୍ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯେଉଁମାନେ ସେବା ନିବୃତି ପରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ ସେବା ପ୍ରଦାନ କରୁଛନ୍ତି।
- ଯେଉଁମାନେ ସକ୍ରିୟ ଭାବରେ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିମାନଙ୍କୁ ସହଯୋଗ କରୁଛନ୍ତି, ଯାହାର ସେବାଗୁଡ଼ିକୁ ବ୍ୟାଙ୍କର ମହାପ୍ରବନ୍ଧକଙ୍କ ମତାନୁସାରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ।
- ଆବେଦନ ଫର୍ମଗୁଡ଼ିକ ସଠିକ ଭାବରେ ପୁରଣ କରି ଆବଶ୍ୟକିୟ ଦସ୍ତାବେଜ ସହିତ ଉପରେ ଦର୍ଶାଯାଇଥିବା ଠିକଣାକୁ **ତା.୦୧.୧୦.୨୦୨୫ରିଖ** ମଧ୍ୟରେ ପହଞ୍ଚିବା / ପ୍ରାପ୍ତ ହେବା ଆବଶ୍ୟକ।

ସ୍ୱା/- କ୍ଷେତ୍ରୀୟ ମୁଖ୍ୟ


# ପଟ୍ଟାମୁଣ୍ଡାଇରେ ବିଜେଡି ବୁଥ୍ ଏଜେଣ୍ଟ ତାଲିମ ଶିବିର

**ପଟ୍ଟାମୁଣ୍ଡାଇ, ୧୫।୯ (ସମିସ):**




ଚଳିତ ମାସରୁ ସାରା ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେଉଥିବାରୁ ଭୋଟରଙ୍କ ମତଦାନ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ କଲେଜ ରୋଡ୍‌ସ୍ଥ ଡିଭାଇନ ପ୍ୟାଲେସରେ ଏକ ବୁଥ୍‌ସ୍ତରୀୟ ଏଜେଣ୍ଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦଘାଟନ କରି ଚଳିତ ଭୋଟର ତାଲିକା ସଂଶୋଧନକୁ ନିର୍ଭୁଲ କରିବା ଦିଗରେ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ।

ଏ ସମ୍ପର୍କରେ ଉଦାହରଣ ଦେଇ ବିଧାୟକ ଶ୍ରୀ ସାହୁ କହିଲେ, ବର୍ତ୍ତମାନ ବିହାରରେ ଏସଆର ବେଳେ ୫୬ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିବା ନେଇ ନଜିର ଦେଇଥିଲେ। ଭୋଟର ତାଲିକା ପ୍ରସ୍ତୁତ ବେଳେ ନିର୍ବାଚନ ଆୟୋଗ ଧାର୍ଯ୍ୟ କରିଥିବା ୧୨ଟି ମାନଦଣ୍ଡ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରମାଣପତ୍ର ଥିଲେ ନୂଆ ଭୋଟର ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଯଦି ଏଥିରେ କୌଣସି ବ୍ୟତିକ୍ରମ ଦେଖାଦେବ ତେବେ ଦାୟିତ୍ୱରେ ଥିବା ଉପରିସ୍ଥ ଅଧିକାରୀଙ୍କ ନଜରକୁ ଆଣିବାକୁ ପରାମର୍ଶ ଦେଇଥିଲେ। ଏହି ତାଲିମ ଶିବିରରେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭୋଳ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ଖଗେଶ୍ୱର ଲେଙ୍କା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜନଗର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ସାମାଜିକ ଗଣମାଧ୍ୟମ ସଂଯୋଜକ ବିଜୟ ନାୟକ, ବରିଷ୍ଠ ବିଜେଡି ନେତା ଅମୂଲ୍ୟ ପ୍ରଧାନ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ କଳାକାର ପ୍ରଧାନ, ରାଜନଗର ବ୍ଲକ ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବରିଷ୍ଠ ନେତା ପଞ୍ଚାନନ ଧଳ, ଯଦୁମଣି ଦାସ, ସୁରେଶ ପଣ୍ଡା, ସର୍ବେଶ୍ୱର ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି କୈଳାସ ସିଂ, ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ରାଜନଗର ବ୍ଲକ ସରପଞ୍ଚ ସଂଘ ସଭାପତି ଅଶୋକ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ସମିତି ସଭ୍ୟ ସଂଘ ସଭାପତି ଅଭୟ ସ୍ୱାଇଁ, ଯୁବନେତା ଉତ୍ତମ ଖୁଣ୍ଟିଆ, ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ସୁବାସ ବାରିକ, ପୂର୍ବତନ ସରପଞ୍ଚ ମିନତୀ ପାତ୍ର ଓ ପ୍ରଭାତ ପ୍ରଧାନ, ସରପଞ୍ଚ ପ୍ରିୟବ୍ରତ ଓଝା, ସଂଗ୍ରାମ ବାରିକ, ରମେଶ ମଲ୍ଲିକ, ବନୋଜ ସେଠୀ, ବୁଦ୍ଧିରାମ ବେହେରା, ପ୍ରତାପ ଅଶୋକ ପରିଡ଼ା ପ୍ରମୁଖଙ୍କ ସମେତ ୨୯୦ଟି ବୁଥର ନବନିଯୁକ୍ତ ଦଳୀୟ ଏଜେଣ୍ଟ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ଖଗେଶ୍ୱର ଲେଙ୍କା ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ସିନାପାଲି,୧୫।୯(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସଭାଗୃହରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଡ଼ଃ ଧନେଶ୍ୱର ସେଠୀ, ବ୍ଲକ୍ ଅଧ୍ୟକ୍ଷା ମାଧୁରୀ ମାଝୀ, ଉପାଧ୍ୟକ୍ଷା ମୀନା ଘିବେଲା, ବିଡ଼ିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟୀ କଲେକ୍ଟର ଶେଖ୍ ନସୀମ, ହେମନ୍ତ ପୁଟା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ନୂଆପଡାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସାମିଲ ହୋଇଥିଲେ। ଉକ୍ତ ଶିବିରରେ ସିନାପାଲି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ତଥା ଗ୍ରାମ ଗୁଡିକରୁ ୫୯ ଟି ବ୍ୟକ୍ତିଗତ ଓ ୧୪ ଟି ସାମୂହିକ ମୋଟ ୭୩ଟି ବିଭିନ୍ନ ଅଭିଯୋଗର ଶୁଣାଣି ହୋଇଥିଲା। ଜନଶୁଣାଣି ଶିବିର ଉପଲକ୍ଷେ ଗୋଡ଼ାଲପଞ୍ଚାୟତରେ ଆୟୋଜିତ ରକ୍ତଦାନ ଶିବିରର ରକ୍ତଦାତା ମହିଳା ଓ ଶିଶୁ ବିକାଶ ବିଭାଗ କର୍ମଚାରୀ ଓମ୍ ପ୍ରକାଶ ମେହେର ଓ ଦିବ୍ୟ ରଞ୍ଜନ ଦଣ୍ଡସେନାଙ୍କୁ ଜିଲ୍ଲାପାଳ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ପରେ ଚଟିଆଗୁଡା ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ନିମିତ୍ତ ସଚେତନତା ସଭା ଆୟୋଜିତ ହୋଇଥିଲା। ପଞ୍ଚାୟତବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ମଧ୍ୟ ୨୮ ଟି ବଡ଼ ଏବଂ ୭୬ ଟି ଛୋଟ ମୋଟ ୧୦୪ ଟି ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା କରାଯାଇଥିଲା।

## ସଂଯୋଗ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ଲାଞ୍ଜିଗଡ଼,୧୫।୯(ସମିସ): ପଶ୍ଚିମ ଓଡ଼ିଶାର କୃଷିଭିତିକ ଗଣପର୍ବ ନୂଆଁଖାଇ ଧୂମ୍ ଧାମରେ ପାଳନ କରୁଥିବା ବେଳେ ଆଉ କିଛି ଦିନ ପରେ ଆରମ୍ଭ ହୋଇଯାଏ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ। ସାନରୁ ବଡ ସମସ୍ତେ ସାମିଲ ହୋଇ ନିଜ ମାଟିର ପରମ୍ପରା ଓ ସଂସ୍କୃତିକୁ ନେଇ ନୂଆଁଖାଇ ଭେଟ୍‌ଘାଟରେ ପୁଣି ଆରମ୍ଭ ହୁଏ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ଅବସରରେ ରବିବାର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଲାଖବାହାଲି ପଞ୍ଚାୟତ ସ୍ଥିତ କୁମାର ଗୁଡା ଗାଁରେ ସଂଯୋଗ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂଯୋଗ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଆମର ଲାଲସିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସନାତନଧର୍ମ ହରିନାମ ପ୍ରଚାର ପ୍ରସାର କମିଟି ରାଜ୍ୟ ସଭାପତି ଜିତେନ୍ଦ୍ର କୁମାର ତ୍ରିପାଠୀ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଚିତ୍ତରଞ୍ଜନ ନନ୍ଦ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବେନଗାଁ ସରପଞ୍ଚ ପୁରାଣା ମାଝୀ, ରୁଦ୍ର ପ୍ରସାଦ ସାହୁ, ଜଗଦିଶ ରାଣା, କୁମୁଦକାନ୍ତ ମାଝୀ, ଧର୍ମାନନ୍ଦ ଭାଟି, ସୁଧାଂଶୁ ଗହୀର, ନରେନ୍ଦ୍ର ବେହେରା, ରାମତୁ ମାଝୀ, ଶିବରାମ ନାଏକ, ରାମଚନ୍ଦ୍ର ମୁଣ୍ଡଛିନା ସାମ୍ବାଦିକ ତୁଳସୀରାମ ପ୍ରଧାନୀ, ଦିଲ୍ଲୀପ ନାଏକ, ସୁଶାନ୍ତ ମାଝୀ, ସାଗର ବେନାଲ, ମନୋଜ ଦୋରା, ଦେବାନନ୍ଦ ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ନୂଆଁଖାଇ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଭାକୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ରମେଶ ନାଏକ ପରିଚାଳନା କରିଥିବା ବେଳେ ଏଥିରେ ବୁଢ଼ାରଜା ଯୁବକ ସଂଘର ସଦସ୍ୟ ଈଶ୍ୱର ବାଗ, ହରିଶ ସାହୁ, ଗିରଧାରୀ ଲାଲସି, ପିଣ୍ଟୁ ଲାଲସି, ସୁଦାମା ନାଏକ, ରାଜେଶ ନାଏକ ସମେତ ବୁଢ଼ାରଜା ୟୁଥ୍ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



### ହାବସପୁରୀ ଶାଢ଼ୀ ଜିଲ୍ଲାର ଭିନ୍ନ ଏକ ପରିଚୟ

# ଉଜ୍ଜୀବିତ ହେବ ବୁଣାକାରଙ୍କ ଜୀବନଧାରଣ ଶୈଳୀ

ଭବାନୀପାଟଣା,୧୫।୯(ସମିସ)

ପାର୍ବଣ ଋତୁ ହେଉ କି ଅନ୍ୟ ସମୟରେ ବୟନ ତଥା ହସ୍ତତନ୍ତ ଶିଳ୍ପ ଦ୍ୱାରା ପ୍ରସ୍ତୁତ କପଡାର ଚାହିଦା ରହିଛି। ହସ୍ତତନ୍ତ ଭଳି ଶିଳ୍ପକଳାର ସାମଗ୍ରୀକୁ କିପରି ବଜାର ବ୍ୟବସ୍ଥାରେ ମଜଭୁତ କରାଯାଇପାରିବ ତାହା ହିଁ ଆଜିର ମୁଖ୍ୟ ପ୍ରଶ୍ନ ରୂପେ ଠିଆ ହୋଇଥିଲା। ହସ୍ତତନ୍ତ କଳାକୁ ବଳିଷ୍ଠ ଓ ବୁଣାକାରମାନଙ୍କ ସମ୍ବେଦନଶୀଳସ୍ଥିତିରେ ଉନ୍ନତି କରିବାରେ ସରକାରଙ୍କ ଗୁରୁଦାୟିତ୍ୱ ରହିଛି।ଏବେ ହାବସପୁରୀ ଡିଜାଇନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ସରକାରଙ୍କ ଲକ୍ଷ ପୂରଣ ହେବାକୁ ଯାଉଛି। ପୁଣି ଥରେ ଆରମ୍ଭ ହୋଇଛି ତାଲିମ ଶିବିର। ଯାହାକୁ ନେଇଁ ସ୍ଥାନୀୟ ବୁଣାକାରଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ହାବସପୁର ଗ୍ରାମରେ ହାବସପୁରୀ ଡିଜାଇନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ବୟନ ଶିଳ୍ପ ଉପ ନିର୍ଦ୍ଦେଶକ (କେବିକେ ଡିଭିଜନ) ଶିଶିର ନାଗ, ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ସୁଦାମ ଦେହୁରୀ, ଓଏଲଏମ ବିଏଲ ସି ଧର୍ମେନ୍ଦ୍ର ଦୀପ, ଓରମାସ ଏକାଉଣ୍ଟାଣ୍ଟ ଦେବାଶିଷ ସାହୁ, ହାବସପୁର ସରପଞ୍ଚ ବିକାଶ ରଞ୍ଜନ ପଣ୍ଡା, ସ୍ଥାନୀୟ ବୁଣାକାର ସଂଘର ସମ୍ପାଦକ ସତ୍ୟ ନାରାୟଣ ମେହେର, ଆରଏଚଡି ପ୍ରକଳ୍ପର ଏମସିଏମ ଗଜେନ୍ଦ୍ର କଶ୍ୟପ ପ୍ରମୁଖ ଯୋଗଦେଇ ହାବସପୁରୀ ଡିଜାଇନ ପ୍ରକଳ୍ପର ପୁନରୁଦ୍ଧାର ଉପରେ କହିବା ସହ ହାବସୀପୁରୀ ଶାଢ଼ୀ ବୁଣି ବୁଣାକାରମାନେ କିପରି ରୋଜଗାର କ୍ଷମ ହେବେ ସେ ନେଇଁ ସମସ୍ତେ ନିଜ ନିଜ ମତ ରଖିଥିଲେ। ପ୍ରଥମ ପର୍ଯ୍ୟାୟରେ ତାଲିମ ନେଇଥିବା ୨୦ ଜଣ ବୁଣାକାରଙ୍କୁ ଅତିଥିଙ୍କ ଦ୍ୱାରା ତାଲିମ ସାର୍ଟିଫିକେଟ ଏବଂ ତନ୍ତୁ ଓ ସାମଗ୍ରୀ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ୨୦ ଜଣ ବୁଣାକାର ଆଗାମୀ ୬ ମାସ ଯାଏଁ ତାଲିମ ନେବେ। କାର୍ଯ୍ୟକ୍ରମକୁ ବୟନ ନିରୀକ୍ଷକ ବିକ୍ରମ କନ୍ଦହେର ପରିଚାଳନା କରିଥିବାବେଳେ ଶୁଭେନ୍ଦୁ ମେହେର ସହଯୋଗ କରିଥିଲେ। ଯଦି ବୁଣାକାରମାନଙ୍କୁ ଆଧୁନିକ ବଜାରବ୍ୟବସ୍ଥା ସହିତ ସମ୍ମିଳିତ କରାଯାଏ ତେବେ ହସ୍ତ ତନ୍ତ କ୍ଷେତ୍ରରେ ପ୍ରଗତି ହୋଇପାରିବବୋଲି ଅନେକ ଦୃଢ଼ତାର ସହିତ କହିଥିଲେ। କଳାହାଣ୍ଡି ଜିଲ୍ଲାକୁ ଦେଖିଲେ ଆଜି ମାତ୍ର ହାତଗଣତି କିଛି ବୁଣାକାର ଏହି ଶିଳ୍ପକୁ ବଞ୍ଚାଇ ରଖି ଆସିଛନ୍ତି। ବିଭାଗୀୟ ନଥିପତ୍ରରେ ୭୦/୮୦ ଲୁମ ଥିବା ଦର୍ଶାଉଥିଲେ ମଧ୍ୟ ସମଗ୍ର ଜିଲ୍ଲାରେ ବହୁ କଷ୍ଟ ଓ ବାଧାବିଘ୍ନ ସତ୍ତ୍ୱେ କ୍ୱଚିତ କେତୋଟି ଲୁମ ଚଳମାନ ଅବସ୍ଥାରେ ଗତିକରୁଛି। କିନ୍ତୁ କଳାହାଣ୍ଡିର ହାବସପୁରୀ ବସ୍ତ୍ରଆଜି ସମସ୍ତଙ୍କ ପସନ୍ଦର ବସ୍ତ୍ର ସାଜିଛି। କିନ୍ତୁ ଗ୍ରାହକଙ୍କ ମନ ପସନ୍ଦ ଥିବା ସତ୍ତ୍ୱେ ବଜାର ସୂତ୍ରକୁ ଠିକରୂପେ ବିଭାଗ ବୁଝିନପାରିବା ଦିଗରୁ ବୁଣାକାରମାନେ ଆଗେଇ ଆସୁନଥିବା କୁହାଯାଉଛି। ଇତିମଧ୍ୟରେ ତାଲିମ ଶିବିର ପୁଣି ଆରମ୍ଭ ହୋଇଛି। ହାବସପୁରୀ ବସ୍ତ୍ର ତଥା ଶାଢ଼ୀ ପାଇଁ କଳାହାଣ୍ଡି ଜିଲ୍ଲାର ହସ୍ତତନ୍ତ କାରିଗରୀ କୌଶଳର ପୂର୍ବ ପ୍ରସିଦ୍ଧି ଫେରି ପାଇବ ବୋଲି ସମସ୍ତେ ଖୁସିବ୍ୟକ୍ତ କରିଛନ୍ତି। ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରାପ୍ତ ହାବସପୁରୀ ବସ୍ତ୍ର ପ୍ରସ୍ତୁତରେ ବୁଣାକାରମାନେ ଲାଭବାନ ହେବେ ତାହାନୁହେଁ ସ୍ୱତନ୍ତ୍ର ରୁଚି ରଖୁଥିବା ବ୍ୟକ୍ତିଙ୍କ ମନକୁ ହାବସପୁରୀ ବସ୍ତ୍ରେ ବାନ୍ଧି ରଖିବାରେ ସକ୍ଷମ ହେବ।



ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶିବିର ଉଦ୍‌ଘାଟିତ

## ମଦକୋଠି ବନ୍ଦ ପାଇଁ ଥାନାର ଦ୍ୱାରସ୍ଥ ମହିଳା ଗୋଷ୍ଠୀ



କୋକସରା,୧୫।୯(ସମିସ): ଗାଁରେ ବେଆଇନ ମଦକୋଠି ଖୋଲି ଖୁଲମଖୁଲା ବିକ୍ରୀ ଚାଲିଛି। ଯାହା ଦ୍ୱାରା ଘରର ପୁରୁଷମାନେ ମଦ ପିଇ ବିଶୃଙ୍ଖଳା ସୃଷ୍ଟି କରିବା ସହ ପରିବାରରେ ଅଶାନ୍ତି ବଢୁଛି। ଏମିତି କି ଏହି ବେଆଇନ ମଦ ବିକ୍ରୀ ଯୋଗୁଁ ମଦୁଆଙ୍କ ଉତ୍ପାତ ବଢୁଥିବାରୁ ମହିଳା ମାନେ କୌଣସି ସ୍ଥାନରେ ନିଜକୁ ସୁରକ୍ଷିତ ମଣୁ ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସୋମବାର କୋକସରା ବ୍ଲକ ଆମପାଣି ସରପଞ୍ଚ ରୁକ୍ମିଣୀ ବାଣୁଆ, ନାରୀନେତ୍ରୀ ତିଳୋତ୍ତମା ନାଏକଙ୍କ ନେତୃତ୍ୱରେ ଆମପାଣି ଥାନାର ଦ୍ୱାରସ୍ଥ ହୋଇ ଗ୍ରାମର ଅହଲ୍ୟା ମାଝୀ, ନୁର ମାଝୀ, ରମା ପଟେଲ, ମଥୁରା ପୁଝାରୀ, ଚଞ୍ଚଳା ବାଗ, ସୁମିତ୍ରା ରାଉତ, ମଏନା ପୁଝାରୀ, ଜେମା ମାଝୀ, ସତ୍ୟଭାମା ମାଝୀ, ମଣି ମାଝୀ, ନେପୁର ନାଏକ, ଡାଳିମ୍ବ ମାଝୀ, ଟେବା ମାଝୀ ସମେତ ଶତାଧିକ ମହିଳାଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଥାନା ଅଧିକାରୀ ପ୍ରଶାନ୍ତ କୋଲାହାରଙ୍କୁ ପ୍ରଦାନ କରିଛନ୍ତି। ଏବଂ ବେଆଇନ ଭାବେ ହେଉଥିବା ବିଷାକ୍ତ ମଦ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ୱର୍ଡ ସଭ୍ୟ ନୃପରାଜ ନାଏକ, ଲିଲିମୟୀ ସାହୁ, ଉର ପୁଝାରୀଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ

ଭବାନୀପାଟଣା,୧୫।୯(ସମିସ): ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ ଏସ୍ଏସ କୋ ୟୁନିଟ୍ ପକ୍ଷରୁ ସ୍ୱେଚ୍ଛାସେବୀଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଏନଏସ୍ଏସ ପ୍ରିୟବ୍ରତ ବାଣୁଆଁ ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ, ଲକ୍ଷ୍ମୀବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ନିର୍ଦ୍ଦେଶକ ଡି ଶ୍ୟାମ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଜାତୀୟ ସେବା ଯୋଜନା ମାଧ୍ୟମରେ କିପରି ସ୍ୱେଚ୍ଛାସେବୀଙ୍କ ବ୍ୟକ୍ତିତ୍ୱ ନିର୍ମାଣ ଓ ଆମର ପାରିପାର୍ଶ୍ୱିକ ତଥା ଦେଶର ବିଭିନ୍ନ ଆହ୍ୱାନରେ ନିଜକୁ ନିୟୋଜିତ କରିବାକୁ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରି ଏନଏସଏସର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଏନଏସ୍ଏସ କାର୍ଯ୍ୟକ୍ରମ ଅଧିକାରୀ ଅଶ୍ୱିନ କୁମାର ରାଉତ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସବ୍ୟସାଚୀ ବେହେରା, ତାନ୍ୟା ମିଶ୍ର, ରଞ୍ଜିତା ପଣ୍ଡା, ଗଣେଶ ପୃଷ୍ଟି, ତନ୍ମୟ ବେହେରା ପ୍ରମୁଖ ସହଯୋଗ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ରିଷିଡା କଲ୍ୟାଣ ମଣ୍ଡପ ଲୋକାର୍ପଣ



କର୍ଲାମୁଣ୍ଡା,୧୫।୯(ସମିସ): କର୍ଲାମୁଣ୍ଡାବ୍ଲକ ରିଷିଡାରେ ନବନିର୍ମିତ କଲ୍ୟାଣମଣ୍ଡପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟିକା ମନୋରମା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ରିଷିଡା ସରପଞ୍ଚ ସେବତୀ ରଣା ସଭାପତିତ୍ୱ କରିଥିବା ବେଳେ ବିଧାୟିକା ଶ୍ରୀମତୀ ମହାନ୍ତି ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା କୁନି ସାହୁ, ବିଡିଓ ଦେବେନ୍ଦ୍ର ସାମଲ, ଜିଲ୍ଲାପରିଷଦ ସଭ୍ୟ ମହେନ୍ଦ୍ର ରଣା, ସମିତିସଭ୍ୟ ନିମାଁଇଚରଣ ବେହେରା, ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ, ବ୍ଲକ୍ ବିଜେଡି ସଭାପତି ଯଶୋବନ୍ତ ସାହୁ, ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ନାରାୟଣ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ନରୋତ୍ତମ ସେଲମା ସଭାସଂଯୋଜନା କରିଥିବା ବେଳେ ଗ୍ରାମ ଉନ୍ନୟନ କମିଟି ସଂପାଦକ ପ୍ରେମାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ଉଦ୍ୟୋଗପତି ଶିବଲାଲ କେଡିଆ ଏହାପରେ ବିଧାୟିକା ଓ ଅନ୍ୟ ଅତିଥିମାନେ ରିଷିଡାର ନିର୍ମାଣାଧିନ ଜଗନ୍ନାଥମନ୍ଦିର ଓ ଆଉ ଏକ ନିର୍ମାଣାଧିନ କଲ୍ୟାଣମଣ୍ଡପ ପରିଦର୍ଶନ କରିଥିଲେ। ରିଷିଡାର ସାମଗ୍ରୀକ ବିକାଶପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନାଏବ ସରପଞ୍ଚ ନରେଶ ଦାସ, ମନୋଜ ରଣା, ଦେବେନ୍ଦ୍ର ରଣା, ନେପାଳ ମାଝୀ, ସନ୍ତୋଷ ରଣା ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱଚ୍ଛତା ପରିବେଶ ହିଁ ସୁସ୍ଥ ସମାଜର ପରିଚୟ

ସିନାପାଲି,୧୫।୯(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଯୋଗାଣ ବିଭାଗ ଆନୁକୁଲ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ସିନାପାଲି ବ୍ଲକ୍ ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିନାପାଲି ବିଡିଓ କାର୍ମି ଓରାମ ଯୋଗଦାନ କରି ସଫେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସିନାପାଲି ପଞ୍ଚାୟତ ସମିତିସଭ୍ୟ ମନିଷ କୁମାର ପଟେଲ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଝାଡୁଧରି ସଫେଇ କରୁଥିବା ବେଳେ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଝାଡୁଧରି ସଫେଇ କରୁଥିବା ଦେଖିବାକୁ ମିଳିଥିଲା। ବ୍ଲକ୍ କାର୍ଯ୍ୟାଳୟ ପରିସର, ଛାତଉପର ଓ ରାସ୍ତାରୁ ଆବର୍ଜନା ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ବିଏସଏସଓ, ଡବ୍ଲୁଇଓ, ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ବ୍ଲକ୍‌ର ବିଭିନ୍ନ ରପଞ୍ଚାୟତ ଯୋଗାଣ ସହାୟକ ସହଯୋଗ କରିଥିଲେ। ସିନାପାଲି ବିଡିଓ ସଚେତନ ବାର୍ତ୍ତା ଦେଇ ସ୍ୱଚ୍ଛ ପରିବେଶ ହିଁ ସୁସ୍ଥ ସମାଜ ଗଠନ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି କହଥିଲେ।



## କେସିଙ୍ଗାକୁ ସବ୍‌ଡିଭିଜନ ମାନ୍ୟତା ପାଇଁ ସଚେତନ ନାଗରିକ ମଞ୍ଚର ପ୍ରସ୍ତୁତି

କେସିଙ୍ଗା,୧୫।୯(ସମିସ): ଅଗ୍ରଣୀ ସଂଗଠନ କେସିଙ୍ଗା ସଚେତନ ନାଗରିକ ମଞ୍ଚ ତରଫରୁ ଗତକାଲି ସ୍ଥାନୀୟ ଆରଏମଡି ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ବ୍ଲକ୍ ସମେତ କର୍ଲାମୁଣ୍ଡା, ମଦନପୁର ରାମପୁର, ନର୍ଲା ତଥା ଲାଞ୍ଜିଗଡ ବ୍ଲକ୍‌କୁ ନେଇ ଆସନ୍ତା ସୀମା ନିର୍ଦ୍ଧାରଣ ପରେ କେସିଙ୍ଗା ରାଜସ୍ୱ ଉପଖଣ୍ଡ ମାନ୍ୟତା ଘୋଷଣା କରିବା ଦାବି ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଉତ୍ତର ମହଲା ସଭାପତିତ୍ୱ କରିଥିଲେ। ସଂଗଠନ ସାଧାରଣ ସମ୍ପାଦକ ଟିକେମନ ଦୀପ ସମସ୍ତ ଅତିଥିବୃନ୍ଦଙ୍କୁ ସ୍ୱାଗତ କରି ସଭା ଆହ୍ୱାନର ମୁଖ୍ୟ ଉଦ୍ଦେଶ୍ୟ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥିଗଣ ନିଜ ନିଜ ବକ୍ତବ୍ୟରେ ଆଗାମୀ ଦିନରେ ରଣନୀତି କିଭଳି ସଫଳ ଆନ୍ଦୋଳନ କରାଯାଇପାରିବ ବିଭିନ୍ନ ଦିଗ ଉପରେ ମାର୍ଗ ଦର୍ଶନ କରିଥିଲେ। ପ୍ରକାଶଥାଉକି, କେସିଙ୍ଗା ରାଜସ୍ୱ ଉପଖଣ୍ଡ ମାନ୍ୟତା ପାଇବାର ସମସ୍ତ କାରକ ଯଥାର୍ଥ ପ୍ରତିପାଦନ କରୁଥିବା ବେଳେ ରାଜ୍ୟ ସରକାର ନିଶ୍ଚୟ କେସିଙ୍ଗାକୁ ଉପଖଣ୍ଡ ମାନ୍ୟତା ପ୍ରଦାନ କରି ଅଞ୍ଚଳବାସୀଙ୍କୁ ଏକ ବଡ଼ ଅବଦାନ ନ୍ୟାୟ ପ୍ରଦାନ କରିବାକୁ ସମସ୍ତ ପ୍ରକ୍ରିୟାକୁ ଅବଲମ୍ବନ କରାଯିବ ବୋଲି ଦୃଢ଼ ପ୍ରତିବଦ୍ଧ ଜାହିର କରିଥିଲେ। ବୈଠକରେ ବରିଷ୍ଠ ନାଗରିକ ତଥା ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ଗୁରୁପ୍ରସାଦ ବଗର୍ତ୍ତୀ, ପୂର୍ବତନ ନଗରପାଳ ସରିତା ସିନ୍ଦୁର, ରାମଜୀ ମାତଖଣ୍ଡିଆ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରୋହିତ ଭୋଇ, ରାମଲାଲ ସୁନାନୀ, ଗୋବିନ୍ଦ ବନଛୋର, ବସୁମତୀ ବାଗ, ରଜନୀକାନ୍ତ ପୋଡ଼, ବଂଶୀଧର ସାହା, ନିକିତା ଜୈନ, କେସିଙ୍ଗା ମହାବିଦ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ବି. ଚନ୍ଦ୍ରଶେଖର ଆଚାରୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନମିତା ରାଣୀ ସାହୁ, ମାହେନ୍ଦ୍ରି ସାହୁ, ରାଜକୁମାରୀ ସରାଫ, ରତ୍ନମାଳା ମାଝୀ, ମହେନ୍ଦ୍ର ନାଏକ, ପାନଲାଲ ବେମାଲ, ଶଶାଙ୍କ ମହଲା, ଯାଜ୍ଞସେନ ସାହୁ, କୈଳାସ ଜୈନ ପ୍ରମୁଖଙ୍କ ସହ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ଘୋଷଣା କରିଥିଲେ। ଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## କୋକସରାକୁ ଏନ୍‌ଏସି ମାନ୍ୟତା ଲାଗି ଦାବିପତ୍ର

କୋକସରା,୧୫।୯(ସମିସ): ନିକଟରେ କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣାକୁ ଏନ୍‌ଏସିର ମାନ୍ୟତା ମିଳିସାରିଛି। ତେବେ ଜିଲ୍ଲାର ଏକ ସର୍ବପୁରାତନ କୋକସରା ପଞ୍ଚାୟତ, ବ୍ଲକ ଏବଂ ବିଗତ ଡିଲେମିଟେସନ ପ୍ରକ୍ରିୟା ପୂର୍ବରୁ ଏକ ନିର୍ବାଚନ ମଣ୍ଡଳୀ ରହିଥିବା କୋକସରା ବ୍ଲକ ସଦର ମହକୁମା କୋକସରାକୁ ମଧ୍ୟ ଏନ୍‌ଏସି ଘୋଷଣା କରିବାକୁ ଦାବି ଉଠିଛି। ଏନେଇ ସୋମବାର କୋକସରା ସଚେତନ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶଯେ କୋକସରା ଗ୍ରାମ ଏନ୍‌ଏସି ନିମନ୍ତେ ସବୁ ପ୍ରକାର ଭିତ୍ତିଭୂମି ରହିଥିବାବେଳେ ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ ଓ ବ୍ୟାବସାୟିକ କ୍ଷେତ୍ରରେ ବେଶ୍ ପରିଚିତ। କୋକସରା ଠାରେ ପୋଲିସ ଥାନାଠାରୁ ଆରମ୍ଭ କରି ଅନେକ ପ୍ରାଥମିକ ବିଦ୍ୟାଳୟ, ଯୁକ୍ତ ଦୁଇ ଓ ତିନି ଆର୍ଟ କଲେଜ, ବିଜ୍ଞାନ କଲେଜ, ସରକାରୀ ଡାକ୍ତରଖାନା, କୋର୍ଟ କାର୍ଯ୍ୟାଳୟ, ବ୍ଲକ୍ କାର୍ଯ୍ୟାଳୟ, ପ୍ରାଣୀଚିକିତ୍ସା କେନ୍ଦ୍ର, ଟେଲିଫୋନ ଏକ୍ସଚେଞ୍ଜ, ଉପ ଡାକଘର, ସମବାୟ ବ୍ୟାଙ୍କ୍, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ଏସବିଆଇ ବ୍ୟାଙ୍କ, ଅଗ୍ନିଶମ କାର୍ଯ୍ୟାଳୟ ଓ ଅନେକ ସରକାରୀ ବେସରକାରୀ ପ୍ରତିଷ୍ଠାନ ରହିଛି। କଳାହାଣ୍ଡି ନବରଙ୍ଗପୁର ଜିଲ୍ଲା ସୀମାନ୍ତରେ ଥିବା କୋକସରାକୁ ନୂତନ ଏନ୍‌ଏସି କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ। ଏଣୁ ସରକାର ଏ ଦିଗରେ ଦୃଷ୍ଟି ଦେଇ ଏନ୍‌ଏସି ଘୋଷଣା କରିବା ପାଇଁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ମୀନକେତନ ପ୍ରଧାନୀ, ତ୍ରିଭୁବନ ନାଏକ, ଶ୍ରୀନିବାସ ପ୍ରଧାନୀ, ନିରଞ୍ଜନ ନାଏକ, କ୍ଷୀରସିନ୍ଧୁ ନେଗୀ, ମହେଶ ଗୁପ୍ତା, ଗୁଣନିଧି ବାଗ, କିଶନ ପଟ୍ଟନାୟକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଜିଲ୍ଲାପାଳ ପ୍ରକାଶ କଲେ ଚିଠା ଭୋଟର ତାଲିକା

# ଆଗକୁ ଉପ ନିର୍ବାଚନ ପାଇଁ ବାଜିଲା ବିଗୁଲ



ନୂଆପଡ଼ା,୧୫।୯(ସମିସ): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ସର୍ବଦଳୀୟ ପ୍ରତିନିଧି ମଣ୍ଡଳ ସହିତ ଚିଠା ଭୋଟର ତାଲିକା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ନୂଆପଡା ବିଧାନ ସଭା ମଣ୍ଡଳୀ ୭୧-ନୂଆପଡା, ୧୧-କଳାହାଣ୍ଡି ପାର୍ଲିଆମେଣ୍ଟରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଟେ। ନୂଆପଡା ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ମୋଟ ୩୫୮ ଗୋଟି ଭୋଟ ଗ୍ରହଣ କେନ୍ଦ୍ର ଅଛି। ନୂଆପଡା ବିଧାନସଭାର ମୋଟ ଭୋଟର ସଂଖ୍ୟା ୨ଲକ୍ଷ ୪୮ହଜାର ୨୫୬। ଏଥିରୁ ପୁରୁଷ ଭୋଟର ସଂଖ୍ୟା ୧୨୨୧୦୩, ମହିଳା ଭୋଟର ସଂଖ୍ୟା୧୨୬୧୩୨ ଏବଂ ତୃତୀୟ ଲିଙ୍ଗୀ ଭୋଟର ସଂଖ୍ୟା ୨୧ ରହିଛନ୍ତି। ଏଠାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୧୫ସେପ୍ଟେମ୍ବ(ସୋମବାର)ରୁ ଆରମ୍ଭ ହୋଇ ୨୯ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ। ଭୋଟର ତାଲିକାରେ ନାମ ପଞ୍ଜୀକରଣ, ନାମଯୋଗ ପାଇଁ ଫର୍ମ ନମ୍ବର ୬, ତାଲିକାରେ ଥିବା ନାମ କାଟିବା ପାଇଁ ଫର୍ମ ୭ ଏବଂ ନାମ/ ତଥ୍ୟ, ଫଟୋ, ଠିକଣା, ବିବରଣର, ତ୍ରୁଟି ସଂଶୋଧନ ପାଇଁ ଫର୍ମନଂ ୮ ରେ ଆବେଦନ କରିପାରିବେ। ଅନଲାଇନ୍‌ରେ ପଞ୍ଜୀକରଣ କରିବା ପାଇଁ ଭୋଟର ହେଲ୍ପ ଲାଇନ ମୋବାଇଲ ଆପ୍ ଭିଏଚ୍ଏର ସାହାଯ୍ୟ ନେଇ ପାରିବେ। ଭୋଟର୍ସ. ଇସିଆଇ.ଗଭ.ଇନ୍ ଜରିଆରେ ଆବେଦନ କରିପାରିବେ। ଅନ୍‌ଲାଇନରେ ପଞ୍ଜୀକରଣ ପାଇଁ ଭୋଟର୍ସ ହେଲ୍ପ ଲାଇନର ସହାୟତା ନିଆଯାଇ ପାରେ। ଭୋଟରମାନଙ୍କ ପାଇଁ ଅଲ ଇନ ୱାନ ସାଥି ଭୋଟର ହେଲ୍ପ ଲାଇନ ରହିଛି ଯେଉଁଥିରେ ପଞ୍ଜୀକରଣ ଠାରୁ ଆରମ୍ଭ କରି ସଂଶୋଧନ ପର୍ଯ୍ୟନ୍ତ ଭୋଟରଙ୍କ ସମସ୍ତ ଆବଶ୍ୟକତା ପାଇଁ ୱାନଷ୍ଟପ୍ ସମାଧାନ ହିସାବରେ କାମ କରିବ। ଜିଲ୍ଲାପାଳ ସମସ୍ତଙ୍କୁ ଅନୁରୋଧ କରି କହିଲେ ଯେ ଆଜି ହିଁ ଡାଉନ ଲୋଡ କରି ଗଣତନ୍ତ୍ରରେ ଅଂଶଗ୍ରହଣ କରନ୍ତୁ। ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଅତିରିକ୍ତ ନିର୍ବାଚନ ଅଧିକାରୀ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ତଥା ଇଆରଓ, ସୁର୍ମି ସୋରେନ୍, ନିର୍ବାଚନ ଡେପୁଟୀ କଲେକ୍ଟର ସେଖ ନସିମ, ବିଡ଼ିଓ କୋମନା ସର୍ବେଶ୍ୱର ଜାଲ, ତହସିଲଦାର ନୂଆପଡା ପ୍ରଣବ ରଞ୍ଜନ ସାହୁ, ଜିଲ୍ଲା ବିଜେପି ସଭାପତି କମଲେଶ କୁମାର୍ ଦୀକ୍ଷିତ, ଆଇଏନସିରୁ ଅଭୟ ଶଙ୍କର ଯୋଶୀ, ଦେବଦତ୍ତ ଦୀକ୍ଷିତ, ବିଜୁ ଜନତା ଦଳରୁ ରମାକାନ୍ତ ଠାକୁର, ଆପରୁ ଲକ୍ଷ୍ମୀକାନ୍ତ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

## ୯ କିଗ୍ରା ଗଞ୍ଜେଇ ଜବତ,୨ ଗିରଫ

ନୂଆପଡା,୧୫।୯(ସମିସ): ନୂଆପଡା ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ଜିଲ୍ଲାବ୍ୟାପି ନିଶାମୁକ୍ତି ଉପରେ ଅପରେସନ ପ୍ରହାର ଅଭିଯାନ ଚାଲିଥିବାବେଳେ ନୂଆପଡା ଜିଲ୍ଲା ଖରିଆରରୋଡ ଜୋଙ୍କ ଥାନା ପୁଲିସ ପକ୍ଷରୁ ୯କିଗ୍ରା ୮୬୮ ଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଜଳାରାମ ଛକଠାରୁ ଆମସେନା ଛକ ମଝିରେ ଦୁଇ ଜଣ ଯୁବକ ଦୁଇଗୋଟି ଏୟାର ବ୍ୟାଗରେ ଗଞ୍ଜେଇ ନେଉଥିବା ପୁଲିସ ନିକଟକୁ ଖବର ଆସିଥିଲା। ଥାନାଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ୍ ଚଢଉ କରି ଦୁଇଜଣଙ୍କୁ କାବୁ କରିଥିଲେ। ସେମାନଙ୍କ ଠାରୁ ୨ଟି ମୋବାଇଲ, ଦୁଇଟି ବ୍ୟାଗ ସହ ଗେଞ୍ଜେଇ, ନଗଦ ୫ହଜାର ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତମାନେ ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ଥାନା ଚିଙ୍ଗୁଡିଘାଇ ଗାଁର ଟୁଲୁ ପ୍ରଧାନ(୨୬) ଏବଂ କୋଦଳା ଥାନ ଫାସି ଗାଁର ଟୁଲୁ ଦଳାଇ(୨୫)ବୋଲି ଜଣାପଡିଛି। କେସ ନମ୍ବର ୧୮୮/୨୫୦ ଦଫା ଏନଡିପିଏସ ଆକ୍ଟ ୨୦(ଖ)ରେ ମାମଲା ରୁଜୁ କରାଯାଇ ନୂଆପଡା କୋର୍ଟକୁ ଚାଲାଣ କରାଯାଇଛି।

यूनियन बैंक ऑफ इंडिया Union Bank of India | ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

କ୍ଷେତ୍ରୀୟ କାର୍ଯ୍ୟାଳୟ, ବାଲେଶ୍ୱର, ତୃତୀୟ ମହଲା, ଆଶିଷ ପ୍ଲାଜା, ପୋଲିସ୍ ଲାଇନ୍ ସ୍କୋୟାର ନିକଟ, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର-୭୫୬୦୦୧

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଯୋଗ୍ୟ ସଂସ୍ଥାଗୁଡ଼ିକ ଠାରୁ ରିକଭରୀ ଏଜେଣ୍ଟ / ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ / ଆସେଟ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନଙ୍କୁ ବ୍ୟାଙ୍କ ନିଜ ପ୍ୟାନେଲରେ ତାଲିକାଭୁକ୍ତ କରିବା ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି। ଆବେଦନ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପାଇଁ, ଆଗ୍ରହୀ ସଂସ୍ଥାମାନେ ମୁଖ୍ୟ ପ୍ରବନ୍ଧକ, ସିଆର୍‌ଏଲଡି, କ୍ଷେତ୍ରୀୟ କାର୍ଯ୍ୟାଳୟ, **ମୋବାଇଲ ନଂ.: ୮୯୨୮୯୧୭୪୧୧** ରେ ଯୋଗାଯୋଗ କରିପାରିବେ।
ଯୋଗ୍ୟତା ମାନଦଣ୍ଡ ଏବଂ ଦରଖାସ୍ତ ଫର୍ମାଟ୍ ପାଇଁ ଆମର ସରକାରୀ ୱେବସାଇଟ୍ **www.unionbankofindia.com** ପରିଦର୍ଶନ କରନ୍ତୁ। ଏହାକୁ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ।

୧. ତାଲିକାଭୁକ୍ତ ହେବା ସମ୍ପର୍କିତ ସମସ୍ତ ଅଧିକାର ସମ୍ପୂର୍ଣ୍ଣ ଭାବରେ ବ୍ୟାଙ୍କର ଅଧିନରେ ରହିବ ଏବଂ କେବଳ ତାଲିକାଭୁକ୍ତ ହେବା ପାଇଁ ଆବେଦନ କଲେ ତାଲିକାଭୁକ୍ତ ହେବାର କୌଣସି ଅଧିକାର ମିଳିବ ନାହିଁ ଏବଂ ତାଲିକାଭୁକ୍ତ ପ୍ରକ୍ରିୟ ଏବଂ ପରିଣାମ ସମ୍ପର୍କରେ କୌଣସି ଲିଖିତ ପରାମର୍ଶକୁ ଗ୍ରହଣ କରାଯିବ ନାହିଁ।
୨. ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥାମାନଙ୍କ ମଧ୍ୟରୁ ଶୀର୍ଷ ୧୦ଟି ସଂସ୍ଥାକୁ ତାଲିକାଭୁକ୍ତ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
୩. ଆନେକ୍ସରରେ ଉଲ୍ଲେଖିତ ଯୋଗ୍ୟତା ମାନଦଣ୍ଡଗୁଡ଼ିକ ନିର୍ଣ୍ଣାୟକ ନୁହେଁ ଏବଂ ସେଗୁଡ଼ିକ ବ୍ୟାଙ୍କର ସ୍ୱତନ୍ତ୍ରତା ଉପରେ ସୀମାବଦ୍ଧ ନୁହେଁ। ଅନ୍ୟାନ୍ୟ ଗୁଣାତ୍ମକ ଏବଂ ସମ୍ମାନସ୍ପଦ ଦିଗଗୁଡ଼ିକୁ ପରିଗଣନା କରି ତାଲିକାଭୁକ୍ତିକରଣ ନିମନ୍ତେ ଯଥାର୍ଥ ନିର୍ଣ୍ଣୟ ନେବାର କ୍ଷମତା ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
୪. ଆସେଟ୍ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନେ ତାଲିକାଭୁକ୍ତିକରଣ ପାଇଁ, ନିମ୍ନଲିଖିତ ମାନଦଣ୍ଡଗୁଡ଼ିକ ଯଥା ଗୁଣାତ୍ମକ, ପରିମାଣାତ୍ମକ, ପରିଚାଳନାତ୍ମକ ଏବଂ ସଂସ୍ଥାର ପ୍ରତିଷ୍ଠା ଆଧାରରେ ବିଚାର କରାଯିବ।

- ଡିଟେକ୍ଟିଭ ଏଜେନ୍ସି ଯେଉଁମାନେ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଦ୍ୱାରା ମାନ୍ୟତାପ୍ରାପ୍ତ ହୋଇ ଡିଟେକ୍ଟିଭ ସେବା ପ୍ରଦାନ କରୁଛନ୍ତି।
- ରାଜସ୍ୱ କର କିମ୍ବା ପୋଲିସ୍ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯେଉଁମାନେ ସେବା ନିବୃତି ପରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ ସେବା ପ୍ରଦାନ କରୁଛନ୍ତି।
- ଯେଉଁମାନେ ସକ୍ରିୟ ଭାବରେ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିମାନଙ୍କୁ ସହଯୋଗ କରୁଛନ୍ତି, ଯାହାର ସେବାଗୁଡ଼ିକୁ ବ୍ୟାଙ୍କର ମହାପ୍ରବନ୍ଧକଙ୍କ ମତାନୁସାରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ।
- ଆବେଦନ ଫର୍ମଗୁଡ଼ିକ ସଠିକ ଭାବରେ ପୁରଣ କରି ଆବଶ୍ୟକିୟ ଦସ୍ତାବେଜ ସହିତ ଉପରେ ଦର୍ଶାଯାଇଥିବା ଠିକଣାକୁ **ତା.୦୧.୧୦.୨୦୨୫ରିଖ** ମଧ୍ୟରେ ପହଞ୍ଚିବା / ପ୍ରାପ୍ତ ହେବା ଆବଶ୍ୟକ।

ସ୍ୱା/- କ୍ଷେତ୍ରୀୟ ମୁଖ୍ୟ

### ବିଶ୍ୱବିଦ୍ୟାଳୟରେ ଜାତୀୟ ଝୁମର କର୍ମଶାଳା ଉଦ୍‌ଘାଟିତ

# ଝୁମର ଅଞ୍ଚଳବାସୀଙ୍କ ସଂସ୍କାରର ଆଇନା: କେନ୍ଦ୍ରମନ୍ତ୍ରୀ




**ବାରିପଦା, ୧୫।୯ (ସମିସ)**

ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କନଭେନସନ ହଲରେ ସୋମବାର ଓଡ଼ିଶା ଝୁମର ଏକାଡେମୀ ଆନୁକୂଲ୍ୟରେ ଦୁଇ ଦିନିଆ ଜାତୀୟ ଝୁମର କର୍ମଶାଳା ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରି ଝୁମର ଅଞ୍ଚଳବାସୀଙ୍କ ସଂସ୍କାରର ଆଇନା ବୋଲି କହିଥିଲେ। ସେହିପରି ଉଚ୍ଚସ୍ତର ଗବେଷଣା କେନ୍ଦ୍ର ବିଶ୍ୱବିଦ୍ୟାଳୟରେ ସ୍ଥାପନ ପାଇଁ ରାଷ୍ଟ୍ରପତି ଭବନରେ ଆମେ ଏକତ୍ରିତ ହୋଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିବା ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଓଡ଼ିଶା ପାଇଁ ମୟୂରଭଞ୍ଜର ଅବଦାନ ଅତୁଳନୀୟ ବୋଲି କହିଥିଲେ। ମୟୂଜଭଞ୍ଜକୁ ଅଗ୍ରଣୀ ଜିଲ୍ଲା ଭାବେ ଉପସ୍ଥାପିତ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ନୂତନ ନିର୍ମିତ ଇଣ୍ଡୋର ଷ୍ଟାଡିୟମ ଓ ଚିକିତ୍ସାଳୟର ଭର୍ଚୁଆଲ ମୋଡରେ ଉଦଘାଟନ କରିଥିଲେ। ଏକାଡେମୀର ଅଭ୍ୟର୍ଥନା କମିଟିର ଅଧକ୍ଷ ପ୍ରକାଶ ସୋରେନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜାତୀୟ ସ୍ମାରକୀ ପ୍ରାଧିକରଣ ଅଧକ୍ଷ ପ୍ରଫେସର କିଶୋର କୁମାର ବସା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୂର୍ବତନ ରାଜ୍ୟସଭା ସଦସ୍ୟ ବୀରଭଦ୍ର ସିଂ ଓ ଜିଲ୍ଲାର ସମସ୍ତ ବିଧାୟକ, ବାଲେଶ୍ୱର ଓ ନୀଳଗିରି ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଝୁମର ଏକାଡେମୀରେ ସଭାପତି ଅବନୀ ମହାନ୍ତ, ଉପସଭାପତି ରାକେଶ କୁମାର ସିଂ, ସମ୍ପାଦକ ବସନ୍ତ କୁମାର ମହାନ୍ତ, ସାଂସ୍କୃତିକ ସମ୍ପାଦକ କ୍ଷିରୋଦ ଚନ୍ଦ୍ର ମହାନ୍ତ, ବହୁଭାଷୀ ପରିବେଶ ଝୁମର ଗୀତିକାର ଡ଼କ୍ଟର ରମାକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଝୁମର ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ୪ଟି ବିଦ୍ୟାଳୟ ସ୍ଥାପନ ଦାବି

**ବାରିପଦା:** ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡା ଏବଂ ସାଧାରଣ ସମ୍ପାଦକ ଡ଼ ଶ୍ୟାମସୁନ୍ଦର ଦାସ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ବାରିପଦାଠାରେ ଏକ କେନ୍ଦ୍ରୀୟ ବିଶ୍ୱ ବିଶ୍ୱାବିଦ୍ୟାଳୟ ଓ ଉଦଳା, କରଞ୍ଜିଆ, ବେତନଟୀ ଏବଂ ବଡ଼ସାହିରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା କରିବାକୁ ପ୍ରସ୍ତାବ ଦେଇଥିଲେ। ଏବେ ନୂତନ ଶିକ୍ଷାନୀତି ପ୍ରଚଳନ ନିମିତ୍ତ କେନ୍ଦ୍ର ସରକାର ସମଗ୍ର ଦେଶରେ ବ୍ୟାପକ ବିଶ୍ୱବିଦ୍ୟାଳୟ ମାନ ପ୍ରତିଷ୍ଠା କରିବାକୁ ଯାଉଥିବାରୁ ମୟୂରଭଞ୍ଜ ଭଳି ବୃହତ ଜନବହୁଳ ଜିଲ୍ଲାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟର ଆବଶ୍ୟକତା ରହିଛି। ସେହିପରି ବର୍ତ୍ତମାନ ଏକମାତ୍ର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟକୁ ପୂର୍ଣ୍ଣତା ପ୍ରାପ୍ତ କରିବାକୁ ମଞ୍ଚ ଦାବି କରିଥିଲା।

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର

# ୨୬ କୋଟି ବ୍ୟୟରେ ନୂଆରୂପ ପାଇବ ଜୁବ୍‌ଲି ପାର୍କ



**ବାରିପଦା, ୧୫।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା ମୁଖ୍ୟାଳୟ ବାରିପଦାରେ ଥିବା ଜୁବଲି ପାର୍କ ନୂଆରୂପ ପାଇବ। ଜନସାଧାରଣଙ୍କ ଅବସର ବିନୋଦନ ଓ ପିଲାଙ୍କ ପାଇଁ ଏହି ପାର୍କ ଉନ୍ନତିକରଣ କରାଯିବା ସହିତ ଝିଞ୍ଜିରବନ୍ଧ ଓ ଘୋଡାଶାଳ ବନ୍ଧରେ ବୋଟିଂ, ଲେଜର ଲାଇଟିଂ ବ୍ୟବସ୍ଥା ପାଇଁ ୨୬ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋମବାର ସକାଳେ ସେ ବାଲେଶ୍ୱରରୁ ସଡକପଥରେ ଆସି ବାରିପଦାରେ ପହଞ୍ଚିବା ପୂର୍ବରୁ ପାଲବଣିଠାରେ ଦଳୀୟ କର୍ମୀ ତାଙ୍କୁ ସ୍ୱାଗତ ଜଣାଇ ଶୋଭାଯାତ୍ରାରେ ସର୍କିଟ ହାଉସ ଓ ପରବର୍ତ୍ତୀ ସମୟରେ ବାରିପଦା ଷ୍ଟାଡିଅମ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ପରେ ସେଠାରେ ୭୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ପ୍ରଶାସନିକ ଭବନ ଉଦଘାଟନ କରିବା ପରେ ବାରିପଦା ଛଉ ପେଣ୍ଠାଲ ନବୀକରଣ ପାଇଁ ୫ କୋଟି ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତାଙ୍କ ସହିତ ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହନ୍ତ, ମହାରାଜା ପ୍ରବୀଣ କୁମାର ଭଞ୍ଜଦେଓ, ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଧାୟକ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ସମେତ ବିଭାଗୀୟ ଅଧିକାରୀ, ଆଥଲେଟିକ ଆସୋସିଏସନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏମ୍‌ଏସ୍‌ସିବିକୁ ଆଦିବାସୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଘୋଷଣା ଦାବି



**ବାରିପଦା, ୧୫।୯ (ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଆଦିବାସୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଘୋଷଣା ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଝୁମର୍ କର୍ମଶାଳା ଉଦଘାଟନ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେବା ଅବସରରେ ବାରିପଦାରେ କିଛି ବ୍ୟକ୍ତିବିଶେଷ ଓ ସଙ୍ଗଠନ ତାଙ୍କୁ ଭେଟି ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଓଡ଼ିଶାରେ ମାତ୍ର ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଥିବା ବେଳେ କୌଣସି ଆଦିବାସୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇନାହିଁ। ତେଣୁକରି ମୟୂରଭଞ୍ଜ ଜିଲ୍ଲାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି ହେଉଛି। ଏଠାରେ ଥିବା ବିଶ୍ୱବିଦ୍ୟାଳୟ ଉପରେ ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ଅନେକ ଛାତ୍ରଛାତ୍ରୀ ନିର୍ଭରଶୀଳ। ତେଣୁ ଉକ୍ତ ବିଶ୍ୱବିଦ୍ୟାଳୟକୁ ଆଦିବାସୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ପୂର୍ବତନ ଛାତ୍ର ତଥା ଅନ୍ତରୀଣ ଗୁଣବତ୍ତା ସେଲର ପୂର୍ବତନ ସଦସ୍ୟ ଅଭିଷେକ ପଣ୍ଡା କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଆଲୋଚନା ସମୟରେ ମନ୍ତ୍ରୀ ଡ଼ା କୃଷ୍ଣଚନ୍ଦ୍ର ମହାପାତ୍ର ଓ ଜିଲ୍ଲାପାଳ ହେମକାନ୍ତ ସଏ ଉପସ୍ଥିତ ଥିଲେ।

## ଗାଡ଼ି ଦୁର୍ଘଟଣାରେ ଜଣେ ମୃତ

**ବାରିପଦା, ୧୫।୯ (ସମିସ):** ଗାଙ୍ଗରାଜ ଛକ ନିକଟରେ ଏକ ଅଜଣା ଗାଡି ଦୁର୍ଘଟଣାରେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଚି। ମୃତକ ଜଣକ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଗେଣ୍ଡା ପୋଖରୀ ଗ୍ରାମର କୁସମେଶ୍ୱର ହାଁସଦା। ସେ ବଜାରରୁ ସ୍କୁଟି ଯୋଗେ ଘରକୁ ଫେରୁଥିବାବେଳେ ଗାଙ୍ଗରାଜ ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯିବାରୁ ତାଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ସୁନା ଅଳଙ୍କାର ଓ ଟଙ୍କା ଚୋରି

**ବାରିପଦା, ୧୫।୯ (ସମିସ):** ବାରିପଦାରେ ସୋମବାର ସ୍ପଷ୍ଟ ଦିବାଲୋକେ ପରିବାରଙ୍କ ଉପସ୍ଥିତିରେ ଘରୁ ଚୋରି ହୋଇଛି। ଏନେଇ ମଧୁବନ ଅଞ୍ଚଳର ସରସ୍ୱତୀ ସାହୁ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ପୁଅ ଘରେ ଥିବା ବେଳେ ଜଣେ ଅଜଣା ଲୋକେ ଘରେ ପଶି ତାଙ୍କ ପର୍ସ ଚୋରି କରିଛନ୍ତି। ଯେଉଁଥିରେ କି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଟଙ୍କା ଓ ଜରୁରୀ କାଗଜପତ୍ର ରହିଥିଲା। ଏନେଇ ଥାନାରେ ଅଭିଯୋଗକ୍ରମେ ପୁଲିସ ତଦନ୍ତ ଜାରି ରହିଛି।

# କରଞ୍ଜିଆରେ ଯୁଗ୍ମ ଜନଶୁଣାଣି; ୬୯ ଅଭିଯୋଗ ଆଗତ



**କରଞ୍ଜିଆ, ୧୫।୯ (ସମିସ):** କରଞ୍ଜିଆରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସ୍‌ପି ବରୁଣ ଘୁଣ୍ଟୁପାଲ୍ଲିଙ୍କ ଅନୁପସ୍ଥିତିରେ ଏଡିଏମ୍ ଈଶ୍ୱର ଚନ୍ଦ୍ର ନାଏକ ଓ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଶିବିରରେ ୬୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ୪୭ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୨ଟି ଗ୍ରାମାଞ୍ଚଳର ଗୋଷ୍ଠିଗତ ଥିଲା। ଆଜି ଜନଶୁଣାଣିରେ ଭତ୍ତା, ରାସ୍ତା, ଡ୍ରେନ ନିର୍ମାଣ ସ୍କୁଲ ମରାମତି ଅଭିଯୋଗ ଆସିଥିଲା। ଉପଖଣ୍ଡ ଚିକିତ୍ସାଳୟର ଆମ ଶୌଚାଳୟକୁ କାର୍ଯ୍ୟରେ ଲଗାଇବା, କାଳ ବୈଶାଖୀରେ ଛପର ଉଡ଼ିଥିବା ସରଧା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ମରାମତି କରିବାକୁ ପାଞ୍ଚପିଢ଼ ପ୍ରଗତିମଞ୍ଚ ସମ୍ପାଦକ ଆଇନଜୀବି ଦିବ୍ୟପ୍ରସାଦ ସାହୁ, କର୍ଣ୍ଣାର୍ଜୁନ ସାହା, କବିତା ମହାନ୍ତ ଓ ଜଗମୋହନ ମହାନ୍ତ ପ୍ରମୁଖ ଏଡିଏମଙ୍କ ନିକଟରେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ପିଏ ଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତ, ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ନଗେନ୍ଦ୍ର ନାଥ ମହାପାତ୍ର, କରଞ୍ଜିଆ ଡିଏଫ୍‌ଓ ବୈଦ୍ୟନାଥ ମାଝୀ, ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓବନ୍ଧ ଯୋଜନାର ଅଧୀକ୍ଷଣ ଯନ୍ତ୍ରୀ ସୁରଜ କୁମାର ପାତ୍ର ପ୍ରମୁଖ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେକ୍ସନ ଅଫିସର୍ ଧିରେନ କୁମାର ଭୋଇ, ମଞ୍ଜୁ ଦାସ, ଦିଲ୍ଲୀପ କୁମାର ପଲେଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଆଜାଦ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ; ବଡ଼ବିଲ ସେମିକୁ ଉନ୍ନୀତ




**କରଞ୍ଜିଆ, ୧୫।୯ (ସମିସ):** କରଞ୍ଜିଆ ବ୍ଲକ ଚଢେଇଭୋଳ ଆଜାଦ ସ୍ପୋର୍ଟ ଏବଂ କଲଚରାଲ କ୍ଲବ ଆନୁକୂଲ୍ୟରେ ସର୍ବଭାରତୀୟ ଆଜାଦ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗ୍ରୁପ 'ବି'ର ଆଜି ଥିବା ଦ୍ୱିତୀୟ ମ୍ୟାଚ। ଏଥିରେ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର କୁମାର ବାରିକ, ରୁହୁଲ୍ ଅମିନ, ସୁରେନ୍ଦ୍ର କୁମାର ବେହେରା ଓ କ୍ଲବ ସଭାପତି ଇନ୍ଦ୍ରମଣି ମହାକୁଡ଼ ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚ ବଡ଼ବିଲ ବନାମ ମୁସଲିମ୍ ଏଣ୍ଡ ମୁସଲିମ ବାରିପଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଶେଷ ପର୍ଯ୍ୟନ୍ତ ଉଭୟ ୧-୧ ଗୋଲ ଦେଇ ସମାନ ସ୍ଥିତିରେ ଥିଲେ। ପରେ ଟାଇବ୍ରେକର ସହାୟତାରେ ବଡ଼ବିଲ ୪-୩ ଗୋଲ ଦେଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ମଙ୍ଗଳବାର ଦ୍ୱିତୀୟ ସେମୀଫାଇନାଲ ବଡବିଲ ବନାମ ଚାଇବାସା ଅଧରେ ଅନୁଷ୍ଠିତ ହେବ। ଆସନ୍ତା ୨୧ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ବାରିପଦା, ୧୫।୯ (ସମିସ):** ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଅଧକ୍ଷ କପିଳାସ ବେହେରା ଅଧକ୍ଷତା କରିଥିଲେ। ସଭାପତି ଅସିତ କୁମାର ମହାକୁଡ଼ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭା ଆରମ୍ଭ ହୋଇଥିଲା। ଏହି ଅବସରରେ ଚାକିରିରୁ ଅବସର ଗ୍ରହଣ କରିଥିବା ରାଜସ୍ୱ ବିଭାଗର ଉପବିଭାଗୀୟ ଅଧିକାରୀ (ସେକ୍ସନ ଅଫିସର) ସରୋଜ କୁମାର ପଣ୍ଡା, ଉମାକାନ୍ତ ପାତ୍ର, ସତ୍ୟାନନ୍ଦ ସେଠି, ଦିଲ୍ଲୀପ କୁମାର ନାଏକ, ପର୍ଶୁରାମ ମୁର୍ମୁ, ସୁଧାରଞ୍ଜନ ମହାନ୍ତି, ଦେବବ୍ରତ କୁମାର ଦାସ, ଗିରିଶ ଚନ୍ଦ୍ର ଦାସ, ମହାଦେବ ସିଂ, ଭ୍ରମର ମାରାଣ୍ଡି, ଅନିରୁଦ୍ଧ ପ୍ରସାଦ ଯାଦବ ଏବଂ ବରିଷ୍ଠ ରାଜସ୍ୱ ଅମଲା ଉଷାରାଣି ବିନ୍ଧାଣି, ରତ୍ନାକର ମହାକୁଡ଼ ଏବଂ ଯତୀନ୍ଦ୍ର କୁମାର ନାଏକଙ୍କୁ ପୁଷ୍ପ ଗୁଚ୍ଛ, ମାନପତ୍ର ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ରୂପକ କୁମାର ମହାରଣା ଉପସ୍ଥିତ ଥିଲେ। ସଭାପତି ଶ୍ରୀ ମହାକୁଡ଼ ରାଜସ୍ୱ ଅମଲାଙ୍କ ଦାବିଗୁଡିକର ବର୍ତ୍ତମାନ ସ୍ଥିତି ବିଷୟରେ ଆଲୋଚନା କରିଥିଲେ। ସଂଘର ପରାମର୍ଶଦାତା ପାର୍ଥସାରଥୀ ଦାସ ସଂଘକୁ ସୁଦୃଢ ଏବଂ ମଜଭୁତ କରିବା ଦିଗରେ ପରାମର୍ଶ ଦେଇଥିଲେ। ସଭାରେ ଉପସଭାପତୀ ତପନ ବେହେରା, ମନୋଜ ମହାରଣା, ଗୌରିଶଙ୍କର ସାମନ୍ତରାଏ, କୋଷାଧକ୍ଷ ସୁମନ୍ତ ନାଏକ, ଅତିରିକ୍ତ -କୋଷାଧକ୍ଷ ଦିପ୍ତିମୟୀ ସେଠୀ, ଯୁଗ୍ମ ସମ୍ପାଦକ ତନ୍ମୟ ଦାସ, କାର୍ଯ୍ୟାଳୟ ସମ୍ପାଦକ ସୁନିତା ମହାପାତ୍ର ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଇଙ୍କ ଅନୁପସ୍ଥିତିରେ ସନ୍ଧ୍ୟାରେ ଚାଲିଛି ଛାତ ଢଲେଇ



**ରାସଗୋବିନ୍ଦପୁର, ୧୫।୯ (ସମିସ):** ଜେଇଙ୍କ ଅନୁପସ୍ଥିତିରେ ବେଆଇନ ଭାବରେ ସନ୍ଧ୍ୟା ସମୟରେ ରାସଗୋବିନ୍ଦପୁରରେ ଏକ ନୂତନ ଧାନମଣ୍ଡି ଗୃହର ଛାତ ଢ଼ଲେଇ କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି। ଏହି ଗୃହ ୫୯ ଲକ୍ଷ ୬୨ ହଜାର ୧୩୪ ବ୍ୟୟ ଅଟକଳ ମୂଲ୍ୟରେ ନିର୍ମାଣ ଚାଲିଛି। ସନ୍ଧ୍ୟା ସମୟରେ ଜେଇଙ୍କ ଅନୁପସ୍ଥିତିରେ ଛାତ ଢ଼ଲେଇ କାର୍ଯ୍ୟ ଚାଲିଥିବାରୁ ସିମେଣ୍ଟ, ବାଲି ଓ ଚିପ୍ସର ମିଶ୍ରଣରେ ଅନିୟମିତତା ହେଉଛି। ଫଳରେ ଏହି ଛାତର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ଦେଇନଥିଲେ। ଏଣୁ ଉକ୍ତ କାର୍ଯ୍ୟ ଠିକାଦାର ଓ ଜେଇଙ୍କ ମଧୁଚନ୍ଦ୍ରିକାରେ ଚାଲୁଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଜେଏମ୍‌ଏମ୍ ପକ୍ଷରୁ ତିନି ବ୍ଲକ୍ ସଭାପତି ନିଯୁକ୍ତ

**ବାରିପଦା, ୧୫।୯ (ସମିସ):** ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ରାଜ୍ୟସଭାପତି ଅଞ୍ଜନୀ ସୋରେନ ବାଙ୍ଗିରିପୋଷି, ରାଇରଙ୍ଗପୁର ଓ ବହଳଦା ବ୍ଲକ ପାଇଁ ଦଳର ସଭାପତିଙ୍କ ନିଯୁକ୍ତ କରିଛନ୍ତି। ସେମାନେ ହେଲେ ଲକ୍ଷ୍ମଣ ମାରାଣ୍ଡି, ଭାଗବତ ମାଝୀ ଓ ଯୁଗନାଥ ମାଝୀ। ଦଳର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ଓ ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

यूनियन बैंक ऑफ़ इंडिया | Union Bank of India | ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**କ୍ଷେତ୍ରୀୟ କାର୍ଯ୍ୟାଳୟ, ବାଲେଶ୍ୱର, ତୃତୀୟ ମହଲା, ଆଶିଷ ପ୍ଲାଜା, ପୋଲିସ୍ ଲାଇନ୍ ସ୍କୋୟାର ନିକଟ, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର-୭୫୬୦୦୧**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଯୋଗ୍ୟ ସଂସ୍ଥାଗୁଡ଼ିକ ଠାରୁ ରିକଭରୀ ଏଜେଣ୍ଟ / ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ / ଆସେଟ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନଙ୍କୁ ବ୍ୟାଙ୍କ ନିଜ ପ୍ୟାନେଲରେ ତାଲିକାଭୁକ୍ତ କରିବା ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି। ଆବେଦନ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପାଇଁ, ଆଗ୍ରହୀ ସଂସ୍ଥାମାନେ ମୁଖ୍ୟ ପ୍ରବନ୍ଧକ, ସିଆର୍‌ଏଲ୍‌ଡି, କ୍ଷେତ୍ରୀୟ କାର୍ଯ୍ୟାଳୟ, **ମୋବାଇଲ ନଂ.: ୮୯୨୮୯୧୭୪୧୧** ରେ ଯୋଗାଯୋଗ କରିପାରିବେ।
ଯୋଗ୍ୟତା ମାନଦଣ୍ଡ ଏବଂ ଦରଖାସ୍ତ ଫର୍ମାଟ୍ ପାଇଁ ଆମର ସରକାରୀ ୱେବସାଇଟ୍ **www.unionbankofindia.com** ପରିଦର୍ଶନ କରନ୍ତୁ। ଏହାକୁ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ।
**୧.** ତାଲିକାଭୁକ୍ତ ହେବା ସମ୍ପର୍କିତ ସମସ୍ତ ଅଧିକାର ସମ୍ପୂର୍ଣ୍ଣ ଭାବରେ ବ୍ୟାଙ୍କର ଅଧିନରେ ରହିବ ଏବଂ କେବଳ ତାଲିକାଭୁକ୍ତ ହେବା ପାଇଁ ଆବେଦନ କଲେ ତାଲିକାଭୁକ୍ତ ହେବାର କୌଣସି ଅଧିକାର ମିଳିବ ନାହିଁ ଏବଂ ତାଲିକାଭୁକ୍ତ ପ୍ରକ୍ରିୟ ଏବଂ ପରିଣାମ ସମ୍ପର୍କରେ କୌଣସି ଲିଖିତ ପରାମର୍ଶକୁ ଗ୍ରହଣ କରାଯିବ ନାହିଁ।
**୨.** ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥାମାନଙ୍କ ମଧ୍ୟରୁ ଶୀର୍ଷ ୧୦ଟି ସଂସ୍ଥାକୁ ତାଲିକାଭୁକ୍ତ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
**୩.** ଆନେକ୍ସରରେ ଉଲ୍ଲେଖିତ ଯୋଗ୍ୟତା ମାନଦଣ୍ଡଗୁଡ଼ିକ ନିର୍ଣ୍ଣାୟକ ନୁହେଁ ଏବଂ ସେଗୁଡ଼ିକ ବ୍ୟାଙ୍କର ସ୍ୱତନ୍ତ୍ରତା ଉପରେ ସୀମାବଦ୍ଧ ନୁହେଁ। ଅନ୍ୟାନ୍ୟ ଗୁଣାତ୍ମକ ଏବଂ ସମ୍ମାନଜନକ ଦିଗଗୁଡ଼ିକୁ ପରିଗଣନା କରି ତାଲିକାଭୁକ୍ତିକରଣ ନିମନ୍ତେ ଯଥାର୍ଥ ନିର୍ଣ୍ଣୟ ନେବାର କ୍ଷମତା ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
**୪.** ଆସେଟ୍ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନେ ତାଲିକାଭୁକ୍ତିକରଣ ପାଇଁ, ନିମ୍ନଲିଖିତ ମାନଦଣ୍ଡଗୁଡ଼ିକ ଯଥା ଗୁଣାତ୍ମକ, ପରିମାଣାତ୍ମକ, ପରିଚାଳନାତ୍ମକ ଏବଂ ସଂସ୍ଥାର ପ୍ରତିଷ୍ଠା ଆଧାରରେ ବିଚାର କରାଯିବ।
- ଡିଟେକ୍ଟିଭ ଏଜେନ୍ସି ଯେଉଁମାନେ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଦ୍ୱାରା ମାନ୍ୟତାପ୍ରାପ୍ତ ହୋଇ ଡିଟେକ୍ଟିଭ ସେବା ପ୍ରଦାନ କରୁଛନ୍ତି।
- ରାଜସ୍ୱ କର କିମ୍ବା ପୋଲିସ୍ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯେଉଁମାନେ ସେବା ନିବୃତି ପରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ ସେବା ପ୍ରଦାନ କରୁଛନ୍ତି।
- ଯେଉଁମାନେ ସକ୍ରିୟ ଭାବରେ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିମାନଙ୍କୁ ସହଯୋଗ କରୁଛନ୍ତି, ଯାହାର ସେବାଗୁଡ଼ିକୁ ବ୍ୟାଙ୍କର ମହାପ୍ରବନ୍ଧକଙ୍କ ମତାନୁସାରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ।
- ଆବେଦନ ଫର୍ମଗୁଡ଼ିକ ସଠିକ ଭାବରେ ପୁରଣ କରି ଆବଶ୍ୟକିୟ ଦସ୍ତାବେଜ ସହିତ ଉପରେ ଦର୍ଶାଯାଇଥିବା ଠିକଣାକୁ **ତା.୦୧.୧୦.୨୦୨୫ରିଖ** ମଧ୍ୟରେ ପହଞ୍ଚିବା / ପ୍ରାପ୍ତ ହେବା ଆବଶ୍ୟକ।

ସ୍ୱା/- କ୍ଷେତ୍ରୀୟ ମୁଖ୍ୟ

### ସରକାରୀ ଯୋଜନାର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

# 'ଶିଶୁଙ୍କ ପୋଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ଦିଆଯିବ ଅଗ୍ରାଧିକାର

**ବାରିପଦା, ୧୫।୯ (ସମିସ)**




କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ସୋମବାର ବାରିପଦା ସହିଦ ସ୍ମୃତି ଭବନରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଏବଂ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ବିଷୟରେ ସମୀକ୍ଷା କରିଛନ୍ତି। ଅନୁଷ୍ଠିତ ବୈଠକରେ ନବଜାତ ଶିଶୁଙ୍କ ଉପଯୁକ୍ତ ପୋଷଣ ସହ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଉପରେ ଏକ ବିବରଣୀ ଉପସ୍ଥାପନ କରାଯାଇଥିଲା। ବୈଠକ ପରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡ଼ିଶାର ଶିକ୍ଷାକୁ ଆଗେଇ ନେବାରେ ମୟୂରଭଞ୍ଜ ଜିଲ୍ଲାର ଅବଦାନ ଅତୁଳନୀୟ। ମୟୂରଭଞ୍ଜରେ ଅନେକ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ଅଛି। ଜିଲ୍ଲାର ବିକାଶ ନ ହେଲେ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ଅସମ୍ଭବ। ବୈଠକରେ ନବଜାତ ଶିଶୁଙ୍କ ପୋଷଣଠାରୁ ଆରମ୍ଭ କରି ସେମାନେ ଦ୍ୱାଦଶ ଶ୍ରେଣୀରେ ପଢ଼ିବା ପର୍ଯ୍ୟନ୍ତ ସେମାନଙ୍କୁ କିପରି ଗୁଣାତ୍ମକ ଶିକ୍ଷା ମିଳିବ, ଦକ୍ଷତା ବୃଦ୍ଧି ହୋଇପାରିବ, ସ୍ୱାସ୍ଥ୍ୟ ଠିକ୍ ରହିବ ବୋଲି ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାପାସିଟି ବିଲଡିଂ ବଢ଼ାଇବା ଆବଶ୍ୟକ ବୋଲି କହିଥିଲେ। ବୈଠକରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହନ୍ତ, ଜିଲ୍ଲାର ସମସ୍ତ ବିଧାୟକ, ଜିଲ୍ଲାପାଳ, ଏସପିଙ୍କ ସମେତ ସମସ୍ତ ବିଭାଗର ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।

## ମିଳିତ ଜନଶୁଣାଣି ଶିବିରରେ ୧୪୪ ଅଭିଯୋଗ

# ରାସନ, ଆବାସ ଗୃହ ଓ ଡ୍ରେନେଜ୍ ସମସ୍ୟାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ବାରିକପୁର/ଭଣ୍ଡାରିପୋଖରୀ, ୧୫ ।୯ (ସମିସ)**

ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଅଭିଯୋଗର ଅନୁଧ୍ୟାନ କରି ତୁରନ୍ତ ଏହାକୁ ସମାଧାନ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଷୋଳମପୁର ପଞ୍ଚାୟତରେ ବସବାସ କରୁଥିବା ଆଦିବାସୀ ପରିବାରବର୍ଗ ବହୁ ଆପତ୍ତି ଅଭିଯୋଗ କରିବା ପରେ ବି ସେମାନଙ୍କୁ ରାସନ କାର୍ଡ ମିଳୁନାହିଁ ବୋଲି ଯୁବନେତା ସୁରଥ ଦାସ ଲିଖିତ ଭାବେ ଜଣାଇଥିଲେ। ମାଳଦା ସମବାୟ ସମିତିଠାରେ ବିବାଦୀୟ ପରିସ୍ଥିତିକୁ ନେଇ ପ୍ରାୟ ୧୫ଦିନରୁ ଅଧିକ ହେବ କେହି ସମ୍ପାଦକ ନିଯୁକ୍ତ ହୋଇନଥିବା ବେଳେ କାର୍ଯ୍ୟାଳୟରେ ତାଲା ଝୁଲୁଛି ବୋଲି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ ଅଭିଯୋଗ କରିଥିଲେ। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ବିବାଦ ଉଗ୍ର ରୂପ ନେଉଥିବା



ଅଭିଯୋଗ ମଧ୍ୟ ହୋଇଛି। ସେହିଭଳି ପୁରୀପଡ଼ା ହାଇସ୍କୁଲ ଠାରେ ମୋ ସ୍କୁଲ ଅଭିଯାନ ଅର୍ଥ ବାଟମାରଣା ହୋଇଥିବା ମଧ୍ୟ ଶିବିରରେ ଜଣାଯାଇଛି। ଏହାଛଡା ମାର୍କଫେଡ଼ ସ୍ୱୀକୃତି ପ୍ରାପ୍ତ ଖୁଚୁରା ବିକ୍ରେତାଙ୍କୁ ସାର ଦେଉଥିବା ବେଳେ କିଛି ସମିତିଗୁଡିକୁ ପର୍ଯ୍ୟାପ୍ତ ସାର ଯୋଗାଉ ନାହିଁ। ତେଣୁ ଋଣୀ ଚାଷୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏସବୁକୁ ଛାଡିଦେଲେ ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ, ଆବାସ ଯୋଜନାରେ ଗୃହ, ଜାଗାବାଡି ବିବାଦ, ଏସଏଚଜି ଓ ଡ୍ରେନେଜ ସମସ୍ୟା ଭଳି ଗୁରୁତର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ୧୪୪ ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ଜିଲ୍ଲାପାଳ ରାସନ, ଆବାସଗୃହ ଓ ଡ୍ରେନେଜ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଜି ବୈଠକରେ ଜିଲ୍ଲାପାଳଙ୍କ ସହିତ ବ୍ଲକ ଅଧକ୍ଷା ସୁମତୀ ସେଠୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ସାମଲ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ବିଡ଼ିଓ ଦେବଦତ ଦାସ, ତହସିଲଦାର ରୋଜାଲିନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

# 'ବରିଷ୍ଠ ସମାଜର ପଥପ୍ରଦର୍ଶକ'



**ଭଦ୍ରକ, ୧୫ ।୯ (ସମିସ):** ଭଦ୍ରକ ପୁରୁଣାବଜାର ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ବାଙ୍କା ବଜାର ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିର ପରିସରରେ ସଭାପତି ଡା. ହକିମୁଦ୍ଦିନ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ହାଜି ମୋକିତ୍ ଖାଁ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ରୋଟାରିଆନ୍ ସେକ୍ ନାସିର ବକ୍ସ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ସଂଘର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ସେକ୍ ଫାରୁକ ଓ ଅଶୋକ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁ ବରିଷ୍ଠମାନେ ସମାଜର ପଥପଦର୍ଶକ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ସୁନ୍ଦର ସମାଜ ଗଠନ କରିପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଓ ପୁରୁଣାବଜାର ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ ବରିଷ୍ଠଙ୍କ ପାଇଁ ପ୍ରଶାସନର ଦାୟିତ୍ୱ ଓ କର୍ତ୍ତବ୍ୟ ବଷୟରେ ଆଲୋକପାତ କରିଥିଲେ। ବରିଷ୍ଠଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନ ଓ ପୁଲିସ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭଦ୍ରକ ମହାସଂଘର ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକଳାପ, ସଂଘ ଗଠନର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଲଲାଟେନ୍ଦୁ ମହାନ୍ତି ବରିଷ୍ଠଙ୍କ ହକ୍ ବିଷୟରେ ସୂଚନା ଦେବା ସହ ତାହା ହାସଲ ପାଇଁ ଆଇନ୍ ଗତ ସୁବିଧା ବିଷୟରେ ଆଲୋକପାତ କରିଥିଲେ। ଭଦ୍ରକର ସ୍ୱନାମଧନ୍ୟ ଭେଷଜ ବିଶେଷଜ୍ଞ ଡ଼ା ରବୀନ୍ଦ୍ର କୁମାର ନାୟକ ଅତିଥିଭାବେ ଯୋଗଦାନ କରି ବରିଷ୍ଠମାନେ କିପରି ରୋଗମୁକ୍ତ ହୋଇ ଆନନ୍ଦ ଜୀବନଯାପନ କରିବେ ସେ ନେଇ ସଚେତନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ବିଜୟ କୁମାର ଘଡ଼େଇ, ମୁବାରକ ହୋସେନ୍, ଲୋକମାନ ଖାଁ ଓ ରମାକାନ୍ତ ସେଠୀ ଏବଂ ଖଣ୍ଡତଡ଼ା ଓ ଗୁଜିଦରଡ଼ା ପଞ୍ଚାୟତର ବରିଷ୍ଠ ସଦସ୍ୟ ବିଶ୍ୱନାଥ ନାୟକ ଓ ଶରତ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟ ସୁଧାକର ରାଉତ ମଞ୍ଚ ପରିଚାଳନା କରିଥିଲେ। ବ୍ରିଗେଡ୍ ସ୍କୁଲର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସେନ୍, ପ୍ରମୋଦ କୁମାର ପଣ୍ଡା, ଅସରଫ ଅଲ୍ଲି ଖାଁ, ସଇଦ୍ ସାହା, ହାଜି କୟୁମ୍ ଅଲ୍ଲି, ହିଫଜୁର ରହେମାନ ଖାଁ, ଙ୍ଗ ହବିବୁଲ୍ଲା ଖାଁ, ବିବେକାନନ୍ଦ ମୁଖାର୍ଜୀ, ବିଜୟ ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗତ ୧୩ ତାରିଖରେ ଓଡ଼ିଶା ସୈନିକ ସ୍କୁଲ, ମାଦ୍ରାସା କାଦରିଆ ହବିବିଆ, ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଗରଦପୁର ଓ ସରସ୍ୱତୀ ଶିଶୁ ମନ୍ଦିର, ପୁରୁଣା ବଜାର ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯାଇଥିଲା। 'ସମାଜ ପାଇଁ ବୃକ୍ଷଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଫ୍ଲାଗସିପ୍ ଯୋଜନା ସଂକ୍ରାନ୍ତ କର୍ମଶାଳା




**ଭଦ୍ରକ, ୧୫ ।୯ (ସମିସ):** କେନ୍ଦ୍ର ସରକାରଙ୍କ ମେରା ଯୁବ ଭାରତ ସଂଗଠନ ସହଯୋଗରେ ଶୁଭମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗ୍ରାମାଞ୍ଚଳରେ ସୁଚାରୁ ରୂପେ କାର୍ଯ୍ୟକାରିତା ପାଇଁ ଯୁବ ସମାଜର ଗୁରୁ ଦାୟିତ୍ୱ ରହିଛି। ତେଣୁ ଯୁବକ ସମାଜ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯେପରି ସବୁ ସରକାରୀ ଯୋଜନା ପହଞ୍ଚିବ ସେ ଦିଗରେ ପ୍ରଶାସନକୁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟବକ୍ତା ଭାବେ ଯୁବ ସଂଗଠକ ତଥା ମାଷ୍ଟର ପ୍ରଶିକ୍ଷକ ଅମ୍ବିକା ପ୍ରସନ୍ନ ଦାସ, ସମ୍ମାନିତ ଅତିଥି ଭାବେ ତ୍ୟାଗଭୂମି ସଭାପତି ଅଜୟ ନାୟକ, ସିଂଦୋଳ ସରପଞ୍ଚ ସୁପ୍ରଭା ପାଣି, ସ୍ୱଚ୍ଛଭାରତ ମିଶନର ବ୍ଲକ ସଂଯୋଜକ ଲକ୍ଷ୍ମୀଧର ରାଉଳ ପ୍ରମୁଖ ଯୋଗଦେଇ ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା. ପ୍ରଧାନମନ୍ତ୍ରୀ ବୀମା ସୁରକ୍ଷା ଯୋଜନା, କୌଶଳ ବିକାଶ ଯୋଜନା, ସ୍ୱଚ୍ଛ ଭାରତ ମିଶନ. ପିଏମ ବିଶ୍ୱ କର୍ମା ଯୋଜନ, ଡିଜିଟାଲ ମିଶନ, ମୁଦ୍ରା ଯୋଜନା, ହରଘର ଜଳ, ପ୍ରଧାନମନ୍ତ୍ରୀ ଆବାସ. ପି ଏମ କିଷାନ, ଉଜ୍ଜ୍ୱଳା ଆଦି ଅନେକ କଲ୍ୟାଣ କାରି ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସଂଗଠନର ସଭାପତି ହୃଷିକେଶ ବାରିକ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଆନନ୍ଦ ଚନ୍ଦ୍ର ବେହେରା କର୍ମଶାଳାର ଅଭିମୁଖ୍ୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ୧୪ଟି ସଂଗଠନର କର୍ମକର୍ତ୍ତା ଏବଂ ସାମାଜିକ କର୍ମୀ ଯୋଗ ଦେଇଥିଲେ। ଶେଷରେ ସମାଜ ପାଇଁ ଉତ୍ସର୍ଗୀକୃତ ହୋଇ କାର୍ଯ୍ୟ କରୁଥିବା ସଂଗଠନକୁ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବ ସମାଜସେବୀ ଦେବୀ ରଶ୍ମିରଞ୍ଜନ ସାହୁ, ଦେବୀକିଙ୍କର ବ୍ରହ୍ମ ଦାସ ପାଣିଗ୍ରାହୀ, ଗଙ୍ଗାଧର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ସୋସିଆଲ ମିଡିଆରେ ବିଚାରପତିଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ

# ଆଇନଜୀବୀ ହେମନ୍ତ ନାୟକ ୨ ବର୍ଷ ପାଇଁ ନିଲମ୍ବନ

**ଭଦ୍ରକ, ୧୫ ।୯ (ସମିସ):** ସୋସିଆଲ ମିଡିଆରେ ଜଣେ ବିଚାରପତିଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ଦେବା ନେଇ ଆଇନଜୀବୀ ହେମନ୍ତ କୁମାର ନାୟକ ୨ ବର୍ଷ ପାଇଁ ନିଲମ୍ବନ କରିଛି କଟକ ଓଡ଼ିଶା ଆଇନଜୀବୀ ପରିଷଦ। ସେ ଦେଶର କୌଣସି ବିଚାରାଳୟରେ ଓକିଲାତି କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। କଟକ ସ୍ଥିତ ଓଡ଼ିଶା ଆଇନଜୀବୀ ପରିଷଦ ଜିଟିର ଗତ ୧୫ ତାରିଖରେ ପତ୍ର ସଂଖ୍ୟା ୫୫୩୦/୨୫ ମୂଳେ ଏ ସଂକ୍ରାନ୍ତରେ ସମସ୍ତ ରାଜ୍ୟର ଅଧିବକ୍ତା ପରିଷଦ, ସର୍ବୋଚ୍ଚ ନ୍ୟାୟାଳୟ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, ଓଡ଼ିଶାର ସମସ୍ତ ଓକିଲ ସଂଘ, ରାଜ୍ୟର ସମସ୍ତ ଜିଲ୍ଲା ଜଜ, ତାଙ୍କ ଅଧୀନରେ ଥିବା ସମସ୍ତ ଅଧସ୍ତନ ନ୍ୟାୟାଳୟ, ଭଦ୍ରକ ଜିଲ୍ଲା ଜଜ, ଭଦ୍ରକ ଓକିଲ ସଂଘକୁ ମଧ୍ୟ ଏହି ଆଦେଶ ବିଷୟରେ ଚିଠିରେ ଅବଗତ କରାଯାଇଛି। ଶ୍ରୀ ନାୟକ ଗତ ୧୯୯୮ ମସିହା ଫେବୃଆରୀ ୧୨ ତାରିଖରୁ ଓଡ଼ିଶା



ଅଧିବକ୍ତା ପରିଷଦଠାରୁ ଓ-୧୫୯/୧୯୯୮ ନମ୍ବର ଲାଇସେନ୍ସ ମୂଳେ ଓକିଲାତି ପେସାରେ ଯୋଗ ଦେଇଥିଲେ। ସେ ଆଇନଜୀବୀ ଭାବରେ ଭଦ୍ରକ ସିଭିଲ କୋର୍ଟ ତଥା ଅନ୍ୟ କୋର୍ଟରେ ଓକିଲାତି କରି ଆସୁଥିଲେ। ମାତ୍ର କିଛି ବର୍ଷ ହେବ ସେ ଫେସବୁକ ଆକାଉଣ୍ଟର ଗ୍ରାଣ୍ଟ ଚାଣକ୍ୟ ନାମରେ ଏକ ଆକାଉଣ୍ଟ ଖୋଲି ସାମାଜିକ ଗଣମାଧ୍ୟମରେ ବିଚାରପତି ତଥା ବିଚାର ବିଭାଗୀୟ କର୍ମଚାରୀଙ୍କ ବିରୋଧରେ ବିଭିନ୍ନ ଅରୁଚିକର ମନ୍ତବ୍ୟ ଦେଇ ଆସୁଥିଲେ। ଏ ନେଇ ଓଡ଼ିଶା ରାଜ୍ୟ ଅଧିବକ୍ତା ପରିଷଦ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଓଡ଼ିଶା ଅଧିବକ୍ତା ପରିଷଦ ଏକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଗଠନ କରି ତଦନ୍ତ କରିଥିଲେ। ଉକ୍ତ କମିଟି ଗତ ୧୩ ତାରିଖରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ। ଏହାକୁ ଭିତ୍ତିକରି ଅଧିବକ୍ତା ଆଇନର ଧାରା ୩୫ ୯୩) (ସି) ଅନୁଯାୟୀ ରାଜ୍ୟ ଅଧିବକ୍ତା ପରିଷଦ ଆଇନଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉ କି, ଓଡ଼ିଶାର କାର୍ଯ୍ୟରତ ସମସ୍ତ ଆଇନଜୀବୀଙ୍କ ପାଇଁ କଟକ ରାଜ୍ୟ ଅଧିବକ୍ତା ପରିଷଦ ସର୍ବୋଚ୍ଚ ନୀତିନିର୍ଦ୍ଧାରଣ ସଂସ୍ଥା। ଆଇନଜୀବୀଙ୍କୁ ଓକିଲାତି ପେସାରେ କାମ କରିବା ଓ ଆଇନଜୀବୀଙ୍କ ବିରୋଧରେ ପେଶାଗତ ଅଭିଯୋଗର ତଦନ୍ତ ଚୂଡାନ୍ତ ନିଷ୍ପତି ନେବାକୁ ଆଇନ ରହିଛି। ତେବେ ଶ୍ରୀ ନାୟକ ଭବିଷ୍ୟତରେ କୌଣସି ପ୍ରକାର ଅରୁଚିକର, ଅଶାଳୀନ ଭାଷାରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ନ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।

# ୨୭ ଦିନରେ ବେସରକାରୀ ଅଧ୍ୟାପକ, ଅଧ୍ୟାପିକାଙ୍କ ଆନ୍ଦୋଳନ



**ଭଦ୍ରକ, ୧୫ ।୯ (ସମିସ):** ଭଦ୍ରକ ଉତରବାହିନୀ ସ୍ଥିତ ସାଳନ୍ଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ପକ୍ଷରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ୨୭ ଦିନରେ ପହଞ୍ଚିଛି। ଗତ ୨୦୦୮ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଅନୁଦାନ ପ୍ରଦାନ ଦାବିରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। କୁଦ୍ଦୁସିଆ ଜମାଲ, ସାଦବ୍ କାଦ୍ରୀ, ସଂଯୁକ୍ତା ପାଢ଼ୀ, ବବିତା ରାଣୀ ମହାନ୍ତି ପ୍ରମୁଖ ଧାରଣାରେ ବସିରହିଛନ୍ତି। ଅନିର୍ଦ୍ଦିଷ୍ଟ କାଳପାଇଁ ଅଧ୍ୟାପକ ଓ କର୍ମଚାରୀ ଧାରଣାରେ ବସିଲେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ବୋଲି ଅଧକ୍ଷ ସଚ୍ଚିଦାନନ୍ଦ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ସଂଗ୍ରାମରେ ଗଲାଣି ୩୫ ବର୍ଷ ଶିକ୍ଷକ ଚାକିରି

**ଭଦ୍ରକ, ୧୫ ।୯ (ସମିସ):** ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ ଅଭାବ ଥିବାରୁ ସରକାର ୧୯୭୯-୮୦ ମସିହାରୁ ଗାଁ, ପଡ଼ା ବା ସାହିରେ ଶିକ୍ଷାନୁଷ୍ଠାନ ଖୋଲି ପରୀକ୍ଷାମୂଳକଭାବେ ଶିକ୍ଷକ ନିଯୁକ୍ତି କରୁଥିଲେ। ପ୍ରତିବର୍ଷ ୧୦ ଜଣ ଶିକ୍ଷକଙ୍କୁ ସିଟି ତାଲିମ୍ ଦେଇ ରାଜ୍ୟ ସରକାର ୧୯୯୭-୯୮ ମସିହା ପ୍ରଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ନିଯୁକ୍ତି କରୁଥିଲେ। ହେଲେ ତା ପରଠାରୁ ଆଜିଯାଏ ବିଭିନ୍ନ ସମସ୍ୟା ଦେଇ ଗତିକରୁଛନ୍ତି ଶିକ୍ଷକ। ୨୦୦୧ ମାର୍ଚ୍ଚ ୩୧ରେ ନନ ଫର୍ମାଲ ଶିକ୍ଷା ବ୍ୟବସ୍ଥା ବନ୍ଦ ହେବାପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବାପରେ ରାଜ୍ୟ ସରକାର ତାହାକୁ ବନ୍ଦ କରିଥିଲେ। ତାପରେ ଇଜିଏସ ପ୍ରଚଳନ ହେବ। ସେଥିରେ ବ୍ଲକ ଏକ ୟୁନିଟ କରି ସିଟି /ବିଏଡ଼ ପିଲାମାନେ ଆଗେ ନିଯୁକ୍ତି ପାଇବେ। ପରେ ଛଟେଇ ନନ ଫରମାଲ ଶିକ୍ଷକ ପାଇବେ ବୋଲି ସରକାର ନିର୍ଦ୍ଦେଶ ଦେଲେ। ଗଙ୍ଗାଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ଜୋରଦାର ଆନ୍ଦୋଳନ ଜିଲ୍ଲାରୁ ରାଜ୍ୟ ପର୍ଯ୍ୟନ୍ତ ଚାଲିଲା। ଶେଷରେ ସରକାର ପଞ୍ଚାୟତକୁ ଏକ ୟୁନିଟ କରି ଛଟେଇ ନନଫରମାଲ ଶିକ୍ଷକଙ୍କୁ ଇଜିଏସରେ ନିଯୁକ୍ତି ଦେଲେ। କେନ୍ଦ୍ର ସରକାରଙ୍କ ଇଜିଏସ ଏକ ୫ ବର୍ଷିଆ ସର୍ବଶିକ୍ଷା ଯୋଜନାରେ ଥିଲା। ସେହି ୫ବର୍ଷ ଭିତରେ ସିଟି ତାଲିମ୍ ଦେଇ ସେହି ବିଦ୍ୟାଳୟକୁ ସବୁଦିନିଆ ବିଦ୍ୟାଳୟକରି ସେହି ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ନ କରି ୫ବର୍ଷ ଚାଲିଗଲା। ପରେ ସରକାର ଗଣଶିକ୍ଷକ ଭାବେ ନିଯୁକ୍ତି ଦେଇ ସିଟି ତାଲିମ୍ କରାଇ ଏକ୍ସ କ୍ୟାଡର ଶିକ୍ଷକର ମାନ୍ୟତା ଦେଇ ଝୁଲାଇ ରଖିଛନ୍ତି। ଅବସର ସମୟରେ ପୁରୁଣା ପେନସନ ନ ପାଇ ହନ୍ତସନ୍ତ ହେଉଛନ୍ତି ଶିକ୍ଷକ। ସରକାର ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଶିକ୍ଷାକ୍ଷେତ୍ରରେ କାର୍ଯ୍ୟ କରି ଖାଲିହାତରେ ଘରକୁ ଗଲେ; ହେଲେ ସେମାନଙ୍କ ପରିବାର ପ୍ରତିପୋଷଣ କିପରି ହେବ ବୋଲି ଶିକ୍ଷକ ନେତା ଗଙ୍ଗାନାରାୟଣ ପାଢ଼ୀ ଏକ ପ୍ରେସବିବୃତିରେ ଜଣାଇଛନ୍ତି।

# ହିନ୍ଦୀ ଦିବସ ପାଳିତ



**ଭଦ୍ରକ, ୧୫।୯ (ସମିସ):** ଗତ ଶନିବାର ଘଣ୍ଟେଶ୍ୱର ଅପର୍ତ୍ତି ଚରଣ ଉଚ୍ଚ ବିଦ୍ୟାଳୟରେ 'ହିନ୍ଦୀ ଦିବସ' କାର୍ଯ୍ୟରତ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ହିନ୍ଦୀ ଶିକ୍ଷୟତ୍ରୀ ସୁଭଦ୍ରା ସାହୁ ନିଜର ବକ୍ତୃତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ହିନ୍ଦୀ ଭାଷାର ମହତ୍ତ୍ୱ ବିଷୟରେ ଆଲୋଚନା କରି ଏହି ଭାଷାର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ହିନ୍ଦୀ ପକ୍ଷରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମଞ୍ଚାସୀନ ଥିଲେ।

# ବିଶାଖାପାଟଣାରୁ ଅପହୃତା ନାବାଳିକା ଉଦ୍ଧାର; ଅଭିଯୁକ୍ତ ଅଟକ

**ଧାମନଗର, ୧୫ ।୯ (ସମିସ):** ଦୀର୍ଘ ୧ମାସ ପରେ ଧାମନଗର ପୁଲିସର ଏକ ଟିମ୍ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଅପହୃତା ଉଦ୍ଧାର କରିଛି। ସୋମବାର ସନ୍ଧ୍ୟାରେ ପକ୍ଷରୁ ନାବାଳିକାର ୧୬୧ବୟାନ ରେକର୍ଡ କରାଯିବା ପରେ ଭଦ୍ରକ ଆସିଆନାକୁ ପଠାଇ ଦିଆଯାଇଥିବା ତଦନ୍ତ ଅଧିକାରିଣୀ ରସ୍ମିତା ମଲ୍ଲିକ ସୂଚନା ଦେଇଛନ୍ତି। ଏପଟେ ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଛି। ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଗୁଆପୋଖରୀ ଗ୍ରାମର ଜଣେ ନାବାଳିକା କଲେଜ ଯାଇ ଆଉ ଘରକୁ ଫେରି ନ ଥିଲା। ଫଳରେ ପରିବାର ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଅଗଷ୍ଟ ୧୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ବିଳମ୍ବ ଯୋଗୁଁ ପରିବାର ଲୋକେ ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କୁ ଭେଟିଥିଲେ। ଶ୍ରୀ ରାଉତ ଧାମନଗର ଥାନା ଆଇଆଇସି ରଞ୍ଜନ କୁମାର ସେଠୀଙ୍କୁ ଉକ୍ତ ଅଭିଯୋଗର ଖୁବଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ କରି ଅଭିଯୁକ୍ତ ସହ ନାବାଳିକାକୁ ଉଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଦୀର୍ଘ ଏକ ମାସ ପରେ ଅପହୃତା ନାବାଳିକା ଉଦ୍ଧାର କରିଛି ପୁଲିସ।



## ୭୭ ବର୍ଷରେ ପଦାର୍ପଣ କଲା ଗାନ୍ଧୀ ପଡ଼ିଆ ସାର୍ବଜନୀନ ଦୁର୍ଗାପୂଜା

# 'ଜୀବନ ଜିନ୍ଦାବାଦ' ନାମରେ ତିଆରି ଚାଲିଛି ବାରୁଆଳି

**ଭଦ୍ରକ, ୧୫।୯ (ସମିସ):** ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେଲା; ହେଲେ ଦେଶରେ ଖୁସି ବଦଳରେ ଦୁଃଖର ବାଦଲ ଘୋଡେଇ ହୋଇରହିଥିଲା। ବିଭାଜନ ଯେତିକି ବ୍ୟଥିତ କରିଥିଲା ତାଠାରୁ ଅଧିକ କଷ୍ଟ ଦେଇଥିଲା ଦେଶ ଭିତରେ ହିଂସା ଓ ଅସହିଷ୍ଣୁତାର ବାତାବରଣ। ଓଡ଼ିଶାରେ ଏହାର ପ୍ରଭାବ ମଧ୍ୟ ପଡ଼ିଥିଲା। ଆଉ ସେଥିରୁ ବାଦ ପଡ଼ି ନ ଥିଲା ଭଦ୍ରକ। ଏହି ଘଡିସନ୍ଧି ମୁହୂର୍ତ୍ତରେ ଆବଶ୍ୟକ ଥିଲା ଜଣେ ଏମିତି ଜନନାୟକ। ଯିଏ ଭଦ୍ରକୀୟ ଅସ୍ମିତାକୁ ଅଖଣ୍ଡ ରଖିବା ସହ ଭାଇଚାରାର ଧାରାକୁ ଉଜ୍ଜିବୀତ ପରିବା ପାଇଁ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବ ଆଗେଇ ଆସିଥିଲେ। ତାଙ୍କ ଉଦ୍ୟମରେ ଭଦ୍ରକ ସହରରେ ୨ଟି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗୋଟିଏ ଗାନ୍ଧିପଡ଼ିଆର ଦୁର୍ଗାପୂଜା ଓ ଅନ୍ୟଟି କଦମବେଢ଼ାର ରଜ ସମୟରେ ହରିହାଟ। ତତ୍କାଳୀନ ଓଭରସିଅର କାମାକ୍ଷା ଚରଣ ଘୋଷଙ୍କୁ ତାଙ୍କ ଘରୋଇ ପୂଜାକୁ ସାର୍ବଜନୀନ କରିବାର ଅନୁରୋଧ କରିଥିଲେ। ଏହି ଅନୁରୋଧକୁ ବାବୁ କାମାକ୍ଷା ଏଡାଇପାରିଲେ ନାହିଁ। ଶେଷରେ ସାବନ ବଜାର ଟାଉନ ଥାନା ପାଖ ନିଜଘରେ (ବର୍ତ୍ତମାନ କର୍ମଚାରୀ ଭବନ) ଠାରେ ୧୯୨୮ ମସିହାରୁ ଆରମ୍ଭ କରିଥିବା ଦୁର୍ଗା ଓ କାଳୀ ପୂଜା ଭିତରୁ ଦୁର୍ଗା ପୂଜାକୁ ବୃହତ ସ୍ୱାର୍ଥ ପାଇଁ ସାର୍ବଜନୀନ ପୂଜା ହିସାବରେ ଟେକିଦେଲେ। ଗତ ୧୯୪୮ ମସିହାରେ ଦୁର୍ଗା ପୂଜା ସ୍ଥାନାନ୍ତରିତ ହେଲା ଗାନ୍ଧିପଡ଼ିଆକୁ। ଅର୍ଥାତ ୭୭ ବର୍ଷ ହେବ ଗାନ୍ଧୀ ପଡ଼ିଆରେ ନିରବଚ୍ଛିନ୍ନ ଭାବେ ମା' ପୂଜା ପାଇ ଆସୁଛନ୍ତି। ପଡ଼ିଆକୁ ଲାଗି ସାଳନ୍ଦୀ ନଦୀ ବନ୍ଧ ପାଖ ଶିମିଳି ଗଛ ମୂଳରେ ଆରମ୍ଭ ହେଲା ସାର୍ବଜନୀନ ଦୁର୍ଗାପୂଜା।



ସମ୍ଭବତଃ ଏହା ଥିଲା ଭଦ୍ରକର ପ୍ରଥମ ସାର୍ବଜନୀନ ଦୁର୍ଗାପୂଜା। କେବଳ ଗାନ୍ଧିପଡ଼ିଆ, ନୂଆବଜାର, ନରିପୁର ଅଧିବାସୀ ନୁହଁନ୍ତି, ବଙ୍କସାହି, ଚନ୍ଦନବଜାର ଅଞ୍ଚଳବାସୀଙ୍କ ସହଭାଗୀତା ମଧ୍ୟ ଦେଖିବାକୁ ମିଳିଲା। ଯେଉଁ ଉଦ୍ଦେଶ୍ୟରେ ଡଃ ମହତାବ ଏହାକୁ ଆରମ୍ଭ କରିଥିଲେ ତାହା ଫଳପ୍ରଦ ହେଲା। ସାହାପୁର, ଗବସାହି, ଚାନ୍ଦବାଲି ବାଇପାସ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ପୂଜାରେ ଭିଡ଼ ବଢ଼ିବାକୁ ଲାଗିଲା। ଗତ ୧୯୫୭ ମସିହାରେ ବନ୍ଧ କଡରୁ ପୂଜା ସ୍ଥାନାନ୍ତରିତ ହେଲା ଏବେକାର ମଣ୍ଡପ ସ୍ଥାନକୁ। ଗତ ୧୯୬୦ ମସିହାରେ ହେଲା ସିମେଟର କେବଳ ପୂଜା ମଣ୍ଡପ। ୧୯୭୦ ପର୍ଯ୍ୟନ୍ତ ପୂଜା ଚାଲେ ବାଉଁଶ ତାରପୋଲିନ ଘେରା ଅସ୍ଥାୟୀ ଘରେ। ହେଲେ ୧୯୭୧ରେ ମଣ୍ଡପର ଛାତ ପଡ଼ି ସ୍ଥାୟୀ ମଣ୍ଡପରେ ପୂଜା ହୋଇଆସୁଛି। କଳେବର ବୃଦ୍ଧି କରିବରେ ନୂଆବଜାର ଦୋକାନୀ ବନ୍ଧୁ ଓ ସ୍ଥାନୀୟ ଅଧିବାସୀଙ୍କ ସହ ଭଦ୍ରକବାସୀଙ୍କ ଅହେତୁକ ସମର୍ଥନ ମିଳିଛି। ପୂର୍ବସୂରୀ ଯେଉଁ ମନିଷୀଙ୍କ ଆନ୍ତରିକତାର ପ୍ରତିଫଳନରେ ଏହି ୭୮ ବର୍ଷର ଗୌରବମୟ ଅଧ୍ୟାୟକୁ ସମ୍ଭବ କରିପାରିଛି ସେମାନଙ୍କ ଭିତରୁ ଅଧିକାଂଶ ବ୍ୟକ୍ତିଙ୍କ ପରଲୋକ ହୋଇଗଲାଣି। ଦୀନବନ୍ଧୁ ମିତ୍ର, ଡା. ନୀହାର ଚନ୍ଦ୍ର ଘୋଷ, ସତୀଶ କୁମାର ଦେ, ବଳରାମ ସାହୁ, ରାମଚନ୍ଦ୍ର ସାହୁ, ପ୍ରାଣକୃଷ୍ଣ ବିଶ୍ୱାଳ, ମଦନଲାଲ ଶର୍ମା, ରଘୁନାଥ କର, ରାମଟାଲ ସିଂ, ମୁଲଚାନ୍ଦ ହୀରାଲାଲ, ଶେଖ ସାଦତ୍ ଅଲ୍ଲି, ମୁରଲୀ ମନୋହର ପ୍ରଭୁଦୟାଲ, ସୁବାଷ କୁମାର ଦେ, ସାନନ୍ଦ ପ୍ରସାଦ ସାହୁ, ରାମେଶ୍ୱର ଲାଲ ଗୁପ୍ତା, ପ୍ରକାଶ ଚନ୍ଦ୍ର ଦାସ (ନଟି ବାବୁ), ପ୍ରହ୍ଲାଦ ଚରଣ ପିଲାଇ, ଗୋପୀନାଥ ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ପ୍ରମୋଦ ସାହୁ, ମିର୍ଜା ଆଲିମ ବେଗ୍, ଦୁର୍ଗା ଶଙ୍କର ବିଶ୍ୱାଳ ପ୍ରମୁଖ ମଣ୍ଡପକୁ ଆହୁରି ସଂଗଠିତ କରିପାରିଥିଲେ। ଆଜି ସେମାନଙ୍କ ମାର୍ଗଦର୍ଶନରେ ମଣ୍ଡପ ଗର୍ବସହକାରେ ମୁଣ୍ଡ ଟେକିଛି। ମଣ୍ଡପକୁ ଆହୁରି ସୁନ୍ଦର ଓ ସ୍ମରଣୀୟ କରିବା ନେଇ ଖଣ୍ଡୋଲାଇଟ ପଥରରେ ସୁସଜ୍ଜିତ କରିବା ସହ ମାର୍ବଲ ମାର୍ବଲ କରାଯାଇଛି। ପୂଜା ଲାଗି ମା'ଙ୍କ ମୂର୍ତ୍ତି ତଥା ପାର୍ଶ୍ୱମୂର୍ତ୍ତି ତିଆରି ଜୋରଦାର ଚାଲିଛି। ଆତ୍ମହତ୍ୟାରୁ ଯୁବ ସମାଜ ବର୍ତ୍ତିବାକୁ 'ଜୀବନ ଜିନ୍ଦାବାଦ' ନାମରେ ପାର୍ଶ୍ୱମୂର୍ତ୍ତି ବା ବାରୁଆଳି ତିଆରି ଚାଲିଛି।

### ସେମାନେ ଯାହା କୁହନ୍ତି...



୭୭ ବର୍ଷର ଏହି ଐତିହାସିକ ତଥା ପ୍ରାଚୀନ ସର୍ବାଜନଦୀ ଦୁର୍ଗାପୂଜାକୁ ଅଧିକରୁ ଅଧିକ ଆକର୍ଷଣୀୟ କରିବାକୁ କମିଟି ନିରନ୍ତର ପ୍ରୟାସ ଜାରି ରଖିଛି। ଏଥର ସନ୍ଧିପୂଜା, ଅଷ୍ଟମୀ ପୂଜାରେ ମହିଳା ଭକ୍ତ କିଭଳି ତୁରନ୍ତ ଭୋଗରାଗ ସାରି ଭିଡରୁ ବର୍ତ୍ତିବେ ସେନେଇ ବ୍ୟବସ୍ଥା କରାଯାଇଛି। ଆଉ ୩ଜଣ ବରିଷ୍ଠ ପୂଜା କମିଟି ସଦସ୍ୟଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ।

- ସୌମାଭ କୁମାର ଦେ, ସଭାପତି



୪ଦିନ ଧରି ପୂଜାର ସବୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ପୂଜା ଲାଗି ବସୁଥିବା ମେଳାକୁ ଅଧିକ ଆକର୍ଷଣ ଓ ଶୃଙ୍ଖଳିତ କରିବାକୁ କମିଟି ସର୍ବାଧିକ ଗୁରୁତ୍ୱ ଦେବ।

-ସଞ୍ଜୟ କୁମାର ଗୁପ୍ତା, ସମ୍ପାଦକ

### ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ଖାତିର କରୁନି ଓଡ଼ିଶା ପୁଲିସ

# ତିନି ଡଜନ୍ ଥାନାରେ ନାହିଁ ସିସିଟିଭି

ଭୁବନେଶ୍ୱର,୧୫।୯(ସମିସ): ଭରତପୁର ଥାନାରେ ଜଣେ ସେନା ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଅସଦାଚରଣ ଘଟଣା ସାରା ଦେଶରେ ଓଡ଼ିଶା ପୁଲିସକୁ ନିନ୍ଦିତ କରିଥିଲା। ଏହି ଘଟଣା ପରେ ସବୁ ଥାନାରେ ସିସିଟିଭି ଲଗାଇବା ସହ ଏହାକୁ ଉଚ୍ଚ ଅଧିକାରୀ ମନିଟରିଂ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ଘଟଣାକୁ ବର୍ଷାଧିକ କାଳ ବିତିଥିଲେ ବି ଅନେକ ତିନି ଡ଼ଜନ ଥାନାରେ ସିସିଟିଭି ଲାଗିନାହିଁ ଓ ତିନି ଶହ ଥାନାରେ ଲାଗିଥିବା ସିସିଟିଭି ମନିଟରିଂ ହେଉ ନ ଥିବା ଅଭିଯୋଗ ହୋଇଛି। ଏହି ସମୟରେ ଥାନାରେ ସିସିଟିଭି ଲଗାଇବା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିବା ଅନେକ ଗୁରୁତ୍ୱବହନ କରିଛି । ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଓଡ଼ିଶା ପୁଲିସ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ ହୋଇଛି ।

ଭରତପୁର ଘଟଣା ପରେ ପୁଲିସ ଆଧୁନିକୀକରଣ ଏଡିଜି ଦୟାଲ ଗଙ୍ଗୱାର କୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ରାଜ୍ୟର ୫୨ଟି ଥାନାରେ ସିସିଟିଭି ଲଗାଯାଇ ନ ଥିବା ଦର୍ଶାଇଥିଲେ। ଅନୁରୂପ ଭାବରେ ୨୦୨୪ ସେପ୍ଟେମ୍ବର ୨୪ ସୁଦ୍ଧା ୪୫୬ ଥାନାରେ ୨ହଜାର ୨୬୬ ସିସିଟିଭି ବିଭିନ୍ନ କାରଣ ପାଇଁ କାର୍ଯ୍ୟକ୍ଷମ ନ ଥିବା ମଧ୍ୟ ସତ୍ୟପାଠରେ ସେ ଉଲ୍ଲେଖ କରିଥିଲେ। ମାତ୍ର ଇତିମଧ୍ୟରେ ବର୍ଷଟିଏ ବିତିଥିଲେ ବି ରାଜ୍ୟର ଅନେକ ଥାନାରେ ଲାଗିଥିବା ସିସିଟିଭି କ୍ୟାମେରା ଏବେ ବି କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଥାନାରେ ସିସିଟିଭି ଲଗାଇବା ଏବଂ ମେଣ୍ଟେନାନ୍ସ କରିବା କାମ

**■ ମନିଟରିଂ ହେଉନି ଥାନାରେ ଲାଗିଥିବା ସିସିଟିଭିର**
**■ ଉଚ୍ଚ ଅଧିକାରୀ ତଦାରଖ କରୁନଥିବାରୁ ରହୁନି ଭୟ**
**■ ଚିଠି ପରେ ହେଉନି ମରାମତି ହେଉନି ଖରାପ ସିସିଟିଭି**

ଓକାକ୍ ନେଇଛି। ହେଲେ ଓକାକ୍ ନିଜେ ଏହି କାମ ନ କରି ତୃତୀୟପକ୍ଷକୁ କାମ କରିବାକୁ ଲିଜ୍ ଦେଇଛି। ମାତ୍ର ସମ୍ପୃକ୍ତ ସଂସ୍ଥା ତା କାମ ଠିକ୍ କରୁଛି କି ନାହିଁ ତାହାର ଯାଞ୍ଚ କରାଯାଉ ନାହିଁ।

ଥାନାରେ ସିସିଟିଭି ନ ଥିବାରୁ ଓ ସ୍ଥଳ ବିଶେଷରେ ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ପୁଲିସର ଭୂମିକା ଉପରେ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଥାନାରେ ଅଟକଙ୍କୁ ନିର୍ଯାତନା, ହାଜତ ମୃତ୍ୟୁ ଘଟଣାରେ ବାସ୍ତବ ତଥ୍ୟ ମିଳି ପାରୁନାହିଁ। ସେହିପରି ଥାନା ପରିସରରୁ ଚୋରି ଓ ଥାନାରୁ ଅପରାଧୀ ଫେରାର ଘଟଣା ସମ୍ପର୍କରେ ମଧ୍ୟ ସତ୍ୟ ସ୍ପଷ୍ଟ ହେଉ ନାହିଁ। ରାଜ୍ୟ ତ ଦୂରର କଥା ରାଜଧାନୀ ଭୁବନେଶ୍ୱର ଏବଂ କଟକର ଅନେକ ଥାନାରେ ଲାଗିଥିବା ସିସିଟିଭି କ୍ୟାମେରା ମଧ୍ୟରୁ ଅର୍ଦ୍ଧାଧିକ ଅଚଳ ଥିବା କୁହାଯାଉଛି। ଥାନା ଅଧିକାରୀ ଏନେଇ ବାରମ୍ବାର ଓକାକ୍‌କୁ ଚିଠି ଲେଖିଲେ ମଧ୍ୟ ତାହା ଠିକ୍ କରାଯାଉନଥିବା ଅଭିଯୋଗ କରାଯାଉଛି।

ଅପରପକ୍ଷରେ ସାମୁଦ୍ରିକ ଥାନାଗୁଡ଼ିକରେ ସିସିଟିଭି ଅଚଳ ଥିବା ମଧ୍ୟ ଅଭିଯୋଗ ହେଉଛି। ମେରାଇନ୍ ଥାନାଗୁଡ଼ିକ ସମୁଦ୍ର ନିକଟରେ ହୋଇଥିବାରୁ ଲୁଣା ପବନରେ ଏହା ନଷ୍ଟ ହୋଇ ଯାଉଥିବା କୁହାଯାଉଛି ଓ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ବିଭିନ୍ନ ଥାନାରେ ଲୋକଙ୍କ କଥା ବୁଝୁଥିବା ଜଣେ ବ୍ୟକ୍ତିଙ୍କୁ ବଡ଼ି କ୍ୟାମେରା ଦିଆଯାଇଛି। ହେଲେ ଏହି କ୍ୟାମେରାର ତଥ୍ୟକୁ ନେଇ ମଧ୍ୟ ଅନେକ ସମୟରେ ବିବାଦ ସୃଷ୍ଟି ହୋଇଛି ।

### ୧୬୮୬ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ

# ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ଭଲ କାମ କର: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧୫।୯(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୭ଟି ବିଭାଗର ସମୁଦାୟ ୧୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଂପ୍ରତିକ ପରିସ୍ଥିତିରେ ଯୁବ ସମାଜ ପାଇଁ ସବୁଠାରୁ ବଡ ଆହ୍ୱାନ ହେଉଛି ନିଯୁକ୍ତି। ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ ଆମେ ଆଜିକୁ ମିଶାଇ ସମୁଦାୟ ୩୦,୦୩୨ ଟି ପଦବୀରେ ନିଯୁକ୍ତି ପ୍ରଦାନ କରିଛୁ। ସରକାର ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା। ଜୁନ୍ ୨୦୨୬ ଶେଷ ସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ। ୧୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧,୦୭,୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ଏକାଦଶ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ନବ ନିଯୁକ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଆପଣମାନଙ୍କର କର୍ତ୍ତବ୍ୟ ହେଉଛି ସରକାରଙ୍କ ନୀତି ନିୟମର ମର୍ଯ୍ୟାଦାରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିବା। ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ଭଲ କାମ କରନ୍ତୁ, ସୁନାମ ଅର୍ଜନ କରନ୍ତୁ। ସାଧାରଣ ଗରିବ ଜନତାଙ୍କ ଆଶୀର୍ବାଦ ହେବ ଆପଣଙ୍କ ପାଇଁ ସବୁଠାରୁ ବଡ ପୁଞ୍ଜି ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩୦ ଜଣ ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ନବନିଯୁକ୍ତଙ୍କ ମଧ୍ୟରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଯୋଗଦେଇଥିବା ସମ୍ବଲପୁରର ଶିବାନୀ ଷଡଙ୍ଗୀ ଓ ଅର୍ଥ ବିଭାଗରେ ଯୋଗଦେଇଥିବା କଟକ ଜିଲ୍ଲାର ବିଶ୍ୱଜିତ୍ ପ୍ରଧାନ ତାଙ୍କ ଅନୁଭୂତି ଓ ଅଭିଜ୍ଞତାରେ ସରକାରଙ୍କ ସ୍ୱଚ୍ଛ ଓ ନିରପେକ୍ଷ ଚୟନ ପଦ୍ଧତି ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ■ ପୁରୀ ପୁଲିସର ସ୍ୱତନ୍ତ୍ର ଅଭିଯାନ

# ୭୦ ଖଣ୍ଡା, ଭୁଜାଲି ଜବତ



ପୁରୀ,୧୫।୯(ସମିସ): ପାର୍ବଣ ପୂର୍ବରୁ ଆକ୍ସନ୍ ମୋଡ୍‌କୁ ଆସିଛି ପୁରୀ ପୁଲିସ। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ପୁରୀ ସବ୍-ଡିଭିଜନ୍‌ର ସମସ୍ତ ଥାନାଧିକାରୀ ପରିଚିତ ଅସାମାଜିକ ବ୍ୟକ୍ତି, ବିଭିନ୍ନ କ୍ଲବ୍, ଧାରୁଆ ଅସ୍ତ୍ର ତିଆରି ଓ ବିକ୍ରୟ କେନ୍ଦ୍ର ଆଦିରେ ଚଢ଼ଉ କରି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଏହି ବିଶେଷ ଅଭିଯାନରେ ପୁରୀ ପୁଲିସ୍ ମୋଟ ୭୦ଟି ଧାରୁଆ ଅସ୍ତ୍ର ଜବତ କରିଛି। ସେଥିରେ ୧୦ଟି ବଡ଼ ଖଣ୍ଡା, ୪ଟି ତେଲେଙ୍ଗା କଟୁରୀ, ୧୦ଟି ଭୁଜାଲି ଏବଂ ଅବଶିଷ୍ଟ ସବୁ କାତି ରହିଛି। ଏହି ଅଭିଯାନ ସମୟରେ ଦୁଇଜଣ ଅସାମାଜିକଙ୍କୁ ତଲୱାର ସହିତ ଧରାଯାଇଛି। ଏ ନେଇ କୁମ୍ଭାରପଡ଼ା ଏବଂ ସମୁଦ୍ରକୂଳ ଥାନାରେ ୨ଟି ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଆଜି ଟାଉନ୍ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାଶ, ବଳିଆପଣ୍ଡା ଥାନା ଅଧିକାରୀ ସଙ୍ଗୀତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ବଲାଙ୍ଗିରରେ ଲଜ୍ଜା

# ମହିଳାଙ୍କୁ ବିଜେପି ନେତାଙ୍କ ଦୁଷ୍କର୍ମ !

କଣ୍ଟାବାଞ୍ଜି,୧୫।୯(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରୁ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ବିଜେପିର ଜଣେ ଯୁବନେତା ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଛନ୍ତି। ଏନେଇ ମହିଳାଜଣଙ୍କ ଅଭିଯୋଗ କରିବାରୁ ପୁଲିସ ବିଜେପି ନେତା ଚିଣ୍ଟୁ ଅଗ୍ରୱାଲଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ଥାନାରେ ମାମଲା ରୁଜୁ**

ପୁଲିସ୍ ସୂଚନାନୁସାରେ, ମହିଳାଜଣଙ୍କ ତାଙ୍କ ପ୍ରେମିକ ସହ ସହରରେ ଏକ ଭଡ଼ା ଘରେ ରହୁଛନ୍ତି। ମହିଳାଙ୍କ ପ୍ରେମିକ ସହ ଚିଣ୍ଟୁଙ୍କର ଭଲ ବନ୍ଧୁତା ଥିଲା। ଏଥିଯୋଗୁଁ ଚିଣ୍ଟୁ ଅନେକ ସମୟରେ ତାଙ୍କ ଘରକୁ ଯିବାଆସିବା କରୁଥିଲେ। ଗତ ୧୩ ତାରିଖ ରାତି ପ୍ରାୟ ୭ଟାରେ ଚିଣ୍ଟୁ ତାଙ୍କ ଘରକୁ ଯାଇଥିଲେ। ତେବେ ସେଠାରେ ମହିଳାଜଣଙ୍କ ଏକୁଟିଆ ଥିବା ସୁଯୋଗରେ ଚିଣ୍ଟୁ ତାଙ୍କୁ ଦୁଷ୍କର୍ମ କରିଥିଲା। ଏହାସହ ଘଟଣା ସମ୍ପର୍କରେ କାହାରିକୁ କହିଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ମହିଳାଜଣଙ୍କ ଏ ସଂପର୍କରେ ତାଙ୍କ ପ୍ରେମିକଙ୍କୁ ଜଣାଇବା ପରେ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ମହିଳାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ସେପଟେ, ମାମଲା ରୁଜୁ ପରେ ଅଭିଯୁକ୍ତ ଚିଣ୍ଟୁ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଚିଣ୍ଟୁ ବିଜେପିର ଅନେକ ରାଜନେତାଙ୍କ ନିକଟତମ ଲୋକ। ଅନ୍ୟପକ୍ଷରେ, ଚିଣ୍ଟୁଙ୍କୁ ତୁରନ୍ତ ଗିରଫ କରା ନଗଲେ, କଣ୍ଟାବାଞ୍ଜି ଥାନା ଘେରଉ କରାଯିବ ବୋଲି ବିଜେଡି ନେତା ଗିରିରାଜ ସିଂ ମାଝୀ ଚେତାବନୀ ଦେଇଛନ୍ତି।

### ବାଲିହରଚଣ୍ଡୀରେ ଗଣଦୁଷ୍କର୍ମ ଘଟଣା

# ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସୁରକ୍ଷିତ ନୁହେଁ: ସଞ୍ଜୟ ଦାସବର୍ମା



ଭୁବନେଶ୍ୱର,୧୪।୯(ସମିସ): ଦୁଇ ଦିନ ତଳେ ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିହରଚଣ୍ଡୀ ପୀଠରେ ଏକ ଛାତ୍ରୀକୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ଏହି ଘଟଣା ଗଣମାଧ୍ୟମରେ ଖବର ଆସିଲା। ଏହାକୁ ଅନୁସନ୍ଧାନ କଲେ ରାଜ୍ୟରେ ଯେ ମହିଳା ଅସୁରକ୍ଷିତ, ତାହା ସ୍ପଷ୍ଟ ହେଉଛି ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସ ବର୍ମା।

ସେ କହିଛନ୍ତି ଯେ ସମସ୍ତଙ୍କ ମଧ୍ୟରେ ଏହି ଘଟଣା କମ୍ପନ ସୃଷ୍ଟି କରିଛି। ପୀଡ଼ିତା ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମାତ୍ର ଦୁର୍ବୃତ୍ତଙ୍କୁ ଏବେ ପର୍ଯ୍ୟନ୍ତ ପୁଲିସ ଧରିପାରିନାହିଁ। ବିଶ୍ୱ ଆଧ୍ୟାତ୍ମିକ କେନ୍ଦ୍ର ଜଗନ୍ନାଥଙ୍କ ଜିଲ୍ଲାରେ ବାଲିହରଚଣ୍ଡୀ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳ ଏବେ ବି ସୁରକ୍ଷିତ ନୁହେଁ। ବାଲିହରଚଣ୍ଡୀରେ ଏକ ପୁଲିସ ଆଉଟ୍‌ପୋଷ୍ଟ ବା ଫାଣ୍ଡି ପ୍ରତିଷ୍ଠା କରାଯାଉ। କେବଳ ପୁରୀ ଜିଲ୍ଲା ନୁହେଁ, ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀକୁ ସୁରକ୍ଷିତ ରଖାଯିବା ସହ ସବୁଠି ପର୍ଯ୍ୟାପ୍ତ ପୁଲିସ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ସମ୍ବେଦନଶୀଳ ଆଭିମୁଖ୍ୟକୁ ନେଇ ସରକାର ଯତ୍ନବାନ ହେବାର ଆବଶ୍ୟକତା ରହିଛି। ୨ବର୍ଷ ହେବ, ବହୁ ପର୍ଯ୍ୟଟନସ୍ଥଳରେ ପୁଲିସ ଫାଣ୍ଡି ପ୍ରସ୍ତୁତ କରିବା ପାଇଁ ଦାବି ଉଠିଛି। ପୂର୍ବରୁ ବାଲିହରଚଣ୍ଡୀଠାରେ ଏକ ପୁଲିସ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା କରିବା ପାଇଁ ଡିଜିଙ୍କ ପାଖରେ ଦାବି ମଧ୍ୟ କରାଯାଇଥିଲା ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ନୂତନ ସରକାର ଆସିବା ପରେ ରାଜ୍ୟରେ ନାରୀ ନିର୍ଯାତନା ବଢ଼ୁଥିବା ବେଳେ ଛାତ୍ରୀ ଓ ଶିକ୍ଷାନୁଷ୍ଠାନ ସବୁ ଅସୁରକ୍ଷିତ ହୋଇପଡ଼ିଛି। ଓଡ଼ିଶାରେ ମହିଳାଙ୍କ ପାଇଁ ସୁରକ୍ଷିତ ନଥିବା ବେଳେ ଏଥିପାଇଁ ଆମେରିକା ମଧ୍ୟ ନିଜର ମାର୍ଗଦର୍ଶିକା ଜାରି କରିଛି। ଓଡ଼ିଶାର ପରିଚୟକୁ ନେଇ ଏବେ ସଙ୍କଟ ସୃଷ୍ଟି ହୋଇଛି। ଗୋପାଳପୁର ଘଟଣା, ସୌମ୍ୟାଶ୍ରୀ, ବଳଙ୍ଗା ପୀଡ଼ିତଙ୍କ ନିଆଁ ନ ଲିଭୁଣୁ ଏବେ ପୁଣି ବ୍ରହ୍ମଗିରିର ଏହି ଘଟଣା ସାଧାରଣରେ ଆଲୋଡ଼ନା ସୃଷ୍ଟି କରିଛି। ଏଥିପାଇଁ କେବଳ ପୁରୀ ନୁହେଁ ବରଂ ସମ୍ପୂର୍ଣ୍ଣ ରାଜ୍ୟ ନିନ୍ଦିତ ବୋଲି ସେ କହିଛନ୍ତି।

### ■ ସିବିଏସ୍‌ଇର ନୂତନ ମାର୍ଗଦର୍ଶିକା

# ଦୁଇ ବର୍ଷିଆ ହେବ ଦଶମ ଓ ଦ୍ୱାଦଶ ପାଠ୍ୟକ୍ରମ

ଭୁବନେଶ୍ୱର, ୧୫।୯(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି। ଏଣିକି ଦଶମ ଓ ଦ୍ୱାଦଶ ଶ୍ରେଣୀକୁ ଦୁଇ ବର୍ଷିଆ ପାଠ୍ୟକ୍ରମ ଭାବେ ବିଚାର କରାଯିବ। ଅର୍ଥାତ୍ ଦଶମ ପରୀକ୍ଷା ପାଇଁ ନବମ ଏବଂ ଦ୍ୱାଦଶ ପରୀକ୍ଷା ପାଇଁ ଏକାଦଶ ଶ୍ରେଣୀ ନିୟମିତ ଭାବେ ପଢ଼ିବାକୁ ହେବ। ଅନ୍ୟଥା ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀମାନେ ଯୋଗ୍ୟ ବିବେଚିତ ହେବେନାହିଁ। ଅନ୍ୟପକ୍ଷରେ ବିଦ୍ୟାଳୟରେ ୭୫ ପ୍ରତିଶତ ଉପସ୍ଥାନକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ୍ ଥିବା ବା ନିୟମିତ ଭାବେ ବିଦ୍ୟାଳୟକୁ ଆସିବେ ନାହିଁ, ସେମାନଙ୍କର ଇଣ୍ଟରନାଲ୍ ଆସେସମେଣ୍ଟ କରାଯିବ ନାହିଁ। ଇଣ୍ଟରନାଲ୍ ଆସେସମେଣ୍ଟ ହୋଇ ନ ପାରିଲେ ପରୀକ୍ଷା ଫଳ ପ୍ରକାଶ କରାଯିବ ନାହିଁ। ସେମାନେ ନିୟମିତ ଛାତ୍ରଛାତ୍ରୀ ହୋଇଥିଲେ ମଧ୍ୟ 'ଏସେନସିଆଲ୍ ରିପିଟ୍ କାଟେଗୋରୀ' ଅନ୍ତର୍ଭୁକ୍ତ ହେବେ।

ଅନୁରୂପ ଭାବେ ଛାତ୍ରଛାତ୍ରୀମାନେ ଅତିରିକ୍ତ ବିଷୟ ନେଇ ପାଠ ପଢ଼ିବେ। ଦଶମ ଶ୍ରେଣୀରେ ଦୁଇଟି ଏବଂ ଦ୍ୱାଦଶରେ ଗୋଟିଏ ଅତିରିକ୍ତ ବିଷୟ ରହିବ। ବାଧ୍ୟତାମୂଳକ ପାଠ୍ୟକ୍ରମ ସହିତ ଅତିରିକ୍ତ ବିଷୟ ପଢ଼ାଯିବ। ଏହି ବିଷୟଗୁଡ଼ିକ ମଧ୍ୟ ଦୁଇ ବର୍ଷ ପାଇଁ ଅଧ୍ୟୟନ କରିବାକୁ ହେବ। ସିବିଏସ୍‌ଇ ସହ ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆବଶ୍ୟକ ଶିକ୍ଷକ ଓ ଲାବ୍ ଉପଲବ୍ଧ ନ ଥିଲେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ବିଷୟ ପ୍ରଦାନ କରିପାରିବେ ନାହିଁ ବୋଲି ସ୍ପଷ୍ଟ ଭାବେ କୁହାଯାଇଛି। ଏହାକୁ କଡ଼ାକଡ଼ି ବାବେ ପାଳନ କରିବାକୁ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲଗୁଡ଼ିକୁ କୁହାଯାଇଛି।

# ଗାଡ଼ି ଚଳାଇବା ବେଳେ ରିଲ୍ସ କଲେ ଆର୍‌ସି, ଡିଏଲ ବାତିଲ

କଟକ, ୧୫।୯ (ସମିସ): ଗାଡ଼ି ଚଳାଇବା ବେଳେ ଚାଳକ ମୋବାଇଲ୍‌ରେ ରିଲ୍ସ କିମ୍ବା ଭିଡିଓ କଲେ, ଗାଡ଼ିର ରେଜିଷ୍ଟ୍ରେସନ୍ ଓ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ହେବ। ଅନେକ ସମୟରେ ଗାଡ଼ି ଚଳାଇବା ବେଳେ ଚାଳକମାନେ ଅତି ବିପଦପୂର୍ଣ୍ଣ ଭାବେ ରିଲ୍ସ, ଭିଡିଓ ଆଦି ମୋବାଇଲରେ ଉତ୍ତୋଳନ କରୁଥିବା ପରିଲକ୍ଷିତ

**■ ବିପଦପୂର୍ଣ୍ଣ ଗାଡ଼ି ଚାଳନା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ**
**■ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡ଼ି ଜବତ**

ହେଉଛି। ଏଭଳି ଗାଡ଼ି ଚାଳନା ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପରିବହନ ବିଭାଗ ଚେତାଇ ଦେଇଛି। ଏଥିସହ ରିଲ୍ସ ବା ଭିଡିଓ କରିବା ନାଁରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରୁଥିବା ନେଇ କେତେକ ସ୍ଥାନରେ ଗାଡ଼ି ଜବତ ହୋଇଛି। ଜରିମାନା ସହ ଡ୍ରାଇଭିଂ ଲାଇସେନ୍ସ ଓ ପଞ୍ଜୀକରଣ ସାର୍ଟିଫିକେଟ୍‌କୁ ନିଲମ୍ବନ କରାଯିବ ବୋଲି କୁହାଯାଇଛି।

ରିଲ୍ସ ତଥା ସୋସିଆଲ ମିଡିଆ ଭିୟୁ ପାଇଁ ଯୁବପିଢ଼ି ବିପଦପୂର୍ଣ୍ଣ ଗାଡ଼ି ଚଳାଉଥିବାର ଭିଡିଓ ନିୟମିତ ଭାବରେ ସାମ୍ନାକୁ ଆସୁଛି। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ବି ଘଟୁଛି। କେବଳ ଉକ୍ତ ଗାଡ଼ି ଚାଳକ ନୁହେଁ, ଏହା ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ମଧ୍ୟ ବିପଦର କାରଣ ପାଲଟୁଛି। ନିୟମ ଉଲ୍ଲଙ୍ଘନର ଏଭଳି ଦୃଶ୍ୟ ଉପରେ ନିୟନ୍ତ୍ରଣ ପାଇଁ ରାସ୍ତାରେ ଏନଫୋର୍ସମେଣ୍ଟ ସହ ସୋସିଆଲ ମିଡିଆ ଉପରେ ମଧ୍ୟ ଏଭଳି ଘଟଣା ଉପରେ ଦୃଷ୍ଟି ରଖିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ରାସ୍ତାରେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଭଳି ଗାଡ଼ି ଚାଳକଙ୍କ ଉପରେ ନିୟନ୍ତ୍ରଣ ଆଣିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସମସ୍ତ ଆରଟିଓଙ୍କୁ ଏ ସଂପର୍କରେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ତ୍ୱରିତ ପଦକ୍ଷେପ ସ୍ୱରୂପ, କୋରାପୁଟ ଜିଲ୍ଲା ଜୟପୁର ଉପକଣ୍ଠ ବାରିଣିପୁଟଠାରେ ଜାତୀୟ ରାଜପଥରେ ମାଲବାହୀ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଦୋକାନ ଉପରେ ମାଡ଼ିଯିବା ଏବଂ ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ମୋଟର ଯାନ ଆଇନ ଓ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗାଡ଼ିକୁ ଜବତ କରାଯାଇଥିବା ବେଳେ ଡ୍ରାଇଭରଙ୍କୁ ପୁଲିସ ଅଟକ ରଖିଛି।

ସେହିଭଳି, ଖୋର୍ଦ୍ଧା ଜିଲ୍ଲା ହଳଦିଆର ଏକ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଚଳନ୍ତା ଚାରିଚକିଆ ଗାଡ଼ିରେ ଡ୍ରାଇଭର ଷ୍ଟିଅରିଂ ଛାଡ଼ି ରିଲ୍ସ କରୁଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସ୍ଥାନୀୟ ପୁଲିସ, ଜଗତସିଂହପୁର ଓ ଭୁବନେଶ୍ୱର-୧ ଆରଟିଓଙ୍କ ସହଯୋଗରେ ଗାଡ଼ିକୁ ଜବତ କରିଛନ୍ତି। ଭୁବନେଶ୍ୱରରେ ଏକ ବାଇକରେ ଯୁବକ-ଯୁବତୀଙ୍କ ବିପଦପୂର୍ଣ୍ଣ ଗାଡ଼ି ଚାଳନାର ଭିଡିଓ କିଛିଦିନ ତଳେ ଭାଇରାଲ ହୋଇଥିଲା। ଏହି ଘଟଣାରେ ମଧ୍ୟରେ ଭୁବନେଶ୍ୱର-୨ ଆରଟିଓ ଗାଡ଼ି ଅଟକ ରଖିଥିବା ବେଳେ ଜରିମାନା, ଲାଇସେନ୍ସ ନିଲମ୍ବନ ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ପୁରୀରେ ମଧ୍ୟ ଏଭଳି ବିପଦପୂର୍ଣ୍ଣ ଗାଡ଼ି ଚାଳନା ଘଟଣାରେ ଗାଡ଼ିକୁ ଅଟକ ରଖି ଜରିମାନା କରାଯାଇଛି।

### ■ ୧୭ ତାରିଖରେ ବିଦ୍ୟାଳୟ ସମୟ ପରିବର୍ତ୍ତନ

# ଅପରାହ୍ଣରେ ମିଳିବ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର, ୧୫।୯(ସମିସ): ଆସନ୍ତା ୧୭ ତାରିଖରେ ଛାତ୍ରଛାତ୍ରୀମାନେ ରାଜ୍ୟସାରା ଚାରା ରୋପଣ କରିବେ। ଏଥିପାଇଁ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ସମୟରେ ପରିବର୍ତ୍ତନ କରାଯାଇଛି। ସକାଳ ୧୦ ପରିବର୍ତ୍ତେ ୭ଟା ରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଆସିବେ। ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ଅପରାହ୍ଣ ସାଢ଼େ ୧ଟାରେ ବିଦ୍ୟାଳୟ ଛୁଟି ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନେଇ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି।

ଛାତ୍ରଛାତ୍ରୀମାନେ ସକାଳ ୭ରୁ ବିଦ୍ୟାଳୟକୁ ଯାଇ ସାଢ଼େ ୧ରେ ଆସିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହେବା ପରେ ଡିଇଓମାନେ ମଧ୍ୟ ପ୍ରସ୍ତୁତି କରିଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରି ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ରହିଛି। ପ୍ରଥମେ ଚାରା ରୋପଣ କରିସାରବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସବୁ ସରିବା ପରେ ମଧ୍ୟାହ୍ନ ଭୋଜନ ଦେଇ ପିଲାଙ୍କୁ ଛୁଟି କରିବାକୁ ବିଦ୍ୟାଳୟଗୁଡ଼ିକୁ କୁହାଯାଇଛି। ହେଲେ ସକାଳୁ ବିଦ୍ୟାଳୟକୁ ଯାଇଥିବା ଛାତ୍ରଛାତ୍ରୀମାନେ ଅପରାହ୍ଣ ଯାଏଁ କିପରି ଭୋକ ଉପାସରେ ରହିବେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। କେବଳ ଗଛ ଲଗାଇବା ପାଇଁ ପିଲାମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଓପାସରେ ରଖିବାକୁ ନାପସନ୍ଦ କରିଛନ୍ତି। ସକାଳୁଆ ସ୍କୁଲ ସମୟରେ ପିଲାମାନଙ୍କୁ ୧୦ଟା ସୁଦ୍ଧା ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଥିଲା, ମାତ୍ର ସକାଳୁ ଆସୁଥିବା ସାନସାନ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେବା ନିମନ୍ତେ ଅପରାହ୍ନ ସାଢ଼େ ଗୋଟାଏ ଯାଏ ଅଟକାଇ ରଖିବାକୁ ଅଭିଭାବକମାନେ ସମାଲୋଚନା କରିଛନ୍ତି । ଯେଉଁ ଅଧିକାରୀ ଏହି ଚିଠି ସ୍କୁଲକୁ ପଠାଇଛନ୍ତି ସେ ତାଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପଢ଼ାନ୍ତି କି ଓ ଅପରାହ୍ନ ପର୍ଯ୍ୟନ୍ତ ପିଲାଙ୍କୁ ଖାଲି ପେଟରେ ରଖନ୍ତି କି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି ।

### ସାର ପାଇଁ ପ୍ରବଳ ଉତ୍ତେଜନା

# ରାତି ୪ରୁ ଅପେକ୍ଷା କରି ବି ପାଇଲେନି

ଛେଣ୍ଡିପଦା, ୧୫।୯(ସମିସ): ସାରା ରାଜ୍ୟରେ ଏବେ ଧାନ ଚାଷ ପାଇଁ ୟୁରିଆ ସାରର ବେଶ୍ ଆବଶ୍ୟକତା ରହିଛି। ହେଲେ ରାଜ୍ୟରେ ବର୍ତ୍ତମାନ ସାରର ଉତ୍କଟ ଅଭାବ ସମସ୍ୟା ଦେଖିବାକୁ ମିଳିଛି। ଏପରିକି, କଳାବଜାରରେ ୟୁରିଆ ବିକ୍ରି ହେଉଛି। ଅସାଧୁ ବ୍ୟବସାୟୀମାନେ ୨୭୦ ଟଙ୍କାର ୟୁରିଆ ପ୍ୟାକେଟ୍‌କୁ ୭୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ସରକାର ପାକ୍ସଗୁଡ଼ିକୁ ଯୋଗାଇ ଦେଉଥିବା ୟୁରିଆ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ପାକ୍ସକୁ ସାର ଆସିଲେ ଶହଶହ ଚାଷୀଙ୍କ ଭିଡ଼ ଜମୁଛି। ସାର ନେବା ପାଇଁ ଚାଷୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।

**ବର୍ଷାରେ ୨ଘଣ୍ଟା ଭିଜିଲେ ଚାଷୀ**

ଅନୁଗୋଳ ଜିଲ୍ଲା ବାଗଡ଼ିଆ ସେବା ସମବାୟ ସମିତିକୁ ସାର ଆସିଥିବା ଖବର ପ୍ରଚାର ହେବା କ୍ଷଣି ସୋମବାର ଭୋର୍ ୪ଟାରୁ ଏଠାରେ ଚାଷୀଙ୍କ ଭିଡ଼ ଜମିଥିଲା। ଚାଷୀମାନେ ଧାଡ଼ିରେ ଆଧାରକାର୍ଡ ରଖି ସାର ପାଇଁ ଅପେକ୍ଷା କରିଥିଲେ। ତେବେ ବାଗଡ଼ିଆ ସମବାୟ ସମିତିକୁ ୭ଶହ ବସ୍ତା ସାର ଆସିଥିବା ବେଳେ ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ଚାଷୀ ରୁଣ୍ଡ ହୋଇଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ପୁଲିସ ଉପସ୍ଥିତିରେ ସାର ବିକ୍ରି ହୋଇଥିଲା। କିନ୍ତୁ ବିକ୍ରି ବେଳେ



ଅନିୟମିତତା ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ ଚାଷୀ ପ୍ରାୟ ୧୦ ଘଣ୍ଟା ଧରି ଅପେକ୍ଷା କରିଥିଲେ ମଧ୍ୟ ସାର ନ ପାଇ ନିରାଶରେ ଫେରିଛନ୍ତି। ଏପରିକି, ଏହି ସମୟରେ ପ୍ରବଳ ବର୍ଷା ହୋଇଥିଲେ ମଧ୍ୟ ଚାଷୀ ବର୍ଷାରେ ଭିଜିଭିଜି ଅପେକ୍ଷା କରିଥିଲେ। ଉତ୍ତେଜନା ପରେ ବାଗଡ଼ିଆ ଥାନା ଅଧିକାରୀ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଚଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫଳରେ ସାର ବିକ୍ରି ବନ୍ଦ କରି ଦିଆଯାଇଥିଲା।

### ■ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଏମିତି...

# ଚେୟାରରେ ରୋଗୀଙ୍କୁ ସାଲାଇନ୍

ମାଲକାନଗିରି, ୧୫।୯(ସମିସ): ଚେୟାର୍‌ରେ ବସି ସାଲାଇନ୍ ନେଉଛନ୍ତି ରୋଗୀ; ଅଭିଭାବକ ଧରିଛନ୍ତି ସାଲାଇନ୍ ବୋତଲ। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ଏଭଳି ଏକ ବିକଳ ଚିତ୍ର ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ରୋଗୀଙ୍କ ପାଇଁ ହସ୍ପିଟାଲରେ ଯଥେଷ୍ଟ ପରିମାଣର ଶଯ୍ୟା ନଥିବାରୁ ଏପରି ସ୍ଥିତି ଉପୁଜିଥିବା କୁହାଯାଉଛି। ଉକ୍ତ ଭିଡିଓରେ ଜଣେ ରୋଗୀ ଚେୟାର ଉପରେ ବସିଥିବା ବେଳେ ତାଙ୍କ ହାତରେ ସାଲାଇନ୍ ଲାଗିଛି। ଖାଲି ସେତିକି ନୁହେଁ, ସାଲାଇନକୁ ରଖିବା ପାଇଁ ଉପଯୁକ୍ତ



ଷ୍ଟାଣ୍ଡ ନଥିବାରୁ ରୋଗୀଙ୍କ ସମ୍ପର୍କୀୟ ତାହାକୁ ହାତରେ ଧରି ଛିଡ଼ା ହୋଇଛନ୍ତି। ଏ ସଂପର୍କରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି

**ବୋତଲ ଧରିଲେ ଅଭିଭାବକ**

ଯେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚିକିତ୍ସାଳୟ ଉପରେ ଚାପ ବଢ଼ୁଛି। ପ୍ରତିଦିନ କ୍ଷମତାଠାରୁ ଅଧିକ ସଂଖ୍ୟକ ରୋଗୀଙ୍କ ଚିକିତ୍ସା କରାଯାଉଛି। ପର୍ଯ୍ୟାପ୍ତ ପରିମାଣର ଶଯ୍ୟା ନଥିବାରୁ ଏଭଳି ଅଭାବନୀୟ ସ୍ଥିତି ଘଟିଥାଇପାରେ ବୋଲି ସେ କହିଛନ୍ତି।



# ଭୁବନେଶ୍ୱର ସିଟି

# କମିସନରେଟ୍ ପୁଲିସର ପୋର୍ଟାଲ୍ ପ୍ରହସନ

- ସିନିୟର ସିଟିଜେନ୍, ପାର୍ସପୋର୍ଟ ପୋର୍ଟାଲ ଅଚଳ
- ପଞ୍ଜୀକରଣ କରି ନ ପାରି ନିରାଶ ହେଉଛନ୍ତି ବରିଷ୍ଠ ନାଗରିକ
- ଥାନାକୁ ଗଲେ କହୁଛନ୍ତି, ଜନସେବା କେନ୍ଦ୍ରକୁ ଯାଅ
- ଭେରିଫିକେସନ ହୋଇପାରୁ ନ ଥିବାରୁ ମିଳୁନି ପାସ୍‌ପୋର୍ଟ

ଭୁବନେଶ୍ୱର, ୧୫।୯(ସମିସ): କମିସନରେଟ୍ ପୁଲିସର ଏକାଧିକ ପୋର୍ଟାଲ ଏବଂ ଆପ୍ ଏବେ ଅଚଳ ହୋଇଯାଇଛି। ଲୋକଙ୍କ ସୁବିଧା ପାଇଁ ଯେଉଁ ସବୁ ଆପ୍ ଏବଂ ପୋର୍ଟାଲ କରାଯାଇଥିଲା ତାହା କାମ କରୁନି। ଅପ୍‌ଡେଟ୍ ମାଗୁଥିଲେ ମଧ୍ୟ ଲୋକେ ତାହା କଲେ ସମସ୍ୟା ହେଉଛି। ବଡ଼ କଥା ହେଲା ବରିଷ୍ଠ ନାଗରିକଙ୍କ ପାଇଁ ହୋଇଥିବା ସିନିୟର ସିଟିଜେନ ପୋର୍ଟାଲ କାମ କରୁନି। ସବୁ ଥାନାରେ ସିନିୟର ସିଟିଜେନ୍ ସେଲ୍‌ଫ ଖୋଲାଯାଇଛି। କିନ୍ତୁ ଏବେ ଏହି ସେଲ୍‌ଫ ଏକ ପ୍ରକାର ଅଘୋଷିତ ଅଚଳ ହୋଇଯାଇଛି। କାରଣ ସିନିୟର ସିଟିଜେନ୍ ଆବେଦନ ପାଇଁ ଖୋଲାଯାଇଥିବା ପୋର୍ଟାଲ(ଷଗ୍ବଗ୍ବକ୍ଷୁଗ୍ବ://ମଗ୍ବମ.କ୍ଷକ୍ବଳବଗ୍ବରଭବ-କ୍ଷ୍ମୟସଗ୍ବଷବ.ସଭ )ଏବେ ବନ୍ଦ ହୋଇଯାଇଛି। ଏହି ୱେବ୍‌ସାଇଟ୍‌କୁ ଯାଇ କ୍ଲିକ୍ କଲେ ତାହା ଖୋଲୁନି। ଯେଉଁଥି ପାଇଁ ଟ୍ୱିନ୍‌ସିଟିର ଶହଶହ ବରିଷ୍ଠ ନାଗରିକ ପଞ୍ଜୀକରଣ ନକରି ନିରାଶ ହେଉଛନ୍ତି।

ବୟସ ପାଖାପାଖି ୫୫ ହେଲେ ବରିଷ୍ଠ ନାଗରିକମାନେ ଥାନାକୁ ଯାଇ ନିଜର ପରିଚୟପତ୍ର ଦେଇ ରେଜିଷ୍ଟ୍ରେସନ କରୁଥିଲେ। କିନ୍ତୁ ବରିଷ୍ଠ ନାଗରିକଙ୍କୁ ଦୃଷ୍ଟିରେ ରଖି ସେମାନଙ୍କୁ ସହଜ କରିବା ପାଇଁ ସିନିୟର ସିଟିଜେନ୍ ୱେବ୍ ପୋର୍ଟାଲ ଖୋଲାଯାଇଥିଲା। ଜଣେ ବରିଷ୍ଠ ନାଗରିକ ଥାନାକୁ ନ ଯାଇ ଘରେ ବସି ଅନ୍‌ଲାଇନ୍‌ରେ ଆବେଦନ କରୁଥିଲେ। ଯେଉଁଥି ପାଇଁ ସମୟ ଅପଚୟ ହେବ ନାହିଁ ଆଉ ତ୍ୱରିତ ଭାବରେ ପଞ୍ଜୀକରଣ ସିର୍ଟିଫିକେଟ ମିଳିବାର ବ୍ୟବସ୍ଥା ରହିଥିଲା। କିନ୍ତୁ ଏହି ୱେବ୍‌ସାଇଟ୍ ଅଚଳ ହେବା ପରେ ବରିଷ୍ଠ ନାଗରିକ ଥାନାକୁ ଯାଉଛନ୍ତି। କିନ୍ତୁ ଥାନାରେ ଥିବା ନୋଡାଲ ଅଫିସ୍‌ର ତାଙ୍କୁ ଜନସେବା କେନ୍ଦ୍ର ଯାଇ ଆବେଦନ କରିବାକୁ କହୁଛନ୍ତି। ବରିଷ୍ଠ ନାଗରିକ ଜନସେବା କେନ୍ଦ୍ରକୁ ଯିବା ପରେ ୱେବ୍‌ସାଇଟ୍ ଅଚଳ ହୋଇଥିବାରୁ ପୁଣି ଥାନାକୁ ଯାଉଛନ୍ତି। କିନ୍ତୁ ସେମାନେ ସେମାନଙ୍କୁ ଆଡୁ ସାଡୁ କହି ବିଦା କରି ଦେଉଛନ୍ତି। ନିୟକ ଅନୁସାରେ ବରିଷ୍ଠ ନାଗରିକ ୱେବ୍‌ସାଇଟ୍‌ରେ ନିଜର ତଥ୍ୟ ଦେଇ ପଞ୍ଜିକରଣ କରିବା ପରେ ଆବେଦନକାରୀ ନିଜର ଆଇଡି ଏବଂ ପାସ୍‌ୱାର୍ଡ ମାରି ନିଜର ସମସ୍ତ ଆବେଦନ ଦେଖିପାରିବେ। ଆବେଦନର ୧୫ ଦିନ ପରେ ସିନିୟର ସିଟିଜେନ୍‌ର ପୁଲିସ ଦେଉଥିବା ସାର୍ଟିଫିକେଟ୍ ଏବଂ ଅନ୍ୟାନ ପରିଚୟ ଲୋକାଲ ଥାନାରେ ପହଞ୍ଚିଯିବ। ଥାନାରେ ଥିବା ନୋଡାଲ ଅଫିସର ଆବେଦନ କରିଥିବା ସିନିୟର ସିଟିଜେନ୍‌ଙ୍କୁ ଫୋନ୍ କରି ଥାନାକୁ ଆସି ସିର୍ଟିଫିକେଟ୍ ନେବାକୁ କହିଥାନ୍ତି। ଯଦି ବରିଷ୍ଠ ନାଗରିକ ଥାନାକୁ ଆସିପାରିବା ଅବସ୍ଥାରେ ନାହାନ୍ତି, ତେବେ ଘରକୁ ଯାଇ ମଧ୍ୟ ନୋଡାଲ ଅଫିସର ଦେଇପାରିବେ। ତାଙ୍କ ସହ ଫଟୋ ଉଠାଇ କମିସନରେଟ୍ ପୁଲିସ ଅଫିସରେ ଥିବା ସେଲକୁ ପଠାଇ ପାରିବେ। କିନ୍ତୁ ଏବେ ଏହି ୱେବ୍‌ସାଇଟ୍ ଅଚଳ ହୋଇଯାଇଥିବାରୁ ବରିଷ୍ଠ ନାଗରିକ ଅବେଦନ କରିପାରୁନାହାନ୍ତି। ଆହୁରି ମଧ୍ୟ ପାସ୍‌ପୋର୍ଟ ଭେରିଫିକେସନ ପାଇଁ ପୁଲିସର ଏକ ଆପ୍ ଦିଆଯାଇଛି। ତାହା କାମ କରୁନ୍‌ଥିବାରୁ ଏକାଧିକ ଲୋକ ହଇରାଣ ହେଉଛନ୍ତି। ସେମାନେ ବିଦେଶ ଯିବା ପାଇଁ ପାସ୍‌ପୋର୍ଟ ଆବେଦନ କରୁଛନ୍ତି। ହେଲେ ପୁଲିସ ଭେରିଫିକେସନ ପାଇଁ ଥାନାକୁ ଗଲେ ଆପ୍ କାମ କରୁନି। କଲେ ହେଇଯିବ ବୋଲି କହି ଫେରାଇ ଦେଉଛନ୍ତି। ସେହିପରି ସହାୟଆପ୍ ମଧ୍ୟ କାମ କରୁନି। ଏଥିରେ ଲୋକେ ନିଜର ଅଭିଯୋଗ କରିପାରୁନଥିôବା ବେଳେ ଅଭିଯୋଗକାରୀମାନେ ନିଜ ଏତଲାକୁ ଡାଉନ୍‌ଲୋଡ୍ କରିପାରୁ ନାହାନ୍ତି। ସେହିପରି ଅପରାଧି ତଥ୍ୟ ପାଇଁ କୁଣ୍ଡଳୀ ଆପ୍ ଏବଂ ହୋଟେଲରେ ରହୁଥିବା ଲୋକଙ୍କ ତଥ୍ୟ ସରାଇ ଆପ୍ ମଧ୍ୟ ସଠିକ୍ ଭାବେ କାମ କରୁନି।



● ନିଖୋଜଙ୍କ ବାପା ଆଣିଲେ ସାଙ୍ଘାତିକ ଅଭିଯୋଗ

# 'ଟ୍ରାଫିକ୍ କନଷ୍ଟେବଳ ନିଖୋଜ ପଛରେ ପୁଲିସ ବାବୁ'

ଭୁବନେଶ୍ୱର, ୧୫।୯(ସମିସ): ଟ୍ରାଫିକ୍ କନ୍‌ଷ୍ଟେବଳ ଶୁଭମିତ୍ରା ନିଖୋଜ ହେବାକୁ ୧୦ ଦିନ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ ପୁଲିସ ଏବଂ ଡିସିପି ଗଠନ କରିଥିବା ସ୍ୱେଶାଲ ଟିମ୍ ମଧ୍ୟ ଏହାର ପତ୍ତା ପାଉନାହାନ୍ତି। ଶୁଭମିତ୍ରାଙ୍କ ବାପା ସିପିଙ୍କୁ ଭେଟି ନିଜର ଗୁହାରି କହିବା ସହ ପୁଲିସ ସଂଘକୁ ଭେଟି ଝିଅକୁ ଫେରାଇ ଆଣିବାକୁ ନିବେଦନ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନି। ସବୁଆଡୁ ନିରାଶ ହେବା ପରେ ଶୁଭମିତ୍ରାଙ୍କ ବାପା ସଂଗୀନ ଅଭିଯୋଗ ଆଣିଛନ୍ତି। ତାଙ୍କ ଝିଅକୁ ସିପି ଅଫିସର ଆକାଉଣ୍ଟ ସେକ୍ସନରେ କାମ କରୁଥିବା ଜଣେ କର୍ମଚାରୀଙ୍କ ହାତ ରହିଛି। ତେଣୁ ପୁଲିସ ଉକ୍ତ ବ୍ୟକ୍ତିଙ୍କୁ ତଦନ୍ତ ପରିସର ଭୁକ୍ତକୁ ନେଇ ପଚରାଉଚରା କଲେ ତାଙ୍କ ଝିଅର ପତ୍ତା ମିଳିବ ବୋଲି ତାଙ୍କ ବାପା କହିଛନ୍ତି। ଆହୁରି ମଧ୍ୟ ଉକ୍ତ କର୍ମଚାରୀ ଜଣଙ୍କର ତାଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା ଅଭିଯୋଗ ହୋଇଛି। ତେଣୁ ପୁଲିସ ତାଙ୍କ ଧରିଲେ ସବୁ ସତ ପଦାକୁ ଆସିବ ବୋଲି ସେ କହିଛନ୍ତି।

ଅନ୍ୟପଟରେ ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି ଉକ୍ତ କର୍ମଚାରୀଙ୍କ ଆକାଉଣ୍ଟରୁ ଶୁଭମିତ୍ରାଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାଞ୍ଜାକ୍‌ସନ ହୋଇଛି। ଏପରିକି ଯେଉଁଦିନ ସେ ନିଖୋଜ ହୋଇଥିଲେ, ସେହିଦିନ ସେମାନେ ଘଟଗାଁ ଏବଂ ପୁରୀ ବୁଲିବାକୁ ଯାଇଥିବା ଜଣାପଡ଼ିଛି। ବୁଲିକି ଆସିବା ପରେ ଶୁଭମିତ୍ରା ନିଖୋଜ ହୋଇଥିଲା। ପୁଲିସ ହୋଇ ନିଜ ମହିଳା ପୁଲିସ କର୍ମଚାରୀଙ୍କୁ ଖୋଜି ନପାଇବା ଘଟଣାକୁ ନିନ୍ଦା କରିଛନ୍ତି ପରିବାର ଓ ନିଖୋଜ ମହିଳା ଓ ଶିଶୁଙ୍କୁ ଉଦ୍ଧାର କରିବାକୁ ରାଜ୍ୟରେ ଚାଲିଛି ଅପରେସନ ଅନ୍ୱେଷଣ ଓ ମହିଳା କନଷ୍ଟେବଳଙ୍କୁ ଖୋଜି ବିଫଳ ପରେ, ପୁଲିସ ପୁରସ୍କାର ସହ ମାରିଛି ପୋଷ୍ଟର।

**ସିପି ଅଫିସର ଆକାଉଣ୍ଟ ସେକ୍ସନ ଜଣେ କର୍ମଚାରୀଙ୍କ ହାତ ଅଭିଯୋଗ**



ଦୁର୍ଗାପୂଜା ପୂର୍ବରୁ ମୃଣ୍ମୟ ପ୍ରତିମା ନିର୍ମାଣରେ ଲାଗିଛନ୍ତି ପୁରୁଣା ଭୁବନେଶ୍ୱର ଅଞ୍ଚଳର ଜଣେ କାରିଗର (ଫଟୋ: ଦୀପକ)

# ଚୋରିକରି ଖସିଯିବା ବେଳେ ଓଲଟିଲା ଅଟୋ

ଭୁବନେଶ୍ୱର, ୧୫।୯ (ସମିସ): ଚୋରି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ନୀଳକଣ୍ଠ ନଗରର ଏସକେ ଅବଦୁଲ କରିମ୍ (୨୭) ଓ ବେହେରା ସାହିର ଅମର ଦିଗାଲ (୨୩)।

ପୁଲିସ ସୂଚନାନୁସାରେ, କ୍ୟାପିଟାଲ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ମାଷ୍ଟରକ୍ୟାଣ୍ଟିନ ୟୁକୋ ବ୍ୟାଙ୍କ ଲେନ ନିକଟରେ ଏକ ଅଟୋ-ରିକ୍ସାରେ ଦୁଇ ଜଣ ଚୋରି ମୋବାଇଲ୍ ଫୋନ୍ ବିକ୍ରି କରିବାକୁ ଉଦ୍ୟମ କରୁଥିବା ଖବର ମିଳିଥିଲା। ପୁଲିସ ସେଠାରେ ପହଞ୍ଚିବା ପରେ ଦୁଇ ଜଣ ରାଜମହଲ ଆଡ଼କୁ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଅଭିଯୁକ୍ତମାନେ ଏସବିଆଇ ଲେନ୍ ଦେଇ ଯିବା ସମୟରେ ଅଟୋ ଓଲଟି ପଡ଼ିଥିଲା। ଫଳରେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ତଲାସି ସମୟରେ ଦୁଇ ଜଣଙ୍କ ଠାରୁ ୨ ମୋବାଇଲ ଫୋନ, ଅଟୋରୁ ଗୋଟିଏ ଫୋଲ୍ଡିଂ ଲୁହା ଷ୍ଟିକ୍, ଦୁଇଟି ଏଟିଏମ କାର୍ଡ ଜବତ କରାଯାଇଥିଲା। ସେମାନେ ମାଷ୍ଟରକ୍ୟାଣ୍ଟିନ୍ ନିକଟରୁ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିବା ସ୍ୱୀକାର କରିଥିଲେ। ଏନେଇ କ୍ୟାପିଟାଲ ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି। ପୂର୍ବରୁ ଏସକେ ଅବଦୁଲ୍ କରିମ୍ ନାମରେ ୭ଟି ଓ ଅମର ଦିଗାଲ ୬ ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

**ଦୁଇ ଗିରଫ; ମୋବାଇଲ, ଏଟିଏମ୍ କାର୍ଡ ଓ ଲୁହାଛଡ଼ ଜବତ**



# ମିଳିଲାନି ପରିଚୟ; ଶବକୁ ମାଟିରେ ପୋତିଲା ପୁଲିସ

ଭୁବନେଶ୍ୱର, ୧୫।୯(ସମିସ): ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ନିକଟ ଖେଳ ପଡ଼ିଆ ମଧ୍ୟରୁ ମିଳିଥିବା ମୃତଦେହର ଏଯାଏଁ ମିଳିଲାନି ପରିଚୟ। ଜନଗହଳିପୂର୍ଣ୍ଣ ସ୍ଥାନରେ ପୁଲିସ ପୋଷ୍ଟର ଲାଗିଛି। ଏପରିକି ଚିହ୍ନଟ କଲେ ପୁରସ୍କାର ରାଶି ଘୋଷଣା ମଧ୍ୟ ହୋଇଛି। କିନ୍ତୁ ମିଳିଲାନି ଯୁବକଙ୍କ ପରିଚୟ। ଶେଷରେ ପୁଲିସ ଯୁବକଙ୍କ ଏକାଧିକ ସାମ୍ପୁଲ ରଖିବା ପରେ ମୃତଦେହକୁ ସତ୍ୟନଗର ମଶାଣିରେ ପୋତି ଦେଇଛି। କାରଣ ଭବିଷ୍ୟତରେ ଯଦି ଯୁବକଙ୍କ ପରିଚୟ ମିଳେ ପୁଲିସ ମାଟିଖୋଳି ମଧ୍ୟ କଙ୍କାଳ କାଢି ପାରିବ। ଫଳରେ ଡିଏନ୍‌ଏ ଏବଂ ଅନ୍ୟାନ୍ୟ ପରୀକ୍ଷା ହୋଇପାରିବ। ମୃତଦେହ ନିକଟରୁ ମିଳିଥିବା ବେଲ୍ଟ, ଘଣ୍ଟା, ରୁମାଲର ଫଟୋ ସାର୍ବଜନୀନ ହୋଇଛି। ହତ୍ୟା ମାମଲା ରୁଜୁ ହେବାର ୪ ଦିନ ବା ୯୬ ଘଣ୍ଟା ପର୍ଯ୍ୟନ୍ତ ମୃତଦେହର କେହି ଦାବିଦାର ନମିବାରୁ ଶେଷରେ ପୁଲିସ ସତ୍କାର କରିଛି। ଅନ୍ୟପଟେ କେହି ଅନ୍ୟ ସ୍ଥାନରେ ହତ୍ୟା କରି ସେହି ସ୍ଥାନରେ ଆଣି ମୃତଦେହ ପକାଇଥିବା ସନ୍ଦେହ କରାଯାଉଛି।

# ଅଭିଯୋଗକାରୀଙ୍କୁ ହାଣିଲା ଜେଲ୍ ଫେରନ୍ତା

ଭୁବନେଶ୍ୱର, ୧୫।୯ (ସମିସ): ପାର୍ବଣ ପୂର୍ବରୁ ରାଜଧାନୀରେ ଆତଙ୍କ ଖେଳାଇଛି ଜେଲ୍ ଫେରନ୍ତା। ଗାଡ଼ି ଚୋରି ମାମଲାରେ ଗିରଫ ହୋଇ ଜେଲରୁ ଫେରିବା ବେଳେ ଅଭିଯୋଗକାରୀଙ୍କୁ ହାଣିଛି। ଭବାନୀ ମଲ୍ ନିକଟରେ ଏଭଳି ଘଟଣା ଘଟିଥିବା ବେଳେ ୩ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଶାନ୍ତିପଲ୍ଲୀ ବସ୍ତିର ଜଗା ଓରଫ୍ ଜଗା (୨୮), ବିକାଶ ସେଠୀ ଓରଫ୍ ବାବାଜୀ (୨୦) ଓ ବିକି ସେଠୀ ଓରଫ୍ ବଳିଆ (୨୦)।

ପୁଲିସ ସୂଚନା ଅନୁସାରେ, ୨୦୨୦ ମସିହାରେ ସ୍ୱୟମ ନାୟକ ଓରଫ୍ ଗୁଲସନଙ୍କର ଗାଡ଼ି ଚୋରି ମାମଲାରେ ସହିଦନଗର ଥାନା ପୁଲିସ ରାଜାକୁ ଗିରଫ କରିଥିଲା। ସେବେଠାରୁ ରାଜା ପ୍ରତିଶୋଧ ପରାୟଣ ହୋଇ ଗୁଲସନଙ୍କୁ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରିଥିଲା। ଗତ ଶନିବାର ରାତି ପ୍ରାୟ ୧୦ଟାରେ ଗୁଲସନ ଯାଉଥିବା ବେଳେ ରାଜା, ହାପି, ଭିକି, ପାପୁନି, ବିକାଶ ଓ ପ୍ରକାଶ ତାଙ୍କୁ ଭବାନୀ ମଲ୍ ନିକଟସ୍ଥ ଓମଫେଡରେ ଅଟକାଇଥିଲେ। ସେମାନେ ତାଙ୍କୁ ଗାଳିଗୁଲଜ ଓ ଠେଲାପେଲି କରିଥିଲେ। ଗୁଲସନ ପ୍ରତିରୋଧ କରିବାରୁ ରାଜା ତାଙ୍କ ପେଟ ଓ ଜଙ୍ଘରେ ଛୁରାମାଡ କରିଥିବା ବେଳେ ହାପି ଆଉଏକ ଛୁରିରେ ତାଙ୍କ ଜଙ୍ଘକୁ ଆକ୍ରମଣ କରିଥିଲା। ସେ ନେହୁରା ହେଉଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଛୁରାମାଡ଼ ସହ ପାଇପରେ ଆକ୍ରମଣ କରିଥିଲେ। ଗୁଲସନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯିବା ପରେ ମୃତ ହୋଇଥିବା ଭାବି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଗୁଲସନଙ୍କ ବାପା ଗୋପାଳ ଚନ୍ଦ୍ର ନାୟକଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ପ୍ରକାଶ ମୁଦୁଲି ଓରଫ ଜଗା ତା'ର କାରରେ ରାଜା ଓ ହାପିକୁ ଘଟଣାସ୍ଥଳରୁ ନେଇ ପୁରୀ ଜିଲ୍ଲାକୁ ଯିବାରେ ସାହାଯ୍ୟ କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଆଜି ପୁଲିସ ଜଗା, ବିକାଶ ଓ ବିକିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ହେପାଜତରୁ ଅପରାଧରେ ଛୁରି, ପାଇପ୍ ବ୍ୟବହୃତ ଗାଡ଼ି ଜବତ କରାଯାଇଥିଲା। ଗୁଲସନଙ୍କ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।




**ସାମାଜିକ ସୁରକ୍ଷା ଦାବି**

# ବିଏମ୍‌ସି ଅଫିସ ଘେରିଲେ ସଫେଇ କର୍ମଚାରୀ

ଭୁବନେଶ୍ୱର, ୧୫।୯(ସମିସ): ବିଏମ୍‌ସିରେ ଠିକା ସଂସ୍ଥା ଅଧୀନରେ ଥିବା କର୍ମଚାରୀମାନଙ୍କ ସାମାଜିକ ସୁରକ୍ଷା ବୋଲି କିଛି ନାହିଁ। ସେମାନଙ୍କୁ ଠିକା କମ୍ପାନୀମାନେ କୌଣସି ସାମାଜିକ ସୁରକ୍ଷା ପ୍ରଦାନ କରୁ ନାହାନ୍ତି। ଏନେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ହେଁ ସେମାନେ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାର ପ୍ରତିବାଦରେ ସୋମବାର ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଭୁବନେଶ୍ୱର ମୁନିସିପାଲିଟି ସଫେଇ ମଜଦୁର ସଂଘ ପକ୍ଷରୁ ୪ଦଫା ଦାବି ନେଇ ବିଏମ୍‌ସି ମୁଖ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା।

ସହରରେ ସ୍ୱଚ୍ଛତା ରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ସଫେଇ କର୍ମଚାରୀମାନଙ୍କୁ ସେମାନଙ୍କ ନାଯ୍ୟ ଦାବି ପ୍ରଦାନ କରାଯାଉନାହିଁ। ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ୱାର୍ଡରେ ବର୍ଷବର୍ଷ ଧରି ଏମାନେ ସଫେଇ କରୁଛନ୍ତି। ପ୍ରତ୍ୟେକ ସଫେଇ କର୍ମଚାରୀଙ୍କୁ ୨୦ପ୍ରତିଶତ ବୋନସ ପ୍ରଦାନ, କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ଓ ୧ବର୍ଷର ସାଲାରୀ ସ୍ଲିପ୍ ପ୍ରଦାନ, ସେମାନଙ୍କୁ ସୁରକ୍ଷା ଉପକରଣ ଦିଆଯିବା ଏବଂ ସମସ୍ତ ସଫେଇ କର୍ମଚାରୀଙ୍କୁ କାର୍ଯ୍ୟ ଆରମ୍ଭଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦରମାରୁ କଟିଥିବା ଇପିଏଫ୍ ଟଙ୍କା ପୈଠ କରାଯାଉ ଓ ଇଏସ୍‌ଆଇ କାର୍ଡ ପ୍ରଦାନ କରାଯାଉ ବୋଲି ଦାବି କରାଯାଇଥିଲା। ତେବେ ଦାବି ପୂରଣ ନେଇ ପ୍ରତିଶ୍ରୁତି ପାଇବା ପରେ ସଫେଇ କର୍ମଚାରୀମାନେ ଧାରଣାରୁ ଉଠିବା ସହିତ ଆନ୍ଦୋଳନ କରିବେ ନାହିଁ ବୋଲି ସୂଚନା ଦେଇଛନ୍ତି।

ଏନେଇ ବିଏମ୍‌ସିର ଡେପୁଟି କମିସନର (ପରିମଳ) ଏନ୍. ଗଣେଶ ବାବୁ କହିଛନ୍ତି, ସଫେଇ କର୍ମଚାରୀମାନଙ୍କ ଦାବି ନେଇ ସେମାନଙ୍କ ସହ ଆଲୋଚନା ହୋଇଛି। ଏଜେନ୍ସିମାନେ ସେମାନଙ୍କୁ ଇଏସ୍‌ଆଇ, ଇପିଏଫ୍ ପ୍ରଦାନ କରୁନାହାନ୍ତି ବୋଲି ସେମାନେ ଦାବି କରିଥିଲେ। ଏନେଇ ବିଏମସି ପକ୍ଷରୁ ଏଜେନ୍ସି ସହିତ ଆଲୋଚନା ହୋଇଛି। ସେହିପରି ଦଶହରା ବୋନସ୍ ପ୍ରଦାନ କରିବା, ନିୟମିତ ଭାବେ ସାଲାରୀ ସ୍ଲିପ୍ ପ୍ରଦାନ କରିବା ଆଦି ନେଇ କର୍ମଚାରୀମାନେ ଦାବି ରଖିଥିଲେ। ଏଜେନ୍ସି ସହ ଏ ସମ୍ପର୍କରେ ଆଲୋଚନା ହେବା ସହିତ ୧୫ଦିନ ମଧ୍ୟରେ ଇଏସ୍‌ଆଇ, ଇପିଏଫ୍ ଷ୍ଟେଟ୍‌ମେଣ୍ଟ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୭.୦୯.୨୦୨୫
(ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,
ଡଃ ବୁଦ୍ଧ ଦେବ ମିଶ୍ର

**ବେଆଇନ୍ ପାର୍କିଂ ଫି' ଆଦାୟ**

# ମଲ୍‌ଗୁଡ଼ିକରେ ନିୟମିତ ଉତ୍ତେଜନା, ପାଟିତୁଣ୍ଡ

- ପାର୍କିଂ ଫି'ଛାଡ଼ କରିବାକୁ ବିଏମ୍‌ସି କରିବ ଆଲୋଚନା
- ଟାଉନ୍ ପ୍ଲାନର ପ୍ରସ୍ତୁତ କରିବେ ସର୍କୁଲାର

ଭୁବନେଶ୍ୱର, ୧୫।୯(ସମିସ): ପାର୍କିଂ ଫି ଆଦାୟକୁ ନେଇ ବିଭିନ୍ନ ମଲରେ ଏବେ କିଛିଦିନ ଧରି ନିୟମିତ ଉତ୍ତେଜନା ଦେଖା ଦେଲାଣି। ପାର୍କିଂ ଫିକୁ ବେଆଇନ୍ କହି ଗ୍ରାହକ ଟଙ୍କା ଦେବାକୁ ଅମଙ୍ଗ ହେଉଥିଲା ବେଳେ ମଲ କର୍ମଚାରୀ ଜୁଲମ୍ କରି ଆଦାୟ କରୁଛନ୍ତି। ଏହାକୁ ନେଇ ପାର୍କିଂସ୍ଥଳରେ ନିୟମିତ ଉତ୍ତେଜନା ଦେଖାଦେଉଛି। ପ୍ରତ୍ୟେକ ଦିନ ଗ୍ରାହକ ଏବଂ କର୍ମଚାରୀ କଥା କଟାକଟି ହେଉଛନ୍ତି।

ଏଭଳି ବେଆଇନ୍ ବ୍ୟବସ୍ଥାକୁ ଅନେକ ଗ୍ରାହକ ବାରମ୍ବାର ପ୍ରଶ୍ନ କରୁଛନ୍ତି। ବିଡିଏ ମଲ୍ ପାର୍କିଂ ପାଇଁ ଟଙ୍କା ନେବାକୁ ବାରଣ କରିଥିଲା। ଏହାକୁ ନେଇ ଏକ ସର୍କୁଲାର ମଧ୍ୟ ଜାରି ହୋଇଥିଲା। ଏହା ସତ୍ତ୍ୱେ କିପରି ମଲ୍ କର୍ତ୍ତୃପକ୍ଷ ପାର୍କିଂ ଫ୍ୟାସିଲିଟେସନ ଫି ଆଦାୟ କରୁଛନ୍ତି ବୋଲି ସିଧାସଳଖ ପ୍ରଶ୍ନ କରୁଛନ୍ତି।

ସୋମବାର ଠାରୁ ବିଏମ୍‌ସିର ଉତ୍ତର ପୂର୍ବ ଜୋନରେ ଥିବା ଏକ ବଡ଼ ମଲ୍‌ରେ ପାର୍କିଂ ଫି ଆଦାୟ ହେଲା। ପାର୍କିଂ ପାଇଁ ପ୍ରତ୍ୟେକ କାର୍ ଚାଳକଙ୍କ ଠାରୁ ସେମାନେ ୨୦ ଟଙ୍କା ଆଦାୟ କରୁଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତ୍ରୀବ ଅସନ୍ତୋଷ ଦେଖାଦେଲା। ଜଣେ ବ୍ୟକ୍ତି ପାର୍କିଂ ଫି ଦେବନି ବୋଲି କହିବାରୁ ସମସ୍ତେ ଏଥିରେ ଅଡି ବସିଥିଲେ। କାର୍‌ଗୁଡ଼ିକ ଲମ୍ବା ଧାଡ଼ିରେ ଛିଡା ହୋଇଥିଲେ ମଧ୍ୟ ଜଣେ ବି କେହି ପାର୍କିଂ ଫି ଦେଇ ନ ଥିଲେ। କେଉଁ ନିୟମରେ ପାର୍କିଂ ଫି ଆଦାୟ ହେଉଛି ବୋଲି ପାଲଟା ପ୍ରଶ୍ନ କରିଥିଲେ। ବିଏମ୍‌ସି ପାର୍କିଂ ଫି ଆଦାୟ କରିବାକୁ ଅନୁମତି ଦେଇଛି ବୋଲି ମଲ୍ କର୍ମଚାରୀ କହିବାରୁ ଲୋକେ ଏସଂକ୍ରାନ୍ତ କାଗଜ ଦେଖାଇବାକୁ ପ୍ରଶ୍ନ କରିଥିଲେ। ହେଲେ ମଲ୍ କର୍ମଚାରୀ କାଗଜ ନ ଦେଖାଇ ପାରିବାରୁ ଶେଷରେ ସମସ୍ତଙ୍କୁ ଟଙ୍କା ଫେରାଇବାକୁ ବାଧ ହୋଇଥିଲେ। ଅଧିକାଂଶ ମଲ୍‌ରେ ସମାନ ସ୍ଥିତି ଲାଗି ରହିଥିଲେ ମଧ୍ୟ ବିଏମ୍‌ସି ହାତକୁ ହାତ ବାନ୍ଧି ବସିବା ରାଜଧାନୀବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।

ଅନ୍ୟପକ୍ଷରେ ରାଜଧାନୀରେ ମଲ୍‌ଗୁଡ଼ିକ ପାର୍କିଂ ଫି ଆଦାୟକୁ ବିଏମ୍‌ସି ବେଆଇନ୍ ବୋଲି କହୁଛି। ହେଲେ ମଲ୍ କର୍ମଚାରୀଙ୍କ ଫି ଆଦାୟ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେଇଚାଲିଛି। ମଲ୍ ମାଲିକ ପାର୍କିଂ ଫି ଆଦାୟ କରି ଚାଲିଛନ୍ତି ଲୋକେ ଟଙ୍କା ଗଣି ଚାଲିଛନ୍ତି। ଏସମ୍ପର୍କରେ ବିଏମ୍‌ସି ପାର୍କିଂ ଉପବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି କାର୍ଯ୍ୟାଳୟରେ ମାଲ୍ ମାନଙ୍କରେ ପାର୍କିଂ ଫି ଆଦାୟକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ଏଟିପି (ଆସିସ୍‌ଷ୍ଟାଣ୍ଟ ଟାଉନ୍ ପ୍ଲାନର)ଙ୍କ ମତାମତ ଲୋଡାଯାଇଥିଲା। ତେବେ ବିଏମ୍‌ସି ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ପାର୍କିଂ ଫି ଆଦୟ ହେବନି। କିନ୍ତୁ ଯେଉଁମାନେ ମଲ୍‌ର ପାର୍କିଂକୁ ଅପବ୍ୟବହାର କରୁଛନ୍ତି ସେମାନଙ୍କ ଉପରେ କଟକଣା ଲଗାଇବାକୁ ମଲ୍ ଗୁଡ଼ିକୁ ଅନୁମତି ଦିଆଯିବ। ଦୁଇ ଦିନ ମଧ୍ୟରେ ସମସ୍ତ ମଲ୍‌ର କର୍ତ୍ତୃପକ୍ଷଙ୍କୁ ବିଏମ୍‌ସି କାର୍ଯ୍ୟାଳୟକୁ ଡକାଯିବ। ସେଠାରେ ପାର୍କିଂ ଫି ଆଦାୟ ନ କରିବାକୁ କୁହାଯିବ। ତେବେ ମଲ୍‌ଗୁଡ଼ିକ ସମୟ ଅନୁବନ୍ଧିତ ପାର୍କିଂ କରି ପାରିବା ଉପରେ ଆଲୋଚନା ହୋଇପାରେ। ଏନେଇ ଏକ ସର୍କୁଲାର ମଧ୍ୟ ଜାରି କରାଯାଇ ପାରେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପାର୍କିଂ ଫିକୁ ନେଇ ବହୁ ହଙ୍ଗାମା ପରେ ୨୦୧୯ ମସିହାରୁ ରାଜଧାନୀର ମଲ୍‌ଗୁଡ଼ିକରେ ଫି ଆଦାୟ ବନ୍ଦ ରହିଥିଲା। ମଲ୍ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକର ପାର୍କିଂ ଫି ଆଦାୟକୁ ଅବୈଧ ଦର୍ଶାଇ ବିଡ଼ିଏ ଏକ ସର୍କୁଲାର ଜାରି କଲା। ଏହାପରେ ଭୁବନେଶ୍ୱରର କୌଣସି ମଲ୍‌ରେ ଆଉ ପାର୍କିଂ ଫି ଆଦାୟ ହେଲା ନାହିଁ। ହେଲେ ମଲ୍ ମାଲିକ ମାନେ ୯ ଦିନ ହେବ ନୂଆ ଢଙ୍ଗରେ ପାର୍କିଂ ଫି ଆଦାୟ କରୁଛନ୍ତି। ପାର୍କିଂ ଚାର୍ଜ ବଦଳରେ 'ପାର୍କିଂ ଫ୍ୟାସିଲିଟେସନ ଚାର୍ଜ' ଲେଖି ପୁରୁଣା ବ୍ୟବସାୟକୁ ଫେରିଛନ୍ତି। ମାତ୍ର ଗୋଟିଏ ଇଂରାଜୀ ଶବ୍ଦ 'ଫ୍ୟାସିଲିଟେସନ' ଲେଖି ମଲ୍ କର୍ତ୍ତୃପକ୍ଷ ବିଡିଏର ସବୁ କଟକଣା ବଦଳାଇ ଦେଲେଣି। ପ୍ରାୟ ସମସ୍ତ ମଲ୍ ଏବେ ପାର୍କିଂ ଫି ଆଦାୟ କରୁଛନ୍ତି।

ରୋଟାରିଆନ
ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି !



ଗତ ତା ୧୪.୦୯.୨୦୨୫ ରିଖରେ ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ଭବ୍ୟ ସମାରୋହ୍‌ରେ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି । ଶ୍ରୀ ବିଶ୍ୱାଳ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗପତି । ସେହିପରି ସେ ଜଣେ ଉତ୍ସାହୀ ସମାଜସେବୀ । ସାମାଜିକ ଉତ୍ଥାନ ଦିଗରେ ସେ ସତ ଚେଷ୍ଟିତ । କୋଭିଡ ମହାମାରୀ ସମୟରେ ବସ୍ତିରେ ତାଙ୍କର ରନ୍ଧାଖାଦ୍ୟ ବାଣ୍ଟିବା ପ୍ରଂଶସନୀୟ । ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସଦାସର୍ବଦା ଲିପ୍ତ । ତାଙ୍କ ପାଇଁ ଆଜି ଆମ ଓଡ଼ିଶା ରାଜ୍ୟ ଗର୍ବିତ।

# ଶ୍ରୀକ୍ଷେତ୍ର ସିଟି

୧୫/୯/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୧୯,୨୨୬/- ସୁନା: ୦୪.୪୫୦ ଗ୍ରାମ୍ ରୁପା: ୬୬.୬୦୦ ଗ୍ରାମ୍



## ଖଣ୍ଡା ଦେଖାଇ ଦାଦାବଟି ଆଦାୟ; ଅଭିଯୁକ୍ତ ଗିରଫ

ପୁରୀ,୧୫।୯ (ସମିସ): ଖଣ୍ଡା ଦେଖାଇ ଦାଦାବଟି ଆଦାୟବେଳେ ପୁଲିସ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ୱାଟର ୱାର୍କ୍ସ ରୋଡ୍ ସାଲଗେ ସାହିର ଗୁଡୁ ଜାଲି (୨୫)। ଅଭିଯୋଗ ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଜଣେ ଯୁବକ ଓଡ଼ିଶା ବେକେରୀ ଛକରେ ଖଣ୍ଡା ଦେଖାଇ ଦାଦାବଟି ଆଦାୟ କରୁଥିବା ପୁଲିସ ନିକଟରେ ଖବର ପହଞ୍ଚିଥିଲା। ସଙ୍ଗେ ସଙ୍ଗେ ପୁଲିସ କର୍ମଚାରୀ ସେଠାରେ ଚଢ଼ଉ କରି ଅଭିଯୁକ୍ତ ଗୁଡୁଙ୍କୁ କାବୁ କରିଥିଲେ। ତା' ନିକଟରୁ ପୁଲିସ ଖଣ୍ଡା ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୨୬୨/୨୫) ରୁଜୁ କରାଯାଇଥିବା ବେଳେ ମଙ୍ଗଳବାର ତାକୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ କହିଛି।

## ୪ ମୋବାଇଲ୍ ଜବତ, ଅଭିଯୁକ୍ତ ଗିରଫ

ପୁରୀ,୧୫।୯ (ସମିସ): ଟ୍ରେନ୍‌ରେ ଯାତ୍ରୀଙ୍କ ମୋବାଇଲ୍ ଚୋରି କରୁଥିବା ଅଭିଯୁକ୍ତକୁ ଗିରଫ କରିଛି ଜିଆର୍‌ପି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଞ୍ଜାମ ଜିଲ୍ଲା ପାଟାପୁର ଥାନା ବୁଡୁକି ଗ୍ରାମର ତାରାକାନ୍ତ ମହାରଣା। ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଜଣେ ଯୁବକ ପୁରୀ ରେଳ ଷ୍ଟେସନର ୩ ନମ୍ବର ପ୍ଲାଟ୍‌ଫର୍ମ ଶେଷ ଭାଗରେ ବସିଥିବାବେଳେ ସେ କିଛି ମୋବାଇଲ୍ ଫୋନ୍ ଧରିଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା। ସଙ୍ଗେ ସଙ୍ଗେ ଜିଆର୍‌ପି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସକୁ ଦେଖି ଯୁବକ ଜଣକ ଏକ ଅନ୍ଧାରିଆ ଅଞ୍ଚଳକୁ ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ଜିଆର୍‌ପି ଟିମ୍ ସଫଳତାର ସହ ଯୁବକକୁ କାବୁ କରିଥିଲା। ପଚରାଉଚରେ ପରେ ସେ ନିଜ ପରିଚୟ ଦେଇଥିଲେ। ତାଙ୍କ ପାଖରୁ ତଲାସି କରିବା ପରେ ୨ଟି ଓପୋ, ଗୋଟିଏ ଭିଭୋ ଏବଂ ଗୋଟିଏ ଆଇଫୋନ୍ ଜବତ କରିଥିଲା ପୁଲିସ। ଟ୍ରେନ୍ ଯାତ୍ରୀମାନଙ୍କଠାରୁ ଏହି ମୋବାଇଲ୍ ଫୋନ୍ ଚୋରି କରିଥିବା ଅଭିଯୁକ୍ତ ସ୍ୱୀକାର କରିଥିଲା। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ପାର୍କିଂରେ ଶୋଷଣ

# ବାଇକ୍ ଫି' ୨୦ ଟଙ୍କା; ପର୍ଯ୍ୟଟକଙ୍କ ନାପସନ୍ଦ

ପୁରୀ,୧୫।୯ (ସମିସ)

ପୁରୀରେ ବିଭିନ୍ନ ଉପାୟରେ ପର୍ଯ୍ୟଟକଙ୍କୁ ଶୋଷଣ କରାଯାଉଛି। ଦୂରଦୂରାନ୍ତରୁ ଆସୁଥିବା ଭକ୍ତ, ପର୍ଯ୍ୟଟକ ଯଦିଓ ମୁହଁ ଖୋଲିବାକୁ ସାହସ କରନ୍ତିନାହିଁ ତେଣୁ ଏହାର ସୁଯୋଗ ନିଅନ୍ତି ଶୋଷଣକାରୀ। ସେମାନେ ଅଧିକ ମାତ୍ରାରେ ଶୋଷଣ କରିଥା'ନ୍ତି। ଯେମିତି ନୀଳାଦ୍ରି ପାର୍କକୁ ବୁଲିଯାଉଥିବା ପର୍ଯ୍ୟଟକ ଏପରିକି ସହରବାସୀଙ୍କୁ ମଧ୍ୟ ଏକପ୍ରକାର ଆର୍ଥିକ ଶୋଷଣ କରାଯାଉଛି। ଏଠାରେ ବାଇକ୍ ପାର୍କିଂ ପାଇଁ ନିଆଯାଉଛି ୨୦ ଟଙ୍କା। ପାର୍କ ଖୋଲିବା ପରଠାରୁ ଏଠାରେ ମାଗଣାରେ ଗାଡ଼ି ରଖିପାରୁଥିଲେ ପର୍ଯ୍ୟଟକ। ପରେ ୧୦ ଟଙ୍କା ନିଆଯାଉଥିବା ବେଳେ ଏବେ ୨୦ଟଙ୍କା ଆଦାୟ କରାଯାଉଛି। ଫଳରେ ପୁରୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏହାକୁ ନାପସନ୍ଦ କରିଥିବାବେଳେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି।

ପର୍ଯ୍ୟଟକଙ୍କ ମନୋରଞ୍ଜନ ନିମନ୍ତେ ପ୍ରଶାସନ ପକ୍ଷରୁ ପୁରୀ ବେଳାଭୂମିକୁ ଲଗାଇ ନୀଳାଦ୍ରି ପାର୍କ ପ୍ରତିଷ୍ଠା କରାଯାଇଛି। ଚକ୍ରତୀର୍ଥ ଅଞ୍ଚଳରେ ପ୍ରତିଷ୍ଠିତ ଏହି ପାର୍କରେ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ହେଉଛି। ଏହା ପରିସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ କାହାଣୀକୁ ନେଇ ପଥରରେ ଆକର୍ଷଣୀୟ ଖୋଦେଇ କରାଯାଇଛି। ସେହିପରି ଦୂରଦୂରାନ୍ତରୁ ପୁରୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଏହା ପରିସରରେ ସମୟ କଟାନ୍ତି। ବେଳାଭୂମିକୁ ବୁଲି ଯାଉଥିବା ପର୍ଯ୍ୟଟକଙ୍କର ମଧ୍ୟ ଏହି ପାର୍କ ପ୍ରତି ରହିଛି ବିଶେଷ ଆଗ୍ରହ। ପୁରୀବାସୀ ମଧ୍ୟ ସକାଳେ ଏବଂ ସନ୍ଧ୍ୟାରେ ଏହି ପାର୍କରେ ଭ୍ରମଣ କରିଥା'ନ୍ତି। ତେଣୁ ଏହି ମନୋରମ ପାର୍କରେ ଅଧିକାଂଶ ସମୟ ଗହଳିଚହଳି ଲାଗେ। ହେଲେ ପରିତାପର ବିଷୟ ହେଉଛି ଯଦି ଏଠାକୁ କେହି କାର୍ କିମ୍ବା ଦୁଇଚକିଆ ଗାଡ଼ିରେ ଆସୁଛନ୍ତି ତେବେ ସେମାନଙ୍କୁ ପାର୍କିଂ ପାଇଁ ଏକପ୍ରକାର ଶୋଷଣ କରାଯାଉଛି। ଆରମ୍ଭରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପ୍ରଶାସନ ପକ୍ଷରୁ ଏହି ପାର୍କର ପାର୍କିଂସ୍ଥଳକୁ ଦେୟମୁକ୍ତ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପୌରସଂସ୍ଥା ବାଇକ୍ ପିଛା ୧୦ ଟଙ୍କା ଆଦାୟ କରିଥିଲା। ଏବେ ଏଠାରେ ବାଇକ୍ ପିଛା ୨୦ ଟଙ୍କା ନିଆଯାଉଛି।

ରବିବାର ଭୁବନେଶ୍ୱରର ସନ୍ଦୀପ ମହାନ୍ତି ତାଙ୍କର ଦୁଇଜଣ ସାଙ୍ଗ ନୀଳାଦ୍ରି ପାର୍କ ବୁଲିବାକୁ ଯାଇଥିଲେ। ସେମାନେ ୨ଟି ବାଇକ୍‌ରେ ଯାଇଥିବାବେଳେ ଗାଡ଼ି ପାର୍କିଂ ସମୟରେ ଜଣେ ଯୁବକ ୨ଟି ରସିଦ୍ ବଢ଼ାଇ ଦେଇ ୪୦ ଟଙ୍କା ଦେବାକୁ କହିଥିଲେ। ହେଲେ ଏହା ତ ଦେୟମୁକ୍ତ ଥିଲା। ହଠାତ୍ ୨୦ ଟଙ୍କା ଫି' କ'ଣ ପାଇଁ ଆଦାୟ କରାଯାଉଛି ବୋଲି ପଚାରିବାରୁ ସମ୍ପୃକ୍ତ ଯୁବକ ଯୁକ୍ତି କରିଥିଲେ। ସନ୍ଦୀପ ୪୦ ଟଙ୍କା ଦେଇ ଆସିଥିଲେ। ଶ୍ରୀ ମହାନ୍ତି ଏ ସମ୍ପର୍କରେ ପଚାରିବାରୁ ପୌରସଂସ୍ଥା ଆମକୁ ପାର୍କିଂ ଫି' ଆଦାୟ କରିବାକୁ ଅନୁମତି ଦେଇଛି ବୋଲି ସମ୍ପୃକ୍ତ ବ୍ୟକ୍ତି କହିଥିଲେ। ଏହା କେବଳ ଶ୍ରୀ ମହାନ୍ତିଙ୍କ ସହ ଘଟି ନାହିଁ, ଦୀର୍ଘଦିନ ହେବ ପାର୍କକୁ ବୁଲିବାକୁ ଯାଉଥିବା ପର୍ଯ୍ୟଟକ ଏବଂ ସହରବାସୀଙ୍କ ସହ ଘଟୁଛି। ପାର୍କିଂ କରି ଏକପ୍ରକାର ଶୋଷଣର ଶିକାର ହେଉଥିବା ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କୁ ପଚାରିବାରେ ପୂର୍ବରୁ ୧୦ ଟଙ୍କା ନିଆଯାଉଥିଲା ଏବେ ୨୦ ଟଙ୍କା କରାଯାଇଛି। ପାର୍କିଂ ଫି' ଚାର୍ଟ ମରାଯିବ। ତେବେ ପର୍ଯ୍ୟଟକଙ୍କ ଅସନ୍ତୋଷ ନେଇ ବିଚାର କରାଯିବ ବୋଲି କହିଛନ୍ତି।

## ସେବା ଓ ପରୋପକାରର ପ୍ରତୀକ ମୁରାରୀ ତ୍ରିପାଠୀ

ପୁରୀ,୧୫।୯ (ସମିସ): ପରୋପକାର, ସେବା ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସ୍ୱର୍ଗତ ମୁରାରୀ ତ୍ରିପାଠୀ। ପୁରୀ ସେବା ସମିତିର ପ୍ରତିଷ୍ଠାତା ଉତ୍କଳମଣି ଗୋପବନ୍ଧୁଙ୍କ ସେ ଉପଯୁକ୍ତ ଦାୟାଦ ଭାବେ ସମିତିକୁ ସେବାର ଶୀର୍ଷ ସୋପାନରେ ପହଞ୍ଚାଇଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ମୁରାରୀ ତ୍ରିପାଠୀଙ୍କ ୫୯ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉପଜିଲ୍ଲାପାଳ ରାଜ କିଶୋର ଜେନା ବିନା ସ୍ୱାର୍ଥରେ କାହାକୁ କ୍ଷତି ବା କଷ୍ଟ ନ ପହଞ୍ଚାଇ ଯେଉଁ ସେବା କରାଯାଏ ତାହା ଅନନ୍ୟ ଓ ଅନ୍ୟମାନଙ୍କ ପ୍ରତି ପ୍ରେରଣା। ସ୍ୱର୍ଗତ ମୁରାରୀ ତ୍ରିପାଠୀ ଏହିଭଳି ସେବା ପ୍ରଦାନ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଛନ୍ତି। ତାଙ୍କ ପଦାଙ୍କ ଅନୁସରଣ ପାଇଁ ସେ ଅନୁରୋଧ କରିଥିଲେ। ପୁରୀ ସେବା ସମିତିର ସଭାପତି ହିମାଂଶୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର, ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ପ୍ରଫେସର ନନ୍ଦିଘୋଷ ମିଶ୍ର ପ୍ରମୁଖ ମୁରାରୀ ତ୍ରିପାଠୀ ଜଣେ ବହୁମୁଖୀ ପ୍ରତିଭା ଓ ସେବା ପ୍ରଦାନ କ୍ଷେତ୍ରରେ ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିଥିବ ବୋଲି କହିଥିଲେ। ଏହି ଅବସରରେ ଅଜୟ ପ୍ରଧାନଙ୍କୁ ମୁରାରୀ ସମ୍ମାନ ଏବଂ ଅଭିଷେକ ରଥ, ବିଶ୍ୱ ରଞ୍ଜନ ରଥଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସମିତିର ସଂଯୋଜକ ସୌମେନ୍ଦ୍ର ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ସମିତିର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ସମିତି ସମ୍ପାଦକ ରବୀନ୍ଦ୍ର ନାଥ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ରାକେଶ ବାରିକ, ନରେଶ ସାହୁ, ଅଂଶୁଜିତ ମହାପାତ୍ର, ବାସୁଦେବ ସେନାପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବୁଲା ଗୋରୁଙ୍କ ପାଇଁ ଚିନ୍ତା

# ନିମାପଡ଼ା-ଚାରିଛକ ରାସ୍ତା ଅବରୋଧ




ନିମାପଡ଼ା,୧୫।୯ (ସମିସ): ନିମାପଡ଼ା କୃଷକ ମୋର୍ଚ୍ଚା ତରଫରୁ ସୋମବାର ନିମାପଡ଼ା-ଚାରିଛକ ମୁଖ୍ୟ ରାସ୍ତାର ଆମ୍ବୋର ଛକ ନିକଟରେ ଶତାଧିକ ଚାଷୀ ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକ କରିଥିଲେ। ପ୍ରକାଶ ଯେ, ଅଞ୍ଚଳର ଚାଷୀମାନେ ପରିବାର ପ୍ରତିପୋଷଣ ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷ କାର୍ଯ୍ୟ କରୁଛନ୍ତି। ମାତ୍ର ଗତ କିଛିଦିନ ହେବ ରାସ୍ତାରେ ବୁଲୁଥିବା ଗାଈ-ବାଛୁରୀ ସବୁ ଚାଷଜମିରେ ପଶି ଫସଲ ନଷ୍ଟ କରିବା ସହିତ ଅନେକ ସମୟରେ ଗାଡ଼ି ମୋଟର ଦୁର୍ଘଟଣାରେ ବହୁ ବାଛୁରୀ ମରୁଛନ୍ତି। ତୁରନ୍ତ ସବୁ ବୁଲା ବାଛୁରୀଙ୍କୁ ରାସ୍ତାରୁ ହଟାଇବାକୁ କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ ଓ ସନାତନ ପାତ୍ରଙ୍କ ନେତୃତ୍ୱରେ ସନ୍ତୋଷ ବେହେରା, ଶଙ୍କର ପରିଡ଼ା, ଅର୍ଜୁନ ପାତ୍ର, ବନ ବିହାରୀ ଦାଶ, ଗଙ୍ଗାଧର ମହାନ୍ତି, ରାମଚନ୍ଦ୍ର ଜେନା, ଯତିନ୍ଦ୍ର ସେନାପତି, ଡମ୍ବରୁଧର ପାଳ, ଲକ୍ଷ୍ମୀଧର ଦାସ, ଅକ୍ଷୟ ରାଉତଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ଚାଷୀ ସୋମବାର ନିମାପଡ଼ା-ଚାରିଛକ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ତହସିଲଦାର ମନୋଜ ପ୍ରଧାନ, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଚାଷୀମାନଙ୍କୁ ବୁଝାସୁଝା କରିବା ସହ ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା। ସେହିପରି ନିମାପଡ଼ା-ବାଲିପାଟଣା ରାସ୍ତାର ଶେଉଳସାହି ଛକ ନିକଟରେ ଗୋ-ସୁରକ୍ଷା ସମିତିର ଆବାହକ ମାଧବ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଚାଷୀଙ୍କ ଫସଲ ସବୁ ରକ୍ଷା କରିବାକୁ ତୁରନ୍ତ ଗୋଶାଳା ନିର୍ମାଣ କରି ଗାଈଗୋରୁଙ୍କୁ ରଖିବାକୁ ଚାଷୀମାନେ ଦାବି କରିଥିଲେ।

## ଘରେ ଘରେ ଭାଗବତ ପ୍ରତି ବଢ଼ୁଛି ଆଗ୍ରହ

ପୁରୀ,୧୫।୯ (ସମିସ): ଗୀତା, ଭାଗବତ, ଉପନିଷଦର ପ୍ରଚାରପ୍ରସାର ମାଧ୍ୟମରେ ଆଧ୍ୟାତ୍ମିକ ଜାଗରଣ ବୃଦ୍ଧି ପାଇବ ବୋଲି କହିଛନ୍ତି ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର। ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ପବିତ୍ର ପିତୃପକ୍ଷ ଉପଲକ୍ଷେ ତୀର୍ଥକ୍ଷେତ୍ର ଗୟା, କାଶୀ-ବନାରସ ଓ ଅଯୋଧ୍ୟାରେ ଘରେ ଘରେ ଭାଗବତ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ଶ୍ରୀ ମିଶ୍ର କହିଥିଲେ, ପିତୃପୁରୁଷଙ୍କୁ ପିଣ୍ଡଦାନ, ଗଙ୍ଗାସ୍ନାନ ଓ ରାମଲାଲାଙ୍କ ଦର୍ଶନ ସହ ଭାଗବତ ଶ୍ରବଣର ସୁଯୋଗ ପାଇବା କମ୍ କଥା ନୁହେଁ। ଘରେ ଘରେ ଭାଗବତ ପ୍ରତି ଲୋକଙ୍କ ଆଗ୍ରହ ବଢ଼ୁଛି। ରଶ୍ମୀ ରଞ୍ଜନ ଦାଶଙ୍କ ନେତୃତ୍ୱରେ ପ୍ରଫୁଲ୍ଲ କୁମାର ଦାଶ, ରମେଶ ଚନ୍ଦ୍ର ମିଶ୍ର, ସୁଧୀର ପ୍ରସାଦ ରଥ, ସମୀର ପ୍ରସାଦ ରଥ, ନିରୂପମା ଦାଶ, ଭାନୁମାଳା ମିଶ୍ର, ସ୍ୱର୍ଣ୍ଣଲତା ରଥ, ମାନସୀ ନନ୍ଦ ଓ ରଶ୍ମିତା ରଥ, ପୁରୀ, କଟକ, କେନ୍ଦ୍ରାପଡ଼ା, ନୟାଗଡ଼ ଓ ଖୋର୍ଦ୍ଧାର ବରିଷ୍ଠ ନାଗରିକଙ୍କୁ ସେଠାରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତ ଶୁଣାଇଥିଲେ। ଏହାକୁ ସଞ୍ଚାଳନ କରିଥିଲେ ସୁନନ୍ଦା ପଟ୍ଟନାୟକ, ରାଜଶ୍ରୀ ମିଶ୍ର, ପ୍ରଶାନ୍ତ ତ୍ରିପାଠୀ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଓ ମୌସୁମୀ ରଥ।

## ଶ୍ରୀମନ୍ଦିର ନୀତି ସବ୍‌କମିଟି ଗଠିତ

● କମିଟିରେ ଅଛନ୍ତି ୧୮ ସଦସ୍ୟ

ପୁରୀ,୧୫।୯ (ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି କିପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ନୀତି ସବ୍ କମିଟି ଗଠନ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ପରେ ପ୍ରଥମ ବୈଠକରେ ବିଭିନ୍ନ ସବ୍ କମିଟି ଗଠନ ନେଇ ଆଲୋଚନା ହୋଇଥିଲା। ସେହି କ୍ରମରେ ୧୮ ଜଣିଆ ନୀତି ସବ୍ କମିଟି ଗଠନ କରାଯାଇଛି। ଏଥିରେ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ଏବଂ ନୀତିକାନ୍ତି ତୁଲାଉଥିବା ଅନ୍ୟ ସେବାୟତ ପ୍ରତିନିଧିମାନଙ୍କୁ ସାମିଲ୍ କରାଯାଇଛି। ଏହି କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପଦପ୍ରଯୁକ୍ତ ଅଧ୍ୟକ୍ଷ ରହିଛନ୍ତି। ଡ. ସିଦ୍ଧେଶ୍ୱର ମହାପାତ୍ର ଓ ଜଗନ୍ନାଥ ପୂଜାପଣ୍ଡା ସଭ୍ୟ ରହିଛନ୍ତି।

ଜିଲ୍ଲାପାଳ ତଥା ଉପମୁଖ୍ୟ ପ୍ରଶାସକ ଏବଂ ଆରକ୍ଷୀ ଅଧୀକ୍ଷକ ସ୍ୱତନ୍ତ୍ର ନିମନ୍ତ୍ରିତ ପଦପ୍ରଯୁକ୍ତ ସଭ୍ୟ ରହିଛନ୍ତି। ଏହାବ୍ୟତୀତ କୃଷ୍ଣଚନ୍ଦ୍ର ସାମନ୍ତରା, ମଧୁସୂଦନ ସିଂହାରୀ, ଗଣେଶ ଦାସ ମହାପାତ୍ର, ରାମନାରାୟଣ ଗୋଛିକାର, ରଘୁବୀର ଦାସ ମହାରାଜ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ରହିଛନ୍ତି। ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ଭିତରଛ ଭବାନୀ ଶଙ୍କର ମହାପାତ୍ର, ତଲୁଛ ନୀଳକଣ୍ଠ ମହାପାତ୍ର, ନାରାୟଣ ମହାସୁଆର, ରାମଚନ୍ଦ୍ର ଦାସ ମହାପାତ୍ର, ଜଗନ୍ନାଥ କର, ଅନନ୍ତ ତିଆଡ଼ି ସହ ମନୋନୀତ ସଭ୍ୟ ରହିଛନ୍ତି। ଏହି କମିଟିର ପଦପ୍ରଯୁକ୍ତ ଆବାହକ ଶ୍ରୀମନ୍ଦିର ନୀତି ପ୍ରଶାସକ।

## ଶ୍ରୀଜଗନ୍ନାଥ ଚେତନା ଯୁବ ପ୍ରଶିକ୍ଷଣ ଶିବିର ସମାପିତ

ପୁରୀ,୧୫।୯ (ସମିସ): ଶ୍ରୀଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ଶ୍ରୀକ୍ଷେତ୍ର ଧାମ ଶରଧାବାଲି ନିକଟ ଚୈତନ୍ୟ ଚନ୍ଦ୍ର ଆଶ୍ରମ ପରିସରରେ ଏକଦିବସୀୟ ଶ୍ରୀଜଗନ୍ନାଥ ଚେତନା ଯୁବ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସର୍ବପ୍ରଥମେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଚାରଣ ସଂଗଠକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ ସମୂହ ସ୍ୱାଧ୍ୟାୟ କରିଥିଲେ। ଚୈତନ୍ୟ ଚନ୍ଦ୍ର ଆଶ୍ରମର ମଠାଧୀଶ ପୂଜ୍ୟ ସ୍ୱାମୀ ଭକ୍ତି ବିଜ୍ଞାନ ଅକିଞ୍ଚନ ମହାରାଜ, ଶ୍ରୀମନ୍ଦିର ପରିଚାଳନା ସମିତିର ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର ଏବଂ ଶେଷଦେବ ସାହୁ ମହାପ୍ରଭୁଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଶିବିରାର୍ଥୀ ମହାପ୍ରଭୁଙ୍କ ବିଷୟରେ ଲିଖିତ ପରୀକ୍ଷା ଦେଇ ଦ୍ୱିତୀୟ ପର୍ଯ୍ୟାୟ କୁଇଜ୍ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଉତ୍ତୀର୍ଣ୍ଣ ହୋଇଥିଲେ। ତାଳଧ୍ୱଜ, ନନ୍ଦିଘୋଷ ଏବଂ ଦେବଦଳନ ବିଭାଗ ନାମରେ ୧୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଡିଜିଟାଲ କୁଇଜ୍‌ରେ ଭାଗ ନେଇଥିବାବେଳେ ଜଗନ୍ନାଥ ଟିମ୍ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେଇଥିଲେ। କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମାଧବ ପୂଜାପଣ୍ଡା ସାମନ୍ତ, ବିଶ୍ୱନାଥ ସାମନ୍ତରା, ଶରତ ମହାନ୍ତି, ଗଙ୍ଗାଧର ପ୍ରତିହାରୀ, ଡ. ଭାସ୍କର ମିଶ୍ର ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଏବଂ ଅନ୍ୟତମ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇ ଏଭଳି କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପୂଜ୍ୟପୂଜା ପରମ୍ପରାରେ ଆଇଏମ୍‌ଟିର



ପ୍ରତିଷ୍ଠାତା ବିଶ୍ୱନାଥ ରଥ, ଶିକ୍ଷକ ଉମାକାନ୍ତ ପୃଷ୍ଟି, ନୀଳାଦ୍ରି ଟ୍ରଷ୍ଟର ସଭ୍ୟ ନନ୍ଦ କିଶୋର ଜେନା, ଅରୁଣ ଲେଙ୍କା, ରମେଶ ପାଢ଼ୀ, କେଏମ୍‌ବିବି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୁନୀ ସୂତାର, ପୁରୀ ସମଗ୍ର ଶିକ୍ଷାର କାର୍ଯ୍ୟସୂଚୀ ନିଷ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି ଏବଂ କୁଇଜ୍ ମାଷ୍ଟର ଅମ୍ଳାନ କୁମାର ସମେତ ବରିଷ୍ଠ ବ୍ୟକ୍ତିଙ୍କୁ ଅନୁଷ୍ଠାନ ତରଫରୁ ଶ୍ରୀଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ଡ. ଶୁଭେନ୍ଦୁ ସ୍ୱାଇଁ ପରିଚାଳନା କରୁଥିଲାବେଳେ ଉପଦେଷ୍ଟା ଲିଙ୍ଗରାଜ ପତି ସହଯୋଗ କରିଥିଲେ। ବରିଷ୍ଠ ଚାରଣ ସମୀର ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

### ■ ନୋଟାରୀ ମାଧ୍ୟମରେ ବିକ୍ରି ଜାଗାକୁ ବିଦ୍ୟୁତ୍ ସଂଯୋଗ

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ,୧୫।୯ (ସମିସ): ପୁରୀରେ ମାତିଛନ୍ତି ଜମି ମାଫିଆ। ବିଶେଷକରି ସରକାରୀ ଏବଂ ମହାପ୍ରଭୁଙ୍କ ଜମିକୁ ବିଭିନ୍ନ ଉପାୟରେ ମାଡ଼ି ବସୁଛନ୍ତି। ଏହି ଧାରା ଏବେ ବି ଚାଲିଛି। ଏହି ଜମିକୁ ଅନ୍ୟକୁ ବିକ୍ରି କରୁଥିବାବେଳେ ଆଉ କେହି ନିଜ ନାମରେ ରେକର୍ଡ କରାଇବାକୁ ଉଦ୍ୟମ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀ ସହର ମଧ୍ୟରେ ଥିବା ଜମିକୁ ଜବରଦଖଲ କରି ନୋଟାରୀ ମାଧ୍ୟମରେ ବିକ୍ରି କରୁଛନ୍ତି। ଏହା ଜଣାପଡ଼ିବା ପରେ ଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଫେରାଦ୍ ହୋଇଥିଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏହି ଜାଗାକୁ ଯେପରି ଲାଇଟ୍, ପାଣି ସଂଯୋଗ ଦିଆ ନ ଯିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହାସତ୍ତ୍ୱେ ଏଠାକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବାରୁ ଏହାକୁ ନେଇ ପ୍ରତିବାଦ କରିଛି ଆପ୍। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦଳ ଦାବି କରିଛି।

ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଆପ୍‌ର ଦୀର୍ଘ ଦିନର ପ୍ରତିବାଦ ପରେ ପୂର୍ବତନ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମୟରେ ଏକ ଅର୍ଡର ପାସ୍ କରାଯାଇଥିଲା। ପୁରୀରେ ସରକାରୀ ଜମି ଜବରଦଖଲ ଏବଂ ନୋଟାରୀରେ ବିକ୍ରି କରାଯାଇଥିଲେ ସେ ଜାଗାକୁ ବିଜୁଳି ଓ ପାଣି ଦିଆଯିବ ନାହିଁ। ଏହାଦ୍ୱାରା ସରକାରୀ ଜମି ଦଖଲରେ କିଛି ମାତ୍ରାରେ ଅଙ୍କୁଶ ଲାଗିଥିଲା। ଏହା ଉପରେ ନଜର ରଖିଥିଲା ଆପ୍। ୬ ନମ୍ବର ୱାର୍ଡ ଈଶ୍ୱରପଣ୍ଟୀ ଆଶ୍ରମ ନିକଟରେ ୯ ଏକର ଜାଗା ନୋଟାରୀରେ କାରବାର କରାଯାଉଛି ବୋଲି ପୁରୀ ତହସିଲ୍‌ଦାରଙ୍କୁ ଅଭିଯୋଗ କରିଥିଲା ଆପ୍। ସେହି ଜାଗାକୁ ବିଦ୍ୟୁତ୍, ପାଣି ସଂଯୋଗ ନ ଦେବା ପାଇଁ ବି କୁହାଯାଇଥିଲା। ହେଲେ ସେଠାରେ ଏବେ ନିର୍ମାଣ ଚାଲିଛି। ସେହି ଜାଗା କାରବାର ପଛରେ ଶ୍ରୀମନ୍ଦିର ପରିଚାଳନା କମିଟିର କିଛି ସଦସ୍ୟଙ୍କ ହାତ ଥିବା ନେଇ ଆପ୍ ସୂଚନା ପାଇଥିଲା। ଏ ବିଷୟରେ ବାରମ୍ବାର ଅଭିଯୋଗ ପରେ ବି ତହସିଲ୍ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏବେ ସେହି ଜମିରେ ନିର୍ମାଣ ଚାଲିଛି। ବଳିଆପଣ୍ଡା ସେକ୍ସନ ତରଫରୁ ସେହି ଜାଗାକୁ ବିଜୁଳି ସଂଯୋଗ ଦିଆଯାଇଛି। ଏହି ବେନିୟମ କାମ ପାଇଁ ସଂଯୋଗ ପିଛା ୩୦ରୁ ୫୦ ହଜାର ଟଙ୍କା ହାତଗୁଞ୍ଜା ନିଆଯାଉଛି ବୋଲି ଅଭିଯୋଗ କରିଛନ୍ତି ଜିଲ୍ଲା ଆପ୍ ସଭାପତି ଶ୍ରୀ ମହାନ୍ତି। ସେ କହିଛନ୍ତି, ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ଜଣାଇବା ପରେ ସେ ଚୁପ୍ ହୋଇଗଲେ। ବଳିଆପଣ୍ଡା ଓ ସିପସରୁବାଲି ମୌଜାରେ ଏମିତି ଘଟଣା ଘଟି ଚାଲିଛି। ଏହା ଉପରେ ରୋକ୍ ଲାଗିବା ଦରକାର। ସେହି ଜମି ଡେସିମିଲ ପିଛା ୬ରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ପ୍ରଶାସନ ଜାଣି ମଧ୍ୟ ଚୁପ୍ ରହିଥିଲା। କେଉଁ ଆଧାରରେ ଏହି ନିର୍ମାଣକୁ ବିଦ୍ୟୁତ୍ ସଂଯୋଗ ଦିଆଗଲା ବୋଲି ପ୍ରଶ୍ନ କରିଛି ଆପ୍। ଈଶ୍ୱରପଣ୍ଟୀ ଆଶ୍ରମ ନିକଟସ୍ଥ ଏହି ନିର୍ମାଣକୁ ତୁରନ୍ତ ଭାଙ୍ଗିବାକୁ ନିର୍ଦ୍ଦେଶ ଏବଂ ସ୍ଥାନୀୟ ବିଦ୍ୟୁତ୍ ସେକ୍ସନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆପ୍ ସଭାପତି ଶ୍ରୀ ମହାନ୍ତି ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଯଦି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଗାମୀ ଦିନରେ ତହସିଲ୍ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି।

### ଜମିଜମା ବିବାଦକୁ ନେଇ ରାତି ଅଧରେ ୨ ଦୋକାନ ଭାଙ୍ଗିଲେ ଦୁର୍ବୃତ୍ତ

# ୫ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ନଷ୍ଟ, ଅଭିଯୁକ୍ତ ଗିରଫ

ଗୋପ,୧୫।୯ (ସମିସ)

ଗୋପ-ବାଲିଘାଇ ରାସ୍ତାର ମଦରଙ୍ଗ ବଜାର ଉପରେ ଦୀର୍ଘ ୬୦ ବର୍ଷ ଧରି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୁଇଟି ଦୋକାନ ଗୃହକୁ ରାତି ଅଧରେ ଜେସିବି ଲଗାଇ ଦୋକାନ ନିକଟରେ ଥିବା ଘର ମାଲିକ ଭାଙ୍ଗି ଦେଇଛନ୍ତି। ଏଥରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବାବେଳେ ଦୋକାନରେ ଶୋଇଥିବା ଦୋକାନୀ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଉତ୍ୟକ୍ତ ଲୋକେ କାର୍ଯ୍ୟାନୁଷ୍ଠାନ ଦାବିରେ ଗୋପ-ବାଲିଘାଇ ରାସ୍ତାରୋକ କରିଥିଲେ। ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତି ଦୀର୍ଘ ସମୟ ପର୍ଯ୍ୟନ୍ତ ଘରୁ ବାହାରି ନ ଥିବାବେଳେ ପୁଲିସକୁ ଠେଲାପେଲା କରିଥିଲା ଅଭିଯୁକ୍ତ। ତେବେ ପୁଲିସ ବଳପୂର୍ବକ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ନାଗପୁର ନିକଟ ମଦରଙ୍ଗ ବଜାରରେ ନାଗପୁର ଗ୍ରାମର ପ୍ରହଲ୍ଲାଦ ସାହୁ (୬୫) ମିଠା ଦୋକାନ କରିଥିବାବେଳେ ବନ୍ତଳି ଗ୍ରାମର ଜଟାଧାରୀ ସାହୁ (୮୦) ସାଇକଲ ଦୋକାନ କରିଥିଲେ। ଦୋକାନ ପାର୍ଶ୍ୱରେ କେଦାର ରାଉତଙ୍କ ଦୁଇ ମହଲା କୋଠା ରହିଛି।



ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଲେ ଦୋକାନ ମାଲିକ

ପ୍ରତିବାଦରେ ରାସ୍ତାରୋକ; ପୁଲିସକୁ ଠେଲାପେଲା କଲା ଅଭିଯୁକ୍ତ




ଦୋକାନ ଭାଙ୍ଗିବା ପାଇଁ କେଦାର ବିଭିନ୍ନ ସମୟରେ ଧମକ ଦେଉଥିବାବେଳେ ଏହି ଘଟଣାକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗିରହିଥିଲା। ରବିବାର ବିଳମ୍ବିତ ରାତିରେ ସାଇକଲ ଦୋକାନରେ ଜଟାଧାରୀ ଶୋଇଥିବାବେଳେ କେତେକ ଦୁର୍ବୃତ୍ତ ଜେସିବି ମେସିନ ସାହାଯ୍ୟରେ ଦୋକାନକୁ ଭାଙ୍ଗି ଦେଇଥିବାବେଳେ ଶୋଇଥିବା ଜଟାଧାରୀ ଅଳ୍ପକେ ବଞ୍ଚିଯାଇଥିବା ଅଭିଯୋଗପତ୍ରରୁ ଜଣାପଡ଼ିଛି। ଏପରି ଏକ ଘଟଣା ଘଟାଇଥିବା ଅଭିଯୁକ୍ତ ମଦରଙ୍ଗର କେଦାର ରାଉତ (୫୯)କୁ ପୁଲିସ ଗିରଫ କରିଛି। ଏହି ଘଟଣାକୁ ନେଇ ୨ଟି ଅଭିଯୋଗରେ ଗୋପ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କେଦାରକୁ କୋର୍ଟ ଚାଲାଣ କରିଛି। ପୁଲିସ ଅଭିଯୁକ୍ତକୁ ଗିରଫ କରିବାକୁ ଯାଇ ଠେଲାପେଲାର ଶିକାର ହୋଇଥିବାବେଳେ ଘଟଣାସ୍ଥଳରୁ ଜେସିବି ଚାଳକ ସହିତ ଏହି ଘଟଣାରେ ଜଡ଼ିତ ଥିବା ଆଉ କେତେକ ଅଭିଯୁକ୍ତ ଖସି ଯାଇଥିବା ପୁଲିସ କହିଛି। ପୁଲିସ ଜେସିବି ସହିତ ଅଭିଯୁକ୍ତ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି ବୋଲି ତଦନ୍ତକାରୀ ଅଧିକାରୀ ବୁଲୁ ସେଠୀ କହିଛନ୍ତି। ଦୁଇଟି ଦୋକାନ ଉପରେ ଜେସିବି ଚଢ଼ାଇ ଦିଆଯିବାରୁ ଦୋକାନ ଭିତରେ ଥିବା ହଜାର ହଜାର ଟଙ୍କାର ମିଠା, ଫ୍ରିଜ୍ ସହିତ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଥିବାବେଳେ ସାଇକଲ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଜିନିଷ ଭାଙ୍ଗି ନଷ୍ଟ ହୋଇଥିବା ଜଣାପଡ଼ିଛି। ଏପରି ଘଟଣାରେ ମୁଖ୍ୟ ଅଭିଯୁକ୍ତ କେଦାରକୁ ପୁଲିସ ସୋମବାର ଅପରାହ୍ଣରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

यूनियन बैंक ऑफ इंडिया | Union Bank of India | ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

କ୍ଷେତ୍ରୀୟ କାର୍ଯ୍ୟାଳୟ, ବାଲେଶ୍ୱର, ତୃତୀୟ ମହଲା, ଆଶିଷ ପ୍ଲାଜା, ପୋଲିସ୍ ଲାଇନ୍ ସ୍କୋୟାର ନିକଟ, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର-୭୫୬୦୦୧

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଯୋଗ୍ୟ ସଂସ୍ଥାଗୁଡ଼ିକ ଠାରୁ ରିକଭରୀ ଏଜେଣ୍ଟ / ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ / ଆସେଟ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନଙ୍କୁ ବ୍ୟାଙ୍କ ନିଜ ପ୍ୟାନେଲରେ ତାଲିକାଭୁକ୍ତ କରିବା ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି। ଆବେଦନ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପାଇଁ, ଆଗ୍ରହୀ ସଂସ୍ଥାମାନେ ମୁଖ୍ୟ ପ୍ରବନ୍ଧକ, ସିଆର୍‌ଏଲ୍‌ଡି, କ୍ଷେତ୍ରୀୟ କାର୍ଯ୍ୟାଳୟ, **ମୋବାଇଲ ନଂ.: ୮୯୨୮୯୧୭୪୧୧** ରେ ଯୋଗାଯୋଗ କରିପାରିବେ।
ଯୋଗ୍ୟତା ମାନଦଣ୍ଡ ଏବଂ ଦରଖାସ୍ତ ଫର୍ମାଟ୍ ପାଇଁ ଆମର ସରକାରୀ ୱେବସାଇଟ୍ **www.unionbankofindia.com** ପରିଦର୍ଶନ କରନ୍ତୁ। ଏହାକୁ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ।
**୧.** ତାଲିକାଭୁକ୍ତ ହେବା ସମ୍ପର୍କିତ ସମସ୍ତ ଅଧିକାର ସମ୍ପୂର୍ଣ୍ଣ ଭାବରେ ବ୍ୟାଙ୍କର ଅଧୀନରେ ରହିବ ଏବଂ କେବଳ ତାଲିକାଭୁକ୍ତ ହେବା ପାଇଁ ଆବେଦନ କଲେ ତାଲିକାଭୁକ୍ତ ହେବାର କୌଣସି ଅଧିକାର ମିଳିବ ନାହିଁ ଏବଂ ତାଲିକାଭୁକ୍ତ ପ୍ରକ୍ରିୟ ଏବଂ ପରିଣାମ ସମ୍ପର୍କରେ କୌଣସି ଲିଖିତ ପରାମର୍ଶକୁ ଗ୍ରହଣ କରାଯିବ ନାହିଁ।
**୨.** ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥାମାନଙ୍କ ମଧ୍ୟରୁ ଶୀର୍ଷ ୧୦ଟି ସଂସ୍ଥାକୁ ତାଲିକାଭୁକ୍ତ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
**୩.** ଆନେକ୍ସରରେ ଉଲ୍ଲେଖିତ ଯୋଗ୍ୟତା ମାନଦଣ୍ଡଗୁଡ଼ିକ ନିର୍ଣ୍ଣାୟକ ନୁହେଁ ଏବଂ ସେଗୁଡ଼ିକ ବ୍ୟାଙ୍କର ସ୍ୱତନ୍ତ୍ରତା ଉପରେ ସୀମାବଦ୍ଧ ନୁହେଁ। ଅନ୍ୟାନ୍ୟ ଗୁଣାତ୍ମକ ଏବଂ ସମ୍ମାନଜନକ ଦିଗଗୁଡ଼ିକୁ ପରିଗଣନା କରି ତାଲିକାଭୁକ୍ତିକରଣ ନିମନ୍ତେ ଯଥାର୍ଥ ନିର୍ଣ୍ଣୟ ନେବାର କ୍ଷମତା ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
**୪.** ଆସେଟ୍ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନେ ତାଲିକାଭୁକ୍ତିକରଣ ପାଇଁ, ନିମ୍ନଲିଖିତ ମାନଦଣ୍ଡଗୁଡ଼ିକ ଯଥା ଗୁଣାତ୍ମକ, ପରିମାଣାତ୍ମକ, ପରିଚାଳନାତ୍ମକ ଏବଂ ସଂସ୍ଥାର ପ୍ରତିଷ୍ଠା ଆଧାରରେ ବିଚାର କରାଯିବ।
● ଡିଟେକ୍ଟିଭ ଏଜେନ୍ସି ଯେଉଁମାନେ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଦ୍ୱାରା ମାନ୍ୟତାପ୍ରାପ୍ତ ହୋଇ ଡିଟେକ୍ଟିଭ ସେବା ପ୍ରଦାନ କରୁଛନ୍ତି।
● ରାଜସ୍ୱ କର କିମ୍ବା ପୋଲିସ୍ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯେଉଁମାନେ ସେବା ନିବୃତ୍ତି ପରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ ସେବା ପ୍ରଦାନ କରୁଛନ୍ତି।
● ଯେଉଁମାନେ ସକ୍ରିୟ ଭାବରେ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିମାନଙ୍କୁ ସହଯୋଗ କରୁଛନ୍ତି, ଯାହାର ସେବାଗୁଡ଼ିକୁ ବ୍ୟାଙ୍କର ମହାପ୍ରବନ୍ଧକଙ୍କ ମତାନୁସାରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ।
● ଆବେଦନ ଫର୍ମଗୁଡ଼ିକ ସଠିକ ଭାବରେ ପୂରଣ କରି ଆବଶ୍ୟକିୟ ଦସ୍ତାବେଜ ସହିତ ଉପରେ ଦର୍ଶାଯାଇଥିବା ଠିକଣାକୁ **ତା.୦୧.୧୦.୨୦୨୫ରିଖ** ମଧ୍ୟରେ ପହଞ୍ଚିବା / ପ୍ରାପ୍ତ ହେବା ଆବଶ୍ୟକ।
ସ୍ୱା/- କ୍ଷେତ୍ରୀୟ ମୁଖ୍ୟ



# ଟଙ୍କପାଣି ରୋଡ୍‌ରେ ସୋମନାଥ ମନ୍ଦିର




**ଅଷ୍ଟମୀରେ ୨୦୦ ଚାରାରୋପଣ**

ଭୁବନେଶ୍ୱର, ୧୫।୯ (ସମିସ): ଆଉ ମାତ୍ର ଦିନ କେଇଟା ପରେ ଧରାପୃଷ୍ଠରେ ଅବତରଣ କରିବେ ମହିଷାମର୍ଦ୍ଦିନୀ ମା' ଦୁର୍ଗା। ପ୍ରତିବର୍ଷ ବିଭିନ୍ନ ଆକର୍ଷଣୀୟ ତୋରଣ ପ୍ରସ୍ତୁତ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ଟଙ୍କପାଣି ରୋଡ୍ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଏଥର ଦେଖିବାକୁ ମିଳିବ ସୋମନାଥ ମନ୍ଦିର। ଚଳିତ ବର୍ଷ ପୂଜା ୧୬ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବେଳେ ୨୫ ଫୁଟ ଉଚ୍ଚତା ଏବଂ ୪୦ଫୁଟ ଚଉଡ଼ା ବିଶିଷ୍ଟ ତୋରଣ ନିର୍ମାଣ କରାଯାଉଥିବା ବେଳେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୧୭ଫୁଟ। ଆକର୍ଷଣ ସାଜିବ ମା'ଙ୍କ ନିକଟରେ ରୂପା ଅଳଙ୍କାର ଓ ଜରି ମେଢ଼ ସାଙ୍ଗକୁ ମା'ଙ୍କ ଚାନ୍ଦି ମୁକୁଟ। ଆଖିଦୃଶିଆ ତୋରଣ ନିର୍ମାଣ ସାଙ୍ଗକୁ ଲାଇଟ୍‌ରେ ଲଗାଇବାର ବ୍ୟବସ୍ଥା କରାଯାଇଛି। ରବିଟକିଜ୍ ଛକରୁ ପୁରା ବାଇପାସ୍ ପର୍ଯ୍ୟନ୍ତ ଆଲୋକମାଳାରେ ସୁସଜ୍ଜିତ କରାଯିବ। ଷଷ୍ଠୀରୁ ଦଶମୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଧି ଅନୁସାରେ ଷଷ୍ଠୀରେ ବେଲବରଣୀ ଅନୁଷ୍ଠିତ ହେବ। ବେଲବରଣ ନିକଟରେ ମା'ଙ୍କୁ ଆମନ୍ତ୍ରଣ କରାଯିବ। ୭ମୀରେ ମା'ଙ୍କର ଚକ୍ଷୁଦାନ କରାଯାଇ ନବମୀ ଓ ଦଶମୀର ମିଳନ ସମୟରେ ସନ୍ଧି ପୂଜା ଅନୁଷ୍ଠିତ ହେବ। ୬ଷ୍ଠୀରୁ ୧୦ମୀ ପର୍ଯ୍ୟନ୍ତ ବିଭିନ୍ନ ରକମର ଭୋଗ ମା'ଙ୍କ ପାଖରେ ଅର୍ପଣ କରାଯିବ। ଅଷ୍ଟମୀରେ ମା'ଙ୍କ ନିକଟରେ ମହିଳାମାନେ ଶାଢ଼ୀ ପୂଜା କରିବାର ବ୍ୟବସ୍ଥା କରାଯିବ। ୧୦ମୀରେ ଦହିପଖାଳ ଭୋଗ ଅର୍ପଣ କରାଯିବ। ପ୍ରତିବର୍ଷ ପରି ଚଳିତବର୍ଷ ୫ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।






ଏଥର ମଧ୍ୟ ଭାବେ ପୂଜାକୁ ପରିଚାଳନା କରାଯିବାକୁ ଯୋଜନା କରାଯାଉଛି। ତେବେ ଚଳିତ ବର୍ଷ ଅଷ୍ଟମୀରେ ଟଙ୍କପାଣି ରାସ୍ତାର ଉଭୟପାର୍ଶ୍ୱରେ ୫୦୦ ଚାରାରୋପଣ କରାଯିବ। ପରିବେଶ ସୁରକ୍ଷା ଦୃଷ୍ଟିରୁ କମିଟି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସେହିପରି ଏଥର ପୂଜାରେ ନବମୀ ଦିନ ମା'ଙ୍କ ପାଖରେ ପାଣିକଖାରୁ ବଳି ଦିଆଯିବ। ଯାହାକି ପୂଜାର ଅନ୍ୟ ଏକ ଆକର୍ଷଣ ପାଲଟିବ।

- ଗୋଲକ ଦାସ, ସଭାପତି



ପୂଜା ପାଇଁ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ୪୦ଜଣ ସ୍ୱେଚ୍ଛାକୃତ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବା ସାଙ୍ଗକୁ ପୁଲିସ୍ ପ୍ରଶାସନର ସହାୟତାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ସୁରକ୍ଷିତ ଓ ଶାନ୍ତପୂର୍ଣ୍ଣ ଦର୍ଶନ ପାଇଁ ମହିଳା ଓ ପୁରୁଷଙ୍କ ପାଇଁ ଭିନ୍ନ ଧାଡ଼ି ବ୍ୟବସ୍ଥା, ଦିବ୍ୟାଙ୍ଗ ଏବଂ ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ରହିବ। ପୂଜା ପରିସରରେ ସିସିଟିଭି କ୍ୟାମେରା, ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବ।

-ସନ୍ତୋଷ ସାହୁ, ସମ୍ପାଦକ



ଏଥର ମଧ୍ୟ ପୂଜା ଶାନ୍ତି ଶୃଙ୍ଖଳା ସହ ପାଳନ କରାଯିବା ସହ ସରକାର ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି। ତେଣୁ ପାରମ୍ପରିକ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ବାଜା ଓ ଘଣ୍ଟ ଆଦି ଶୋଭାଯାତ୍ରାରେ ରାମେଶ୍ୱର ଛକରୁ ଟଙ୍କପାଣି, ରାଜାରାଣୀ ମନ୍ଦିର ଦେଇ ଦୟା ନଦୀରେ ମା'ଙ୍କୁ ବିସର୍ଜନ କରାଯିବ। ତେବେ ଏଥର ପ୍ଲାଷ୍ଟିକ ମୁକ୍ତ ପୂଜାକୁ ଗୁରୁତ୍ୱ ଦିଆଯାଇଛି।

-ସିଲନ୍ ଦାସ, କୋଷାଧ୍ୟକ୍ଷ

## ନାବାଳିକାକୁ ଅପହରଣ, ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୫।୯ (ସମିସ): ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀସାଗର ଥାନା ବ୍ରହ୍ମନଗର ଭୋଇ ସାହିର ଗେଡୁ ଦାସ ଓରଫ୍ ରବି (୨୦)।

ପୁଲିସ ସୂଚନା ଅନୁସାରେ, ପଟିଆ ଅଞ୍ଚଳରେ ରହି ଯୁକ୍ତ ଦୁଇ ବିଜ୍ଞାନ ପଢୁଥିବା ଜଣେ ଛାତ୍ରୀ ଗତ ୮ ତାରିଖ ଦିନ କଲେଜକୁ ଯାଇ ଫେରି ନ ଥିଲେ। ପରିବାର ଲୋକେ ଏନେଇ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ନାବାଳିକାଙ୍କ ଘର ନିକଟରେ ଏକ ଡିଜେ ଦୋକାନରେ କାମ କରୁଥିବା ରବି ତାଙ୍କୁ ଅପହରଣ କରି ନେଇଥିବା ଜଣାପଡ଼ିଥିଲା। ଏହାର କିଛିଦିନ ପରେ ପରିବାର ଲୋକେ ନାବାଳିକାକୁ କଟକରୁ ଉଦ୍ଧାର କରିଥିଲେ। ପୁଲିସ ଆଜି ରବିକୁ ଗିରଫ କରିଥିଲା। ସେ ନାବାଳିକାକୁ ଅପହରଣ କରି ବ୍ରହ୍ମନଗରସ୍ଥିତ ଘରକୁ ନେଇ ଯାଇଥିଲା ଓ ସେଠାରେ ଗୋଟିଏ ଦିନ ରହିବା ପରେ ବ୍ରହ୍ମପୁର ପଳାଇଥିଲେ। ସେଠାରେ ୪ ଦିନ ରହି କଟକ ପଳାଇଥିଲେ। ଉକ୍ତ ଘଟଣାରେ ଗେଡୁ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ତଦନ୍ତ ବେଳେ ଜଣାପଡ଼ିବା ପରେ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଯାତ୍ରା ପଡ଼ିଆରେ ମଦ କାରବାର

ଭୁବନେଶ୍ୱର, ୧୫।୯ (ସମିସ): ବେଆଇନ ଦେଶୀ ମଦ କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଓମଫେଡ ଛକରେ ରହୁଥିବା ବାଂଶଡ଼ା ଥାନା ଯୋଷିପୁରର ଉତ୍ତମ ବାରିକ (୨୮)। ପୁଲିସ ସୂଚନାନୁସାରେ, ଗତକାଲି ସନ୍ଧ୍ୟାରେ ମୈତ୍ରୀ ବିହାର ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଦେଶୀ ମଦ ବିକ୍ରି ନେଇ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ହାତିଆଣ୍ଡିଶା ଯାତ୍ରା ପଡ଼ିଆରେ ଚଢ଼ଉ କରିଥିଲା। ସେଠାରେ ମଦ ବିକ୍ରି କରୁଥିବା ଉତ୍ତମକୁ ଗିରଫ କରିଥିଲା। ତଲାସୀ ସମୟରେ ତାଙ୍କ ହେପାଜତରୁ ୨୦ ଲିଟର ଦେଶୀ ମଦ ଥିବା ୧୦ଟି ପ୍ଲାଷ୍ଟିକ୍ ଜାରକିନ୍ ଜବତ କରିଥିଲା। ଏନେଇ ମୈତ୍ରୀ ବିହାର ଥାନା ପୁଲିସ ଏକ ମାମଲା ରୁଜୁ କରି ଉତ୍ତମଙ୍କୁ କୋର୍ଟ ଚାଲାଣ କରିଛି।

## ଟିମ୍ ଭୂମିତ୍ର ପକ୍ଷରୁ ସରକାରୀ ବିଦ୍ୟାଳୟରେ ଚାରାରୋପଣ



ଭୁବନେଶ୍ୱର, ୧୫।୯ (ସମିସ): ଟିମ୍ ଭୂମିତ୍ର ପକ୍ଷରୁ ଶନିବାର ଖୋର୍ଦ୍ଧା ଜିଲ୍ଲାର ବାଲିଆନ୍ତାସ୍ଥିତ ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପରିବେଶ ସଂରକ୍ଷଣ, ସାମାଜିକ ସଚେତନତା ଓ ଶିକ୍ଷାଗତ ସହାୟତାକୁ ଏକତ୍ରିତ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରତ୍ୟେକ ଚାରା ଭବିଷ୍ୟତ ପିଢ଼ି ପାଇଁ ଛାୟା, ଅମ୍ଳଜାନ ଓ ଆଶାର ପ୍ରତୀକ ହୋଇ ରହିବ। ଏହି ସବୁଜ ପଦକ୍ଷେପ ଟିମ୍‌ର ପରିବେଶ ସଂରକ୍ଷଣ ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା ଓ ଯୁବ ମାନସକୁ ଏହା ଅନୁପ୍ରାଣିତ କରିଥିଲା ବୋଲି ଟିମ୍ ଭୂମିତ୍ର ପକ୍ଷରୁ କୁହାଯାଇଛି। ଟିମ୍ ଭୂମିତ୍ର ଋତୁସ୍ରାବ ସ୍ୱାସ୍ଥ୍ୟବିଧି ଉପରେ ଏକ ମୁକ୍ତ ଓ ସମ୍ମାନଜନକ ଆଲୋଚନା ଆୟୋଜନ କରିଥିଲା। ଛାତ୍ରୀମାନଙ୍କୁ ସମ୍ମାନ ଓ ସ୍ୱାସ୍ଥ୍ୟ ସହ ସହାୟତା କରିବା ପାଇଁ ସାନିଟାରୀ ପ୍ୟାଡ୍ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଟିମ୍ ଭୂମିତ୍ରଙ୍କ ସଦସ୍ୟମାନଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ଦାସ, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ପ୍ରକୃତି କର୍ମୀ ଦୀନବନ୍ଧୁ ଭୋଇ ଏବଂ ସାମାଜିକ କର୍ମୀ ରଞ୍ଜନ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। -ହୋଟିମିନ୍

## ସଂଗ୍ରାମୀ ବଂଶୀଧର ମିଶ୍ରଙ୍କର ଜୟନ୍ତୀ ଉତ୍ସବ

ଭୁବନେଶ୍ୱର, ୧୫।୯ (ସମିସ): ସଂଗ୍ରାମୀ ବଂଶୀଧର ମିଶ୍ର ସ୍ମୃତି ସଂସଦ ପକ୍ଷରୁ ଜାତୀୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅନନ୍ୟ ନାୟକ ସଂଗ୍ରାମୀ ବଂଶୀଧର ମିଶ୍ରଙ୍କ ୧୨୫ ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍କୃତି ବିଭାଗ ପ୍ରାକ୍ତନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅର୍ଚ୍ଚନା ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ଜାତୀୟ ଅଭିଲେଖାଗାର ସହ



ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର, ପ୍ରଫେସର ସଂଘମିତ୍ରା ମିଶ୍ର ଓ ଶରତ ପାଣି ପ୍ରମୁଖ ବକ୍ତବ୍ୟ ଦେଇ ସଂଗ୍ରାମୀ ବଂଶୀଧରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉତ୍ସବରେ ବଂଶୀଧର ମିଶ୍ର ସ୍ମୃତି ସଂସଦ ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। ଉପ ସଭାପତି ଡ. ଅପରାଜିତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଂଗ୍ରାମୀ ବଂଶୀଧର ମିଶ୍ର ସ୍ମୃତି ସଂସଦ ସମ୍ପାଦକ ସେକ୍ ମସୁଦ୍ ଅଲି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀପକ ସାମନ୍ତରାୟଙ୍କୁ 'ଯତୀନ୍ଦ୍ର ମୋହନ ସାହିତ୍ୟ ସମ୍ମାନ'

ଭୁବନେଶ୍ୱର, ୧୫।୯ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ 'ସାହିତ୍ୟାୟନ'ର ଊନବିଂଶତି ତମ ବାର୍ଷିକୋତ୍ସବ ଓ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ସ୍ମାରକୀ ବକ୍ତୃତା ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜୟକୃଷ୍ଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ 'ନୂତନ କବିତାର ନୂତନ ଦିଗନ୍ତ; ଯତୀନ୍ଦ୍ର ମୋହନ' ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର



ପ୍ରଫେସର ଗୁରୁଚରଣ ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା ଓ ସମ୍ମାନିତ ବକ୍ତା ଭାବେ ଅନୁବାଦକ ପ୍ରଫେସର ବସନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସାହିତ୍ୟାୟନ-୨୦୨୫' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଡ. ଦୀପକ ସାମନ୍ତରାୟଙ୍କୁ 'ଯତୀନ୍ଦ୍ର ମୋହନ ସାହିତ୍ୟ ସମ୍ମାନ', କବି ବସନ୍ତ ମାଝୀଙ୍କୁ 'ସାହିତ୍ୟାୟନ ସମ୍ମାନ-୨୦୨୫' ଓ କବି ବଂଶୀଧର ସେଠୀଙ୍କୁ 'ମେଘନାଦ କବିତା ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସଞ୍ଜୟ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ଓଆର୍‌ପିଇଏଫ୍ ପକ୍ଷରୁ ଇଞ୍ଜିନିୟର ଦିବସ

ଭୁବନେଶ୍ୱର, ୧୫।୯ (ସମିସ): ବିଦ୍ୟୁତ୍ କ୍ଷେତ୍ରକୁ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅବସରପ୍ରାପ୍ତ ଇଞ୍ଜିନିୟରମାନଙ୍କର ଏକ ସାମୂହିକ ମଞ୍ଚ 'ଓଡ଼ିଶା ଅବସରପ୍ରାପ୍ତ ବିଦ୍ୟୁତ୍ ଇଞ୍ଜିନିୟର ଫୋରମ୍ (ଓଆରପିଇଏଫ)' ପକ୍ଷରୁ ଇଞ୍ଜିନିୟର ଦିବସ ପାଳିତ ହୋଇଯାଇଛି। ସୋମବାର ରେଡକ୍ରସ୍ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫୋରମର ସଭାପତି ଇଞ୍ଜିନିୟର ପ୍ରଶାନ୍ତ ପଣ୍ଡା ସାର୍ ଏମ. ବିଶ୍ୱେଶ୍ୱରାୟଙ୍କ ଉତ୍ସର୍ଗତା, ଅଭିନବ ମନୋଭାବ ଏବଂ ପ୍ରଯୁକ୍ତିବିଦ୍ୟାକୁ ସମସ୍ତଙ୍କ ପାଇଁ ସୁଗମ କରିବା ପାଇଁ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ।




ମୁଖ୍ୟ ଅତିଥି ଇଞ୍ଜିନିୟର ବି.ସି. ଜେନା କହିଥିଲେ, ଯେ ଓଡ଼ିଶାରେ ବିଦ୍ୟୁତ୍ କ୍ଷେତ୍ର ସଂସ୍କାର ଏହାର ମୂଳ ଉଦ୍ଦେଶ୍ୟରୁ ଦୂରେଇ ଯାଇଛି। ଏହି ଅବସରରେ ଫୋରମ ପକ୍ଷରୁ ଏକ ୱେବସାଇଟ ମଧ୍ୟ ଉନ୍ମୋଚିତ ହୋଇଥିଲା। ସଚିବ ଇଞ୍ଜିନିୟର ସୁରେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଞ୍ଜିନିୟର ରବି ମହାପାତ୍ର, ଯୁଗ୍ମ ସଚିବ, ଟ୍ରେଜେରି ଇଞ୍ଜିନିୟର ଦୁର୍ଯ୍ୟୋଧନ ଜେନା ଏବଂ ଇଞ୍ଜିନିୟର ପ୍ରକାଶ ପଣ୍ଡା, ଇଞ୍ଜିନିୟର ମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୬୦ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲ୍ଲାପାଳ

ବାଲିଅନ୍ତା, ୧୫।୯ (ସମିସ): ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଟପୁର ଗ୍ରାମ ପଞ୍ଚାୟତ ସରକାରୀ କଲ୍ୟାଣ ମଣ୍ଡପ ସଭାକକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଡିଏମ ରୁଦ୍ର ନାରାୟଣ ମହାନ୍ତି ମୋଟ ୧୬୦ଟି ଜନ ଅଭିଯୋଗର ଶୁଣାଣି କରିଥିଲେ। ଭୁବନେଶ୍ୱର ଉପ ଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ଏପିଡି କସ୍ତୁରୀବାଳା ଜେନା, ବିଡିଓ ରଶ୍ମିତା ନାଥ, ତହସିଲଦାର ଲିଲନ ପ୍ରସାଦ ସାହୁ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ପ୍ରମୁଖଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ ଉନ୍ନୟନ, ପୂର୍ତ୍ତ, ଗ୍ରାମ ଜଳଯୋଗାଣ ଓ ପରିମଳ ବିଭାଗର ପଦସ୍ଥ ଅଧିକାରୀ ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ୬୫ ଗୋଟି ପକ୍କାଘର, ୨୭ ଗୋଟି ଭତ୍ତା, ୯ ଗୋଟି ଯୋଗାଣ ସମ୍ବନ୍ଧୀୟ ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ, ଆର୍ଥିକ ସହାୟତା ପ୍ରଦାନ, ଛାତ୍ରଛାତ୍ରୀଙ୍କ ଲାଗି ବିଭିନ୍ନ ପ୍ରମାଣପତ୍ର ସମେତ ଅନ୍ୟାନ୍ୟ ବ୍ୟକ୍ତିଗତ ଅଭିଯୋଗ ୧୪୭ ଥିଲା। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୁଇଜଣ ହିତାଧିକାରୀଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରିଥିଲେ। ଏନେଇ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ଜୋନ ଜିଲ୍ଲା ପରିଷଦ ଉପସ୍ଥିତ ଥିଲେ।

## ହସ୍ପିଟାଲ କର୍ମଚାରୀ ଶିଖିଲେ ନିଆଁ ଲିଭା କୌଶଳ

ଭୁବନେଶ୍ୱର, ୧୫।୯ (ସମିସ): ଅଗ୍ନିଶମ ବିଭାଗ ପକ୍ଷରୁ ସୋମବାର କ୍ୟାପିଟାଲ ହସ୍ପିଟାଲ ପରିସରରେ ମକ୍ ଡ୍ରିଲ୍ ହୋଇଛି। ଏହି ମକ୍ ଡ୍ରିଲ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ମେସିନ ଯେମିତିକି ହାଇଡ୍ରୋଲୋକ ପ୍ଲାଟଫର୍ମ, ରୋବଟିକ ଫାୟାର ଫାଇଟିଂ ମେସିନ, ଆସେଣ୍ଡର, ଡିସେଣ୍ଡର, ଆଦି ଉପକରଣ ଗୁଡିକର ବ୍ୟବହାର କରି ବିଭିନ୍ନ କୌଶଳରେ କେମିତି ଉଦ୍ଧାର କରାଯାଇଥାଏ ତାହା ଦେଖାଇଥିଲେ ଅଗ୍ନିଶମ ବିଭାଗ କର୍ମଚାରୀ। ବଡ଼ ବଡ଼ ହସ୍ପିଟାଲରେ ନିଆଁ ଲାଗିଲେ ବିଲ୍ଡିଂ ଉପରୁ ଏଭଳି ଅଘଟଣ ସମୟରେ ଲୋକଙ୍କୁ ବଞ୍ଚାଇବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିବା ବେଳେ ଉପରେ ଫସିଥିବା ଲୋକଙ୍କ ପାଇଁ ସ୍କାଇ ଲିଫଟିଂର ସହାୟତା ନିଆଯାଉଛି। ଏହା ସହ ଫାୟାର ଫାଇଟିଂ, ଏମରଜେନ୍ସି ମ୍ୟାନେଜମେଣ୍ଟ, ଫାୟାର ସେଫଟି ଆୱାରନେସ ବାବଦରେ ହସ୍ପିଟାଲ କର୍ମଚାରୀଙ୍କ ସମେତ ସାଧାରଣ ଲୋକଙ୍କୁ ସଚେତନ କରାଯାଇଛି। ତେବେ ଗତବର୍ଷ ରାଜ୍ୟରେ ୩, ୮୦୦ ମକ୍ ଡ୍ରିଲ୍ ହୋଇଥିଲା ଆଗକୁ ଏହାକୁ ବହୁ ଗୁଣରେ ବଢ଼ାଇବା ଲକ୍ଷ୍ୟ ଅଗ୍ନିଶମ ବାହିନୀ ରଖିଛି ବୋଲି ଡାଇରେକ୍ଟର ଟ୍ରେନିଂ କମ ଚିଫ ଫାୟାର ଅଫିସର ପି କେ ଦାଶ କହିଛନ୍ତି।

## ଅଲ୍ ଇଣ୍ଡିଆ ଲ୍ୟାବ୍ ଟେକ୍ନୋଲୋଜିଷ୍ଟ ଆସୋସିଏସନର ବୈଠକ




ଭୁବନେଶ୍ୱର, ୧୫।୯ (ସମିସ): ଅଲ ଇଣ୍ଡିଆ ଲ୍ୟାବ ଟେକ୍ନୋଲୋଜିଷ୍ଟ ଆସୋସିଏସନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦ରୁ ଅଧିକ ହସ୍ପିଟାଲ ଓ ଡାଇଗ୍ନୋଷ୍ଟିକ ସେଣ୍ଟରର ଟେକ୍ନୋଲୋଜିଷ୍ଟମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଆସୋସିଏସନର ଓଡ଼ିଶା ତରଫରୁ କେନ୍ଦ୍ରୀୟ ସଦସ୍ୟ ଜଗବନ୍ଧୁ ପୃଷ୍ଟି ସବିଶେଷ ବିବରଣୀ ଦେଇଥିଲେ। ଓଡ଼ିଶା ଶାଖା ସଭାପତି ଜୟକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଉପସଭାପତି ରଶ୍ମିରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ସମ୍ପାଦକ କାଳିନ୍ଦୀ ଚରଣ ମୁଦୁଲି ଓଡ଼ିଶାରେ ଆସୋସିଏସନ୍‌ର ଅଗ୍ରଗତି ଓ ସୁଦୃଢ଼ କରିବା ପାଇଁ ଥିବା ଯୋଜନାକୁ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ସଭାପତି ଜୟକୃଷ୍ଣ ସାହୁ, ଉପସଭାପତି ରଶ୍ମିରଞ୍ଜୀ ପ୍ରଧାନ, ମମତା ମହାପାତ୍ର, ସମ୍ପାଦକ କାଳିନ୍ଦୀ ଚରଣ ମୁଦୁଲି, ନିଶିକାନ୍ତ ଆଟୋଇ, ମନୋଜ ପ୍ରଧାନ, ବିକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭିଏସ୍ଏସ୍ ନଗର ଯୁଜିଯୁପି ସ୍କୁଲ ସାଇକେଲ ଷ୍ଟାଣ୍ଡ ଉଦ୍‌ଘାଟିତ



ଭୁବନେଶ୍ୱର, ୧୫।୯ (ସମିସ): ବୀର ସୁରେନ୍ଦ୍ର ସାଏ ଯୁଜି ଯୁପି ବିଦ୍ୟାଳୟର ପୂରାତନ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ବିଧାୟକ ପାଣ୍ଠିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ନିର୍ମିତ ସାଇକେଲ୍ ଷ୍ଟାଣ୍ଡ ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ ରାଉତଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଏସ୍ଆର୍‌ସି ରଶ୍ମି ରଞ୍ଜନ ସାମଲ, ପ୍ରଧାନ ଶିକ୍ଷୟିତ୍ରୀ (ଦାୟିତ୍ୱ) ଚିତ୍ରା ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ହୈମାବତୀ ଶତପଥୀ, ମଞ୍ଜୁଶ୍ରୀ ପାଣି, ଆଲୁମିନି ଆସୋସିଏସନର ସଭାପତି ଚିନ୍ତାମଣି ବାରିକ୍, ଉପ ସଭାପତି ଦେବବ୍ରତ ଶତପଥୀ, କୋଷାଧକ୍ଷ କୁମୁଦ ଦାଶ, କମଳେଶ୍ ଦାସ ଫତେସିଂ, ସମ୍ପାଦିକା ନିରୂପମା ପାତ୍ର, ଅଭିଭାବକ କମିଟି ସଭାପତି ଲିପିକା ସାହୁ, ଜଗନ୍ନାଥ ବେହେରା ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଆଲୁମିନି ଆସୋସିଏସନର ସଦସ୍ୟ ମାନେ ଶିକ୍ଷାଅଧିକାରୀଙ୍କ ସହିତ ବିଦ୍ୟାଳୟର ପୂରାତନ ବିପଦ ସଙ୍କୁଳ ୪ଟି ଶ୍ରେଣୀଗୃହ ଯେଉଁଥିରେ ପାଠ ପଢ଼ାଯିବା ସମ୍ଭବ ନୁହେଁ ଏବଂ ପିଲାମାନଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତେ ଏକ ଡାଇନିଙ୍ଗ୍ ହଲ୍ ଯାହାକି ନିହାତି ଆବଶ୍ୟକ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷାଅଧିକାରୀ ସମସ୍ତ ଅସୁବିଧା ଉପରେ ପଦକ୍ଷେପ ନେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

**ଆମ ରାଜଧାନୀ ଆମ ଐତିହ୍ୟ**

# ବୌଦ୍ଧ ଶୈଳୀରେ ଅନୁପ୍ରେରିତ ତାଳେଶ୍ୱର ମନ୍ଦିର



ଭୁବନେଶ୍ୱର, ୧୫।୯ (ସମିସ): ରାଜଧାନୀର କୋଣ ଅନୁକୋଣରେ ରହିଛି ଐତିହ୍ୟ କୀର୍ତ୍ତିରାଜୀ। ସେହିଭଳି ଲିଙ୍ଗରାଜ ମନ୍ଦିର ଚାରିପାଖରେ ଘେରି ରହିଛି ଏପରି ଅନେକ ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ସେହି ପୁରାତନ ମନ୍ଦିରଗୁଡିକ ମଧ୍ୟରୁ ଅନ୍ୟତମ ନବମ ଶତାବ୍ଦୀର ନିର୍ମିତ ତାଳେଶ୍ୱର ମନ୍ଦିର।

ଆପଣ ଯଦି ଅନନ୍ତ ବାସୁଦେବ ମନ୍ଦିରରୁ କେଦାରଗୌରୀ ମନ୍ଦିର ରାସ୍ତାରେ ଯିବେ, ବାମ ପାର୍ଶ୍ୱରେ ରହିଛି ଏହି ତାଳେଶ୍ୱର ମନ୍ଦିର। ତାଳେଶ୍ୱର ଏକାମ୍ର କ୍ଷେତ୍ରର ପ୍ରାଚୀର ମନ୍ଦିରଗୁଡ଼ିକ ମଧ୍ୟରୁ ଅନ୍ୟତମ ମନ୍ଦିର ବୋଲି କୁହାଯାଏ। ବୌଦ୍ଧ ଶୈଳୀ ଦ୍ୱାରା ଅନୁପ୍ରେରିତ ଏହି ମନ୍ଦିର ଏକ ତ୍ରିରଥ ମନ୍ଦିର ଅଟେ। ଉକ୍ତ ମନ୍ଦିରର ବିମାନର ଉପରିଭାଗ ବହୁ ପୂର୍ବରୁ ବିଲୁପ୍ତ ହୋଇଯାଇଛି ଏବଂ ମନ୍ଦିରର ଜଗମୋହନ ନାହିଁ। ବୈତାଳ ଦେଉଳର ସମସାମୟିକ ଏହି ମନ୍ଦିର ଏକଦା ଲକୁଳିଶ ଏବଂ ଅର୍ଦ୍ଧନାରୀଶ୍ୱର ତଥା ବହୁ ଅନ୍ୟ ମୂର୍ତ୍ତିକଳା ଦ୍ୱାରା ଆବୃତ ହୋଇଥିଲା। ପରବର୍ତ୍ତୀ ସମୟରେ ସେହି ମୂର୍ତ୍ତି ଦ୍ୱୟକୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟକୁ ସ୍ଥାନାନ୍ତର କରାଯାଇଛି ବୋଲି ସ୍ଥାନୀୟ ପୂଜକ କୁହନ୍ତି। ଏହି ମନ୍ଦିର ଏବେ ଇନଟାକ୍ ଦ୍ୱାରା ନବୀକରଣ କରାଯାଇଛି। କୁହାଯାଏ ଏହା କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଛି। ଏଠାରେ ପ୍ରଭୁ ଶିବଙ୍କୁ ପୂଜା କରାଯାଇଥାଏ। ତେଣୁ ଏଠାକାର ମୁଖ୍ୟ ପର୍ବ ଗୁଡିକ ହେଉଛି ଶିବରାତ୍ରି, କାର୍ତ୍ତିକ ପୂର୍ଣ୍ଣମୀ ଏବଂ ସଂକ୍ରାନ୍ତି ପରି ଦିନଗୁଡିକ ପାଳନ କରାଯାଇଥାଏ। କିଛି ଗବେଷକଙ୍କ ମତରେ ମନ୍ଦିରର କାରୁକାର୍ଯ୍ୟ ତଥା ଏଥିରେ ଖୋଦିତ ହୋଇଥିବା ଅଷ୍ଟ ଗ୍ରହ, ଖୁର, କୁମ୍ଭ, ପାଟ ଆଦିକୁ ଦେଖି ଏହା ଅନୁମାନ କରାଯାଏ ଯେ ମନ୍ଦିରଟି ଅଷ୍ଟମରୁ ନବମ ଶତାବ୍ଦୀ ମଧ୍ୟ ଭାଗରେ ନିର୍ମିତ। ଆହୁରି ମଧ୍ୟ ବିଶ୍ୱାସ କରାଯାଏ ଯେ ଭୌମକର ରାଜ ବଂଶର ଏହି ମନ୍ଦିର ସହ କୌଣସି ସମ୍ପର୍କ ରହିଛି। ଯାହା ବର୍ତ୍ତମାନ ଇତିହାସ ପୃଷ୍ଠାରୁ ପ୍ରାୟତଃ ଲିଭିଗଲାଣି।

### ଏବେ କେମିତି ରହିଛି



ତାଳେଶ୍ୱର ମନ୍ଦିର ଏବେ ଇନଟାକ ଦ୍ୱାରା ନବୀକରଣ କରାଯାଇଛି। ପୂର୍ବରୁ ଏହାର ଛାତରେ ଫାଟ ସୃଷ୍ଟି ହେବା ସହ ବର୍ଷା ପାଣି ପଡୁଥିଲା। ଯାହା ବର୍ତ୍ତମାନ ମରାମତି ପରେ ଠିକ କରାଯାଇଛି। ଏହା ସହିତ ମନ୍ଦିରର ବିଭିନ୍ନ ଭାଗ ଓ କାରୁକାର୍ଯ୍ୟ ମଧ୍ୟ କ୍ଷୟ ହେଉଥିବାରୁ ନବୀକରଣ ପ୍ରକ୍ରିୟା ପର୍ଯ୍ୟାୟକ୍ରମେ କରାଯାଇଛି। ଏହି ମନ୍ଦିର ପରିସରରେ ଫୁଲ ବଗିଚା ସହ ଏକ ସୁନ୍ଦର ତୁଳସୀ ବଗିଚା ମଧ୍ୟ ରହିଛି। ଯାହାର ରକ୍ଷଣାବେକ୍ଷଣ ନିକଟରେ ରହୁଥିବା ସୁଦର୍ଶନ ପଣ୍ଡା ଓ ତାଙ୍କ ପରିବାର କରୁଛି। ରାସ୍ତା ପାର୍ଶ୍ୱରେ ମନ୍ଦିରଟି ଥିବାରୁ ପର୍ଯ୍ୟଟକଙ୍କ ଯାତାୟତ ପ୍ରାୟତଃ ଲାଗି ରୁହେ। ଏଠାରେ ଶିବଙ୍କୁ ପୂଜା କରାଯାଉଥିବାରୁ ଶିବରାତ୍ରି ଓ କାର୍ତ୍ତିକପୂର୍ଣ୍ଣିମା ଏଠାରେ ପାଳନ କରାଯାଏ ଏବଂ ସେହି ସମୟରେ ଭକ୍ତଙ୍କ ଗହଳି ଲାଗିଥାଏ ବୋଲି ପୂଜକ କହିଥିଲେ।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଠିକାଦାରଙ୍କ ଦାବିପତ୍ର

ଝାରସୁଗୁଡ଼ା,୧୫।୯ (ସମିସ)

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି ନେଇ ଠିକାଦାର ମାନେ ସୋମବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଠିକାଦାର ମାନେ ଦାବିପତ୍ର ପ୍ରଦାନ କରିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷର ଟିଡିଏସ୍‌ର ତଥ୍ୟ ପୌର କାର୍ଯ୍ୟାଳୟରେ ଉପଲବ୍ଧ ନ ଥିବା କଥା ଜଣାଇଥିଲେ। ଏହାଦ୍ୱାରା ରିଟର୍ଣ୍ଣ ଫାଇଲରେ ହେଉଥିବା ଅସୁବିଧା କଥା ମଧ୍ୟ ବୁଝାଇଥିଲେ। ଏହାସହିତ ଠିକାଦାର ମାନଙ୍କୁ ମିଳୁ ନଥିବା ବିଭିନ୍ନ ପ୍ରକାର ଦେୟ, ଟେଣ୍ଡର ଓପନିଂ ପ୍ରକ୍ରିୟାରେ ହେଉଥିବା ବିଳମ୍ବ, ଦାଖଲ କରିଥିବା ଇଏମଡି ପେମେଣ୍ଟ ହସ୍ତଗତ ନ ହେବାରୁ ଅନ୍ୟ ପ୍ରକଳ୍ପ ଟେଣ୍ଡରରେ ଭାଗ ନେଇ ନ ପାରିବା ଭଳି ଦେଖାଦେଉଥିବା ବିଭିନ୍ନ ସମସ୍ୟା ବିଷୟରେ ପୌରନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସମସ୍ୟାଗୁଡିକର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଠିକାଦାରମାନେ ଦାବି କରିଛନ୍ତି।



## ବିଦ୍ୟାଳୟରେ ବନ୍ୟଜୀବ ସପ୍ତାହ




ଝାରସୁଗୁଡ଼ା,୧୫।୯ (ସମିସ): ବେଲପାହାଡ ବନାଞ୍ଚଳ ଅଧୀନ ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟରେ ସୋମବାର ବନ୍ୟଜୀବ ସପ୍ତାହ ଅବସରରେ ବନାଞ୍ଚଳ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବେଲପାହାଡ ବନାଞ୍ଚଳ ଓ ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ହୋଇଛି। ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁଇଟି ବର୍ଗ ଯଥା ଜୁନିଅର ଓ ସିନିୟର ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ଥିଲା। ବେଲପାହାଡ ବନାଞ୍ଚଳ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ୩୦ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କର ବୌଦ୍ଧିକ ବିକାଶ ପାଇଁ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ୟଜୀବ ମାନଙ୍କ ବିଷୟରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା। ଏହି କାର୍ଯ୍ୟକ୍ରମ ବନାଞ୍ଚଳ ରେଞ୍ଜ ଅଫିସର ପ୍ରଦୀପ୍ତ ନାୟକଙ୍କ ତତ୍ତ୍ୱାବଧାନତାରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ମିଶ୍ର, ଉପ ଅଧ୍ୟକ୍ଷ ପ୍ରଫୁଲ୍ଲ ମହାପାତ୍ର, ଉପାଧକ୍ଷ ବିଜୟ ଗୌଡ, ଇକୋ କ୍ଲବ୍ ଇନଚାର୍ଜ ଶିକ୍ଷକ ହମିଦ ମହାପାତ୍ର, ଅଶୋକ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାର ଉଭୟ ବର୍ଗରେ କୃତୀ ୬ଜଣ (ପ୍ରଥମ ଦ୍ୱିତୀୟ ଓ ତୃତୀୟ) ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ବେଲ ପାହାଡ ବନାଞ୍ଚଳର ଫରେଷ୍ଟର ସୁନିଲ ଭୋଇ, ଫରେଷ୍ଟ ଗାର୍ଡ ଭାଗିରଥ ପ୍ରଧାନ, ବିପିନ ସା, ଶିବଶଙ୍କର ମୁଣ୍ଡା, ଏଫଏମୟୁ ସଂଯୋଜକ ସୁଜିତ ବସ୍ତିଆ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆସ ସ୍କୁଲ ଯିବା ଓ ଶିକ୍ଷା ସଚେତନତା ପଦଯାତ୍ରା



ଦେବଗଡ଼,୧୫।୯ (ସମିସ): ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ଜିଲ୍ଲା ବ୍ୟାପି କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଚେତନତା ପଦଯାତ୍ରା 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଗୁଣ୍ଡୁରିପୋଷି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଅଧାରୁ ପାଠ ଛାଡିଥିବା, ବିଦ୍ୟାଳୟରେ ମୂଳରୁ ନାମ ଲେଖାଇ ନଥିବା ଓ ବିଦ୍ୟାଳୟ ବାହାରେ ଥିବା ପିଲା ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ସୁଗୁଡା କ୍ଲଷ୍ଟର ସିଆରସିସି ପ୍ରାଣବନ୍ଧୁ ଘଡେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଗୁଡା ପଞ୍ଚାୟତ ସରପଞ୍ଚ କୁନୁ ବେହେରା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ଗାଁର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ଅଭିଭାବକ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ୱାର୍ଡ ସଭ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ବିଦ୍ୟାଳୟ ଛାତ୍ରଛାତ୍ରୀ ଶିକ୍ଷା ସଚେତନତା ସ୍ଲୋଗାନ, ପ୍ଲା କାର୍ଡ ଧରି ଗାଁ ପରିକ୍ରମା କରିଥିଲେ। ଖଇରାବସା ଗାଁ ମଣ୍ଡପ ନିକଟରେ ଏକ ଶିକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ପ୍ରଧାନଶିକ୍ଷକ ପରମାନନ୍ଦ ବସନ୍ତରା, ସନ୍ତୋଷ ଶର୍ମା, ରଞ୍ଜନ ପ୍ରଧାନ, ହରିହର କିସାନ, ଭୋଳେଶ୍ୱର ପ୍ରଧାନ, ଗୋପରଞ୍ଜନ ପ୍ରଧାନ, ଅନିଲ ବାର୍ଲା, ପୁଷ୍ପାଞ୍ଜଳି ସାହ, ବୈଜୟନ୍ତୀ ମାହଣା, ବିଭୁତି ଭୂଷଣ ଧଳଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ ସଦସ୍ୟା, ବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ଡିଏଭି ପବ୍ଲିକ ସ୍କୁଲରେ ହିନ୍ଦୀ ପକ୍ଷ ଉଦ୍‌ଯାପିତ

ଝାରସୁଗୁଡ଼ା,୧୫।୯ (ସମିସ): ଡିଏଭି ପବ୍ଲିକ ସ୍କୁଲ ଝାରସୁଗୁଡ଼ା ପରିସରରେ ୧ରୁ ୧୪ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିଥିବା ହିନ୍ଦୀ ପକ୍ଷ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ହିନ୍ଦୀ ପକ୍ଷ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ କବିତା ପାଠ, ପଥପ୍ରାନ୍ତ ନାଟକ, ସୁବିଚାର, କାହାଣୀ, ନୃତ୍ୟ, ସଙ୍ଗୀତ ଓ ଗୀତାଶ୍ଲୋକ ପାଠ ମାଧ୍ୟମରେ ହିନ୍ଦୀ ଭାଷା ଓ ସାହିତ୍ୟ ପ୍ରତି ନିଜର ରୁଚି ଓ ପ୍ରତିଭାର ପ୍ରଦର୍ଶନ କରିଥିଲେ। ଆଭାସୀ ମାଧ୍ୟମରେ ସୁସାହିତ୍ୟିକ ଓ ଶିଶୁ ଆଲୋଚକଙ୍କୁ କାବ୍ୟ ପାଠ କାର୍ଯ୍ୟକ୍ରମରେ ସଂଯୋଗ କରାଯାଇ ହିନ୍ଦୀ ସାହିତ୍ୟ ସନ୍ଦର୍ଭରେ ଆଲୋଚନା କରାଯାଇଥିଲା। ଉଦ୍‌ଯାପନୀ ଅବସରରେ ଅଧ୍ୟକ୍ଷ ଶ୍ରୀ ଦେବତା ହିନ୍ଦୀ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ହିନ୍ଦୀ ବିଭାଗ ସଂଯୋଜିକା ଡ.ମଞ୍ଜୁଶ୍ରୀ ବେଦୁଲା, ହେମଲତା ଜୟସ୍ୱାଲ, ଜୟନ୍ତୀ ପଟେଲ, ନମିତା ପାଣ୍ଡେ, ସଙ୍ଗୀତା ସିହ୍ନା, ଉମା ସିଂ ଚନ୍ଦେଲ ପ୍ରମୁଖ ହିନ୍ଦୀ ବିଭାଗୀୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।




## କବି ଭୋଜରାଜ ବୁଢ଼େକଙ୍କୁ ଜାତୀୟ ଗଙ୍ଗାଧର କାବ୍ୟରତ୍ନ ସମ୍ମାନ



ପାଇକମାଳ,୧୫।୯ (ସମିସ): ଭୁବନେଶ୍ୱର ଜାତୀୟ କଳା, ସଂସ୍କୃତି, ଭାଷା, ସାହିତ୍ୟ ଏବଂ ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ସମ୍ବଲପୁରରେ ଓଡ଼ିଶା ସାଂସ୍କୃତିକ ସମାଜ ମଣ୍ଡପରେ କବି ଭୋଜରାଜ ବୁଢେକଙ୍କୁ ଜାତୀୟ ଗଙ୍ଗାଧର କାବ୍ୟରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମଙ୍ଗଳୁ ଚରଣ ଦାସ, ଶଶଧର ପଣ୍ଡା, ଡ.ନବକିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନିକଟରେ କବି ଶ୍ରୀ ବୁଢ଼େକ କଟକରେ ରାଜ୍ୟ ସ୍ତରୀୟ ପ୍ରଜ୍ଞାପ୍ରାଣ ସମ୍ମାନ, ବୌଦ୍ଧ ଜିଲ୍ଲାରେ ସଂସ୍କୃତି ସମନ୍ୱୟ ସମ୍ମାନ ଓ ଭୁବନେଶ୍ୱରରେ ରାଜ୍ୟ ସ୍ତରୀୟ ବୀଣାପାଣି ଗୀତିକବି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ବୁଢେକ ମାଣ୍ଡୋସିଲ ଅଞ୍ଚଳର ଜଣାଶୁଣା କବି, ଗାଳ୍ପିକ, ଲେଖକ ତଥା ଗୀତିକାର। ତାଙ୍କ ସାରସ୍ୱତ ସାଧନାରେ ଅନେକ କାବ୍ୟ, କବିତା, ଶିଶୁ କବିତା, ଶିଶୁ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ନାଟକ ତଥା ରମ୍ୟ ରଚନା ଲେଖିଛନ୍ତି। ତାଙ୍କ ସଫଳତାରେ ମାଣ୍ଡୋସିଲ ଅଞ୍ଚଳରେ ତାଙ୍କ ନିକଟକୁ ଶୁଭେଚ୍ଛା ସୁଅ ଛୁଟୁଛି।

## ଭାରତୀ ଶିଶୁ ସାହିତ୍ୟ ସଂସଦର ଆଲୋଚନାଚକ୍ର

ବରଗଡ଼,୧୫।୯ (ସମିସ): କବି ଗଙ୍ଗାଧର ଏ ମାଟିର ବରପୁତ୍ର ତାଙ୍କ ରଚିତ ତପସ୍ୱିନୀ, ପ୍ରଣୟ ବଲ୍ଲରୀ ଓ କିଚକ ବଧ କାବ୍ୟରେ ସଂସ୍କୃତର ପ୍ରଭାବ ଦେଖିବାକୁ ମିଳେ। କବିଶ୍ରେଷ୍ଠ କାଳିଦାସଙ୍କ ଅନବଦ୍ୟ ସାହିତ୍ୟର ଅନୁସରଣ ଗଙ୍ଗାଧର ସାହିତ୍ୟରେ ପ୍ରତିଫଳିତ ହେବା ଦେଖିବାକୁ ମିଳେ। ଏଣୁ କବି ଗଙ୍ଗାଧର ହେଉଛନ୍ତି ଭାରତ ବର୍ଷର ଦ୍ୱିତୀୟ କାଳିଦାସ ବୋଲି ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ସ୍ଥିତ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଶିଶୁ ସାହିତ୍ୟ ସଂସଦର ସଭାନେତ୍ରୀ ଛାତ୍ରୀ ଧରିତ୍ରୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂସଦର ସମ୍ପାଦିକା ଛାତ୍ରୀ ସାଲିନୀ ସା ସଂଯୋଜନା କରିଥିଲେ। ଶିଶୁ ସାହିତ୍ୟିକ ଡରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ସୁଦୀପ ରଥ ଓ ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳ ବାଗ ଯୋଗ ଦେଇ 'ଗଙ୍ଗାଧର ସାହିତ୍ୟରେ ସଂସ୍କୃତର ପ୍ରଭାବ' ଶୀର୍ଷକ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସଂସଦର ଉପଦେଷ୍ଟା ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଧିବାମନ ମହା ବିଦ୍ୟାଳୟରେ ଅଧ୍ୟାପକଙ୍କ ସମ୍ବର୍ଦ୍ଧନା




ଭଟଲି,୧୫।୯ (ସମିସ): ଭଟଲି ଦଧିବାମନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୩୫ତମ ସମାବର୍ତ୍ତନ ସମାରୋହରେ ରାଜ୍ୟପାଳଙ୍କ ଠାରୁ ପିଏଚଡି ଡିଗ୍ରୀ ହାସଲ କରିଥିବା ଅର୍ଥନୀତି ବିଭାଗର ଅଧ୍ୟାପକ ଡ.ରବିନାରାୟଣ ପଣ୍ଡା ଓ ଓଡ଼ିଆ ଅଧ୍ୟାପକ ଡ.ଦୁର୍ଗାଶିଷ ପଟ୍ଟନାୟକଙ୍କୁ ଶୁଭେଚ୍ଛା ମୂଳକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମାରୋହରେ ମଞ୍ଚାସୀନ ଇଂରାଜୀ ଅଧ୍ୟାପକ ବିଶ୍ୱଜିତ ହୋତା ସଭାର ଉଦ୍ଦେଶ୍ୟ ଜ୍ଞାପନ ପୂର୍ବକ ପିଏଚଡିର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମଞ୍ଚାସୀନ ଶିକ୍ଷା ବିଭାଗର ଅଧ୍ୟାପକ ଚୂଡାମଣି ରଥ ଉଭୟଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଅଧ୍ୟକ୍ଷ ଦାଶ କଲେଜ ପାଇଁ ଏହା ଏକ ଗର୍ବ ଓ ଗୌରବର ପ୍ରସଙ୍ଗ ବୋଲି କହିଥିଲେ। ଅଧ୍ୟାପକ ରାଧା ଗୋବିନ୍ଦ ଆଶିଷ ମହାନ୍ତି, ବିରାଟ ପ୍ରଧାନ, ଅଜିତ ବାରିକ, ଅଧ୍ୟାପିକା ଜୟନ୍ତୀ ସାହୁ, ପ୍ରତିମା ପଣ୍ଡା, ନମିତା ଭୋଇ ପ୍ରମୁଖ ଉଭୟଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ପାଇକମାଳ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ

ପାଇକମାଳ,୧୫।୯ (ସମିସ): ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଅଡିଟୋରିଅମରେ ବିଦ୍ୟାଳୟସ୍ତରୀୟ ହିନ୍ଦୀ ଦିବସ ପ୍ରଧାନଶିକ୍ଷକ ଡ.ଦ୍ୱାଦଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ହିନ୍ଦୀ ଶିକ୍ଷକ ପୂର୍ଣ୍ଣାରାମ ସା ଯୋଗ ଦେଇ ହିନ୍ଦୀ ଭାଷାର ବିକାଶ ପାଇଁ ସମସ୍ତଙ୍କୁ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ୧୬୫ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ କବିତା ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ହିନ୍ଦୀ ଶିକ୍ଷକ ଶିବମ ନାୟକ ସଂଯୋଜନା କରିଥିଲେ। ସୁଦାମ ପାଣ୍ଡେ, ଅମିତ ସାହୁ, ନିରୁପମା ସାହୁ, ଲଳିତ ବିଶ୍ୱାଳ, ରଜତ ସାହୁ, ଛବିଳ ସେଠ୍ ସହଯୋଗ କରିଥିଲେ। ଯଶୋବନ୍ତ ସାହା ଧନ୍ୟବାଦ ଦେଇଥିଲେ।

## ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ହିନ୍ଦୀ ଦିବସ

ବରଗଡ଼,୧୫।୯ (ସମିସ): ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ସକାଳର ପ୍ରାର୍ଥନା ସଭାରେ ବିଦ୍ୟାଳୟର ହିନ୍ଦୀ ବିଭାଗ ଦ୍ୱାରା ହିନ୍ଦୀ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅଷ୍ଟମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମିହିକା ଅଗ୍ରୱାଲ ସୁବିଚାର, ଚେହେକ ପଟେଲ କଠିନ ଶବ୍ଦ, ନୀତି ଅଗ୍ରୱାଲ ଓ ସମୀକ୍ଷା ସୁନା ମୈଥିଳୀ ଶରଣ ଗୁପ୍ତଙ୍କ ପ୍ରେରଣା ଦାୟକ କୃତୀ 'ନର ହୋ, ନା ନିରାଶ କରୋ ମନ କୋ'ର କବିତାପାଠ କରିଥିଲେ। ବିଭାଗ ଅଧ୍ୟକ୍ଷା ରେଣୁ ଅଗ୍ରୱାଲ ପ୍ରକୃତିର ସୁକୁମାର କବି ଭାବେ ପରିଚିତ ଛାୟାବାଦୀ କବି ସୁମିତ୍ରା ନନ୍ଦନ ପନ୍ତଙ୍କ ପ୍ରତିନିଧି କୃତୀ 'ପ୍ରଥମରଶ୍ମି'ର ପାଠ କରିଥିଲେ। ପ୍ରଧାନଶିକ୍ଷକ କରନ ସାହୁ ଛାତ୍ରଛାତ୍ରୀଙ୍କୁ ରାଜଭାଷା ହିନ୍ଦୀର ସମ୍ମାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ସେ ଶ୍ରୀଧର ପାଠକଙ୍କ ପ୍ରେରଣାଦାୟକ କବିତା 'ଶିଖୋ'ର ପାଠ କରିଥିଲେ। ମଞ୍ଚ ସଞ୍ଚାଳନ ଦଶମ ଶ୍ରେଣୀର ଛାତ୍ରୀ ସଂସ୍କୃତି ଜୈନ୍ ଓ ସ୍ନେହଲ୍ ଅଗ୍ରୱାଲ କରିଥିଲେ। ଶେଷରେ ରାଷ୍ଟ୍ରଗାନ କରାଯାଇଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼,୧୫।୯ (ସମିସ): ବାରକୋଟ ବ୍ଲକ୍ କଣ୍ଟାପାଲି ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁ ଶିବିରରେ ଯୋଗ ଦେଇ ୭୮ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୪ଟି ବ୍ୟକ୍ତିଗତ ଏବଂ ୪୪ ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି କଂକ୍ରିଟ ରୋଡ୍, ଡ୍ରେନ୍, କେନାଲ୍, ଷ୍ଟ୍ରିଟ ଲାଇଟ୍, ବିଦ୍ୟୁତ୍ ସଂଯୋଗ, ରାଜସ୍ୱ ଗାଁ, ମଧୁବାବୁ ଭତ୍ତା ଓ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ସାହୁ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲା ବନଖଣ୍ଡଅଧିକାରୀ ରଶ୍ମି ଜି, ଜିଲ୍ଲା ପରିଷଦ ମୂଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଏଲ୍ଲୀନ୍ ବାରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## କୋଲାବିରାରେ ଜିଲ୍ଲା ପ୍ରଶାସନର ଜନଶୁଣାଣି

କୋଲାବିରା,୧୫।୯ (ସମିସ): କୋଲାବିରା ପଞ୍ଚାୟତ ସମିତି ସଭାଗୃହରେ ମୋସବାର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଡିଏମ ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ଗୋଣ୍ଡାଲା ରାଘବେନ୍ଦ୍ର ରେଡ୍ଡି, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଦ୍ର, ପିଏ ଆଟିଡିଏ ସଞ୍ଜୀବ ପଟେଲ, କୋଲାବିରା ବିଡିଓ ଅଶୋକ କୁମାର ମାଝୀ, ତହସିଲଦାର ମନୋଜ ପ୍ରଭାକର କୁଜୁରଙ୍କ ସମେତ ଜିଲ୍ଲା ଓ ବ୍ଲକ୍ ସ୍ଥରୀୟ ଅଧିକାରୀ ଗଣ ଉପସ୍ଥିତ ଥିଲେ। ଶିବିରରେ ବ୍ୟକ୍ତିଗତ ଏବଂ ସାମୂହିକ ଭାବରେ ୫୬ଟି ଅଭିଯୋଗ ଗୃହୀତ ହୋଇଥିଲା। ସେଥିମଧ୍ୟରୁ ୧୫ଟି ସାମୂହିକ ଏବଂ ଅବଶିଷ୍ଟ ୪୧ଟି ବ୍ୟକ୍ତିଗତ ଅଭିଯୋଗ ଜିଲ୍ଲାପାଳଙ୍କ ପାଖେ ଲୋକେ ଜଣାଇଥିଲେ। ରେଙ୍ଗାଲପାଲି ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା, ଭେଜିକୁଦ ପ୍ରଥମିକ ବିଦ୍ୟାଳୟର ପାଚେରି ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଗୃହ ପ୍ରଦାନ, ଭିନ୍ନକ୍ଷମ ପାଇଁ ତିନି ଚକିଆ ଗାଡି, ଖଳପଡିଆରେ ପାଚେରି ନିର୍ମାଣ, କୁଚିଆ ମଦଭାଟି ବନ୍ଦ କରିବା, ଘର ତିଆରି କରିଥିବା ସ୍ଥାନର ପଟ୍ଟା ପାଇବା, ଭତ୍ତା ପାଇବାରେ ଅନିୟମିତତା, ରାସ୍ତା ନିର୍ମାଣ, ଜଙ୍ଗଲ ଜମି ଦୁର୍ନିତି, ରେଙ୍ଗାଲପାଲି ଆଦିବାସୀ ପଡାବାସୀ ନ୍ୟାୟ ପାଇବାସରୁ ବଞ୍ଚିତ, ଚୋରି ଅଭିଯୋଗର ମାମଲା ଗ୍ରହଣ କରୁନଥିବା, ଡିଏମଏଫ ଟେଣ୍ଡର କାର୍ଯ୍ୟର ଏସଡି, ଏସିପି ଟଙ୍କା ମଳିବା ପାଖରାସାହ୍ଲେ ଏମଇ ସ୍କୁଲ ଖେଳପଡିଆରେ ଅନଧିକୃତ ରାସ୍ତା ନିର୍ମାଣ, ବିଦ୍ୟାଳୟ ରୋଷଘର ଛାତ ଅସୁରକ୍ଷିତ ବିଷୟ, ଆର୍ଥିକ ସହାୟତା, ଅନ୍ତୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ, ସୁଭଦ୍ରା ଯୋଜନାରୁ ବଞ୍ଚିତ, ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯିବା ପରି ଅଭିଯୋଗ ମାନ ଆଗତ ହୋଇଥିଲା। ଉପ ଜିଲ୍ଲାପାଳ ଏହି ଅଭିଯୋଗ ଗୁଡିକର ଶୁଣାଣି କରି ଏଥିମଧ୍ୟରୁ କେତେକ ସମାଧାନ କରିଥିବା ବେଳେ ଅନ୍ୟଗୁଡିକର ତୁରନ୍ତ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଏକା ସାଙ୍ଗରେ ତିନି ସନ୍ତାନ ଜନ୍ମ



କୋଲାବିରା,୧୫।୯ (ସମିସ): ଏକା ସାଙ୍ଗରେ ତିନୋଟି କନ୍ୟାରତ୍ନକୁ ଜନ୍ମ ଦେଇ ମାତୃତ୍ୱର ସୌଭାଗ୍ୟ ଅର୍ଜନ କରିଛନ୍ତି କୋଲାବିରା ବ୍ଲକ ଅଧୀନ ରଘୁନାଥପାଲି ଗ୍ରାମର ସୁଜିତ ସରାଫଙ୍କ ପତ୍ନୀ ବ୍ୟୁଟି ସରାଫ। ଝାରସୁଗୁଡାର ଏକ ଘରୋଇ ଡାକ୍ତରଖାନାରେ ସେ ପ୍ରସବ ବେଦନା ପରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ତିନୋଟି ଝିଅ ଜନ୍ମ ହୋଇଛନ୍ତି। ତିନି ନବଜାତକଙ୍କ ଓଜନ ଯଥାକ୍ରମେ ଦେଢ କିଲୋ, ଏକ କିଲୋ ୬ଶହ ଗ୍ରାମ ଓ ଏକ କିଲୋ ୭ଶହ ଗ୍ରାମ ରହିଛି। ମାଁ ଛୁଆ ସମସ୍ତେ ସୁସ୍ଥ ଅଛନ୍ତି। ଅଞ୍ଚଳରେ ଯମଜ ସନ୍ତାନ ଜନ୍ମ ହେବାର ନଜିର ରହିଥିବା ବେଳେ ଏକା ସାଙ୍ଗରେ ତିନୋଟି ସନ୍ତାନ ଜନ୍ମ ଦେବା ଘଟଣା ବିରଳ ଏବଂ ଅଞ୍ଚଳରେ ପ୍ରଥମ ଘଟଣା ବୋଲି ଚର୍ଚ୍ଚା ହେଉଛି।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ଅତାବିରା,୧୫।୯ (ସମିସ): ପାହାଡଶ୍ରୀଗିଡା ଡିଗ୍ରୀ କଲେଜରେ ଯୁବ ରେଡକ୍ରସ୍ ପକ୍ଷରୁ ଅଧ୍ୟକ୍ଷା ରାଜେଶ୍ୱରୀ ସାମନ୍ତଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପ୍ରାଥମିକ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସର ପରାମର୍ଶଦାତା ଅଧ୍ୟାପକ ଜଗନ୍ନାଥ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ ଗଣେଶ ଚନ୍ଦ୍ର ଗିରି, ସ୍ୱପଜିତ୍ ଖଟୁଆ, ରେଣୁକା ମହାରଣା, ରାମ ଗୋପାଳ ସେଠ୍ ପ୍ରାଥମିକ ଚିକିତ୍ସାର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଛାତ୍ର କ୍ଷୀରସାଗର ମହାନନ୍ଦ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ନିଜର ମତାମତ ପ୍ରଦାନ କରିଥିଲେ।

## ବୁକାଝୁଲା-ସିଲେଟପାଲି ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

ଦହିତା,୧୫।୯ (ସମିସ): ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅଧୀନ ବୁକାଝୁଲା ସିଲେଟପାଲିରେ ଦୁର୍ଗାପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଆକର୍ଷଣୀୟ ତୋରଣ, ମେଢ଼ ନିର୍ମାଣ ପାଇଁ ପୂଜା କମିଟି ଜୋରସୋର ଉଦ୍ୟମ ଚଳାଇଛି। ଏଥର ଦୁର୍ଗାପୂଜା କମିଟିରେ ସଭାପତି ଭାବେ ନୟନ ସାହୁ, ସଂପାଦକ ଗୋକୁଳାନନ୍ଦ ବଗର୍ତି, କୋଷାଧ୍ୟକ୍ଷ ଭାବେ ଭରତ ଚନ୍ଦ୍ର ବରିହା ଏବଂ ସହକୋଷାଧ୍ୟକ୍ଷ ଭାବେ ପବିତ୍ର ସାହୁ ମନୋନୀତ ହୋଇଛନ୍ତି। ଏଥିସହ ସକ୍ରିୟ ସଦସ୍ୟ ଭାବେ ପରମାନନ୍ଦ ପରୁଆ, ଦିଲିପ ବାଗ, ଦୀନବନ୍ଧୁ ମେହେର, ମକରଧ୍ୱଜ ବରିହା, ସୁଦାମ ଚରଣ ସାହୁ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା କମିଟିରେ ସାଧୁଚରଣ ସାହୁ, ସୁରେଶ ମେହେର ବ୍ଲକ୍ ଅଧ୍ୟକ୍ଷ ରଣଜିତ ସିଂ ବରିହା, ଆନନ୍ଦ ଛତର, ଚେରମେନ ସାହୁ, ଦାଉଦ କୁମ୍ଭାର, ଜୟଚନ୍ଦ୍ର ସାହୁ, ଟଙ୍କଧର ସାହା ପ୍ରମୁଖ ରହିଥିବା ସୂଚନା ମିଳିଛି।

### କେଢୋବାହାଲ ଗାଁରେ ଫୁଟବଲ୍ ପ୍ରତଯୋଗିତା

# ନଏସଗୁଡା ଟିମ୍ ଚାମ୍ପିଅନ୍

ଝାରସୁଗୁଡ଼ା,୧୫।୯ (ସମିସ)

ଝାରସୁଗୁଡ଼ା ଜିଲ୍ଲା ଚାନ୍ଦିନୀମାଲ ପଞ୍ଚାୟତ ଅଧୀନ କେଢୋବାହାଲ ଗାଁରେ ଏକଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ନଏସଗୁଡା ସହିତ ଅମିତ୍ ଏକାଦଶ ସୁନ୍ଦରଗଡ ଦଳ ମଧ୍ୟରେ ହୋଇଥିଲା। ଏଥିରେ ନଏସଗୁଡା ଟିମ୍ ଟ୍ରାଇବ୍ରେକର ଜରିଆରେ ୪-୩ ଗୋଲରେ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ହର୍ଷ ଜଗତ, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶ ବାଗ, ଡୋଲାମଣି ପଟେଲ, ସମାଜସେବୀ ସଞ୍ଜୟ ସାଏ, ଟହଲୁ ସାହୁ, ଜୟନନ୍ଦ ସା, ନୃପଲାଲ ସାଏ, ଆଲୋକ ପଟେଲ, ବିମଳ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅତିଥି ମାନେ ଚାମ୍ପିଅନ ନଏସଗୁଡା ଦଳକୁ ଟ୍ରଫି ସହିତ ୧୫ ହଜାର ଟଙ୍କା ଓ ଉପବିଜେତା ଅମିତ୍ ଏକାଦଶ ସୁନ୍ଦରଗଡ ଦଳକୁ ଟ୍ରଫି ସହିତ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଯଦୁମଣି ନାଏକ, ଟାରଜନ ବିଶ୍ୱାଳ ଓ ଅରୁଣ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରୂପକ ନେଟୀ ଓ ନରେଶ ନାଏକ ମଞ୍ଚ ପରିଚାଳନା କରିଥିଲେ। ଦେବାର୍ଚ୍ଚନ ଧୂରୁଆ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜନ ବୀଣାପାଣି କ୍ଲବ୍‌ର ସଦସ୍ୟ ଆୟୁଷ ଭୋଇ, ରୋହନରକସା, ମନ ପ୍ରଧାନ, ବିବେକ ପ୍ରଧାନ, ସୋନୁ ପ୍ରଧାନ, ଅମନ୍ ନେଟୀ, ଅଜୟ ଖଡିଆ, ସୁମିତ ମାଝୀ, ଝସକେତନ ସା, ସୁରଜ୍‌ରୋହିଦାସ, ଗୌରବ ମାଝୀ, ସୁରଜ୍ ନେଟୀ, ଘନ ସା, ଝୁଲନ ମିଶ୍ର, ସତ୍ୟମ୍ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



## ଆଜିର ଯୁଗରେ ପ୍ରଯୁକ୍ତି ବିଦ୍ୟା ଅତ୍ୟନ୍ତ ଜରୁରୀ

ବରଗଡ଼,୧୫।୯ (ସମିସ): ସ୍ଥାନୀୟ ମିଟ ହାୟର ସେକେଣ୍ଡାରୀ ସ୍କୁଲରେ ଉଦ୍ୟମିତା ବିକାଶ ଜାଗୃକତା କାର୍ଯ୍ୟକ୍ରମ ଏମ୍‌ଆଇଆଇଟି (ମିଟ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟମିତା ପ୍ରତି ଜାଗୃକତା ଓ ଆଗ୍ରହ ସୃଷ୍ଟି କରିବା ରହିଥିଲା। ଏଥିରେ ରାଜ୍ୟ ସଚିବ ଅଭୟ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନରେ ଧୈର୍ଯ୍ୟ, ପରିଶ୍ରମ ଓ ନୂତନ ଚିନ୍ତାଧାରା ଦ୍ୱାରା ଜଣେ ସାଧାରଣ ମଣିଷରୁ ବିଶିଷ୍ଟ ମଣିଷ ହୋଇ ପାରିବ ବୋଲି କହିବା ସହ ଆଜିର ଯୁଗରେ ପ୍ରଯୁକ୍ତି ବିଦ୍ୟା ବଳରେ ଅନେକ ସମସ୍ୟାର ସମାଧାନ ସମ୍ଭବ ବୋଲି ଶ୍ରୀ ଜେନା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜସେବୀ ସଂଘମିତ୍ରା ପଟେଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ପ୍ରଶ୍ନୋତ୍ତର ଓ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମିଟର ଅଧ୍ୟକ୍ଷ ସରୋଜ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ସମଲେଶ୍ୱରୀଙ୍କ ଠାରେ ଲାଗିହେବ ଜୈବିକ ପ୍ରଣାଳୀ ଚାଷରୁ ପ୍ରସ୍ତୁତ ଅନ୍ନ

ସମ୍ବଲପୁର, ୧୫।୯ (ସମିସ)

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପାଖରେ ଲାଗିହେବ ଜୈବିକ ପ୍ରଣାଳୀ ଚାଷରୁ ପ୍ରସ୍ତୁତ ଅନ୍ନ। ଏଥିପାଇଁ ମା' ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଏବଂ ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳର ଚାଷୀ ମାନଙ୍କ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଚାଲିଛି। ଏହି ପଦକ୍ଷେପ ଆଗାମୀ ଦିନରେ ମା' ସମଲେଶ୍ୱରୀଙ୍କ ଭୋଗର ପବିତ୍ରତା ବଢ଼ାଇବା ସହିତ ଜୈବିକ ଧାନଚାଷର ପ୍ରଚାରପ୍ରସାର, ସମ୍ପୃକ୍ତ ଅଞ୍ଚଳର ଚାଷୀ ମାନଙ୍କୁ ମଧ୍ୟ ନୂଆ ପରିଚୟ ଦେବା ସହିତ ନୂତନ ଆର୍ଥିକ ଉନ୍ନତିର ବାଟ ଖୋଲିବ।

ଆଜି ବରଗଡ଼ ଜିଲ୍ଲା ପଦମପୁର ମହୁଲପାଲିର ବିମଳ ଫାର୍ମର୍ସ ପ୍ରଡ୍ୟୁସର୍ କମ୍ପାନୀ ଏବଂ ପଦମପୁର ଦହିତାର ଗନ୍ଧମାର୍ଦ୍ଦନ ଫାର୍ମର୍ସ ପ୍ରଡ୍ୟୁସର୍ କମ୍ପାନୀର ଚାଷୀ ପ୍ରତିନିଧିମାନେ ଆସି ସମ୍ବଲପୁରରେ ପହଞ୍ଚିଥିଲେ। ମା' ସମଲେଶ୍ୱରୀଙ୍କ ଦର୍ଶନ ସହ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ସହିତ ଏନେଇ ସବିଶେଷ ଆଲୋଚନା କରିଛନ୍ତି। ମା'ଙ୍କ ନିତ୍ୟ ଭୋଗଲାଗି ତଥା ମନ୍ଦିରର ଭୋଗ ମଣ୍ଡପକୁ ଜୈବିକ ପ୍ରଣାଳୀରେ ଚାଷ କରାଯାଇଥିବା ଧାନରୁ ପ୍ରସ୍ତୁତ ଚାଉଳ ଯୋଗେଇବାକୁ ଚାଷୀମାନେ ଇଚ୍ଛା ପ୍ରକାଶ କରିଥିଲେ। ଚାଷୀ ମାନଙ୍କ ଏହି ପଦକ୍ଷେପ ଭୋଗର ପବିତ୍ରତାକୁ ସୁରକ୍ଷିତ କରିବାରେ ସହାୟକ ହେବାସହିତ ଚାଷୀମାନଙ୍କ ଜୈବିକ ଉତ୍ପାଦନକୁ ବଜାରରେ ସ୍ଥାନ ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହାସହ ପ୍ରସାଦ ସେବନରେ ଭକ୍ତମାନଙ୍କୁ ଏକ ଦିବ୍ୟ ଅନୁଭୂତି ପ୍ରଦାନ କରିବ ବୋଲି ଆଶାପ୍ରକାଶ କରାଯାଉଛି। ଚାଷୀ ପ୍ରତିନିଧି ଦଳରେ ଅଶୋକ ସାହୁ, ହୃଦାନନ୍ଦ ନାୟକ, ସୁରେଶ ଚାନ୍ଦ, ମଳୟ ଭୋଇ, କୁଳମଣି ବାରିକ ପ୍ରମୁଖ ସାମିଲ ହୋଇଥିବାବେଳେ ଚାଷୀ ନେତା ସରୋଜ ମହାନ୍ତି ଓ ସମାଜସେବୀ ପ୍ରୀତମ ମେହେର ସକ୍ରିୟ ସମନ୍ୱୟ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା ଓ ବିରେନ୍ଦ୍ର ରାୟ ଉପସ୍ଥିତ ଥିଲେ। ମା' ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି କହିଛନ୍ତି, ମା' ସମଲେଶ୍ୱରୀଙ୍କ ଭୋଗରେ ଜୈବିକ ପ୍ରଣାଳୀରେ ଉତ୍ପାଦିତ ଚାଉଳ ଯୋଗାଇବା ଏକ ମହତ୍ ଉଦ୍ୟମ। ଏଥିପାଇଁ ବରଗଡ଼ ଜିଲ୍ଲାର ଏହି ଅଞ୍ଚଳରେ ଜୈବିକ ଚାଷ କରୁଥିବା ଚାଷୀ ଭାଇମାନଙ୍କୁ ଯୋଗାଯୋଗ କରିଥିଲୁ ଏବଂ ସେମାନେ ଟ୍ରଷ୍ଟ ବୋର୍ଡର ଏହି ଉଦ୍ୟମକୁ ସାର୍ଥକ କରିବାରେ ସହାୟକ ହେଉଛନ୍ତି। ଏଥିପାଇଁ ଟ୍ରଷ୍ଟ ବୋର୍ଡ ତରଫରୁ ସଭାପତି ଶ୍ରୀ ବାବୁ କୃତଜ୍ଞତା ଜଣାଇଛନ୍ତି।

ଚାଷୀ ନେତା ସରୋଜ କହିଛନ୍ତି, ପୁରୀ ଜଗନ୍ନାଥ ମନ୍ଦିରରେ ସରକାରଙ୍କ ଉଦ୍ୟମରେ ଅମୃତ ଅନ୍ନ ଯୋଜନା ଚାଲିଛି। ସମ୍ବଲପୁରରେ ମଧ୍ୟ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ ପଦମପୁରର ଦୁଇଟି ଚାଷୀ ଉତ୍ପାଦକ କମ୍ପାନୀ ମଧ୍ୟରେ ଜୈବିକ ପ୍ରଣାଳୀରେ ଉତ୍ପାଦିତ ଚାଉଳ ଯୋଗାଣ ସକାଶେ ଉଦ୍ୟମ କରାଯାଉଛି। ଏହି ଆଲୋଚନା ପ୍ରାରମ୍ଭିକସ୍ତରରେ ରହିଛି। ଏହି ଆଲୋଚନା ପରେ ଆବଶ୍ୟକତା ଅନୁଯାୟୀ ଚାଷୀମାନେ ଜୈବିକ ପ୍ରଣାଳୀରେ କେତେ ହେକ୍ଟର ଚାଷ କରିବେ, କେତେ ଦର ରହିବ ତାହା ସମ୍ପୂର୍ଣ୍ଣଭାବେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।



## ଦ୍ୱିତୀୟ ଦିନରେ ମା' ସମଲେଶ୍ୱରୀଙ୍କ ନାରାୟଣୀ ଜ୍ୟୋତିରୂପ

# ମୂଳାଷ୍ଟମୀଠାରୁ ଆରମ୍ଭ ମହାଷ୍ଟମୀରେ ଶେଷ

**ସମ୍ବଲପୁର, ୧୫।୯ (ସମିସ):** ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା ଗତକାଲି ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିବାବେଳେ ଏହା ମହାଷ୍ଟମୀରେ ସରିବ। ଏହି ସମୟରେ ମା' ସମଲେଶ୍ୱରୀଙ୍କୁ ଷୋହଳ ଜ୍ୟୋତି ରୂପରେ ପୂଜା କରାଯାଏ। ଗତକାଲି ମୂଳାଷ୍ଟମୀ ତିଥିରେ ମା'ଙ୍କୁ ଦୁର୍ଗା ଜ୍ୟୋତି ରୂପରେ ପୂଜାର୍ଚ୍ଚନା କରାଯାଇଥିବାବେଳେ ଆଜି ନାରାୟଣୀ ରୂପରେ ପୂଜା କରାଯାଇଛି। ଏହି ଜ୍ୟୋତି ରୂପ ସମୟରେ ଶୃଙ୍ଗାର କରିବାସହ ସ୍ୱତନ୍ତ୍ର ନୈବେଦ୍ୟ ମଧ୍ୟ ଅର୍ପଣ କରାଯାଇଥାଏ। ଆଜି ଭୋର ସାଢ଼େ ୪ଟାରେ ମନ୍ଦିର ଖୋଲାଯାଇ ପରେ ନିତିକାନ୍ତିରେ ମା'ଙ୍କ ସ୍ନାନ ଓ ବେଶଭୂଷା ପରେ ୫ଟା ସମୟରେ ମଙ୍ଗଳ ଆଳତୀ କରାଯାଇଥିଲା। ଏହାପରେ ଯଥା ରୀତିନୀତିରେ ପୂଜାର୍ଚ୍ଚନା ଚାଲିଛି। ଗତକାଲିଠାରୁ ଶ୍ରଦ୍ଧାଳୁମାନେ ଷୋଡ଼ଶ ଦିନାତ୍ମକ ମାନସିକ ଦୀପ ପ୍ରଜ୍ୱଳନ ଆରମ୍ଭ କରିଛନ୍ତି।

ଷୋଡ଼ଶ ଉପଚାର ପୂଜା ସମୟରେ ପ୍ରତିଦିନ ମା' ଭିନ୍ନ ଭିନ୍ନ ଜ୍ୟୋତି ରୂପରେ ପୂଜିତ ହୋଇଥାନ୍ତି। ଏହାସହ ପ୍ରତିଦିନ ସ୍ୱତନ୍ତ୍ର ନୈବେଦ୍ୟ ଲାଗି କରାଯାଇଥାଏ। ଏଥିପାଇଁ ପୂଜକମାନେ ଶୁଦ୍ଧପୂତ ଭାବରେ ଉପବାସ ରହି ପୂଜା କରିବା ବିଧି ରହିଛି। ମା'ଙ୍କ ଷୋହଳ ଜ୍ୟୋତି ମଧ୍ୟରେ ଦୁର୍ଗା ରୂପ ସମୟରେ କାକରା ଭୋଗ ଲାଗି ହେଉଥିବାବେଳେ ନାରାୟଣୀ (ଉଖୁଡ଼ା, ବତାସା ଓ ନକୁଳଦାନା), ଈଶାନୀ (ଛେନାପୋଡ଼), ବିଷ୍ଣୁମାୟା (ମାଲପୁଆ), ଶିବା (ରମ୍ଭା ଫଳ ଓ ସାତ ପ୍ରକାରର ଫଳ), ସତୀ (ପଞ୍ଚାମୃତ), ନିତ୍ୟା (ଗୁଡ଼), ସତ୍ୟା (ସମସ୍ତ ପ୍ରକାରର ମିଷ୍ଟାନ୍ନ, ଫଳମୂଳ ଓ ନଡ଼ିଆ ସମର୍ପଣ), ଭଗବତୀ (ଖଇ ଲଡ୍ଡୁ), ସର୍ବାଣୀ (ରାଶି ଲଡ୍ଡୁ), ସର୍ବମଙ୍ଗଳା (କ୍ଷୀରି କାକରା), ଅମ୍ବିକା (ଚୂଡ଼ାର ହୁଡ୍ଡୁମ ଲଡ୍ଡୁ), ବୈଷ୍ଣବୀ (ମୁଗିଆ ଗଜା, ଗଜାମୁଗ), ଗୌରୀ (ସାକରପଟି, ମିଶ୍ରି), ପାର୍ବତୀ (କ୍ଷୀରି କାକରା) ଓ ମହାଷ୍ଟମୀ ଦିନ ସନାତନୀ (କାକୁଡ଼ି ଓ କଖାରୁ) ଜ୍ୟୋତି ରୂପରେ ମା' ଦର୍ଶନ ଦେଇଥାନ୍ତି ବୋଲି ସମଲେଶ୍ୱରୀ ମନ୍ଦିରର ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାୟ ସୂଚନା ଦେଇଛନ୍ତି।



ଶ୍ରୀ ରାୟଙ୍କ ଅନୁଯାୟୀ, ସମଲେଶ୍ୱରୀ ମନ୍ଦିରରେ ନବଦୁର୍ଗା ବେଶ କରାଯାଏ ନାହିଁ। ଜ୍ୟୋତି ରୂପ ସମୟରେ ଶୃଙ୍ଗାର କରାଯାଏ। ଜ୍ୟୋତିରୂପ ଅନୁସାରେ ସେହି ନାମରେ ପୂଜା ଦିଆଯାଏ। ପ୍ରତିଦିନ ଫୁଲ ଦେବା ପୂର୍ବରୁ ସେହି ଜ୍ୟୋତି ନାମରେ ଦୁବ ଲାଗି କରାଯାଏ। ସମଲେଶ୍ୱରୀ ମନ୍ଦିରରେ ମା'ଙ୍କ କେବଳ ଦୁଇଟି ବେଶ ହୋଇଥାଏ ତାହାହେଲା ମହାଳୟା (ସେପ୍ଟେମ୍ବର ୨୧)ରେ ମା'ଙ୍କ ଧବଳମୁଖୀ ବେଶ ଏବଂ କୁମାର ପୂର୍ଣ୍ଣିମା (ଅକ୍ଟୋବର ୬) ରେ ମା'ଙ୍କ ରାଜରାଜେଶ୍ୱରୀ ବେଶ ବୋଲି ସେ କହିଛନ୍ତି।

## ହୀରାକୁଦ ଜଳସ୍ତର ୬୨୯.୫୪ ଫୁଟ୍, ଖୋଲିଲା ୬ ଗେଟ୍

**ସମ୍ବଲପୁର, ୧୫।୯ (ସମିସ) :** ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ ପାଖାପାଖି ହେବାପରେ ସୋମବାର ପୁଣି ପର୍ଯ୍ୟାୟକ୍ରମେ ଆଉ ୪ଟି ଗେଟ୍ ଖୋଲାଯାଇଛି। ସୋମବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୫୪ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୩୦, ୩୦୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୩୭, ୬୧୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୮, ୪୧୮ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୪, ୪୪୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪, ୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି।

ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧.୮ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୦୫ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୧୭ ଫୁଟ୍ ରହିଥିଲା।

## ଦୁର୍ଗାପାଲି ସମେତ ଅନ୍ୟ ପ୍ରକଳ୍ପ ଉଚ୍ଚସ୍ତରୀୟ ତଦନ୍ତ ଦାବି

**ସମ୍ବଲପୁର, ୧୫।୯ (ସମିସ):** ସମ୍ବଲପୁର ଦୁର୍ଗାପାଲି ନୂତନ ଓଭରବ୍ରିଜ୍‌ର ନିର୍ମାଣ ଅତ୍ୟନ୍ତ ନିମ୍ନସ୍ତରର ଓ ବିପଦଶଙ୍କୁଳ ବୋଲି ବିଜୁ ଜନତା ଦଳର ପୂର୍ବତନ ସଭାପତି ଇଂ ସିଦ୍ଧାର୍ଥ ଦାସ କହିବାସହ କ୍ଷୋଭ ପ୍ରକାଶ କରିଛନ୍ତି। କେବଳ ଏହି ଓଭରବ୍ରିଜ୍ ନୁହଁ, ବୁର୍ଲା ଭିଆଇପି ଭିସୁଟ୍ ସାମ୍ନା ରାସ୍ତା, ସମ୍ବଲପୁର ପାନୀୟ ଜଳଯୋଗାଣ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପ ଅତ୍ୟନ୍ତ ନିମ୍ନମାନର ହୋଇଥିବା ସେ ଉଲ୍ଲେଖ କରିଛନ୍ତି। ଇଂ ଦାସ ଏହି ସମସ୍ତ ପ୍ରକଳ୍ପ ଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏହାସହ ସମ୍ପୃକ୍ତ ଠିକାଦାର ମାନଙ୍କୁ କଳା ତାଲିକାଭୁକ୍ତ କରିବାସହ ସମ୍ପୃକ୍ତ ପୂର୍ତ୍ତ ବିଭାଗ ଯନ୍ତ୍ରୀ ମାନଙ୍କୁ ନିଲମ୍ବିତ କରାଯିବାକୁ ସେ ଦାବି କରିଛନ୍ତି।

## ମୁଦିପଡ଼ା ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

**ସମ୍ବଲପୁର, ୧୫।୯ (ସମିସ) :** ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଛପଟେ ମୁଦିପଡ଼ାଠାରେ ପ୍ରତିବର୍ଷ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଆୟୋଜିତ ହେଉଛି। ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିରଠାରେ ଗଜଲକ୍ଷ୍ମୀ ପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ରାମକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମ୍ପାଦକ ରାମଚନ୍ଦ୍ର ପୋଢ଼ ଗତବର୍ଷର ଆୟବ୍ୟୟ ରିପୋର୍ଟ ଉପସ୍ଥାପନ କରିବାସହ ଆସନ୍ତାବର୍ଷ ପାଇଁ ବଜେଟ ଉପସ୍ଥାପନ କରିଥିଲେ। ଆସନ୍ତା ପୂଜା ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଏବଂ ସରକାରୀ ନିୟମର ଅନୁପାଳନ କରି କାର୍ଯ୍ୟକରିବାକୁ ସଭ୍ୟମାନେ ମତ ଦେଇଥିଲେ। ଏହି ପୂଜା ମହୋତ୍ସବ ଆସନ୍ତା ଅକ୍ଟୋବର ୬ ତାରିଖରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ୧୦ ତାରିଖ ସନ୍ଧ୍ୟାରେ ବିସର୍ଜନ କାର୍ଯ୍ୟକ୍ରମ ହେବ। ବୈଠକରେ ୨୦୨୫ ପୂଜା ମହୋତ୍ସବ ପାଇଁ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ରାମକୃଷ୍ଣ ମିଶ୍ରଙ୍କୁ ମନୋନୀତ କରାଯାଇଥିବାବେଳେ ଉପସଭାପତି ରାଧାମୋହନ ମିଶ୍ର, ସମ୍ପାଦକ ରାମଚନ୍ଦ୍ର ପୋଢ଼, କୋଷାଧ୍ୟକ୍ଷ ସୀମାଞ୍ଚଳ ପଣ୍ଡା, କାର୍ଯ୍ୟକାରିଣୀ ସଭ୍ୟ କୋଦଣ୍ଡ ନାଏକ, ବିନୋଦ ପ୍ରଧାନ ଓ ନିଳାଞ୍ଚଳ ପଣ୍ଡା ରହିଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ଡଃ ବିଜୟ ପ୍ରଧାନ, ଭୁବନେଶ୍ୱର ସାହୁ, ନିମାଇଁ ଚରଣ କର ରହିଛନ୍ତି।

## ଶାସନରେ ରାଉରକେଲା ଇଣ୍ଟରସିଟି ରହଣୀ ଦାବି

**ସମ୍ବଲପୁର, ୧୫।୯ (ସମିସ) :** ରେଳବାଇ ପକ୍ଷରୁ ସମ୍ବଲପୁର ରେଳଷ୍ଟେସନ ୟାର୍ଡ ରିମୋଡେଲିଙ୍ଗ ହେବାପରେ ୨୨୮୩୯/୨୨୮୪୦ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଶାସନ ଷ୍ଟେସନରେ ଦୁଇମିନିଟ ରହଣୀ ନେଇ ବିଚାର କରାଯିବ ବୋଲି କୁହାଯାଇଥିଲା। ଇତି ମଧ୍ୟରେ ୟାର୍ଡ ରିମୋଡେଲିଙ୍ଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି, ଏଣୁ ରହଣୀ ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ଶାସନ ଷ୍ଟେସନ ପରାମର୍ଶଦାତା କମିଟି ପକ୍ଷରୁ ଦାବି କରାଯାଇଛି। ଶାସନ ଏବେ ଏଜୁକେଶନାଲ ହବ୍ ହୋଇସାରିଛି। ଏଣୁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଉଭୟ ପଟରୁ ରହିବା ନିହାତି ଜରୁରୀ ହୋଇପଡ଼ିଛି।



ସେହିପରି ମେମୁ ଟ୍ରେନ୍‌କୁ ୧୮୩୦୩ ସମ୍ବଲପୁର-ପୁରୀ ଇଣ୍ଟରସିଟି ଏବଂ ୧୮୩୦୧ ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟିକୁ ଅଫିସିଆଲ୍ ଲିଙ୍କ୍ ପ୍ରଦାନ ଅବିଳମ୍ବେ କରାଯିବାକୁ ଦାବି କରାଯାଇଛି। ଇଣ୍ଟରସିଟି ଲିଙ୍କ୍‌କୁ ନେଇ ବହୁଦିନର ଦାବିକୁ ରେଳବିଭାଗ ପକ୍ଷରୁ ଅଣଦେଖା କରାଯାଉଥିବାରୁ ପରାମର୍ଶଦାତା କମିଟି ବୈଠକରେ କ୍ଷୋଭ ପ୍ରକାଶ କରାଯାଇଛି। ଶାସନ ଷ୍ଟେସନରେ ଶିଶୁ ଉଦ୍ୟାନ କାମ ଅଧପନ୍ତରିଆ ପଡ଼ି ରହିଥିବାବେଳେ ଖୋଲା ଜିମ୍ କାମ ଆରମ୍ଭ ହୋଇନାହିଁ। ସିସିଟିଭି କ୍ୟାମେରା ଏପର୍ଯ୍ୟନ୍ତ ସଂଯୋଗୀକରଣ ହୋଇପାରିନାହିଁ। ତୃତୀୟ ଓ ଚତୁର୍ଥ ରେଳପଥ ନିର୍ମାଣ ଫଳରେ ୪୮ ନମ୍ବର ବ୍ରିଜ୍ ତଳେ ଭେହିକୁଲାର ଅଣ୍ଡରପାସ୍ (ଭିୟୁପି) ରେ ଆଲୋକ ବ୍ୟବସ୍ଥା ଜରୁରୀ ହୋଇପଡ଼ିଛି। ଏହି ରାସ୍ତା ଅନ୍ଧାର ଥିବାରୁ ପଥଚାରୀମାନଙ୍କଠାରୁ ମୋବାଇଲ, ପର୍ସ ଆଦି ଛିନ୍‌ତାଇ ହେଉଥିବାରୁ କମିଟି ଉଦ୍‌ବେଗ ପ୍ରକାଶ କରିଥିଲା। ଶାସନ ଷ୍ଟେସନ ପରାମର୍ଶଦାତା କମିଟିର ତୃତୀୟ ବୈଠକରେ କମିଟି ସଦସ୍ୟ ସୀତାଂଶୁ ତ୍ରିପାଠୀ, କୁନ୍ଦନମଲ ରତୱା, ମୁରଲୀଧର ରତୱା ସାଙ୍ଗକୁ ଷ୍ଟେସନ ମ୍ୟାନେଜର ମଧୁସୂଦନ କୁମାର ଓ ଷ୍ଟେସନ ମାଷ୍ଟର ରଣଜିତ କୁମାର ଉପସ୍ଥିତ ଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୧୨ ବର୍ଷ ଜେଲ

**ସମ୍ବଲପୁର, ୧୫।୯ (ସମିସ) :** ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ନାବାଳିକା ଦୁଷ୍କର୍ମ ମାମଲାର ବିଚାରକରି ଅଭିଯୁକ୍ତ ରିଙ୍କୁ ମହାନନ୍ଦକୁ ୧୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି।

ଘଟଣାଟି ସମ୍ବଲପୁର ଜିଲ୍ଲା ଧମା ଅଞ୍ଚଳରେ ୧୧-୦୧-୨୦୧୭ରେ ହୋଇଥିଲା। ଘଟଣା ଦିନ ନାବାଳିକା ପିଡ଼ିତାର ବାପା ଓ ମା' ଘରେ ନଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ରିଙ୍କୁ ମହାନନ୍ଦ ପିଡ଼ିତାକୁ ଅଭିଯୁକ୍ତର ମାମୁଁଘର ବରଗଡ଼ ଜିଲ୍ଲା କାଦୋବାହାଲ ଗ୍ରାମକୁ ନେଇଥିଲା। ସେଠାରେ ପିଡ଼ିତାକୁ ରଖି ଜୋରଜବରଦସ୍ତି ଧର୍ଷଣ କରିଥିଲା। ପିଡ଼ିତାର ବାପାମା' ଘରେ ତାକୁ ନପାଇ ଖୋଜାଖୋଜି କଲେ କିନ୍ତୁ ପାଇଲେ ନାହିଁ। ତା'ପରେ ସେମାନେ ଖବର ପାଇଲେ ଯେ ଅଭିଯୁକ୍ତ ପିଡ଼ିତାକୁ ନେଇ ବରଗଡ଼ ଜିଲ୍ଲା କାଦୋବାହାଲରେ ରଖିଛି। ପିଡ଼ିତାର ବାପାମା' କାଦୋବାହାଲ ଯାଇ ପିଡ଼ିତାକୁ ଆଣିବାକୁ ଚେଷ୍ଟା କଲେ କିନ୍ତୁ ଅଭିଯୁକ୍ତ ଛାଡ଼ିଲା ନାହିଁ। ଏହାପରେ ସେମାନେ ଘରକୁ ଫେରିଆସି ଧମା ଥାନାରେ ଲିଖିତ ଅଭିଯୋଗ କଲେ। ଧମା ଥାନା ପୁଲିସ କେସ ନଂ. ୧୫ / ୩୧-୧-୨୦୧୭ରେ ଏକ ମାମଲା ରୁଜୁ କଲା। ଏହାପରେ ଧମା ଥାନାଧିକାରୀ ପିଡ଼ିତାର ବାପାମା' ସହିତ କାଦୋବାହାଲକୁ ଯାଇ ପିଡ଼ିତାକୁ ଉଦ୍ଧାର କରିବାସହ ଅଭିଯୁକ୍ତକୁ ଗିରଫ କରିଥିଲେ। ଧମା ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା।

ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ୨୧ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ରିଙ୍କୁ ମହାନନ୍ଦକୁ ଦୋଷୀ ସାବ୍ୟସ୍ତ କରି ଦଫା ୩୬୩, ୩୭୬ ଆଇପିସି ଓ ୬ ପୋକ୍‌ସୋ ଆକ୍ଟରେ ୧୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପିଡ଼ିତାଙ୍କୁ ୮ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ବିଚାରପତି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

## ଆଦିତ୍ୟ ଆଲୁମିନିୟମକୁ ସର୍ବୋତ୍କୃଷ୍ଟ ପ୍ରଦୂଷଣ ନିୟନ୍ତ୍ରଣ ପୁରସ୍କାର

**ସମ୍ବଲପୁର, ୧୫।୯ (ସମିସ):** କାରଖାନା କାର୍ଯ୍ୟକ୍ଷମ ଯୋଗୁଁ ପରିବେଶ ପ୍ରତି ଏହାର କୁପ୍ରଭାବ ବୃଦ୍ଧି ହେଉଛି। ତେଣୁ ପ୍ରଦୂଷଣକୁ ସମ୍ପୂର୍ଣ୍ଣ ହ୍ରାସ ଓ ଏହାର ନିୟନ୍ତ୍ରଣ ପାଇଁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥିବାରୁ ଆଦିତ୍ୟ ଆଲୁମିନିୟମ ସମ୍ମାନିତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିଷ୍ଠା ଦିବସ ସମାରୋହରେ ଆଦିତ୍ୟ ଆଲୁମିନିୟମକୁ ସର୍ବୋତ୍କୃଷ୍ଟ ପ୍ରଦୂଷଣ ନିୟନ୍ତ୍ରଣ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କୁମ୍ଭମପାଟି ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟ ମୁଖ୍ୟ ସଚିବ ତଥା ଏସପିସି ବୋର୍ଡ ସଭପତି ମନୋଜ ଆହୁଜା, ଏସିସ୍, ଏଫ୍ଇଓ ସିସି ବିଭାଗ ମୁଖ୍ୟ ସତ୍ୟବ୍ରତ ସାହୁ, ପିସିସିଏଫ୍ ମୁଖ୍ୟ ସୁରେଶ ପନ୍ଥ, ଆଇଏଫ୍ଏସ୍ ସଦସ୍ୟ ସଚିବ, ଓଏସପିସିବି ଉମା ନନ୍ଦୁରୀ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜର ଉପଦେଷ୍ଟା ବିଭୁ ମିଶ୍ର, କର୍ପୋରେଟ ଅଫେୟାର ଏଭିପି ସୌଭାଗ୍ୟ ତ୍ରିପାଠୀ, ପରିବେଶ ବିଭାଗ ସାଧାରଣ ପରିଚାଳକ (ଜିଏମ୍) ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




## ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ମେଗା ଚାରାରୋପଣ ଅଭିଯାନ



**ଯୁଯୋମୁରା, ୧୫।୯ (ସମିସ) :** ଟାଟା ଭଲେଣ୍ଟିୟରିଂ ସପ୍ତାହ ଅବସରରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) କାର୍ଯ୍ୟକଳାପ ଅଂଶ ଭାବେ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଏନଜିଓ 'ଆଲୋକ'ର ମିଳିତ ସହଭାଗିତାରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଏକ ମେଗା ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଅଭିଯାନ ଟିପିଡବ୍ଲୁଓଡିଏଲର ଜୈବ ବିବିଧତା ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ବୃକ୍ଷରୋପଣ ଅଭିଯାନରେ ଟିପିଡବ୍ଲୁଓଡିଏଲର କର୍ମଚାରୀ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ୨୦୦ରୁ ଅଧିକ ସ୍ୱେଚ୍ଛାସେବକଙ୍କ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେମାନେ ବିଶ୍ୱବିଦ୍ୟାଳୟ ପରିସରରେ ୪୦୦ରୁ ଅଧିକ ବୃକ୍ଷଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏବଂ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସମେତ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ବିଶ୍ୱବିଦ୍ୟାଳୟର ପ୍ରଫେସରବୃନ୍ଦ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡଃ ସତ୍ୟ ନାରାୟଣ ନନ୍ଦଙ୍କ ସହିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ବୃକ୍ଷଚାରା ରୋପଣ କରିଥିଲେ। ଟିପିଡବ୍ଲୁଓଡିଏଲର ସିଇଓ ଶ୍ରୀ ବର୍ମା ପ୍ରକାଶ କରିଛନ୍ତି ଯେ, ଏହିପରି ପଦକ୍ଷେପ ମାଧ୍ୟମରେ ଆମେ ଗୋଷ୍ଠୀ - ବିଶେଷକରି ଯୁବ ପିଢ଼ିଙ୍କୁ ପରିବେଶ ସୁରକ୍ଷା ଦିଗରେ ସକ୍ରିୟ ଭାବରେ ଅଂଶଗ୍ରହଣ କରାଇ ପ୍ରେରଣା ଦେବାକୁ ଲକ୍ଷ୍ୟ ରଖିଛୁ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଅଭିଯାନ ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ପରିବେଶ ଗଠନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ

ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୫
(ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବୁଦ୍ଧ ଦେବ ମିଶ୍ର

ରୋଟାରିଆନ
ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ
ସମ୍ମାନଜନକ ଡକ୍ଟରେଟ୍ ଉପାଧି !

ଗତ ତା ୧୪.୦୯.୨୦୨୫ ରିଖରେ ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି । ଶ୍ରୀ ବିଶ୍ୱାଳ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗପତି । ସେହିପରି ସେ ଜଣେ ଉତ୍ସାହୀ ସମାଜସେବୀ । ସାମାଜିକ ଉତ୍ଥାନ ଦିଗରେ ସେ ସତ ଚେଷ୍ଟିତ । କୋଭିଡ ମହାମାରୀ ସମୟରେ ବସ୍ତିରେ ତାଙ୍କର ରନ୍ଧାଖାଦ୍ୟ ବାଣ୍ଟିବା ପ୍ରଶଂସନୀୟ । ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସଦାସର୍ବଦା ଲିପ୍ତ । ତାଙ୍କ ପାଇଁ ଆଜି ଆମ ଓଡ଼ିଶା ରାଜ୍ୟ ଗର୍ବିତ।

# କୁଚିଣ୍ଡା ତହସିଲଦାର ନିଲମ୍ବିତ

ସମ୍ବଲପୁର/କୁଚିଣ୍ଡା, ୧୫।୯ (ସମିସ)

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ତହସିଲଦାର ମିତାଲି ମଧୁସ୍ମିତା ଦଳେଇଙ୍କୁ ରାଜ୍ୟ ରାଜସ୍ୱ ବିଭାଗ ଆଜି ଏକ ନିର୍ଦ୍ଦେଶନାମା ଜରିଆରେ ନିଲମ୍ବିତ କରିଛି। ଜମିଜମା ମାମଲାରେ ପକ୍ଷପାତିତା କରିଥିବା ନେଇ ଜଣେ ବ୍ୟକ୍ତି ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଆଜି ରାଜସ୍ୱ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



ସୂଚନାନୁଯାୟୀ, କୁଚିଣ୍ଡା ସହରର ୨୭ ସଦସ୍ୟ ବିଶିଷ୍ଟ ପରିବାରର ତଥ୍ୟ ଲୁଚେଇ ମାତ୍ର ୪ ଜଣ ବଞ୍ଚିଥିବା ଦର୍ଶାଇ କୁଚିଣ୍ଡା ତହସିଲଦାର ଓ କୁଚିଣ୍ଡା ଆରଆଇ କୋଟି କୋଟି ଟଙ୍କାର ଜମି ଦେଇଦେବା ଭଳି ବେଆଇନ କାମ ବିରୋଧରେ ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି। ମୂଳ ଜମି ସ୍ୱର୍ଗତ ଜଗଦୀଶ ଲାଲ ସେଠଙ୍କ ହୋଇଥିବାବେଳେ ବର୍ତ୍ତମାନ ତାଙ୍କ ଚାରିପୁଅଙ୍କ ମଧ୍ୟ ପରଲୋକ ହୋଇସାରିଛି। ତେବେ, ତାଙ୍କ ଉତ୍ତରାଧିକାରୀଙ୍କ ମଧ୍ୟରୁ କେତେଜଣ ଷଡ଼ଯନ୍ତ୍ର କରୁଥିଲେ। ଏନେଇ ଜଗଦୀଶଙ୍କ ପୁଅ ସ୍ୱର୍ଗତ ମୁରାରୀଲାଲ ସେଠଙ୍କ ପୁଅ ରାଜେଶ ଅଗ୍ରୱାଲା ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଏବଂ ରାଜସ୍ୱ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ମାମଲାକୁ ତଦନ୍ତ କରିବା ପାଇଁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରାଜସ୍ୱ ବିଭାଗ ପକ୍ଷରୁ ଆଜି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ୧୨ ତାରିଖ ବାମରା ତହସିଲଦାର ତଥା ୨୦୧୯ ବ୍ୟାଚ୍ ଓଏଏସ୍ ଟପ୍ପର ଅଶ୍ୱିନୀ ପଣ୍ଡା ଗୋବିନ୍ଦପୁରର ଜମି ମ୍ୟୁଟେସନ ଓ କିସମ ପରିବର୍ତ୍ତନ ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

## ପୁଣି ଘୁଞ୍ଚିଲା ଗିରଫ ତହସିଲଦାରଙ୍କ ଜାମିନ ଆବେଦନ

**ସମ୍ବଲପୁର, ୧୫।୯ (ସମିସ):** ସରକାରୀ ଅର୍ଥ ହେରଫେର ମାମଲାରେ ମୟୂରଭଞ୍ଜ ଜିଲ୍ଲା ଜାମଦା ତହସିଲଦାର ମଧୁସ୍ମିତା ସିଂହଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଥିବାବେଳେ ତାଙ୍କ ଜାମିନ ଆବେଦନର ଶୁଣାଣି ପୁଣି ଘୁଞ୍ଚିଯାଇଛି। ଓପିଆଇଡି କୋର୍ଟ ଆଜି ଏହି ଜାମିନ ଆବେଦନର ଶୁଣାଣିକୁ ପ୍ରାୟ ୭-୮ ଦିନ ଘୁଞ୍ଚାଇ ଦେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଇଓଡବ୍ଲ୍ୟୁ ଦ୍ୱାରା ମଧୁସ୍ମିତା ସିଂହଙ୍କୁ ଗିରଫ ପରେ ଗତ ୩ ତାରିଖ ସମ୍ବଲପୁର ଓପିଆଇଡି (ଓଡ଼ିଶା ପ୍ରୋଟେକ୍‌ସନ୍ ଅଫ୍ ଇନ୍ଭେଷ୍ଟ ଅଫ୍ ଡିପୋଜିଟର୍ସ) କୋର୍ଟରେ ହାଜର କରିଥିଲା। ସେତେବେଳେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ଓପିଆଇଡି ବିଚାରପତି ୬ ତାରିଖରେ ଜାମିନ ଆବେଦନର ଶୁଣାଣି ରଖିଥିଲେ। ଗତ ୬ ତାରିଖରେ ଓପିଆଇଡି ବିଚାରପତି ଏହି ମାମଲାର ସଦ୍ୟ ସିଡି ଜମା କରିବାକୁ ଇଓଡବ୍ଲ୍ୟୁକୁ ନିର୍ଦ୍ଦେଶ ଦେଇଥିଲେ। ତେବେ, ଆଜି ପୁଣି ଜାମିନ ଆବେଦନର ଶୁଣାଣିକୁ ଅନୁଧ୍ୟାନ ସକାଶେ ଘୁଞ୍ଚାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଓକିଲ ଜ୍ଞାନରଞ୍ଜନ ପଣ୍ଡା ଓ ଗିରଫ ତହସିଲଦାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଦୀପ ବହିଦାର ପରିଚାଳନା କରିଥିଲେ।

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବାବେଳେ ମଧୁସ୍ମିତା ସିଂହ ପ୍ରାୟ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁକରି ତତ୍କାଳୀନ ମ୍ୟୁନିସିପାଲିଟି ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରିଥିଲା। ଏହି ମାମଲା ଅଗଷ୍ଟ ୨୭ ତାରିଖ ଇଓଡବ୍ଲ୍ୟୁକୁ ହସ୍ତାନ୍ତର ହୋଇଥିବାବେଳେ ସିଂହଙ୍କ ସମୟରେ ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ପରେ ରାଜସ୍ୱ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା।

## ବନ୍ୟଜନ୍ତୁ ସାମଗ୍ରୀ ଜବତ; ଶିକାରୀ ଗିରଫ



ମହୁଲଡିହା,୧୫।୯ (ସମିସ): ଠାକୁରମୁଣ୍ଡା ବଣ୍ୟପ୍ରାଣୀ ବନାଞ୍ଚଳ କମ୍ପାର୍ଟମେଣ୍ଟ ୧୨ରେ ଅନଧିକାର ପ୍ରବେଶ କାରଣରୁ କେଶଡିହା ଗ୍ରାମର କୁଞ୍ଜ ସଏଙ୍କ ବନ ବିଭାଗ ଚଢଉ କରି ବିଭିନ୍ନ ବନ୍ୟଜନ୍ତୁ ସାମଗ୍ରୀ ଜବତ କରିବା ସହିତ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ଏଆଇ କ୍ୟାମେରା ଫଟୋ ଆଧାରରେ ଶିମିଳିପାଳ ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ ୧୨ରେ ଧନୁ, ତୀର ଧରି ଶିକାର ଉଦ୍ଦେଶ୍ୟରେ କୁଞ୍ଜ ସଏ ପଶିଥିବା ଜଣାପଡିଥିଲା। ବନ ବିଭାଗ ଗତ ୧୩ ତାରିଖରେ ଚଢ଼ଉ କରି ତାଙ୍କ ଘରୁ ହରିଣ ଶିଙ୍ଗ, କୋଚିଲା ଖାଇ ଚଢେଇ ଅଣ୍ଟ, ଧନୁ, ତୀର, ଫାଶ ଆଦି ଜବତ କରିଛି। ଗତ ୧୪ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ବାରିପଦା କୋର୍ଟରେ ହାଜର କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମୁଣ୍ଡାରୀ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ବଣ୍ଟନ



ବଡସାହି,୧୫।୯ (ସମିସ): ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଦ୍ୱାରା ପରିଚାଳିତ ମୁଣ୍ଡାରୀ ବିଦ୍ୟାଳୟରେ ଜୁନ୍ ୮ ତାରିଖରେ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସୋମବାର ବଡସାହି ବ୍ଲକ ଯଦୁନାଥପୁର ଗ୍ରାମପଞ୍ଚାୟତ ଚନ୍ଦନଚଟ୍ଟୁରି ଏବଂ ଲକ୍ଷ୍ମଣସାହି ଗ୍ରାମପଞ୍ଚାୟତ ଭାଦୁଶୋଳ ମୁଣ୍ଡାରୀ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଚାଲିଥିବା ଭାଷା ଆନ୍ଦୋଳନ ଆଗାମୀ ଦିନରେ ସବୁ ମୁଣ୍ଡାରୀ ଭାଷାଭାଷୀ ଗ୍ରାମରେ ବ୍ୟାପକ କରାଯିବା ସହିତ ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ଦାବିରେ ଦିଲ୍ଲୀ ଯନ୍ତରମନ୍ତରରେ ଧାରଣା ଦିଆଯିବ ଏବଂ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଗୃହ ମନ୍ତ୍ରୀଙ୍କୁ ସାକ୍ଷାତ କରାଯିବା ଯୋଜନା ରହିଛି ବୋଲି ବକ୍ତାମାନେ କହିଥିଲେ। ଏଥିସହିତ ଏହି ଗ୍ରାମରେ ପ୍ରତ୍ୟେକ ରବିବାର ମୁଣ୍ଡାରୀ ଭାଷା ଶିକ୍ଷା ନିମନ୍ତେ ଥିବା ବିଦ୍ୟାଳୟରେ ଆବାଳବୃଦ୍ଧ ବନିତା ସମସ୍ତଙ୍କ ପାଇଁ ଶିକ୍ଷା ଗ୍ରହଣର ସୁବିଧା କରାଯିବା ପାଇଁ ଆହ୍ୱାନ ଦିଆଯାଇଥିଲା। ମୁଣ୍ଡାରୀ ଭାଷା ସମନ୍ୱୟ ସଦସ୍ୟତା ଅଭିଯାନକୁ ଲୋକାଭିମୁଖୀ କରିବାକୁ ନୂତନ ସଦସ୍ୟଙ୍କୁ ବାର୍ଷିକ ପଞ୍ଜିକରଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଉପଦେଷ୍ଟା ତଥା ଶ୍ୟାମାଖୁଣ୍ଟା ବ୍ଲକ ୪୯ ନମ୍ବର ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ମଧୁସୂଦନ ସିଂ, ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂ, ଶଶିଧର ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା



କରଞ୍ଜିଆ,୧୫।୯ (ସମିସ): କରଞ୍ଜିଆ କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାର ଷଷ୍ଠ ଦିନର ପ୍ରଥମ ରାଉଣ୍ଡ ଖେଳ ପଳସାଗଡିଆ ବନାମ ହୁଡିଂତୋଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ଜରିଆରେ ହୁଡିଂତୋଟା ଦଳ ୩-୨ ଗୋଲରେ ବିଜୟ ଲାଭ କରି ତୃତୀୟ ରାଉଣ୍ଡ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡ ଖେଳ ସରଧା ବନାମ ମହିଷାମୁଣ୍ଡା ମଧ୍ୟରେ ହୋଇଥିଲା। ପରେ ଟାଇବ୍ରେକର ଜରିଆରେ ମହିଷାମୁଣ୍ଡା ୪-୩ ଗୋଲରେ ବିଜେତା ହୋଇ ତୃତୀୟ ରାଉଣ୍ଡ ଖେଳରେ ହୁଡିଂତୋଟା ଦଳ ସହିତ ଖେଳିଥିଲେ। ଫଳରେ ହୁଡିଂତୋଟା ଦଳ ୧-୦ ଗୋଲରେ ବିଜୟୀ ହୋଇଛି। ମୁଖ୍ୟ ଅତିଥି ଦେଓ ଜଳ ସେଚନ ସହକାରୀ ଯନ୍ତ୍ରୀ ମଧୁସୂଦନ ହେମ୍ବ୍ରମ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଖେଳ ମରିଡା ଏଫସି ବନାମ ଗୋଧିନାଳି ଦ୍ୱିତୀୟ ରାଉଣ୍ଡରେ ତିରିଂ ଏଫ୍‌ସି ବନାମ ଖୁଣ୍ଟାପଡ଼ା ମଧ୍ୟରେ ହେବ।

## ସେଙ୍ଗେଲ ଅଭିଯାନ ପକ୍ଷରୁ ଆନନ୍ଦପୁର ପ୍ରଶାସନକୁ ଦାବିପତ୍ର

ଆନନ୍ଦପୁର,୧୫।୯ (ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର କେନ୍ଦୁଝର ଜୋନାଲ କମିଟି ମୁଖ୍ୟକଲ୍ୟାଣ ବାସ୍କେଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତା ଓ କେତେକ ସଦସ୍ୟ ଶାନ୍ତିପୂର୍ଣ୍ଣ ଭାବେ ଆସି ଦାବିପତ୍ର ପ୍ରଦାନ କରି ମାଝୀ ପାର୍ଗନା ବ୍ୟବସ୍ଥାର ଉଚ୍ଛେଦ କରାଯିବାକୁ ଦାବି ଜଣାଇଥିଲେ। କେନ୍ଦ୍ର ସରକାର ଏଦିଗରେ କୌଣସି ବିଧବଦ୍ଧ ପଦକ୍ଷେପ ଗ୍ରହଣ କରୁନଥିବାରୁ ସଂଗଠନର କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ଏହିପ୍ରତିନିଧି ଦଳରେ ଚନ୍ଦ୍ରମଣି ସୋରେନ, ବଳରାମ ଟୁଡୁ, ଦାସ ସୋରେନ, ରବୀନ୍ଦ୍ର ସୋରେନ, ଦଶମତ ଟୁଡୁ, ଗୋବିନ୍ଦ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଇଓଙ୍କ ମନମାନୀ ପାଇଁ ଶିକ୍ଷକ ପରିବାର ହନ୍ତସନ୍ତ

# ୨ ଦିନ ମଧ୍ୟରେ ହାଉସ୍ ବିଲ୍‌ଡିଂ ବିଲ୍ ନ ମିଳିଲେ ଆତ୍ମଦାହ

ବଡସାହି,୧୫।୯ (ସମିସ)

ବଡସାହି ବ୍ଲକ ଛେଳିଆ ଉନ୍ନିତ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ଗୃହ ଋଣ ୧୦ ଦିନ ହେଲା ରିଜିଓନାଲ ଡାଇରେକ୍ଟରଙ୍କ ପକ୍ଷରୁ ମଞ୍ଜୁର ହୋଇଛି। ଇତିମଧ୍ୟରେ ଶିକ୍ଷକ ଶ୍ରୀ ଜେନା ଏବଂ ତାଙ୍କ ପରିବାର ୩ଥର ବଡସାହି ବିଇଓ ମଧୁସ୍ମିତା ଗିରିଙ୍କୁ ଭେଟି ଟଙ୍କାର ଆବଶ୍ୟକତା ଥିବାର ଦର୍ଶାଇ ଅନୁରୋଧ କରିଥିଲେ; କିନ୍ତୁ ସେ ଆକ୍ରୋଶମୂଳକ ଭାବେ ବିଲ କରୁ ନ ଥିବା ଶିକ୍ଷକ ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ସୋମବାର ଶ୍ରୀ ଜେନା ଏ ସଂକ୍ରାନ୍ତରେ ଜିଲ୍ଲା ଶିକ୍ଷାଧିକାରୀ ଓ ବଡସାହି ଆଇଆଇସିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଏକ ନକଲ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ଗୃହ ଋଣ ବିଲ ନ ହେଲେ ତାଙ୍କ ପରିବାର ୧୮ ତାରିଖରେ ବିଇଓ ଅଫିସ ସମ୍ମୁଖରେ ଆତ୍ମହୂତି ଦେବେ ବୋଲି ଜଣାଇଛନ୍ତି। ଶିକ୍ଷକ ଶ୍ରୀ ଜେନା ଗତ ୨୦୨୩ରେ ହାଉସ ବିଲଡିଂ ଲୋନ ଆବେଦନ କରିଥିବା ବେଳେ ଜୁନ ୨୦୨୩ ଲୋନ ପରିମାଣର ୬୦ ପ୍ରତିଶତ ପାଇଥିଲେ। ମାତ୍ର ୨ବର୍ଷ ପରେ ୩୧ ମେ ୨୦୨୫ରେ ବାକି ଥିବା ୪୦ ପ୍ରତିଶତ ମଞ୍ଜୁରୀ ରିଜିଓନାଲ ଡାଇରେକ୍ଟରଙ୍କ ନିକଟରୁ ବିଇଓଙ୍କ ଅଫିସକୁ ଆସିଥିଲା। ମାତ୍ର ଏହି ମଞ୍ଜୁରୀ ଚିଠି ନମ୍ବରରେ ଦୁଇଟି ଅଙ୍କ ଭୁଲଥିବାରୁ ଏହା ଗତ ୨୭ ଜୁଲାଇରେ ଟ୍ରେଜେରୀରୁ ପୁଣି ବିଇଓଙ୍କ ନିକଟକୁ ଫେରି ଆସିଥିଲା। ତତ୍କାଳୀନ ସମୟରେ ବାରମ୍ବାର ଅନୁରୋଧ ପରେ ମଧ୍ୟ ଲୋନ ରାଶିର ୬୦ ପ୍ରତିଶତର ମଂଜୁରୀ ଚିଠି ଓ ଏହି ୪୦ ପ୍ରତିଶତର ମିଜୁରୀ ଚିଠି ସେହି ଜଣେ ଶିକ୍ଷକଙ୍କ ବୋଲି ବିଇଓ ଟ୍ରେଜେରୀକୁ ନ ଜଣାଇ ପୁଣି ତାଙ୍କୁ ରିଜିଓନାଲ ଡାଇରେକ୍ଟରଙ୍କ ପାଖକୁ ପଠାଇଦେଇଥିଲେ। ଶିକ୍ଷକ ଶ୍ରୀ ଜେନା ଅଗଷ୍ଟ ୪ରେ ରିଜିଓନାଲ ଡାଇରେକ୍ଟରଙ୍କୁ ଦେଖା କରିବାରୁ ସେ ଲୋନ ଟଙ୍କା ଉଠାଣ ହୋଇନାହିଁ ବୋଲି ବିଇଓ ଏକ ଚିଠି କରନ୍ତୁ ବୋଲି କହିଥିଲେ। ଏ ସମ୍ପର୍କରେ ବିଇଓଙ୍କୁ ଅବଗତ କରିବା ପରେ ମଧ୍ୟ ସେ ବିଲ କଲେ ନାହିଁ। ଫଳରେ ଅଗଷ୍ଟ ୨୧ରେ ପୁଣି ଶିକ୍ଷକ ଜଣକ ରିଜିଓନାଲ ଡାଇରେକ୍ଟରଙ୍କୁ ଦେଖା କରିବା ପରେ ସେ ଫୋନ ଯୋଗେ ବିଇଓଙ୍କୁ ତୁରନ୍ତ ଚିଠି କରିବା ପାଇଁ କହିଥିଲେ। ମାତ୍ର ଇତିମଧ୍ୟରେ ୬ଦିନ ବିତି ଯାଇଥିଲେ ମଧ୍ୟ କୋ÷ଣସି ସୁଫଳ ନ ମିଳିବାରୁ ସେ ବାଧ୍ୟ ହୋଇ 'ଆମ ଓଡିଶା ଶାସନ' ଆପ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଫଳରେ ରିଜିଓନାଲ ଡାଇରେକ୍ଟର ତାଗିଦ ପରେ ବିଇଓ ଚିଠି କରିବା ପରେ ଶିକ୍ଷକଙ୍କର ମଂଜୁରୀ ଚିଠିଟି ସଂଶୋଧନ ହୋଇ ଗତ ୪ ତାରିଖରୁ ବିଇଓଙ୍କ ଅଫିସକୁ ଆସିଛି। ମାତ୍ର ୧୦ଦିନ ବିତି ଥିଲେ ହେଁ ବିଭିନ୍ନ ଆଳ କରି ଓ ମନ୍ଦ ଉଦ୍ଦେଶ୍ୟ ରଖି ବିଇଓ ବିଲ କରୁ ନ ଥିବାର ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଇଓ ମଧୁସ୍ମିତା ଗିରିଙ୍କୁ ଯୋଗଯୋଗ କରିବାରୁ କାର୍ଯ୍ୟବ୍ୟସ୍ତତା ପାଇଁ ବିଳମ୍ବ ହୋଇଛି। ବିଲ ପ୍ରସ୍ତୁତ କରିବା ପାଇଁ କିରାଣୀଙ୍କୁ କହିଥିବା ପ୍ରକାଶ କରିଛନ୍ତି।

● ମୁଖ୍ୟମନ୍ତ୍ରୀ ଓ ମିଶନଶକ୍ତି ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

## ଏସ୍‌ଏଚ୍‌ଜି ପୁନର୍ଗଠନ ବିରୋଧରେ ଗର୍ଜିଲେ ଇସି ସଦସ୍ୟା

ବିଶୋଇ,୧୫।୯ (ସମିସ): ସରକାରଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ପୁନର୍ଗଠନ ନିଷ୍ପତ୍ତିକୁ ବିରୋଧ କରି ସୋମବାର ବିଶୋଇ ବ୍ଲକ ମିଶନ ଶକ୍ତି ବିଭାଗର ଇସି ସଦସ୍ୟାମାନେ ଗର୍ଜିଛନ୍ତି। ବ୍ଲକରେ କାର୍ଯ୍ୟରତ ୨୧୨ ଜଣ ଇସି ସଦସ୍ୟା ଏକତ୍ରିତ ହୋଇ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିବା ସହିତ ନିନ୍ଦା କରିଛନ୍ତି। ତୁରନ୍ତ ପୁନର୍ଗଠନ ନିଷ୍ପତ୍ତିକୁ ପ୍ରତ୍ୟାହୃତ କରିବା ପାଇଁ ଇସି ସଦସ୍ୟାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମିଶନଶକ୍ତି ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁଙ୍କୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୧୫ ବର୍ଷ ଧରି ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଇସି ସଦସ୍ୟାମାନେ ବିନା ପାରିଶ୍ରମିକରେ କାର୍ଯ୍ୟକରି ଆସୁଛନ୍ତି। ମାତ୍ର ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସକ୍ରିୟ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ପୁନର୍ଗଠନ କରିବା ପାଇଁ କଡା ନିର୍ଦ୍ଦେଶ ଦେଇ ଇସି ସଦସ୍ୟାଙ୍କୁ ନିଜ ପଦବୀରୁ ବିତାଡିତ କରିବାକୁ ଉଦ୍ୟମ କରୁଛନ୍ତି। ରାଜ୍ୟରେ ଜିପଏଲଏଫ ଓ ବିଏଲଏଫ ସ୍ତରରେ କାର୍ଯ୍ୟରତ ଇସି ସଦସ୍ୟାମାନେ ପୂର୍ବରୁ ନିଜର ଏହି ସମସ୍ୟା ନେଇ ସରକାରଙ୍କ ନିକଟରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଏ ନେଇ ଉଚ୍ଚ ନ୍ୟାୟାଳୟରେ ଇସି ସଦସ୍ୟାମାନେ ଦ୍ୱାରସ୍ଥ ହୋଇଥିଲେ। ପରେ ଉଚ୍ଚ ନ୍ୟାୟାଳୟ ପୁନର୍ଗଠନ ପ୍ରକ୍ରିୟା ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି; ମାତ୍ର ରାଜ୍ୟ ସରକାର ନ୍ୟାୟାଳୟ ନିର୍ଦ୍ଦେଶକୁ ଅବମାନନା କରି ଓଲଟା ଏସ୍.ଏଚ୍.ଜି ପୁନର୍ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଚାଲିଛନ୍ତି ବୋଲି ସଦସ୍ୟାମାନେ ଅଭିଯୋଗ କରିଚନ୍ତି। ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରାନଗଲେ ଇସିମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବିଶୋଇ ବିଏଲଫ ସଭାପତି ଚନ୍ଦ୍ରିକା ମହାନ୍ତି, ସମ୍ପାଦିକା ସାବିତ୍ରୀ ନାଏକ, କୋଷାଧକ୍ଷା ଆରତୀ ମହାନ୍ତ ସମେତ ବହୁ ସଦସ୍ୟଙ୍କ ଉପସ୍ଥିତିରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଶିକ୍ଷକତା ସହିତ ସାମାଜିକ କାର୍ଯ୍ୟ ପାଇଁ ଶିକ୍ଷକ ସମ୍ବର୍ଦ୍ଧିତ



କେନ୍ଦୁଝର,୧୫।୯ (ସମିସ): ଶିକ୍ଷକତା ହେଉଛି କର୍ମ। ସାମାଜିକ କାର୍ଯ୍ୟ ହେଉଛି ଧର୍ମ। ଏଭଳି ଉଦ୍ଦେଶ୍ୟ ରଖି କାର୍ଯ୍ୟକରି ଆସୁଛନ୍ତି ସ୍ଥାନୀୟ ଏନ୍‌ଏସ୍ ପୁଲିସ ହାଇସ୍କୁଲର ସୁନାମଧନ୍ୟ ଶିକ୍ଷକ ବିଜୟ କୁମାର ବେହେରା। ବିଦ୍ୟାଳୟରେ ପାଠ ପଢ଼ାଇବା ସହ ଏନ୍‌ସିସି କ୍ୟାଡେଟଙ୍କୁ ତାଲିମ୍ ଦେବା, ଚାରାରୋପଣ କରିବା ସହ ବିଭିନ୍ନ ସ୍ୱତନ୍ତ୍ର ଦିନରେ ଚାରା ଉପହାର ଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତାଦେଇ ଆସୁଛନ୍ତି। ନିଜେ ରକ୍ତଦାନ କରିବାସହ ଗରିବ ଅସହାୟଙ୍କ ପାଇଁ ମେଡିକାଲରେ ରକ୍ତ ଯୋଗାଡ କରି ସହାୟତା ପ୍ରଦାନ କରି ଆସୁଛନ୍ତି। ସେହିପରି ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବାସହ ସର୍ବସାଧାରଣ ସ୍ଥାନରେ ସଫେଇ କାର୍ଯ୍ୟକରି ସ୍ୱଚ୍ଛ ଭାରତର ବାର୍ତ୍ତା ବାଣ୍ଟୁଛନ୍ତି। ଏଥିପାଇଁ ସେ ଶିକ୍ଷାଦାନ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ରୋଟାରୀ ନେସନ୍ ବିଲଡର ଆୱାର୍ଡ୍, କାସାଣ୍ଡ୍ରା ଗୁରୁ ସମ୍ମାନ, ଶ୍ରେଷ୍ଠ ଏନ୍‌ସିସି ଅଫିସର୍ ଆୱାର୍ଡ୍ ଓ ସାମାଜିକ କାର୍ଯ୍ୟ ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର, ଶ୍ରେଷ୍ଠ ବିଏଲ୍‌ଓ, ହିନ୍ଦ୍ ଗୌରବ ଆୱାର୍ଡ୍, ବସନ୍ତ କୁମାର ବିଶ୍ୱାଳ ଆୱାର୍ଡ୍ ଆଦି ବହୁ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ସେହିପରି ସେପ୍ଟେମ୍ବର ୧୪ରେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲଠାରେ ଅନୁଷ୍ଠିତ ମା' ଶାରଳା ଫାଉଣ୍ଡେସନର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ଶିଳ୍ପ, ବୈଷୟିକ ଓ ବିକାଶ ଦକ୍ଷତା ବିଭାଗ, ଓଡ଼ିଶା ସରକାରଙ୍କ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ମା' ଶାରଳା ଫାଉଣ୍ଡେସନର ସଭାପତି ମୀରାବାଈ ମହାପାତ୍ର, ସାଧାରଣ ସମ୍ପାଦକ ଅନୀଲ କୁମାର ରାଉତ, ପ୍ରତିଷ୍ଠାତ୍ରୀ ସୋନାଲି ମହାନ୍ତି ଶ୍ରୀ ବେହେରାଙ୍କୁ ମା' ଶାରଳା ସେବା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ।

## ନାହିଁ ସ୍ଥାୟୀ ଉପନିବନ୍ଧକ କାର୍ଯ୍ୟାଳୟ

**କର୍ମଚାରୀ ଅଭାବ, ତହସିଲ ଭିତରେ ଚାଲିଛି କାର୍ଯ୍ୟାଳୟ**

ହାଟଡ଼ିହୀ,୧୫।୯ (ସମିସ): ହାଟଡ଼ିହୀ ତହସିଲ ଅଧୀନରେ ଥିବା ସବ୍-ରେଜିଷ୍ଟର(ଉପନିବନ୍ଧକ) କାର୍ଯ୍ୟାଳୟ ପାଇଁ ସ୍ଥାୟୀ କାର୍ଯ୍ୟାଳୟ ଗୃହ ନଥିବାରୁ ତହସିଲ କାର୍ଯ୍ୟାଳୟ ଭିତରେ ଚାଲୁଛି। ଏନେଇ ସରକାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁନି। ହାଟଡ଼ିହୀ ତହସିଲଟି ଜିଲ୍ଲାସ୍ତରରେ ଆୟତନ ଅନୁସାରେ ସର୍ବବୃହତ ହୋଇଥିବାରୁ ଏଠାରେ ଜନସଂଖ୍ୟା ଅନୁସାରେ ଜମିଜମା ମାମଲା ଅଧିକ ଲାଗିରହୁଛି। ପୃଥକ ଭାବେ ଉପନିବନ୍ଧକ କାର୍ଯ୍ୟାଳୟ ଗୃହ ନଥିବାରୁ ତହସିଲ କାର୍ଯ୍ୟାଳୟ ଭିତରେ ଉପନିବନ୍ଧକ କାର୍ଯ୍ୟାଳୟରେ ଅନେକ ସମୟରେ ଭିଡ଼ ପରିଲକ୍ଷିତ ହେଉଛି। ଏପରି ଯୋଗୁଁ ତହସିଲକୁ ଆସୁଥିବା ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ଉପନିବନ୍ଧକ ଅଧିକାରୀ ଭାବେ ଅତିରିକ୍ତ ତହସିଲଦାର ଏହାର ଦାୟିତ୍ୱ ସମ୍ପାଦନ କରୁଥିଲା ବେଳେ ଏଠାରେ ବରିଷ୍ଠ ନିବନ୍ଧକ ସହାୟକ ସ୍ଥାନ ଖାଲି ପଡ଼ିଛି। କନିଷ୍ଠ ନିବନ୍ଧକ ସହାୟକ ଭାବେ ୨ଜଣ କାର୍ଯ୍ୟରତ ଅଛନ୍ତି। ସେଥିମଧ୍ୟରୁ ଜଣେ ବରିଷ୍ଠ ନିବନ୍ଧକ ସ୍ଥାନରେ କାର୍ଯ୍ୟଭାର ତୁଲାଉଛନ୍ତି। ଡାଟାଏଣ୍ଟ୍ରି ଅପରେଟର ଭାବେ ଜଣେ କାର୍ଯ୍ୟ କରୁଛନ୍ତି। ତେବେ ମୁଖ୍ୟ ସମସ୍ୟା ଭାବେ ସ୍ଥାୟୀ ଉପନିବନ୍ଧକ କାର୍ଯ୍ୟାଳୟ ନଥିବାରୁ ଲୋକଙ୍କ ସହ କର୍ମଚାରୀମାନେ ନାନା ସମସ୍ୟା ଭୋଗୁଛନ୍ତି। ଏଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏଭଳି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

**ଜାତୀୟ ରାଜପଥ ଅଧିଗ୍ରହଣ**

## ଅଧିକ କ୍ଷତିପୂରଣ ଦାବିରେ ଚାଷୀ ଅଟଳ

ତୁରୁମୁଙ୍ଗା,୧୫।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବାଇପାସ୍ ଦେଇଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତ ପାଇଁ ପାଟଣା ଆର୍‌ଆଇ ସର୍କଲର ଦୁର୍ଗାଦେଇପୁର ଏବଂ ଟିକାୟତପାଟଣା ମୌଜା ଜମି ଅଧିଗ୍ରହଣ ହେବାକୁ ଥିବା ବେଳେ ଏନ୍‌ଏଚ୍‌ଆଇ ଉଚିତ ମୂଲ୍ୟ ଦେଉନଥିବାରୁ ଜମି ହରା ଚାଷୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ସୋମବାର ୨୦ରୁ ଅଧିକ ଚାଷୀ ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କୁ ଭେଟି ଦାବିପତ୍ର ଦେଇ ଜମିର ମୂଲ୍ୟ ବୃଦ୍ଧି କରିବାକୁ ଦାବି କରିଛନ୍ତି। ସୂଚନା ଯେ ସରକାର ଡିସିମିଲ ୨ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନୋଟିସ୍ ଦେଇଥିବା ବେଳେ ଉକ୍ତ ଅଞ୍ଚଳରେ ଜମି ଡିସମିଲ ପିଛା ୩ଲକ୍ଷ ଟଙ୍କାରେ ବିକ୍ରି ହୋଇଥିବାର ଚାଷୀମାନେ ଦର୍ଶାଇଛନ୍ତି। ଡିସିମିଲ ପିଛା ୨ହଜାର ଟଙ୍କା ନେବାକୁ ଚାଷୀମାନେ ମନା କରିଦେଇଛନ୍ତି। ଫଳରେ ପ୍ରଶସ୍ତ ହେବାକୁ ଥିବା ଜାତୀୟ ରାଜପଥ କାର୍ଯ୍ୟରେ ବିଳମ୍ବ ଦେଖାଦେଇଛି। ତହସିଲଦାରଙ୍କୁ ଯୁଗୋଳ କିଶୋର ଦାଶ, ଅକ୍ଷୟ କୁମାର ସାହୁ, ସବୀର ଦାଶ, ଦକ୍ଷ ପ୍ରସାଦ ସାହୁ, ଶରତ ଚନ୍ଦ୍ର ଦାଶ, ସନାତନ ଦାଶ, ଦୋଳଗୋବିନ୍ଦ ସାହୁ, ଗୋବିନ୍ଦ ଚନ୍ଦ୍ର ପାତ୍ର, ଚିତ୍ତରଞ୍ଜନ ଦାଶ, ରଘୁନାଥ ଦାଶ, ସୋମନାଥ ଦାଶ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସୁଜିତ୍ କୁମାର ଦାଶ, ଜୟଚନ୍ଦ୍ର ସାହୁ ପ୍ରମୁଖ ତହସିଲ ଦାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।




## ଦୋବଲାପାଳ ଉଚ୍ଚ ବିଦ୍ୟାୟରେ ହିନ୍ଦୀ ଦିବସ



ତେଲକୋଇ,୧୫।୯ (ସମିସ): ଦୋବଲାପାଳ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ସଭାରେ ତେଲକୋଇ ବ୍ଲକ ହିନ୍ଦୀ ଶିକ୍ଷକ ସଂଘର ସଭାପତି ଉମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଚିନ୍ମୟ ମିଶନ ଖୁଲୁଡି ଶାଖାର ସ୍ୱାମିଜୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ କେଶବଚନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଦୋବଲାପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ବାରିକ, ତେଲକୋଇ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଶିକ୍ଷକ ତଥା ତେଲକୋଇ ଓଷ୍ଟା ସଂଘର ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ, ବରିଷ୍ଠ ହିନ୍ଦୀ ଶିକ୍ଷକ ଦିବାକର ମହାନ୍ତ, ସରକାରୀ ଶିକ୍ଷକ ଧିରେନ କୁମାର ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷଣ, ସଙ୍ଗୀତ, କବିତା ଆବୃତ୍ତି ଓ ଶୁଦ୍ଧ ହିନ୍ଦୀ ଲିଖନ ପ୍ରତିଯୋଗିତା କରାଯାଇଥିଲା। ସେଥିରୁ ଭାଷଣରେ ଶୁଭ୍ରାଜିତ ମହାକୁଡ଼ ପ୍ରଥମ, ନମିତା ମହାନ୍ତ ଦ୍ୱିତୀୟ, ଶୁଭମ୍ ପେଣ୍ଟେଇ ତୃତୀୟ ଓ ସଙ୍ଗୀତରେ ପାପାଲି ପାତ୍ର ପ୍ରଥମ, ରୁନି ପ୍ରଧାନ ଦ୍ୱିତୀୟ, ରଶ୍ମିତା ମହାନ୍ତ ତୃତୀୟ ଓ କବିତା ଆବୃତ୍ତିରେ ମାମାଲି ପାତ୍ର ପ୍ରଥମ, ଶୃତିରାଣୀ ମହାନ୍ତ ଦ୍ୱିତୀୟ, ମୌସୁମୀ ନାୟକ ତୃତୀୟ ଓ ଶୁଦ୍ଧ ହିନ୍ଦୀ ଲିଖନରେ ଉଗ୍ରସେନ ପାତ୍ର ପ୍ରଥମ, ରୋଜାଲିନ ମହାକୁଡ଼ ଦ୍ୱିତୀୟ ଓ ସରସ୍ୱତୀ ପେଣ୍ଟେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ହିନ୍ଦୀ ଶିକ୍ଷକ ବିଜୟ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ହିନ୍ଦୀ ଶିକ୍ଷକ ସଂଘର ସଂପାଦକ ପ୍ରତାପ ଚନ୍ଦ୍ର ମହାନ୍ତ ସଂପାଦକୀୟ ବିବରଣୀ ପାଠ କରିଥିଲେ। ହିନ୍ଦୀ ଶିକ୍ଷକ ହୃଦାନନ୍ଦ ମହାନ୍ତ, ତରୁଣ କୁମାର ସାହୁ, ସୋମନାଥ ନାୟକ ସହଯୋଗ କରିଥିବା ବେଳେ ହିନ୍ଦୀ ଶିକ୍ଷକ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସହିଦ୍ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ



ବହଳଦା, ୧୫।୯ (ସମିସ)

ତିରିଂ ଥାନା ଲୁପୁଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଇବାଡି ଗ୍ରାମର ସାମାୟ ମୁର୍ମୁଙ୍କ ପୁଅ ଲାଲୁ ମୁର୍ମୁ (୩୫) ତ୍ରିପୁରା ରାଜ୍ୟ ସୀମାନ୍ତ ଚିତାବାଡି ଆଉଟପୋଷ୍ଟରେ ସୀମା ସୁରକ୍ଷାବଳ ଯବାନ ଭାବେ କାର୍ଯ୍ୟରତ ଥିଲେ। ଅଚାନକ ତାଙ୍କର ପରଲୋକ ହୋଇଥିବାବେଳେ ଆଜି ତାଙ୍କ ପୈତୃକ ଗ୍ରାମରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ ସମ୍ପନ୍ନ ହୋଇଛି। ସେ ୧୩ ତାରିଖ ଡ୍ୟୁଟିରୁ ଆଉଟପୋଷ୍ଟରେ ପହଞ୍ଚି ସକାଳ ୬.୩୫ ସମୟରେ ବାଥରୁମରେ ହାତମୁହଁ ଧୋଇବାକୁ ଯାଇଥିବାବେଳେ ପଡିଯାଇ ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ନିକଟସ୍ଥ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଗତକାଲି ତାଙ୍କ ପାର୍ଥିବ ଶରୀର ତିରିଂ ପହଞ୍ଚିବାରେ ବିଳମ୍ବ ହେବାରୁ ତାଙ୍କୁ ପୁରଣା ତିରିଂ ଥାନା ପରିସରରେ ରଖାଯାଇଥିଲା। ସେଠାରୁ ସକାଳରେ ସ୍ଥାନୀୟ ଯୁବକ ଓ ରାଇବାଡି ଗ୍ରାମବାସୀ ଭାରତୀୟ ଜାତୀୟ ପତାକା ସହ ବିଶାଳ ବାଇକ ଶୋଭାଯାତ୍ରାରେ ସହିଦ୍ ବୀର ଯବାନ ଲାଲୁ ମୁର୍ମୁ ଅମର ରହେ, ଭାରତ ମାତା କି ଜୟ ଆଦି ସ୍ଲୋଗାନ ଦେଇ ତାଙ୍କ ପୈତୃକ ଗ୍ରାମ ରାଇବାଡିରେ ପହଞ୍ଚିଥିଲେ। ସେ ୨୦୧୦ରେ ସେନା ବାହିନୀରେ ଯୋଗ ଦେଇ ଦୀର୍ଘ ୧୬ ବର୍ଷ ସୀମା ସୁରକ୍ଷା ବଳରେ କାର୍ଯ୍ୟରତ ଥିଲେ। ଗତ ମେ ମାସରେ ଛୁଟିରେ ଗାଁକୁ ଆସିଥିବାବେଳେ ଅପରେସନ ସିନ୍ଦୁର ପରିସ୍ଥିତି ପାଇଁ ଡ୍ୟୁଟିରେ ଯୋଗଦେବାକୁ ଡାକରା ଆସିଥିଲା। ସୀମା ସୁରକ୍ଷା ବଳ ୧୨୧ ବାଟାଲିୟନର ଇନିସ୍ପେକ୍ଟର ସନାତନ ଟୁଡୁ, ଏସଆଇ ଆରକେ ମାହାତୋ ଏବଂ ଏସଆଇ ଜଡା ଟୁଡୁଙ୍କ ସମେତ ମୋଟ ୧୫ ଜଣ ଯବାନ ସହିଦ୍ ଲାଲୁ ମର୍ମୁଙ୍କ ପାର୍ଥିବ ଶରୀର ନେଇ ପହଞ୍ଚିଥିଲେ। ପରେ ଶୋକାକୁଳ ପରିବେଶରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷ ସଲାମୀ ଦେଇଥିଲେ। ଜିଲ୍ଲାପରିଷଦ ପରେଶଚନ୍ଦ୍ର ମୁଣ୍ଡା, ତିରିଂବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ, ତିରିଂ ପିଡ ପରଗଣା ଛୋଟରାୟ ହେମ୍ବ୍ରମ, ବିଡିଓ ଭାଗବତ ମହାପାତ୍ର, ତହସିଲଦାର ସୁଶାନ୍ତ କୁମାର ବେହେରା, ତିରିଂଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା, ଲୁପୁଙ୍ଗ ସରପଞ୍ଚ ଦେଓଗୀ ହେମ୍ବ୍ରମ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜେମାମଣୀ ସୁଣ୍ଡି ଏବଂ ବଳଦେବ ହେମ୍ବ୍ରମଙ୍କ ସହିତ ବହୁ ଗଣ୍ୟମାନ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପୁଅର ମୃତ୍ୟୁ ଖବର ଶୁଣି ମାଆ ବାରିପଦା, ବାପା ରାଇରଙ୍ଗପୁର ଏବଂ କକା ବହଳଦା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ଦେଓଗାଁରେ ବିଶ୍ୱ ଭାତୃତ୍ୱ ଦିବସ ପାଳିତ

ଆନନ୍ଦପୁର,୧୫।୯ (ସମିସ): ଘଷିପୁରା ବ୍ଲକ୍ ଅଧୀନ ଦେଓଗାଁସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟରେ ଆଜି ବିଶ୍ୱ ଭାତୃତ୍ୱ ଦିବସ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଅନାମ ଚରଣ ମାଝୀଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ସଙ୍ଗୀତ ଗୁରୁ ରବୀନ୍ଦ୍ରନାଥ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାପ୍ତ ପ୍ରଧାନଶିକ୍ଷକ ହରିପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ମୁଖ୍ୟ ବକ୍ତା ଭାବେ କୁମାରୀ ବିବେକାନନ୍ଦ କେନ୍ଦ୍ରର ସମ୍ମାନିତ କନ୍ୟା କୁମାରୀ ସଂଯୋଜିକା ଭଗ୍ନୀ ରଶ୍ମିତା ଏବଂ ସମ୍ମାନିତ ଅତିଥି ଭାବେ ବିଶ୍ୱ ଭାରତୀ ବିଶ୍ୱ ବିଦ୍ୟାଳୟ ଶାନ୍ତି ନିକେତନର ପ୍ରଫେସର ଡ.ସନତ କୁମାର ରଥ ଏବଂ ଦେଓଗାଁ ଶାଖାର ସଂଯୋଜକ ଦିଲ୍ଲୀପ କୁମାର ଭୂୟାଁ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କର ଜୀବନ ଆଦର୍ଶ ଉପରେ ବକ୍ତବ୍ୟ ରଖି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା ତଥା ଉପସ୍ଥିତ ଅଞ୍ଚଳବାସୀଙ୍କୁ ଆହ୍ୱାନ କରିଥିଲେ। ବିଶ୍ୱ ଭାତୃତ୍ୱ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଏବଂ ଭାରତୀୟ ଶିକ୍ଷା ପରିଷଦ ଭୁବନେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମେଧା ବୃଦ୍ଧି ପରୀକ୍ଷା ତଥା ଅଲମ୍ପିଆଡ଼ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଏବଂ ୨୦୨୩-୨୪ ଶିକ୍ଷା ବର୍ଷରେ ଘଷିପୁରା ବ୍ଲକ ସରକାରୀ ମେଧା ବୃତ୍ତି ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟସ୍ତରୀୟ ଅଲମ୍ପିଆଡ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶୁଭସ୍ମିତା ରଣା, ବିଗ୍ନେଶ ଭୂୟାଁ, ପ୍ରତ୍ୟୁଷ ପତି, ଦାଶକ୍ତିଙ୍କୁ ଯଥାକ୍ରମେ ୫୦୦ ଏବଂ ୨୫୦୦ ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯିବା ସହିତ ଅନ୍ୟ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ "ରଥ ସେବା' ପ୍ରତିଷ୍ଠାନ ପକ୍ଷରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସମ୍ପାଦକ ହଳଧର ଆଚାର୍ଯ୍ୟ, ସ୍ଥାନୀୟ ବିବେକାନନ୍ଦ ଶାଖାର ସଂଯୋଜିକା ରାଜଶ୍ରୀ ଭୂୟାଁ, ସତ୍ୟରଞ୍ଜନ ସେଠୀ, ସୁଶାନ୍ତ ଭାଇ, ଗଙ୍ଗାଧର ଭାଇ ପ୍ରମୁଖ ସହଯୋଗ କରିଥିବା ବେଳେ ଦିଲ୍ଲୀପ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

